# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଅଗଷ୍ଟ ୨୦/୨୦୨୨ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, August 20/2022 Page 16 ₹ 7.00 ★★★★★★

୪୮ଶ ଭାଗ ୨୬୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-




**ସୁମିତଙ୍କ ବିଶ୍ୱରେକର୍ଡ**

ବେଙ୍ଗାଲୁରୁରେ ଚାଲିଥିବା ଇଣ୍ଡିଆନ ଓପନ ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ବିଶ୍ୱରେକର୍ଡର ଅଧିକାରୀ ହୋଇଛନ୍ତି ଭାରତୀୟ ଜାଭେଲିନ ଥ୍ରୋୟର ସୁମିତ ଆଣ୍ଟିଲ।

୧୪

୧୩

**ନୂଆ ଘରେ ଦୀପିକା-ରଣବୀର**

ଦୀପିକା ପାଦୁକୋନ ଓ ରଣବୀର ସିଂ ବାନ୍ଦ୍ରାସ୍ଥିତ ନୂଆ ଘରେ ଗୃହପ୍ରବେଶ କରିଥିବାର ଫଟୋ ରଣବୀର ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି।






ପୁଣେରେ ଚାଲିଥିବା ଅଲ୍‌ଟିମେଟ ଖୋ ଖୋ ଲିଗ୍‌ରେ ଶୁକ୍ରବାର ଓଡ଼ିଶା ଜଗରନଟ୍ସ ଓ ରାଜସ୍ଥାନ ୱାରିୟର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ। ଏହି ମ୍ୟାଚରେ ଓଡ଼ିଶା ଜଗରନଟ୍ସ ୧୯ ପଏଣ୍ଟରେ ବିଜୟୀ ହୋଇଛି। **(ରିପୋର୍ଟ ଖେଳପୃଷ୍ଠା)।**

# ୪ ଜିଲାକୁ ରେଡ୍ ୱାର୍ନିଂ

**ଗଭୀର ଅବପାତ**

- **ଦୀଘାରେ ସ୍ଥଳଭାଗ ଛୁଇଁଲା**
- **ଅତି ପ୍ରବଳ ବର୍ଷା ହୋଇପାରେ**
- **ସବୁ ବନ୍ଦରରେ ୩ ନମ୍ବର ବିପଦ ସଙ୍କେତ**

ଭୁବନେଶ୍ୱର,୧୯।୮(ବ୍ୟୁରୋ)

ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଘନୀଭୂତ ହୋଇ ଶୁକ୍ରବାର ଗଭୀର ଅବପାତ(ଡିପ୍ ଡିପ୍ରେସନ)ରେ ପରିଣତ ହୋଇଛି। ଏହା ସନ୍ଧ୍ୟା ୭ଟାରୁ ରାତି ୮ଟା ମଧ୍ୟରେ ପଶ୍ଚିମବଙ୍ଗର ଦିଘା ନିକଟରେ ଉପକୂଳ ଅତିକ୍ରମ କରିଥିଲା। ଏହା ପଶ୍ଚିମ ଉତ୍ତର ପଶ୍ଚିମ ଦିଗରେ ଅଗ୍ରସର ହେବା ସହ ଧୀରେ ଧୀରେ ଦୁର୍ବଳ ହେବ ବୋଲି ଭୁବନେଶ୍ୱର ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଏହାର ପ୍ରଭାବରେ ଶନିବାର ଉତ୍ତର ଓଡ଼ିଶାର ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ଏହି ଜିଲାଗୁଡ଼ିକ ପାଇଁ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ରେଡ୍ ୱାର୍ନିଂ ଜାରି କରାଯାଇଛି। ଏଥିସହିତ କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ସୁନ୍ଦରଗଡ଼, ସମ୍ବଲପୁର, ସୋନପୁର, ବୌଦ୍ଧ, ବଲାଙ୍ଗୀର ଏବଂ ଯାଜପୁର ଜିଲାରେ ପ୍ରବଳ ବର୍ଷା ହେବା ଆଶଙ୍କା ରହିଛି। ଏହି ଜିଲାଗୁଡ଼ିକ ପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଶନିବାର ମଧ୍ୟ ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ଦେବଗଡ଼, ସମ୍ବଲପୁର, ବରଗଡ଼, ସୋନପୁର ଏବଂ ବଲାଙ୍ଗୀର ଜିଲାର କେତେକ ସ୍ଥାନରେ ଅତି ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି।

ଗଭୀର ଅବପାତ ପ୍ରଭାବରେ ଉତ୍ତର ବଙ୍ଗୋପସାଗର ନିକଟସ୍ଥ ବାଂଲାଦେଶ ଓ ପଶ୍ଚିମବଙ୍ଗ ଉପକୂଳରେ ପବନର ବେଗ ଘଣ୍ଟା ପ୍ରତି ୫୫ରୁ ୬୫ କିମି ରହିଥିଲା। ଶନିବାର ପବନର ବେଗ ଘଣ୍ଟା ପ୍ରତି ୪୦ରୁ ୫୦ କିମିକୁ ଖସିଆସିବ ବୋଲି ଭାରତୀୟ ପାଣିପାଗ ☞ପୃଷ୍ଠା-୪

**ସୁରକ୍ଷିତ ରହିବାକୁ ମୁଖ୍ୟମନ୍ତ୍ରୀଙ୍କ ନିବେଦନ**



ଲଘୁଚାପ ଯୋଗୁ ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲାରେ ପ୍ରବଳ ବର୍ଷା ହୋଇପାରେ। ଏହି ୪ ଜିଲାବାସୀଙ୍କୁ ସୁରକ୍ଷିତ ରହିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆହ୍ୱାନ କରିଛନ୍ତି। ଭୟଭୀତ ନ ହୋଇ ପ୍ରଶାସନକୁ ସହଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି। ନିଜେ ସୁରକ୍ଷିତ ରହିବା ସହ ପରିବାରକୁ ସୁରକ୍ଷିତ ରଖନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ଭିଡିଓ ବାର୍ତ୍ତା ଜରିଆରେ କହିଛନ୍ତି।

# ସୁନ୍ଦରଗଡ଼ ମେଡିକାଲ କଲେଜରେ ୧୦୦ ସିଟ୍ ଲାଗି ଅନୁମୋଦନ

**ଚଳିତ ଶିକ୍ଷାବର୍ଷରୁ ପାଠପଢ଼ା**

ସୁନ୍ଦରଗଡ଼, ୧୯।୮(ଡି.ଏନ୍.ଏ.)

ସୁନ୍ଦରଗଡ଼ ସହରର ଶଙ୍କରାଠାରେ ନିର୍ମିତ ନୂତନ ସରକାରୀ ମେଡିକାଲ କଲେଜରେ ଏମ୍‌ବିବିଏସ୍ ପାଠପଢ଼ା ଲାଗି ନ୍ୟାଶନାଲ ମେଡିକାଲ କମିଶନ ବିଧିବଦ୍ଧ ଅନୁମତି ଦେଇଛନ୍ତି। ୧୦୦ ସିଟ୍ ଲାଗି ଏହି ମଞ୍ଜୁରୀ ମିଳିଛି। ୨୦୨୨-୨୩ ଶିକ୍ଷାବର୍ଷରୁ ପାଠପଢ଼ା ପାଇଁ କମିଶନ ମେଡିକାଲ କଲେଜ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ଅନୁମତି ପ୍ରଦାନ କରିଛନ୍ତି। ଏହି ବହୁ ପ୍ରତୀକ୍ଷିତ ଅନୁମତି ଆସିବା ଫଳରେ ସୁନ୍ଦରଗଡ଼ ଜିଲାରେ ଅତ୍ୟାଧୁନିକ ମେଡିକାଲ କଲେଜ କାର୍ଯ୍ୟକ୍ଷମ ହେବାକୁ ଯାଉଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ଜାରି ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି। ଏଥିରେ କୁହାଯାଇଛି ଯେ, ଏହା ରାଜ୍ୟର ବିଭିନ୍ନ ସ୍ଥାନରେ, ବିଶେଷକରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଡାକ୍ତରୀ ଶିକ୍ଷାର ପ୍ରସାର ଲାଗି ରାଜ୍ୟ ସରକାରଙ୍କ ପରିକଳ୍ପନାକୁ ସାକାର କରିବ। ଜିଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲି କହିଛନ୍ତି ଯେ, ଏହି ମେଡିକାଲ କଲେଜ ଆରମ୍ଭ ହେବା ଫଳରେ ସୁନ୍ଦରଗଡ଼ ଜିଲାରେ ସ୍ୱାସ୍ଥ୍ୟସେବା ଏକ ନୂଆ ସୋପାନକୁ ଯାଇପାରିବ। ଏହି ଅତ୍ୟାଧୁନିକ ଡାକ୍ତରୀ ଶିକ୍ଷାନୁଷ୍ଠାନରେ ନିୟୋଜିତ ଉଚ୍ଚମାନର ମାନବ ସମ୍ବଳ ତଥା ତାଲିମ ଓ ଚିକିତ୍ସା ଲାଗି ନିୟୋଜିତ ଅତ୍ୟାଧୁନିକ ଉପକରଣ ସର୍ବଭାରତୀୟ ସ୍ତରରେ ଛାତ୍ରୀଛାତ୍ରମାନଙ୍କୁ ନିଶ୍ଚୟ ଆକର୍ଷିତ କରିବ।

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ପରିଚାଳିତ ହେବାକୁ ଥିବା ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜରେ ଛାତ୍ରୀଛାତ୍ରଙ୍କ ସୁବିଧା ପାଇଁ ଆବଶ୍ୟକ କ୍ଲାସରୁମ ସହିତ ବିଭିନ୍ନ ବିଭାଗରେ ଅତ୍ୟାଧୁନିକ ଲାବୋରେଟୋରି ରହିଛି। ଛାତ୍ରୀ ଏବଂ ଛାତ୍ରଙ୍କ ରହିବା ପାଇଁ ଅଲଗାକରି ମୋଟ ୪୮୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ କରାଯାଇଛି।

ନ୍ୟାଶନାଲ ମେଡିକାଲ କମିଶନଙ୍କ ଅନୁମତି ମିଳିବା ଫଳରେ ☞ପୃଷ୍ଠା-୪

# ସିସୋଡିଆଙ୍କ ଘରେ ସିବିଆଇ ଚଢ଼ାଉ

**ଏତଲାରେ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ୧୫ ଅଭିଯୁକ୍ତ**

ନୂଆଦିଲ୍ଲୀ,୧୯।୮

ନୂଆ ଅବକାରୀ ନୀତି ମାମଲାରେ ଅନିୟମିତତା ଅଭିଯୋଗର ତଦନ୍ତ କରୁଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଶୁକ୍ରବାର ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ଓ ୩ ଜଣ ପ୍ରଶାସନିକ ଅଧିକାରୀଙ୍କ ଘରେ ଚଢ଼ାଉ କରିଛି। ଅବକାରୀ ବିଭାଗ ଦାୟିତ୍ୱରେ ଥିବା ସିସୋଡିଆଙ୍କ ଘରୁ କେତେକ ଦସ୍ତାବିଜ ସିବିଆଇ ଜବତ କରିଛି। ଅବକାରୀ ନୀତି ଉଲ୍ଲଂଘନ ନେଇ ସିବିଆଇ ଦାଏର କରିଥିବା ଏତଲାରେ ସିସୋଡିଆଙ୍କ ସମେତ ୧୫ ଜଣଙ୍କୁ ଅଭିଯୁକ୍ତ କରାଯାଇଛି। ସେମାନଙ୍କ ବିରୋଧରେ ଦୁର୍ନୀତି, ଅପରାଧ ଷଡ଼ଯନ୍ତ୍ର ଏବଂ ଆକାଉଣ୍ଟ ଜାଲିଆତି ଅପରାଧରେ ଏତଲା ହୋଇଛି। ଅନ୍ୟ ଅଭିଯୁକ୍ତଙ୍କ ମଧ୍ୟରେ ଅଛନ୍ତି ପୂର୍ବତନ ଅବକାରୀ କମିଶନର ଏ. ଗୋପୀକ୍ରିଷ୍ଣ, ଡେପୁଟି କମିଶନର ଆନନ୍ଦ ତିୱାରି ଏବଂ ଆସିଷ୍ଟାଣ୍ଟ କମିଶନର ପଙ୍କଜ ଭଟ୍ଟନାଗର। ଅବକାରୀ ନୀତି ପ୍ରସ୍ତୁତ ଓ କାର୍ଯ୍ୟକାରୀ କରିବାରେ ମଦ କମ୍ପାନୀ ଓ ମଧ୍ୟସ୍ଥମାନଙ୍କ ସମ୍ପୃକ୍ତ ଥିବା ସିବିଆଇ ଅଭିଯୋଗରେ ଦର୍ଶାଇଛି। ସିସୋଡିଆଙ୍କ ଘନିଷ୍ଠ ସହଯୋଗୀ ଅମିତ ଆରୋରା, ଦିନେଶ ଆରୋରା ଏବଂ ଅର୍ଜୁନ ପାଣ୍ଡେ ମଦ ଲାଇସେନ୍ସ ନେଇଥିବା ବ୍ୟବସାୟୀଙ୍କଠାରୁ କମିଶନ ସଂଗ୍ରହ କରି ଅଭିଯୁକ୍ତ ଅଫିସରମାନଙ୍କୁ ଦେଉଥିଲେ। ଦିନେଶଙ୍କ ପରିଚାଳନାରେ ଥିବା ଏକ କମ୍ପାନୀକୁ ମଦ ବ୍ୟବସାୟୀ ୧ କୋଟି ଟଙ୍କା ଦେଇଥିବା ଏତଲାରେ ଉଲ୍ଲେଖ ରହିଛି। ଅନ୍ୟତମ ସହଯୋଗୀ ଅର୍ଜୁନ ପାଣ୍ଡେଙ୍କୁ ଉକ୍ତ ବ୍ୟବସାୟୀ ୨ରୁ ୪ କୋଟି ଟଙ୍କା ଦେଇଥିବା ଅଭିଯୋଗ ହୋଇଛି।



ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ

ଭବିଷ୍ୟତରେ କୌଣସି ପ୍ରକାର ବିବାଦ ନ ହେବା ଲାଗି ସମ୍ପୂର୍ଣ୍ଣ ଆଇନଗତ ପ୍ରକ୍ରିୟାରେ ଏହି ଚଢ଼ାଉ କରାଯାଇଥିଲା ବୋଲି ଏକ ସୂତ୍ରରୁ କୁହାଯାଇଛି। ସେଥିପାଇଁ ସାଧାରଣ ଲୋକଙ୍କୁ ସାକ୍ଷୀ ରଖି ଜବତ ଦସ୍ତାବିଜଗୁଡ଼ିକର ତାଲିକା କରାଯାଇଥିଲା। ଏହା ବ୍ୟତୀତ ତଦନ୍ତକାରୀ ଟିମ୍ ସିସୋଡିଆଙ୍କ ଘରେ ଥିବା ବିଭିନ୍ନ ଦସ୍ତାବିଜ୍‌କୁ ସ୍କାନିଂ କରିବା ସହ ତାଙ୍କୁ ପଚରାଉଚରା କରିଥିଲା। ସିବିଆଇର ଏକାଧିକ ଟିମ୍ ଏକସଙ୍ଗେ ଦିଲ୍ଲୀ-ଏନ୍‌ସିଆର୍‌ର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଖବର ଚିନ୍ତା**

# ଧାର୍ଯ୍ୟ ହେଲା ନୂଆଖାଇ ଲଗ୍ନ

- **ସେପ୍ଟେମ୍ବର ୧ ପୂର୍ବାହ୍ନ ୧୦.୫୬ରୁ ନବାନ୍ନ**

ସମ୍ବଲପୁର,୧୯।୮(ବ୍ୟୁରୋ)

ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଖାଇ ପାଇଁ ଶୁକ୍ରବାର ଲଗ୍ନ ଧାର୍ଯ୍ୟ ହୋଇଛି। ନବୋତ୍ସବ ଦିନରେ ହେଉଥିବା ବହୁ ପୁରାତନ ପରମ୍ପରା ଅନୁସାରେ ଝାଡୁଆପଡାସ୍ଥିତ ବ୍ରହ୍ମପୁରା ମନ୍ଦିର ପ୍ରାଙ୍ଗଣରେ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଆୟୋଜିତ ବୈଠକରେ ପଣ୍ଡିତମାନେ ଲଗ୍ନ ସମୟ ବାହାର କରିଥିଲେ। ଆସନ୍ତା ସେପ୍ଟେମ୍ବର ୧ ପୂର୍ବାହ୍ନ ୧୦ଟା ୫୬ ମିନିଟରୁ ୧୧ଟା ୧୦ ମିନିଟ ମଧ୍ୟରେ ନବାନ୍ନ ଲାଗି ହେବ। ଉକ୍ତ ଦିନ ତୁଳା ଲଗ୍ନେ ମା’ ସମଲେଶ୍ୱରୀଙ୍କଠାରେ ପ୍ରଥମ ନବାନ୍ନ ଲାଗି ହେବା ପରେ ଅନ୍ୟମାନେ ନୂଆ ଖାଇବେ। ଲଗ୍ନଧାର୍ଯ୍ୟ ପୂର୍ବରୁ ମନ୍ଦିର ପରିସରରେ ☞ପୃଷ୍ଠା-୪

# ଶୋଇପଡ଼ିଲେ ଦୁଇ ପାଇଲଟ

**ବିମାନ ଅବତରଣ କରାଇବାକୁ ଭୁଲିଗଲେ**

ଆଡିସ୍ ଆବାବା,୧୯।୮

ଇଥିଓପିଆ ଏୟାରଲାଇନ୍ସର ଏକ ବିମାନ ସୁଡାନର ଖର୍ତ୍ତୁମ୍‌ରୁ ଇଥିଓପିଆ ରାଜଧାନୀ ଆଡିସ୍ ଆବାବା ଅଭିମୁଖେ ଯାଉଥିବାବେଳେ ଏହାର ଦୁଇଜଣ ପାଇଲଟ ଶୋଇପଡ଼ିଥିଲେ। ଗତ ସୋମବାର ଏଭଳି ଅଭାବନୀୟ ଘଟଣା ଘଟିଛି। ସେତେବେଳେ ବିମାନଟି ୩୭,୦୦୦ ଫୁଟ୍ ଉଚ୍ଚରେ ଉଡୁଥିଲା। ଶୋଇପଡ଼ିଥିବାରୁ ପାଇଲଟ ବିମାନ ଅବତରଣ କରିବାକୁ ଭୁଲିଯାଇଥିଲେ। ଇଟି୩୪୩ ବିମାନଟି ବିମାନବନ୍ଦର ଉପରେ ପହଞ୍ଚିଥିଲେ ହେଁ ଅବତରଣ ପ୍ରକ୍ରିୟା ଆରମ୍ଭ ନ କରିବାରୁ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ(ଏଟିଏସ୍) ପକ୍ଷରୁ ସତର୍କ ସୂଚନା ଦିଆଯାଇଥିଲା। ପାଇଲଟ ଶୋଇଥିବାବେଳେ ବୋଇଂ ୭୩୭ ବିମାନର ଅଟୋପାଇଲଟିଂ ସିଷ୍ଟମ ଏହାକୁ ୩୭,୦୦୦ ଫୁଟ୍ ଉଚ୍ଚରେ ଉଡ଼ାଇ ରଖିଥିଲା। ଏଟିସି କର୍ତ୍ତୃପକ୍ଷ ପାଇଲଟ୍‌ମାନଙ୍କ ସହ ଯୋଗାଯୋଗ କରିବାକୁ ଏକାଧିକ ଥର ଉଦ୍ୟମ କରି ବିଫଳ ହୋଇଥିଲେ। ଯେତେବେଳେ ବିମାନଟି ଓହ୍ଲାଇବାକୁ ଥିବା ବିମାନବନ୍ଦର ଅତିକ୍ରମ କରିଗଲା, ସେତେବେଳେ ଅଟୋପାଇଲଟ ସଂଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଫଳରେ ବିମାନରେ ଆଲାର୍ମ ବାଜିବାରୁ ପାଇଲଟମାନେ ଉଠିପଡ଼ିଥିଲେ। ସେମାନେ ୨୫ ମିନିଟ ବିଳମ୍ବରେ ବିମାନଟିକୁ ରନ୍‌ୱେରେ ଅବତରଣ କରାଇଥିଲେ। ସୌଭାଗ୍ୟବଶତଃ ବିମାନଟି ନିରାପଦରେ ଅବତରଣ କରିଥିଲା ଓ ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି। ତେବେ ଏହା ଅତ୍ୟନ୍ତ ଉଦ୍‌ବେଗଜନକ ଘଟଣା ବୋଲି ବିମାନ ଚଳାଚଳ ବିଶ୍ଳେଷକ ଆଲେକ୍ସ ମାଚେରାସ୍ କହିଛନ୍ତି। ପାଇଲଟଙ୍କ ଉପରେ ଅତ୍ୟଧିକ କାମ ଚାପ ଯୋଗୁ ସେମାନେ ଥକିପଡ଼ି ଶୋଇଯାଉଥିବା ସେ ଅଭିଯୋଗ କରିଛନ୍ତି। ଗତ ମେ’ ମାସରେ ଏଭଳି ଏକ ଘଟଣା ଘଟିଥିଲା। ନ୍ୟୁୟର୍କରୁ ରୋମ୍ ଯାଉଥବା ଏକ ବିମାନର ଦୁଇ ପାଇଲଟ ଶୋଇପଡ଼ିଥିଲେ। ସେତେବେଳେ ବିମାନଟି ୩୮,୦୦୦ ଫୁଟ୍ ଉଚ୍ଚରେ ଉଡୁଥିଲା।




# ସ୍କୁଲ ଉପରେ ବଜ୍ରପାତ



ବଜ୍ରପାତରେ ଆହତ ଛାତ୍ରୀଛାତ୍ରଙ୍କୁ ଆମ୍ବୁଲାନ୍ସ ନିକଟକୁ ଅଣାଯାଉଛି।

**୧୭ ପିଲା, ଶିକ୍ଷକ ଗୁରୁତର**

ଦେବଗଡ଼, ୧୯।୮(ଡି.ଏନ୍.ଏ.)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ କୁଟୁରାପସି ପ୍ରାଥମିକ ବିଦ୍ୟାଳୟ ଉପରେ ବଜ୍ରପାତ ହେବାରୁ ୧୭ ଛାତ୍ରୀଛାତ୍ରଙ୍କ ସମେତ ଶିକ୍ଷକ ଗୁରୁତର ଆହତ ହୋଇଛନ୍ତି। ଶୁକ୍ରବାର ଅପରାହ୍ନ ପ୍ରାୟ ଗୋଟାଏ ସମୟରେ ଶ୍ରେଣୀ କୋଠରୀରେ ପାଠପଢ଼ା ଚାଲିଥିବାବେଳେ ଏହି ଘଟଣା ଘଟିଛି। ଆହତ ଛାତ୍ରୀଛାତ୍ର ତୃତୀୟ, ଚତୁର୍ଥ ଏବଂ ପଞ୍ଚମ ଶ୍ରେଣୀର। ୬ଜଣ ଛାତ୍ରୀ ଓ ଜଣେ ଛାତ୍ରଙ୍କ ଅବସ୍ଥା ଅଧିକ ଗୁରୁତର ରହିଛି। ଗୁରୁତର ଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ୧୦୮ ଆମ୍ବୁଲାନ୍ସରେ ଅଣାଯାଇ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଚିକିତ୍ସାଧୀନ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ଜଣାପଡ଼ିଛି। ବଜ୍ରପାତର ପ୍ରଭାବ ଏତେ ଅଧିକ ଥିଲା ଯେ, ଶ୍ରେଣୀ କୋଠରି ଛାତ କଣା ହୋଇଯାଇଥିବାବେଳେ ସିଲିଂରୁ ପ୍ଲାଷ୍ଟର ଖସି ☞ପୃଷ୍ଠା-୪

**ସ୍କୁଲରେ ଝିଅ ପୁଅ ଏକାଠି ବସିବା ବିପଜ୍ଜନକ: ଆଇୟୁଏମ୍ଏଲ୍**

ସ୍କୁଲରେ ଝିଅ ପୁଅ ଏକାଠି ବସିବା ବିପଜ୍ଜନକ ବୋଲି ଇଣ୍ଡିଆନ୍ ୟୁନିୟନ୍ ମୁସ୍‌ଲିମ୍ ଲିଗ୍ (ଆଇୟୁଏମ୍ଏଲ୍)ର ନେତା ସଲାମ କହିଛନ୍ତି। ଲିଙ୍ଗ ନିରପେକ୍ଷତା ଛାତ୍ରୀଛାତ୍ରଙ୍କ ପାଇଁ ବିଭ୍ରାନ୍ତିକର ବୋଲି ସେ ଦାବି କରିଛନ୍ତି। କେରଳ ସରକାର ରାଜ୍ୟରେ ଲିଙ୍ଗ ନିରପେକ୍ଷତା ନୀତି ଜରିଆରେ ଶିକ୍ଷା ବ୍ୟବସ୍ଥାକୁ ବଢ଼ାଇବା ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି। ଏହାର ବିରୋଧରେ ଆଇୟୁଏମ୍ଏଲ୍ ନେତା ଏହି ମନ୍ତବ୍ୟ ଦେଇଛନ୍ତି। ଏଥିସହ ନୀତିକୁ ପ୍ରତ୍ୟାହାର କରିବା ଲାଗି ସଲାମ ସରକାରଙ୍କ ନିକଟରେ ଦାବି କରିଛନ୍ତି।

## ସଂକ୍ଷେପରେ

### ଉଗ୍ରପନ୍ଥୀଙ୍କ ଆକ୍ରମଣରେ ଯବାନ ଶହୀଦ

**ଅଗରତାଲା, ୧୯।୮:** ବାଂଲାଦେଶ ସୀମାବର୍ତ୍ତୀ ପୂର୍ବ ତ୍ରିପୁରାରେ ଶୁକ୍ରବାର ଉଗ୍ରପନ୍ଥୀଙ୍କ ଆକ୍ରମଣରେ ବିଏସ୍ଏଫ୍ ବାଟାଲିୟନ ୧୪୫ର ହେଡ୍ କନ୍‌ଷ୍ଟେବଲ ଶହୀଦ ହୋଇଛନ୍ତି। ଆକ୍ରମଣ ପରେ ଉଗ୍ରପନ୍ଥୀମାନେ ବାଂଲାଦେଶର ଚିଟାଗଙ୍ଗ ପାର୍ବତ୍ୟାଞ୍ଚଳ ଜଙ୍ଗଲକୁ ପଳାଇଥିଲେ। ମୁଖ୍ୟ କନ୍‌ଷ୍ଟେବଲ ବ୍ରିଜେଶ କୁମାରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଉତ୍ତର ତ୍ରିପୁରାର ଆନନ୍ଦବଜାରରେ ଥିବା ଏକ ହସ୍ପିଟାଲକୁ ନିଆଯାଇଥିଲା। ସେଠାରୁ ଅଗରତାଲା ସ୍ଥାନାନ୍ତର କରାଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ହେଡ୍ କନ୍‌ଷ୍ଟେବଲଙ୍କ ନେତୃତ୍ୱରେ ଯବାନମାନେ ସକାଳ ୮ଟା ୪୫ରେ ଆନନ୍ଦବଜାର ଥାନା ଅନ୍ତର୍ଗତ ସିମାନା ୨ ବିଓପି ଅଞ୍ଚଳରେ ପାଟ୍ରୋଲିଂ କରୁଥିବାବେଳେ ଉଗ୍ରପନ୍ଥୀ ସୋମନଙ୍କ ଉପରକୁ ଗୁଳି ଚଳାଇଥିଲେ। ହେଡ୍ କନ୍‌ଷ୍ଟେବଲଙ୍କ ଦେହରେ ୪ ଗୁଳି ବାଜିଥିଲା।

### ୨୦ ବର୍ଷ ପରେ ଧରାପଡ଼ିଲେ ବିଧାୟକ

**ମୋତିହାରୀ, ୧୯।୮:** ବିହାରର ପୂର୍ବତନ ବିଧାୟକ ରଞ୍ଜନ ତିୱାରୀ ନେପାଳ ସୀମାନ୍ତ ରାକ୍ସାଉଲରୁ ଗିରଫ ହୋଇଛନ୍ତି। ପୋଲିସ ଉପରକୁ ଗୁଳିମାଡ଼ କରିବା ଅଭିଯୋଗରେ ୟୁପି ପୋଲିସ ତାଙ୍କୁ ଖୋଜୁଥିଲା। କିନ୍ତୁ ଦୀର୍ଘ ୨୦ ବର୍ଷ ଧରି ରଞ୍ଜନ ଲୁଚି ରହିଥିବାବେଳେ ପୋଲିସ ତାଙ୍କୁ ଧରିବାରେ ବିଫଳ ହୋଇଥିଲା। ରଞ୍ଜନଙ୍କୁ ଧରିବା ପାଇଁ ପୋଲିସ ୨୫ ହଜାରର ପୁରସ୍କାର ରାଶି ଘୋଷଣା କରିଥିଲା। ବିହାର ଗୋବିନ୍ଦଗଞ୍ଜ ବିଧାନସଭା ଆସନରୁ ରଞ୍ଜନ ବିଧାୟକ ଥିଲେ। ୧୯୯୮ରେ ସେ ୟୁପିର ଗୋରଖପୁର ପୋଲିସ ଉପରକୁ ଗୁଳି ଚଳାଇଥିଲେ।

### ଗୃହବନ୍ଦୀ ନାହାନ୍ତି ମିରୱାଇଜ ଉମାର

**ଶ୍ରୀନଗର, ୧୯।୮:** ବରିଷ୍ଠ ବିଚ୍ଛିନ୍ନତାବାଦୀ ନେତା ମିରୱାଇଜ ଉମାର ଫାରୁକ ଗୃହ ବନ୍ଦୀ ନ ଥିବା ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା କହିଛନ୍ତି। ତାଙ୍କୁ ଗିରଫ କରାଯାଇ ନାହିଁ କି ସେ ଗୃହ ବନ୍ଦୀ ନାହାନ୍ତି ବୋଲି ସିହ୍ନା କହିଛନ୍ତି। ମିରୱାଇଜଙ୍କ ବାପାଙ୍କ ହତ୍ୟା ହେବା ପରେ ସୁରକ୍ଷା ଦୃଷ୍ଟିରୁ ତାଙ୍କ ଘରେ ପୋଲିସ ମୁତୟନ କରାଯାଇଛି। ଜନସୁରକ୍ଷା ଆଇନ୍ ବଳରେ ମିରୱାଇଜଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ।

### ଚାଇନାରେ ବଢୁଛି ସଂକ୍ରମଣ ଜିନ୍‌ଜିଆଙ୍ଗରେ ଲକ୍‌ଡାଉନ

**ବେଜିଂ, ୧୯।୮:** ଚାଇନାର ଜିନ୍‌ଜିଆଙ୍ଗ ପ୍ରଦେଶରେ କୋଭିଡ୍ ସଂକ୍ରମଣ ଦ୍ରୁତ ବୃଦ୍ଧି ପାଉଥିବାରୁ ସେଠାରେ ଲକ୍‌ଡାଉନ ଜାରି କରାଯାଇଛି। ଜିରୋ କୋଭିଡ୍ ନୀତି କାର୍ଯ୍ୟକାରୀ କରିବା ଲାଗି ଉକ୍ତ ଅଞ୍ଚଳକୁ ସରକାର ପ୍ରତିନିଧି ପଠାଇଛନ୍ତି। ବୁଧବାର ଜିନ୍‌ଜିଆଙ୍ଗରେ ୨,୭୭୯ ସଂକ୍ରମିତ ଚିହ୍ନଟ ହେବା ପରେ ଉକ୍ତ ପ୍ରଦେଶକୁ ପ୍ରବେଶ ପ୍ରସ୍ଥାନ ଉପରେ କଟକଣା ଲାଗୁ କରାଯାଇଛି। ସଂକ୍ରମଣ ରୋକିବାକୁ ଏକ ନୂଆ ଔଷଧ 'ଏ ସି ଫୁ' ଦିଆଯାଉଛି।

# ମହିଳାଙ୍କ ହାତରେ ମୋସାଦ୍

**ଜେରୁଜେଲମ୍, ୧୯।୮**

ଇସ୍ରାଏଲ୍‌ର ଜାତୀୟ ଗୋଇନ୍ଦା ସଂସ୍ଥା 'ମୋସାଦ୍'ର ସର୍ବୋଚ୍ଚ ପଦରେ ପ୍ରଥମ ଥର ପାଇଁ ଦୁଇଜଣ ମହିଳାଙ୍କୁ ନିଯୁକ୍ତି ମିଳିଛି। ଏନେଇ ମୋସାଦ୍ ସ୍ପାଏ ଏଜେନ୍ସି ପକ୍ଷରୁ ଘୋଷଣା କରାଯାଇଛି। ତେବେ ଜାରି କରାଯାଇଥିବା ଫଟୋରେ ସମ୍ପୃକ୍ତ ମହିଳାଙ୍କ ମୁହଁକୁ ଲୁଚାଇ ଦିଆଯାଇଛି।

ମୋସାଦ୍ ପକ୍ଷରୁ ଗୁରୁବାର ହେବ୍ରୁ ଭାଷାରେ ଜାରି ଏକ ବିରଳ ପ୍ରେସ୍ ରିଲିଜ୍‌ରେ କୁହାଯାଇଛି ଯେ, ନୂଆ ଗୋଇନ୍ଦା ନିର୍ଦ୍ଦେଶକ ପଦରେ ଜଣେ ମହିଳାଙ୍କୁ ନିଯୁକ୍ତି ଦିଆଯାଇଛି। ସମ୍ପୃକ୍ତ ମହିଳାଙ୍କ ନାମ ଆଲେଫ୍ ବୋଲି ମୋସାଦ୍ ସ୍ପଷ୍ଟ କରିଛି। ଏଥିସହ ମୋସାଦ୍‌ର ଇରାନ ଡେସ୍କ ମୁଖ୍ୟ ପଦ ମଧ୍ୟ ଜଣେ ମହିଳା ସମ୍ଭାଳିଛନ୍ତି, ଯାହାଙ୍କ ନାମ କୁଫ୍। ଇସ୍ରାଏଲ୍ ଇତିହାସରେ ଦୁଇଜଣ ମହିଳାଙ୍କୁ ଗୋଇନ୍ଦା ସଂସ୍ଥାର ସର୍ବୋଚ୍ଚ ପଦରେ ନିଯୁକ୍ତ କରାଯିବାର ଏହା ହେଉଛି ପ୍ରଥମ ଘଟଣା। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି, ଆଲେଫ୍ ଦୀର୍ଘ ୨୦ ବର୍ଷ ଧରି ଇଣ୍ଟେଲିଜେନ୍ସ ଏଷ୍ଟାବ୍ଲିଶମେଣ୍ଟରେ ଜଡ଼ିତ ଅଛନ୍ତି। ଇସ୍ରାଏଲ୍ ଡିଫେନ୍ସ ଫୋର୍ସେସ୍ (ଆଇଡିଏଫ୍)ରେ ସାମରିକ ଗୋଇନ୍ଦା ମୁଖ୍ୟ ପଦ ପାହ୍ୟାରେ ତାଙ୍କୁ ନୂଆ ନିଯୁକ୍ତି ଦିଆଯାଇଛି। ଇରାନର ଆଣବିକ କାର୍ଯ୍ୟକ୍ରମ, ବୈଶ୍ୱିକ ଆତଙ୍କବାଦ ନିରୋଧୀ ଅପରେଶନ ଏବଂ ଆରବ ଦୁନିଆ ସହ ସମ୍ପର୍କ ସ୍ୱାଭାବିକ କରିବା ଭଳି ଦାୟିତ୍ୱ ଆଲେଫ୍‌ଙ୍କ ଉପରେ ନ୍ୟସ୍ତ କରାଯାଇଛି। ଦୁଇମାସ ତଳେ ଏକ ପୁରସ୍କାର ବିତରଣ ଉତ୍ସବରେ ଯୋଗଦେଇ ଆଲେଫ୍ ମୋସାଦ୍‌ରେ ଯୋଗଦେବା ପାଇଁ ମହିଳାମାନଙ୍କୁ ଆହ୍ୱାନ ଦେଇଥିଲେ। ସେହିପରି ମୋସାଦ୍‌ର ଇରାନ ଡେସ୍କ ମୁଖ୍ୟ କୁଫ୍‌ଙ୍କୁ ଅପରେଶନାଲ, ଟେକ୍ନୋଲୋଜିକାଲ ଓ ଇଣ୍ଟେଲିଜେନ୍ସ ଶାଖାଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷାକରିବା ଦାୟିତ୍ୱ ଦିଆଯାଇଛି। ନାଫ୍‌ତାଲି ବେନେଟେ ପ୍ରଧାନମନ୍ତ୍ରୀ ଥିବାବେଳେ ତାଙ୍କ ସହ ଉଭୟେ କାମ କରିଥିଲେ। ଉଭୟଙ୍କ ନିଯୁକ୍ତିକୁ ନାଫ୍‌ତାଲି ଟୁଇଟରରେ 'ଏକ ବିରାଟ ନିଯୁକ୍ତି' କହି ପ୍ରଶଂସା କରିବା ସହ ଉଭୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ମୋସାଦ୍ ମୁଖ୍ୟ ଡାଭିଡ୍ ବର୍ନେଆ ମଧ୍ୟ ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି। ଏହା ପୂର୍ବରୁ ୩୦ ବର୍ଷ ତଳେ ଆଲିଜା ମଗେନ୍‌ଙ୍କୁ ମୋସାଦ୍‌ରେ ଉପନିର୍ଦ୍ଦେଶିକା ରୂପେ ନିଯୁକ୍ତି ଦିଆଯାଇଥିଲା। କିନ୍ତୁ ଡାଇରେକ୍ଟର ପଦରେ ମହିଳାଙ୍କ ଏହା ହେଉଛି ପ୍ରଥମ ନିଯୁକ୍ତି।



ପ୍ରତୀକାତ୍ମକ ଫଟୋ

## ମୋସାଦ୍ କ'ଣ

ମୋସାଦ୍ ହେଉଛି ଇସ୍ରାଏଲ୍‌ର ଜାତୀୟ ଗୋଇନ୍ଦା ସଂସ୍ଥା। ଇସ୍ରାଏଲ୍ ପାଇଁ ଗୋଇନ୍ଦା ତଥ୍ୟ ସଂଗ୍ରହ, ଗୁପ୍ତ ଅପରେଶନ ଓ ଆତଙ୍କବାଦ ନିରୋଧୀ ଅଭିଯାନରେ ଏହି ଏଜେନ୍ସି ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାଏ। ଏହାର ନିର୍ଦ୍ଦେଶକ କେବଳ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଉତ୍ତରଦାୟୀ ରହିଥାନ୍ତି। ମୋସାଦର ବାର୍ଷିକ ବଜେଟ ପ୍ରାୟ ୧୦ ବିଲିୟନ୍ ଶେକେଲ୍ସ (୨.୭୩ ବିଲିୟନ୍ ଆମେରିକୀୟ ଡଲାର)। ଉକ୍ତ ହାଇପ୍ରୋଫାଇଲ ଗୋଇନ୍ଦା ସଂସ୍ଥାରେ ପ୍ରାୟ ୭,୦୦୦ ଲୋକ ପ୍ରତ୍ୟକ୍ଷ ଭାବେ କାର୍ଯ୍ୟରତ ଥିବାରୁ ଏହାକୁ ବିଶ୍ୱର ଅନ୍ୟତମ ବୃହତ୍ ଗୁପ୍ତଚର ଏଜେନ୍ସି ବିବେଚନା କରାଯାଏ। ୧୯୪୯ ଡିସେମ୍ବର ୧୩ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଡାଭିଡ୍ ବେନ୍-ଗୁରିଓନ୍‌ଙ୍କ ସୁପାରିସ କ୍ରମେ ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ୍ ଫର୍ କୋଅର୍ଡିନେଶନ୍ ରୂପେ ଏହାର ପ୍ରତିଷ୍ଠା କରାଯାଇଥିଲା। ୧୯୫୧ ମାର୍ଚ୍ଚରେ ମୋସାଦ୍‌କୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଏକ ଅଂଶବିଶେଷ ଭାବେ ସ୍ୱୀକୃତି ମିଳିଥିଲା।

MOSSAD

# ମହିଳାଙ୍କର ଯୌନ ସାଥୀ ଅଧିକ

**ଏନ୍ଏଫ୍ଏଚ୍ଏସ୍ ସର୍ଭେ ରିପୋର୍ଟ**

**ନୂଆଦିଲ୍ଲୀ, ୧୯।୮**

ଦେଶର ୧୧ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ପୁରୁଷଙ୍କ ତୁଳନାରେ ମହିଳାଙ୍କର ଅଧିକ ଯୌନ ସାଥୀ ରହିଛନ୍ତି। ଶୁକ୍ରବାର ନ୍ୟାଶନାଲ ଫ୍ୟାମିଲି ହେଲ୍‌ଥ ସର୍ଭେ (ଏନ୍ଏଫ୍ଏଚ୍ଏସ୍)ପକ୍ଷରୁ ଏହି ରିପୋର୍ଟ ପ୍ରକାଶ ପାଇଛି। ରାଜସ୍ଥାନର ମହିଳା ଏ କ୍ଷେତ୍ରରେ ଅଧିକ ସକ୍ରିୟ ଥିବାବେଳେ ହରିୟାଣା, ଚଣ୍ଡିଗଡ଼, ଜମ୍ମୁ-କଶ୍ମୀର, ମଧ୍ୟପ୍ରଦେଶ, ଆସାମ, ଲଦାଖ, ପୁଡୁଚେରୀ, ତାମିଲନାଡୁର ମହିଳାମାନେ ସମ୍ଭୋଗ ପାଇଁ ଅଧିକ ସାଥୀ ଚାହାନ୍ତି। ରାଜସ୍ଥାନରେ ୩.୧ ପ୍ରତିଶତ ମହିଳା ଯୌନ ସାଥୀଙ୍କ ପାଇଁ ଆଗ୍ରହୀଥିବାବେଳେ ୧.୮ ପ୍ରତିଶତ ପୁରୁଷ ମହିଳା ସାଥୀ ଚାହୁଁଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସେହିପରି ଦେଶରେ ୪ ପ୍ରତିଶତ ପୁରୁଷ ବାହାର ମହିଳାଙ୍କ ସହ ଯୌନ ସମ୍ପର୍କ ରଖୁଥିବାବେଳେ ମାତ୍ର ୦.୫% ମହିଳା ଅନ୍ୟ ପୁରୁଷଙ୍କ ସହ ସମ୍ପର୍କ ରଖୁଛନ୍ତି। ୧.୧ ଲକ୍ଷ ମହିଳା ଓ ୧ ଲକ୍ଷ ପୁରୁଷଙ୍କୁ ନେଇ ଏନ୍ଏଫ୍ଏଚ୍ଏସ୍ ପକ୍ଷରୁ ଏହି ସର୍ଭେ କରାଯାଇଥିଲା। ୨୦୧୯-୨୧ରେ ନ୍ୟାଶନାଲ ଫ୍ୟାମିଲି ହେଲ୍‌ଥ ସର୍ଭେ-୫ କରାଯାଇଥିବାବେଳେ ଏଥିରେ ୨୮ ରାଜ୍ୟର ୭୦୭ ଜିଲା ଏବଂ ୮ କେନ୍ଦ୍ର ଶାସିତ ଅଞ୍ଚଳକୁ ସାମିଲ କରାଯାଇଥିଲା।

# ନ୍ୟୁୟର୍କ ଟାଇମ୍ସରେ ସିସୋଡିଆ



The New York Times

Leave God out of the culture wars

Russia says its diamonds are ethical, not 'bloody'

'Our children are worth it'

**ଭାଜପା କହିଲା 'ପେଡ୍ ନ୍ୟୁଜ୍'**

**ନୂଆଦିଲ୍ଲୀ, ୧୯।୮**

ଆମେରିକାର ପ୍ରତିଷ୍ଠିତ ଖବରକାଗଜ ନ୍ୟୁୟର୍କ ଟାଇମ୍ସର ଅଗଷ୍ଟ ୧୮ ଗୁରୁବାର ସଂସ୍କରଣରେ ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କୁ ନେଇ ଏକ ଆର୍ଟିକଲ ପ୍ରକାଶ ପାଇଛି। ପ୍ରଥମ ପୃଷ୍ଠାରେ ପ୍ରକାଶିତ ଉକ୍ତ ଷ୍ଟୋରିରେ ଦିଲ୍ଲୀ ଶିକ୍ଷାମନ୍ତ୍ରୀ ରୂପେ ତାଙ୍କ ଉଲ୍ଲେଖନୀୟ ସଫଳତା ସମ୍ପର୍କରେ ଅବତାରଣା କରାଯାଇଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଶୁକ୍ରବାର ଏନେଇ ସିସୋଡିଆଙ୍କୁ ପ୍ରଶଂସା କରିଛନ୍ତି। ଏଥିସହ ଦିଲ୍ଲୀ ଶିକ୍ଷା ମଡେଲ ସମ୍ପର୍କିତ ଉକ୍ତ ନିବନ୍ଧକୁ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଅନ୍ୟପକ୍ଷେ ଭାଜପା ଏହାକୁ ଏକ 'ପେଡ୍ ନ୍ୟୁଜ୍' ଭାବେ ଅଭିହିତ କରି କେନ୍ଦ୍ରଶାସିତ ଅଞ୍ଚଳର ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସରକାରଙ୍କୁ ସମାଲୋଚନା କରିଛି। ଦିଲ୍ଲୀ ଭାଜପାର ପୂର୍ବତନ ଅଧ୍ୟକ୍ଷ ମନୋଜ ତିୱାରୀ ନ୍ୟୁୟର୍କ ଟାଇମ୍ସର ଷ୍ଟୋରି ସହ ଖଲିଜ୍ ଟାଇମ୍ସରେ ପ୍ରକାଶିତ ସମାନ ରିପୋର୍ଟର ପେପର କଟିଂକୁ ଏକସଙ୍ଗେ ଟୁଇଟ୍ କରିଛନ୍ତି। ଜଣେ ବ୍ୟକ୍ତିଙ୍କ ଦ୍ୱାରା ପ୍ରସ୍ତୁତ ଗୋଟିଏ ରିପୋର୍ଟ ଏକକାଳୀନ ଦୁଇଟି ବିଦେଶୀ ଗଣମାଧ୍ୟମରେ କିପରି ପ୍ରକାଶ ପାଇଲା ବୋଲି ମନୋଜ ପ୍ରଶ୍ନ କରିଛନ୍ତି।

# ନ୍ୟୁୟର୍କରେ ଗାନ୍ଧିଜୀଙ୍କ ମୂର୍ତ୍ତି ଭଙ୍ଗାରୁଜା

**ନ୍ୟୁୟର୍କ, ୧୯।୮**

ନ୍ୟୁୟର୍କର ଏକ ହିନ୍ଦୁ ମନ୍ଦିର ନିକଟରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ ଦୁର୍ବୃତ୍ତମାନେ ଭାଙ୍ଗିଦେଇଛନ୍ତି। ଏହି ଘଟଣାକୁ ନ୍ୟୁୟର୍କସ୍ଥିତ ଭାରତର କନ୍‌ସୁଲେଟ ଜେନେରାଲଙ୍କ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ସେମାନେ ଏନେଇ ଆମେରିକା କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏଭଳି କୁତ୍ସିତ କାର୍ଯ୍ୟ ପାଇଁ ଯେଉଁମାନେ ଦାୟୀ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଦାବି କରିଛନ୍ତି। ମଙ୍ଗଳବାର ଜଣେ ବ୍ୟକ୍ତି ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିକୁ ଏକ ହାମରରେ ପିଟୁଥିବା ସର୍ଭିଲାନ୍ସ ଭିଡିଓରେ ଦେଖାଯାଇଛି। ସେ ମୂର୍ତ୍ତିର ମୁଣ୍ଡକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେବା ପରେ ଏହାକୁ ଧରାଶାୟୀ କରିଦେଇଥିଲେ। ଅନ୍ୟ ୬ ଜଣ ସେଠାରେ ପହଞ୍ଚି ମୂର୍ତ୍ତିକୁ ହାମରରେ ବାଡେଇଥିଲେ। ଏଭଳି ଘଟଣା ଆମକୁ ଗଭୀର ଆଘାତ ଦେଇଛି ବୋଲି ଶ୍ରୀ ତୁଳସୀ ମନ୍ଦିରର ପ୍ରତିଷ୍ଠାତା ଲଖରାମ ମହାରାଜ କହିଛନ୍ତି। ବୁଧବାର ସକାଳ ବେଳକୁ ମୂର୍ତ୍ତିଟି ସମ୍ପୂର୍ଣ୍ଣ ଖଣ୍ଡବିଖଣ୍ଡିତ ହୋଇଯାଇଥିଲା। ଏଥିସହ ମନ୍ଦିର ସମ୍ମୁଖରେ ରଙ୍ଗ ସ୍ପ୍ରେ କରାଯାଇ 'ଡଗ୍' ଲେଖାଯାଇଥିଲା। ଦୁଇ ସପ୍ତାହ ପୂର୍ବରୁ ମଧ୍ୟ ଉକ୍ତ ଗାନ୍ଧୀ ମୂର୍ତ୍ତିକୁ ଭଙ୍ଗାଯାଇଥିଲା ବୋଲି ତଦନ୍ତକାରୀ ଅଧିକାରୀ କହିଛନ୍ତି। ମୂର୍ତ୍ତିକୁ ଦୁଇ ଥର ଭଙ୍ଗାଯିବା ଓ ଏହା ପଛରେ ଥିବା ସମ୍ଭାବ୍ୟ ଘୃଣିତ ଅପରାଧ ଦିଗକୁ ନେଇ ପୋଲିସ ତଦନ୍ତ ଚଳାଇଛି।



ଇରାକ୍‌ର ଲୋକପ୍ରିୟ ନେତା ମୋକ୍‌ତାଦା ଅଲ୍-ସଦର ବାଗ୍‌ଦାଦସ୍ଥିତ ପାର୍ଲାମେଣ୍ଟ ଗ୍ରିନ୍ ଜୋନ୍‌ରେ ଶୁକ୍ରବାର ସମୂହ ନମାଜ ପାଠରେ ସାମିଲ ହୋଇଛନ୍ତି। ଇରାକ୍‌ରେ ଗତ ଅକ୍ଟୋବରରୁ ସାଧାରଣ ନିର୍ବାଚନ ହୋଇଥିଲେ ହେଁ ରାଜନୈତିକ ଅସ୍ଥିରତା ଜାରି ରହିଛି। ଫଳରେ ସଂସଦ ଅଚଳ ହୋଇପଡ଼ିଛି।

## ତ୍ରିରଙ୍ଗା ରାଲିବେଳେ ପାକିସ୍ତାନ ଜିନ୍ଦାବାଦ୍ ସ୍ଲୋଗାନ

**ଆଲିଗଡ଼ କଲେଜ ଛାତ୍ର, ପ୍ରିନ୍ସିପାଲଙ୍କ ବିରୋଧରେ ମାମଲା**

**ନୂଆଦିଲ୍ଲୀ, ୧୯।୮**

ଉତ୍ତରପ୍ରଦେଶର ଆଲିଗଡ଼ କଲେଜ ପକ୍ଷରୁ ଗତ ୧୩ ତାରିଖରେ ତ୍ରିରଙ୍ଗା ରାଲି ବେଳେ କେତେଜଣ ଛାତ୍ର ପାକିସ୍ତାନ ଜିନ୍ଦାବାଦ୍ ସ୍ଲୋଗାନ ଦେଇଥିଲେ। ଏନେଇ ଅଭିଯୋଗ ହୋଇଥିଲେ ହେଁ କଲେଜ ପ୍ରଶାସନ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ଉକ୍ତ ତ୍ରିରଙ୍ଗା ଯାତ୍ରାର ଭିଡିଓ ପଦାକୁ ଆସିବା ପରେ ଉତ୍ତରପ୍ରଦେଶ ପୋଲିସ କଲେଜ ପ୍ରିନ୍ସିପାଲ, ପରିଚାଳକଙ୍କ ସମେତ କେତେଜଣ ଛାତ୍ରଙ୍କ ବିରୋଧରେ ମାମଲା ରୁଜୁ କରିଛି। ତେବେ ରାଲି ବେଳେ ଛାତ୍ରମାନେ ହିନ୍ଦୁସ୍ତାନ ଜିନ୍ଦାବାଦ ସ୍ଲୋଗାନ ଦେଉଥିବାବେଳେ କେତେଜଣ ହଠାତ୍ ପାକିସ୍ତାନ ସପକ୍ଷରେ ସ୍ଲୋଗାନ ଦେଇଥିଲେ। ସେମାନେ ଛାତ୍ର କି ଅଣଛାତ୍ର ତାହା ସ୍ପଷ୍ଟ ହୋଇ ନ ଥିବା ରାଜନ କୁମାର ନାମକ ଜଣେ ଛାତ୍ର କହିଛନ୍ତି। କଲେଜ ପକ୍ଷରୁ ଘଟଣାର ତଦନ୍ତ ଚାଲିଛି, କିନ୍ତୁ ସ୍ଲୋଗାନ ସମୟର ଭିଡିଓ ମିଳିନାହିଁ ବୋଲି ପ୍ରିନ୍ସିପାଲ ଏକ ଗଣମାଧ୍ୟମକୁ କହିଛନ୍ତି।

## ୫ ଉପଦେଷ୍ଟା କମିଟି ସଦସ୍ୟଙ୍କ ଭାଜପା ସହ ସମ୍ପର୍କ ଥିଲା

**ବିଲ୍‌କିସ ବାନୋ ମାମଲା**



**ଗୋଧ୍ରା, ୧୯।୮:** ବହୁଚର୍ଚ୍ଚିତ ବିଲ୍‌କିସ ବାନୋ ଗଣବଳାତ୍କାର ଓ ହତ୍ୟା ମାମଲାରେ ୧୧ ଅପରାଧୀଙ୍କୁ ମୁକ୍ତ କରିଦେବା ଲାଗି ଗୁଜରାଟ ସରକାରଙ୍କ ଉପଦେଷ୍ଟା କମିଟି ସୁପାରିସ କରିଥିଲା। ଉକ୍ତ ସୁପାରିସକ୍ରମେ ସରକାରଙ୍କ ଏକ ପୁରୁଣା କ୍ଷମା ନୀତି ଆଧାରରେ ଗତ ସ୍ୱାଧୀନତା ଦିବସ ଦିନ ୧୧ ଦୋଷୀଙ୍କୁ ଜେଲରୁ ମୁକ୍ତ କରିଦିଆଯାଇଥିଲା। ଏହାକୁ ବିରୋଧୀ ସମାଲୋଚନା କରିଛନ୍ତି। ଉପଦେଷ୍ଟା କମିଟିର ୧୦ ସଦସ୍ୟଙ୍କ ମଧ୍ୟରୁ ୫ ଜଣଙ୍କର ଭାଜପା ସହ ସମ୍ପୃକ୍ତି ଥିବା ଜଣାପଡ଼ିଛି। ଏକ ସରକାରୀ ଦସ୍ତାବିଜ ଅନୁଯାୟୀ ଉପଦେଷ୍ଟା କମିଟିରେ ୨ ଜଣ ଭାଜପା ବିଧାୟକ, ଜଣେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରହିଥିବାବେଳେ ଅନ୍ୟ ଦୁଇଜଣଙ୍କର ଗୈରିକ ଦଳ ସହ ସମ୍ପର୍କ ରହିଥିଲା। ବିନିତା ଲେଲେ ସାମାଜିକ କର୍ମୀ ବୋଲି ଦସ୍ତାବିଜ୍‌ରେ ଉଲ୍ଲେଖ ରହିଛି। କିନ୍ତୁ ସୋସିଆଲ ମିଡିଆ ପ୍ରୋଫାଇଲ ଅନୁଯାୟୀ ସେ ଭାଜପା ସଦସ୍ୟ। ପବନଭାଇ ସୋନି ସାମାଜିକ କର୍ମୀ ବୋଲି ଦର୍ଶାଯାଇଥିଲେ ହେଁ, ଭାଜପା ୱେବ୍ ପୃଷ୍ଠାରେ ସେ କାର୍ଯ୍ୟକାରିଣୀ କମିଟି ସଦସ୍ୟ ଥିବା ଜଣାପଡ଼ିଛି।

# ବିବାଦରେ ନିର୍ବାଚନ କମିଶନଙ୍କ ନିଷ୍ପତ୍ତି

**କଶ୍ମୀରରେ ବାହାର ଲୋକଙ୍କୁ ମତଦାନ ଅଧିକାର**

**ଶ୍ରୀନଗର, ୧୯।୮**

କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀରରେ ଏଣିକି ବାହାର ଲୋକେ ଭୋଟ ଦେଇପାରିବେ। ଅଣଭୋଟରଙ୍କୁ ମତଦାନ ଅଧିକାର ପ୍ରଦାନ ସମ୍ପର୍କିତ ନିର୍ବାଚନ କମିଶନଙ୍କ ଏହି ଘୋଷଣା ଉପତ୍ୟକାରେ ଅସନ୍ତୋଷ ଭରିଦେଇଛି। ଭାଜପା ବ୍ୟତୀତ ମୁଖ୍ୟସ୍ରୋତର ରାଜନୈତିକ ଦଳଗୁଡ଼ିକ ଏହାକୁ ପ୍ରତ୍ୟାଖ୍ୟାନ ସହ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ନିଷ୍ପତ୍ତି ପ୍ରତ୍ୟାହାର ଲାଗି ଚାପ ସୃଷ୍ଟି ତଥା ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରିବାକୁ ଗୁପ୍‌କାର ମେଣ୍ଟ ଜରୁରୀ ବୈଠକ କରିଛି। ଭାଜପା ନିଜ ସ୍ୱାର୍ଥ ପାଇଁ ଜମ୍ମୁ-କଶ୍ମୀରକୁ ଏକ ପ୍ରୟୋଗଶାଳାରେ ପରିଣତ କରିଛି। ତେଣୁ ଏହି ଭୂଖଣ୍ଡର ଜନସଂଖ୍ୟା ତତ୍ତ୍ୱରେ କୌଣସି ହେରଫେରକୁ ବରଦାସ୍ତ କରାଯିବ ନାହିଁ ବୋଲି ଆସନ୍ତା ୨୨ରେ ହେବାକୁ ଥିବା ସର୍ବଦଳୀୟ ବୈଠକ ଆହ୍ୱାନ ଅବସରରେ ମତପ୍ରକାଶ ପାଇଛି।

୨୦୧୯ ଅଗଷ୍ଟ ୫ ପର୍ଯ୍ୟନ୍ତ ଜମ୍ମୁ ଓ କଶ୍ମୀର ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୩୭୦ ବଳରେ ସ୍ୱତନ୍ତ୍ର ମାନ୍ୟତା ଲାଭ କରି ବିଶେଷ ସୁବିଧା ପାଇଆସୁଥିଲା। କେନ୍ଦ୍ର ସରକାର ଏହି ଅଧିକାର ଛଡ଼ାଇନେବା ପରେ ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ ହେଲା। ୩ ବର୍ଷ ହେଲା ଏଠାରେ ଉପରାଜ୍ୟପାଳଙ୍କ ଜରିଆରେ କେନ୍ଦ୍ରୀୟ ଶାସନ ଚାଲିଛି। ଅନୁକୂଳ ପାଗ ଦେଖି ନିର୍ବାଚନ କରାଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହୁଥିବାବେଳେ ସୀମା ପୁନଃ ନିର୍ଦ୍ଧାରଣ କମିଶନଙ୍କ ଚୂଡ଼ାନ୍ତ ରିପୋର୍ଟ ପ୍ରକାଶ ପରେ ଉପତ୍ୟକାରେ ରାଜନୈତିକ ବାତାବରଣ ବି ଜମାଟ ବାନ୍ଧିବାରେ ଲାଗିଛି। ୩୭୦ ଉଚ୍ଛେଦକୁ ୩ ବର୍ଷ ବିତିଥିବାବେଳେ କଶ୍ମୀର ଘାଟିରେ ପୁଣି ରକ୍ତମୁଖା ହୋଇଛନ୍ତି ଆତଙ୍କବାଦୀ। ପାକିସ୍ତାନ ସମର୍ଥିତ ତଥା ସ୍ଥାନୀୟ ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ଉପରୋକ୍ତ କେନ୍ଦ୍ରୀୟ ପଦକ୍ଷେପ ଯୋଗୁ ପ୍ରତିଶୋଧ ପରାୟଣ ହୋଇ ବାହାର ଶ୍ରମିକମାନଙ୍କୁ ଗୁଳିକରି ହତ୍ୟା କରୁଛନ୍ତି। ବିଶେଷକରି ଗତ ବର୍ଷକ ମଧ୍ୟରେ ଉତ୍ତରପ୍ରଦେଶ ଓ ବିହାର ସମେତ ହିନ୍ଦୀ ଭାଷୀ ରାଜ୍ୟଗୁଡ଼ିକର ହତାଶ ଯୁବକମାନେ କଶ୍ମୀରରେ ମୂଲ ଲାଗି ଆତଙ୍କବାଦୀଙ୍କ ଚରମ ବର୍ବରତାର ଶିକାର ହେଉଛନ୍ତି। ବାରମ୍ବାର କଶ୍ମୀର ପଣ୍ଡିତଙ୍କ ସମେତ ବାହାର ରାଜ୍ୟଗୁଡ଼ିକର ଲୋକଙ୍କୁ ସ୍ଥାନୀୟ ଆତଙ୍କବାଦୀ ସେମାନଙ୍କ ଅଧିକାର ଛଡ଼ାଇ ନେଉଥିବା ଭାବି ଟାର୍ଗେଟ କିଲିଂ କରୁଛନ୍ତି। ଏଭଳି ସମୟରେ ଭାରତର ନିର୍ବାଚନ କମିଶନ (ଇସିଆଇ) ବାହ୍ୟ ଭୋଟରଙ୍କୁ ଜମ୍ମୁ-କଶ୍ମୀରରେ ରାଜନୈତିକ ମତାଧିକାର ସୁଯୋଗ ଦେବାର ଯଥାର୍ଥତା ଉପରେ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷେ ଭିନ୍ନ ରାଜ୍ୟର ଭୋଟର ଜମ୍ମୁ-କଶ୍ମୀରକୁ କେବଳ କୌଣସି ନିର୍ଦ୍ଦିଷ୍ଟ ଦଳକୁ ଜିତାଇବା ପାଇଁ ନିର୍ବାଚନବେଳେ ଆସି ଏହାକୁ 'ରାଜନୈତିକ ପର୍ଯ୍ୟଟନ'ରେ ପରିଣତ କରିଦେଇପାରନ୍ତି ବୋଲି ଅନେକେ ସନ୍ଦେହ ବ୍ୟକ୍ତ କରିଛନ୍ତି। ଅଣଭୋଟରମାନେ କେନ୍ଦ୍ରଶାସିତ ଅଞ୍ଚଳକୁ ଯାଇ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍‌ର ବଟନ ଦବାଇବା ସୁରକ୍ଷା ଦୃଷ୍ଟିରୁ ଆଦୌ ବିପଦମୁକ୍ତ ନୁହେଁ।

## ୨ ସ୍ଥାନରେ କିପରି ଭୋଟ ଦେବେ ଅସ୍ଥାୟୀ ବାସିନ୍ଦା

ଏହା ଆମର ଜନସଂଖ୍ୟା ତତ୍ତ୍ୱରେ ପରିବର୍ତ୍ତନ ପାଇଁ ଏକ ଉଦ୍ୟମ କି? ଜଣେ ନାଗରିକ ଦୁଇଟି ସ୍ଥାନରେ କିଭଳି ଭୋଟ ଦେଇପାରିବେ? ଯଦି ଜଣେ ବ୍ୟକ୍ତି ବାହାରେ ରହୁଛନ୍ତି ସେ ଏଠାରେ କିପରି ଭାବେ ନିଜ ପ୍ରତିନିଧି ବାଛିବେ? ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ମନ୍ତବ୍ୟ ସାଧାରଣ ଲୋକଙ୍କ ମନରେ ଦ୍ୱନ୍ଦ୍ୱ ଓ ଅସହଜତା ଭରିଦେଇଛି। ୨୦୧୯ ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରର ସ୍ୱତନ୍ତ୍ର ମାନ୍ୟତା ପ୍ରତ୍ୟାହାର ପରେ ପ୍ରଥମ ଥର ପାଇଁ 'ଡେମୋଗ୍ରାଫି' ବଡ଼ ଆଲୋଚ୍ୟ ପ୍ରସଙ୍ଗ ହୋଇଛି। ମହାରାଷ୍ଟ୍ର, ପଞ୍ଜାବ କିମ୍ବା ବେଙ୍ଗାଲୁରୁରେ ପଢୁଥିବା ଆମ ଝିଅପୁଅଙ୍କୁ ସେଠାରେ ମତଦାନ ଅଧିକାର ମିଳିନାହିଁ। ଅନ୍ୟ ରାଜ୍ୟର ଲୋକେ ଏଠାରେ କାହିଁକି ସେହି ଅଧିକାର ପାଇବେ ବୋଲି ଅପ୍‌ନି ପାର୍ଟି ମୁଖ୍ୟ ଅଲ୍‌ତାଫ ବୁଖାରୀ କେନ୍ଦ୍ରଠାରୁ ସ୍ପଷ୍ଟୀକରଣ ଲୋଡ଼ିଛନ୍ତି। ଏହି ଅବସରରେ ଅଲ୍‌ତାଫ୍ ୨୦୨୦ ମାର୍ଚ୍ଚ ୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଜମ୍ମୁ-କଶ୍ମୀରର ଡେମୋଗ୍ରାଫି କେବେ ବଦଳିବ ନାହିଁ ବୋଲି ଦେଇଥିବା ପ୍ରତିଶ୍ରୁତିକୁ ମନେ ପକାଇ ଦେଇଛନ୍ତି।



## ଅଧିକାର ଛଡ଼ାଇବାକୁ ଚକ୍ରାନ୍ତ

ଜମ୍ମୁ ଓ କଶ୍ମୀରରେ ଭାରତର ଅନ୍ୟ ରାଜ୍ୟବାସୀଙ୍କୁ ମତଦାନର ସୁଯୋଗ ଦେବା ସ୍ଥାନୀୟ ଲୋକଙ୍କ ରାଜନୈତିକ ଅଧିକାର ଛଡ଼ାଇବା ପାଇଁ କେନ୍ଦ୍ର ସରକାରଙ୍କ ଏକ ସୁପରିକଳ୍ପିତ ଷଡ଼ଯନ୍ତ୍ର ବୋଲି ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ପ୍ରତିବାଦ କରିଛି। ଉପତ୍ୟକାକୁ ଅସ୍ଥାୟୀ ଭାବେ ଆସି ରହୁଥିବା ଲୋକଙ୍କୁ ଏଠାରେ ଭୋଟିଂ ଅଧିକାର ଦିଆଯିବା ଅନୁଚିତ। ପ୍ରଥମ କାରଣ ହେଲା ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ବୁଧବାର କରିଥିବା ଘୋଷଣାରେ ସ୍ପଷ୍ଟତା ନାହିଁ। ସାଧାରଣ ଭାବେ ବସବାସ କରୁଥିବା ନାଗରିକଙ୍କ ଯୋଗ୍ୟତା କ'ଣ? ପର୍ଯ୍ୟଟକ ଓ ଯାତ୍ରୀମାନେ ଏଠାରେ ଭୋଟର ହୋଇପାରିବେ କି ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବ୍‌ଦୁଲ୍ଲାଙ୍କ ଦଳ ପ୍ରଶ୍ନ କରିଛି। ଫାରୁକ୍‌ଙ୍କ ନେତୃତ୍ୱାଧୀନ ତଥା ୫ ଦଳକୁ ନେଇ ଗଠିତ ପିପୁଲ୍ସ ଆଲାଏନ୍ସ ଫର ଗୁପ୍‌କାର ଡିକ୍ଲାରେଶନ୍ (ପିଏଜିଡି) ନେତାମାନେ ଆସନ୍ତା ୨୨ ତାରିଖରେ ଏସବୁ ଉପରେ ଆଲୋଚନା କରିବେ।

## କ'ଣ କହିଥିଲେ କମିଶନ

ନିର୍ବାଚନ କମିଶନଙ୍କ ଜମ୍ମୁ-କଶ୍ମୀର ପ୍ରତିନିଧି ତଥା କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ହିର୍ଦେଶ କୁମାର ଗତ ଗୁରୁବାର କହିଥିଲେ, ୨୦୧୯ ଜାନୁୟାରୀ ୧ ପରଠାରୁ ଭୋଟର ତାଲିକାର ସ୍ୱତନ୍ତ୍ର ସାରାଂଶ ସମୀକ୍ଷା କରାଯାଉଛି। ଏହି କେନ୍ଦ୍ରଶାସିତ ଅଞ୍ଚଳର ମୂଳ ଭୋଟର ତାଲିକାରେ ଅତିରିକ୍ତ ପ୍ରାୟ ୨୫ ଲକ୍ଷ ନୂଆ ମତଦାତାଙ୍କ ନାମ ଯୋଡ଼ାଯିବ। ୩୭୦ ଉଚ୍ଛେଦ ପରେ ଜମ୍ମୁ-କଶ୍ମୀରକୁ ଆସି ରହୁଥିବା ବ୍ୟକ୍ତି ଏଠାରେ 'ସାଧାରଣ ଭାବେ ବସବାସ କରୁଥିବା ବ୍ୟକ୍ତି' ରୂପେ ବିବେଚିତ ହେବେ। ବାହାର ଲୋକେ ମଧ୍ୟ ଜମ୍ମୁ-କଶ୍ମୀରର ଆସନ୍ତା ବିଧାନସଭା ନିର୍ବାଚନରେ ଭୋଟ ଦେଇପାରିବେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୯,୯୨,୯୧,୮୬୫ | ୬୪,୬୭,୬୨୪ | ୫୬,୩୩,୦୬,୯୭୨ |
| ଭାରତ | ୪,୪୩,୧୪,୬୧୮ | ୫,୨୭,୨୫୩ | ୪,୩୬,୮୫,୫୩୫ |
| ଓଡ଼ିଶା | ୧୩,୨୪,୦୬୯ | ୯୧୭୧(+୫୩) | ୧୩,୧୨,୪୪୯ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର



ଲୋକସେବା ଭବନ ନୂତନ ସମ୍ମିଳନୀ କକ୍ଷରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସି ମାଧ୍ୟମରେ ୫୫୦ ଟେକ୍ନିସିଆନଙ୍କୁ ମାର୍ଗଦର୍ଶନ କରାଉଛନ୍ତି। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ୍।

# କାର୍ଯ୍ୟରେ ଯୋଗଦେଲେ ୫୫୦ ଟେକ୍ନିସିଆନ

## ବୃତ୍ତିଗତ ଶୈଳୀରେ କାର୍ଯ୍ୟ କର: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୯।୮ (ବ୍ୟୁରୋ)

ସ୍ୱାସ୍ଥ୍ୟସେବାକୁ ଅଧିକ ଉନ୍ନତ କରିବା ଲାଗି ରାଜ୍ୟ ସରକାର ୫୫୦ ଲାବରେଟୋରି ଟେକ୍ନିସିଆନଙ୍କୁ ନିଯୁକ୍ତି ଦେଇଛନ୍ତି। ଲୋକସେବା ଭବନର ନୂତନ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସି ମାଧ୍ୟମରେ ଯୋଡ଼ିହୋଇ ସମ୍ପୃକ୍ତ ଅଧିକାରୀଙ୍କ ମାର୍ଗଦର୍ଶନ କରିଛନ୍ତି। ରୋଗୀଙ୍କୁ ସମ୍ମାନର ସହ ଚିକିତ୍ସା କରିବା ଏବଂ ବୃତ୍ତିଗତ ଶୈଳୀରେ କାର୍ଯ୍ୟ କରିବାକୁ ସେ ନବନିଯୁକ୍ତ ଟେକ୍ନିସିଆନଙ୍କୁ ପରାମର୍ଶ ଦେଇଛନ୍ତି। ୫-ଟି ଉପକ୍ରମର ଗୁରୁତ୍ୱ ସମ୍ପର୍କରେ ସୂଚନାଦେଇ ମୁଖ୍ୟମନ୍ତ୍ରୀ କହିଲେ, ଏହା କ୍ୟାରିଅରର ପ୍ରମୁଖ ନୀତି ହେବା ଆବଶ୍ୟକ। ଜନସାଧାରଣ ହେଉଛନ୍ତି ଗଣତନ୍ତ୍ରର ଆତ୍ମା। ତେଣୁ ରାଜ୍ୟ ସରକାର ଲୋକଙ୍କ ଆବଶ୍ୟକତାକୁ ସର୍ବାଧିକ ପ୍ରାଥମିକତା ଦେଇଆସିଛନ୍ତି। ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଲାଗି ଗତ ମାସରେ ୫୧୦ ଜଣ ମେଡିକାଲ ଅଧିକାରୀ ନିଯୁକ୍ତି ପାଇଥିଲେ। ଏହାପରେ ଥରକରେ ୫୫୦ ଲାବ୍ ଟେକ୍ନିସିଆନ ନିଯୁକ୍ତ ହୋଇଛନ୍ତି, ଯାହାକୁ ନେଇ ମୁଖ୍ୟମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, 'ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା' ହେଉଛି ତାଙ୍କ ଶାସନର ମାର୍ଗଦର୍ଶିକା। ଏହା ହାସଲ କରିବାକୁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ।

ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ସ୍ୱାସ୍ଥ୍ୟକ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ଭିଜନ ସମ୍ପର୍କରେ ଆଲୋକପାତ କରିଥିଲେ। ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ଉନ୍ନତି ଅଣାଯାଉଥିବା ମନ୍ତ୍ରୀ ସୂଚନା ଦେଇଥିଲେ। ଏହି ଉପଲକ୍ଷେ ସୌମ୍ୟରଞ୍ଜନ ବେହେରା, ଲିଜା ପଟ୍ଟନାୟକ ଏବଂ ଅଭୟ ସାସମଲ ପ୍ରମୁଖ ୩ ନବନିଯୁକ୍ତ ଟେକ୍ନିସିଆନ ସେମାନଙ୍କ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ପ୍ରଭାବଶାଳୀ ଢଙ୍ଗରେ ସେମାନେ ଲୋକଙ୍କ ସେବା କରିବା ଲାଗି ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି। କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ସଞ୍ଚାଳନ କରିଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ପ୍ରମୁଖ ସଚିବ ନିକୁଞ୍ଜ ଧଳ ସ୍ୱାଗତ ଭାଷଣ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ଧନ୍ୟବାଦ ଦେଇଥିଲେ।

# ଯୁକ୍ତ୨ ନାମଲେଖା ଆରମ୍ଭ

## ନାମଲେଖା ଅବଧି ବୃଦ୍ଧି କରିବାକୁ ଦାବି

ଭୁବନେଶ୍ୱର, ୧୯।୮ (ବ୍ୟୁରୋ)

**ପ୍ରଥମଦିନ ନାମଲେଖାଇଲେ ୫୦ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର**

ରାଜ୍ୟର ସମସ୍ତ ଉଚ୍ଚ ମାଧ୍ୟମିକ ସ୍କୁଲରେ ଯୁକ୍ତ୨ ନାମଲେଖା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ପ୍ରଥମଦିନ ମୋଟ ୫୦,୫୭୬ଜଣ ନାମ ଲେଖାଇଛନ୍ତି। ଏଥିମଧ୍ୟରୁ କଳାରେ ୨୬,୪୮୭, ବିଜ୍ଞାନରେ ୧୮,୧୪୭, ବାଣିଜ୍ୟରେ ୪,୪୦୨, ଉପଶାସ୍ତ୍ରୀରେ ୭୬୨ ଓ ଧନ୍ଦାମୂଳକ ଶିକ୍ଷାରେ ୭୭୮ଜଣ ରହିଛନ୍ତି। ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ନାମଲେଖା ପ୍ରକ୍ରିୟା ସକାଳ ୯ଟାରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ଚାଲିବ। ପ୍ରଥମ ପର୍ଯ୍ୟାୟରେ ଯୋଗ୍ୟ ବିବେଚିତ ୪ଲକ୍ଷ ୪ହଜାର ୪୦୦ ଛାତ୍ରୀଛାତ୍ର ନାମ ଲେଖାଇବେ। ଏକ ଘଣ୍ଟାରେ ୧୫ଜଣ ଆବେଦନକାରୀଙ୍କ ନାମଲେଖା ହେବ। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ମାର୍ଗଦର୍ଶିକା ଜାରି ହୋଇଛି। ପ୍ରଥମ ପର୍ଯ୍ୟାୟରେ ନାମଲେଖାଇଥିବା ଛାତ୍ରୀଛାତ୍ର ୨୫ରୁ ୨୭ ତାରିଖ ପର୍ଯ୍ୟନ୍ତ ସ୍ଲାଇଡ୍-ଅପ୍ କରିପାରିବେ। ସେପ୍ଟେମ୍ବର ୨ରେ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ ଓ ୫ରୁ ୭ ତାରିଖ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ହେବ।

ସେପଟେ ଯୁକ୍ତ୨ ନାମଲେଖା ଅବଧି ବୃଦ୍ଧି କରିବା ପାଇଁ ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ ନିବେଦନ କରାଯାଇଛି। ମହାସଂଘ କହିଛି, ରାଜ୍ୟରେ ଏବେ ବନ୍ୟା ସ୍ଥିତି ଜଟିଳ ରହିଛି। କେଉଁଠି ଘରେ ପାଣି ପଶିଛି ତ, କେଉଁଠି ଗାଁ ସମ୍ପୂର୍ଣ୍ଣ ଜଳମଗ୍ନ। ପୁଣି ଆଉ କେଉଁଠି ବାହ୍ୟ ଜଗତରୁ ରାସ୍ତା ବିଚ୍ଛିନ୍ନ ହୋଇଛି। ଫଳରେ ପିଲାମାନେ ଆବଶ୍ୟକ ପ୍ରମାଣପତ୍ର ନେଇ ନାମଲେଖାଇବା ଅସମ୍ଭବ। ଏବେ ପୁଣି ଆଉଏକ ଲଘୁଚାପ ବନ୍ୟା ପ୍ରଭାବିତଙ୍କ ସମସ୍ୟା ବଢ଼ାଇ ଦେଇଛି। ତେଣୁ ଏଭଳି ପରିସ୍ଥିତିରେ ଯୁକ୍ତ୨ ଓ ଅନ୍ୟାନ୍ୟ ନାମଲେଖା ପ୍ରକ୍ରିୟାକୁ ଅତି କମ୍‌ରେ ଗୋଟିଏ ସପ୍ତାହ ବୃଦ୍ଧି କରିବା ପାଇଁ ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦାବି ଜଣାଇଛନ୍ତି। ଅପରପକ୍ଷେ ରାଜ୍ୟରେ ବନ୍ୟା ସ୍ଥିତିକୁ ଦେଖି ଯୁକ୍ତ୨ ନାମଲେଖା ଅବଧି ବୃଦ୍ଧି କରାଯାଇପାର ବୋଲି ପୂର୍ବରୁ ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଥିଲା। ଏପରି କି ଏ ନେଇ ରାଜ୍ୟ ସରକାରଙ୍କ ଅନୁମତି ଲୋଡ଼ା ଯାଇଥିବା ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଥିଲା। ନାମଲେଖା ଅବଧି ବୃଦ୍ଧି କରାଗଲେ ବହୁ ଛାତ୍ରୀଛାତ୍ର ଉପକୃତ ହେବେ ବୋଲି ଶିକ୍ଷାବିତମାନେ ମତପ୍ରକାଶ କରିଛନ୍ତି।

# ପ୍ରାଣୀଧନ ଚିକିତ୍ସା, ଟିକାକରଣରେ ୟୁଜର୍ସ ଫି' ଛାଡ଼

ଭୁବନେଶ୍ୱର, ୧୯।୮ (ବ୍ୟୁରୋ)

ରାଜ୍ୟରେ ବନ୍ୟା ପରିସ୍ଥିତି ଜାରି ରହିଥିବାବେଳେ ପ୍ରାଣୀଧନ ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଭାବିତ ପ୍ରାଣୀସମ୍ପଦଙ୍କ ଚିକିତ୍ସା ଓ ଟିକାକରଣ ଆଦିକୁ ୟୁଜର୍ସ ଫି' ଛାଡ଼ କରାଯାଇଛି। ଏହାକୁ କୃଷି ଓ କୃଷକ ସଶକ୍ତୀକରଣ ତଥା ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଅନୁମୋଦନ କରିଛନ୍ତି। ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ପ୍ରାଣୀ ଚିକିତ୍ସାଳୟ ଓ ବିଭାଗ ପକ୍ଷରୁ ଆୟୋଜିତ ପ୍ରାଣୀଧନ ଚିକିତ୍ସା ଶିବିରରେ ରିଲିଫ ପଦକ୍ଷେପ ସ୍ୱରୂପ ୧୫ ଦିନ ପର୍ଯ୍ୟନ୍ତ ଏହି ସୁବିଧା ଉପଲବ୍ଧ ହେବ। ପ୍ରାଣୀଧନଙ୍କ ରକ୍ତ, ମଳ ଆଦି ବିଭିନ୍ନ ପରୀକ୍ଷା ପାଇଁ ୟୁଜର୍ସ ଫି' ନିଆଯିବ ନାହିଁ। ଏଥିସହିତ ବନ୍ୟା ପ୍ରଭାବିତ ଅଞ୍ଚଳରେ ବ୍ୟାପକ ଭାବେ ମାଗଣା ପ୍ରାଣୀ ଚିକିତ୍ସା ଶିବିର ଆୟୋଜନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହାବ୍ୟତୀତ ଏସ୍‌ଡିଆର୍‌ଏଫ୍ ମାର୍ଗଦର୍ଶିକା ଅନୁସାରେ ଗୋପାଳନରେ ନିୟୋଜିତ ଚାଷୀଙ୍କୁ ଗୋଖାଦ୍ୟ ଯୋଗାଇବା ପାଇଁ କୁହାଯାଇଛି। ବନ୍ୟା ବିପନ୍ନ ପ୍ରାଣୀଧନର ସୁରକ୍ଷା ଓ ତୁରନ୍ତ ଚିକିତ୍ସାକୁ ରାଜ୍ୟ ସରକାର ପ୍ରାଥମିକତା ପ୍ରଦାନ କରୁଥିବାବେଳେ କ୍ଷେତ୍ର ଅଧିକାରୀଙ୍କୁ ଏ ଦିଗରେ ଜରୁରିକାଳୀନ ପଦକ୍ଷେପ ନେବା ପାଇଁ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ ସମସ୍ତ ଜିଲାପାଳ ଓ ମୁଖ୍ୟ ଜିଲା ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ପତ୍ର ଲେଖିଛନ୍ତି।

# ବିସ୍ଫୋରକ ନେଇ ଯାଉଥିବା ୨ ମାଓବାଦୀ ଗିରଫ



ଗିରଫ ୨ ମାଓବାଦୀ।

ମାଲକାନଗିରି, ୧୯।୮ (ସ୍ୱ.ପ୍ର./ଡି.ଏନ୍.ଏ.)

ମାଲକାନଗିରି ସୀମାନ୍ତ ଛତିଶଗଡ଼ ରାଜ୍ୟ ସୁକ୍‌ମା ଜିଲା ଚିନ୍ତାଗୁମ୍ଫା ଅଞ୍ଚଳରେ ଟ୍ରାକ୍ଟରରେ ବିସ୍ଫୋରକ ନେଇ ଯାଉଥିବା ୨ଜଣ ମାଓବାଦୀଙ୍କୁ ଯବାନମାନେ ଗିରଫ କରିଛନ୍ତି। ସେମାନେ ହେଲେ ମାଡଭି ମୋଟୁ ଏବଂ ମୁଚାକି ଦେବା। ଶୁକ୍ରବାର ସକାଳେ ଚିନ୍ତାଗୁମ୍ଫା ପୋଲିସ ଓ ସିଆର୍‌ପିଏଫ୍ ଯବାନମାନେ କୋମ୍ବିଂ ଅପରେଶନରେ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ଏହି ସମୟରେ ଦ୍ରୁତଗତିରେ ଯାଉଥିବା ଏକ ଟ୍ରାକ୍ଟରକୁ ସନ୍ଦେହ କରି ଯବାନମାନେ ପିଛା କରି ତାହାକୁ ଅଟକାଇଥିଲେ। ପରେ ଟ୍ରାକ୍ଟର ଯାଞ୍ଚବେଳେ ସେଥିରୁ ୧୦ ଡିଟୋନେଟର, ୧୫ ମିଟର କର୍ଡେକ୍ସ ତାର, ୪ଟି ଜେଲାଟିନ୍ ରଡ୍, ୧୦୦ ମିଟର ଇଲେକ୍ଟ୍ରିକ୍ ତାର ଓ ବହୁ ପରିମାଣର ରାଶନ ସାମଗ୍ରୀ ମିଳିଥିଲା। ଯବାନମାନେ ସେଗୁଡ଼ିକୁ ଜବତ କରି ଗାଡିରେ ଥିବା ୨ଜଣଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲେ। ଉଭୟ ଚିନ୍ତାଗୁମ୍ଫା ମାଓବାଦୀ ଦଲମ୍‌ର ସକ୍ରିୟ ସଦସ୍ୟ। ଏହି ସାମଗ୍ରୀଗୁଡିକୁ ମାଓବାଦୀଙ୍କ କ୍ୟାମ୍ପକୁ ନିଆଯାଉଥିଲା ବୋଲି ଗିରଫ ମାଓବାଦୀମାନେ ପୋଲିସ ଆଗରେ କହିଛନ୍ତି। ଉଭୟଙ୍କୁ ପୋଲିସ ଅଧିକ ପଚରାଉଚରା କରୁଛି।



ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ କନ୍ଧମାଳ ଜିଲା ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡ଼ି ବ୍ଲକ ତିଲୋରୀ ପଞ୍ଚାୟତର ସାମନବା ଗ୍ରାମ ନିକଟରେ ଥିବା ପୋଲର ପାର୍ଶ୍ୱ ରାସ୍ତା ଧୋଇହୋଇ ଧସିଯାଇଛି।

# ନାମଲେଖା କଟକଣା ହଟାଇଲା ଉଚ୍ଚଶିକ୍ଷା ବିଭାଗ

ଭୁବନେଶ୍ୱର, ୧୯।୮ (ବ୍ୟୁରୋ)

କରୋନା ମହାମାରୀ ଯୋଗୁ ସୃଷ୍ଟି ହୋଇଥିବା ଆର୍ଥିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୨୦୨୨-୨୩ ଶିକ୍ଷାବର୍ଷ ପାଇଁ ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ନାମଲେଖା ଉପରେ ଜାରି କରାଯାଇଥିବା କଟକଣାକୁ ହଟାଇ ଦେଇଛନ୍ତି। ଏ ନେଇ ଶୁକ୍ରବାର ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି ହୋଇଛି। ଫଳରେ ଏଣିକି ବେସରକାରୀ ମହାବିଦ୍ୟାଳୟ/ଶିକ୍ଷାନୁଷ୍ଠାନଗୁଡ଼ିକ ଚଳିତ ଶିକ୍ଷାବର୍ଷ ଲାଗି ନାମଲେଖା ପାଇଁ ଆବେଦନପତ୍ର ଗ୍ରହଣ କରିପାରିବେ। ଏ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆଞ୍ଚଳିକ ନିର୍ଦ୍ଦେଶକଙ୍କୁ ଚିଠି ଲେଖି ଜଣାଯାଇଛି।

# ମଧ୍ୟାହ୍ନଭୋଜନ ସଉଦା ଆଣୁଛନ୍ତି ଛାତ୍ର

ବାଲେଶ୍ୱର ଅଫିସ, ୧୯।୮

**ଭିଡିଓ ଭାଇରାଲ ପରେ ଚର୍ଚ୍ଚା**

ବାଲେଶ୍ୱର ଜିଲା ବସ୍ତା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଧୀନ ସଦାନନ୍ଦପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ଜଣେ ୩ୟ ଶ୍ରେଣୀ ଛାତ୍ର ପ୍ରଧାନ ଶିକ୍ଷକଙ୍କ ନିର୍ଦ୍ଦେଶରେ ମଧ୍ୟାହ୍ନଭୋଜନ ପାଇଁ ସଉଦା ଆଣିବାକୁ ଯାଇଥିଲେ। ଏହି ଭିଡ଼ିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେବା ପରେ ସାଧାରଣରେ ଚର୍ଚ୍ଚା ଆରମ୍ଭ ହୋଇଛି। ସ୍ଥାନୀୟ ଲୋକେ ଏହାର ପ୍ରତିବାଦ କରିବା ସହ ତଦନ୍ତ ପାଇଁ ଦାବି କରିଛନ୍ତି।

ବିଦ୍ୟାଳୟରେ ଯେଉଁଠି ସରକାର ବସ୍ତାନୀ ବୋଝ ବୋହିବାକୁ କୁନି ପିଲାଙ୍କୁ ବାରଣ କରାଯାଇଛି, ସେଠାରେ ଶିକ୍ଷକ ପରିବା ଓ ସଉଦା ବ୍ୟାଗ ବୁହାଉଛନ୍ତି। ତାହା ବିଦ୍ୟାଳୟ ଗାଇଡ଼ଲାଇନକୁ ଉଲ୍ଲଂଘନ କରୁଛି। ଶୁକ୍ରବାର ପୂର୍ବାହ୍ଣ ୧୧ଟା ବେଳେ ବିଦ୍ୟାଳୟର ଜଣେ ୩ୟ ଶ୍ରେଣୀ ଛାତ୍ର ସ୍ଥାନୀୟ ଦୋକାନରୁ ମଧ୍ୟାହ୍ନଭୋଜନ ରୋଷେଇ ଲାଗି ସଉଦା ଆଣିବାକୁ ଯାଇଥିଲେ। ଜଣେ ଗ୍ରାମବାସୀ ଏହାର ଭିଡିଓ କରିବା ସହ ପିଲାଟିକୁ ପଚରାଉଚୁରା କରିବାରୁ ତାଙ୍କୁ ପ୍ରଧାନଶିକ୍ଷକ ପ୍ରତ୍ୟେକ ଦିନ ସଉଦା ଆଣିବାକୁ ପଠାନ୍ତି ବୋଲି ସେ କହିଥିଲେ।

ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ବିଜୟ କୁମାର ପରିଡ଼ା କହିଛନ୍ତି, ଛାତ୍ରଙ୍କ ବଡ଼ବାପାଙ୍କ ଦୋକାନ ସ୍କୁଲ ସମ୍ମୁଖରେ। ସେ ସଉଦା ହୋଇଯାଇଥିବା ଫୋନ୍ କରି କହିଥିଲେ। ମୁଁ ଟିକେ ବ୍ୟସ୍ତ ଥିବାରୁ ଉକ୍ତ ଛାତ୍ରଙ୍କୁ ବଡ଼ବାପାଙ୍କ ଦୋକାନରୁ ସଉଦା ଆଣିବା ପାଇଁ ପଠାଇଥିଲି। ମଧ୍ୟାହ୍ନଭୋଜନ ପାଇଁ ସହାୟିକା ନ ଥିବା ବେଳେ ଜଣେ ପାଚିକା କାମ ଚଳାଉଥିବାରୁ ବିଭିନ୍ନ ସମୟରେ ଶିକ୍ଷକ ଓ ଛାତ୍ରମାନେ ସାହାଯ୍ୟ କରିଥାନ୍ତି ବୋଲି ପ୍ରକାଶ କରଛନ୍ତି।



ସଉଦା ବ୍ୟାଗ୍ ସହ ତୃତୀୟ ଶ୍ରେଣୀ ଛାତ୍ର

**STATE INSTITUTE OF HOTEL MANAGEMENT, BALANGIR**
Titilagarh Road, Balangir - 767001 (Odisha)
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA) NCHMCT

**ADMISSION OPEN FOR HOTEL MANAGEMENT COURSES**

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. B.Sc In Hospitality & Hotel Administration | 03 Years | 10+2 pass or equivalent with English one of the subjects (Minimum 45% marks) | 25 Years as on 1st July 2022 for General/ OBC candidates & 28 Years for SC/ST candidates |
| 2. Diploma In Front Office Operation | 1½ Year | 10+2 pass or equivalent | |
| 3. Diploma In Food & Beverage Service | 1½ Year | 10+2 pass or equivalent | |
| 4. Diploma In Food Production | 1½ Year | 10+2 pass or equivalent | |
| 5. Diploma In Housekeeping Operation | 1½ Year | 10+2 pass or equivalent | |
| 6. Craftsmanship Certificate Course In Food & Beverage Service | 06 Months | 10th pass | |
| 7. Craftsmanship Certificate Course In Food Production | 1½ Year | 10th pass | |

FOR FURTHER DETAILS
Visit our website - www.sihmbalangir.org, e-mail: admissions@sihmbalangir.org
Contact No. 8447903803, 9348849484



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ରିହାନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


**ଆଜିର ମନ୍ତବ୍ୟ**

"୨୦୨୪ ସାଧାରଣ ନିର୍ବାଚନରେ ଲଢ଼େଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଏଏପି ନେତା ଅରବିନ୍ଦ କେଜ୍‌ରିୱାଲଙ୍କ ମଧ୍ୟରେ ହେବ।
-ସଞ୍ଜୟ ସିଂ, ଏଏପି ରାଷ୍ଟ୍ରୀୟ ମୁଖପାତ୍ର

# ସାନଭାଇକୁ ମାରିବାକୁ ଦେଇଥିଲେ ଲକ୍ଷେ ଟଙ୍କାର ସୁପାରି


ମୃତ ଅଜୁ ଦୋରା


ଗିରଫ ମୁଖ୍ୟ ଷଡଯନ୍ତ୍ରକାରୀ ମୁନା ଦୋରାଙ୍କ ସମେତ ୪ ଅଭିଯୁକ୍ତ।

## ମା' ସମ୍ମୁଖରେ ପୁଅକୁ ହତ୍ୟା ଘଟଣା

- ହତ୍ୟା ଘଟଣାରେ ବଡ଼ବାପା ପୁଅ ସମେତ ୪ ଗିରଫ
- ଖଣ୍ଡା, ଚାଇନା ଛୁରି, ବାଇକ୍ ସହ ଟଙ୍କା ଜବତ
- ହତ୍ୟାକାଣ୍ଡର ଡେମୋ ଦେଖାଇଲେ ଅଭିଯୁକ୍ତ

**ବଲାଙ୍ଗୀର ଅଫିସ, ୧୯।୮**

ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ପରିସରରେ ଗତ ୧୬ ତାରିଖ ସକାଳେ ଘଟିଥିବା ଅଜୁ ଦୋରା (୨୫) ହତ୍ୟା ଘଟଣାର ପର୍ଦ୍ଦାଫାଶ ହୋଇଛି। ପାରିବାରିକ କଳହ ସାଂଘାତିକ ରୂପ ନେବା ପରେ ୧ ଲକ୍ଷ ଟଙ୍କା ସୁପାରି ଦେଇ ବଡବାପା ପୁଅ ଭାଇ ନିଜ କାକା ପୁଅ ଭାଇକୁ ହତ୍ୟା କରିଥିବା ଜଣାପଡିଛି। ଏହି ହତ୍ୟା ଘଟଣାରେ ମୁଖ୍ୟ ଷଡଯନ୍ତ୍ରକାରୀଙ୍କ ସମେତ ୪ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସୁଦପଡାର ମୁନା ଦୋରା (୨୭), ଲଳିତନଗରର ରାହୁଲ ପାଣିଗ୍ରାହୀ (୨୭), ନୂଆପଡାର ସୋମ ପୁଞ୍ଜି (୨୪) ଓ ବ୍ରାହ୍ମଣପଡାର ଚନ୍ଦ୍ର ପଧାନ (୨୭)। ସେମାନଙ୍କ ମଧ୍ୟରୁ ଦୁଇଜଣ ଅଭିଯୁକ୍ତ ହସ୍ପିଟାଲ ପରିସରରେ ପୋଲିସକୁ ହତ୍ୟାକାଣ୍ଡର ଡେମୋ ଦେଖାଇଛନ୍ତି। ବଲାଙ୍ଗୀର ଏସ୍‌ପି ନୀତିନ କୁଶଲକର ଶୁକ୍ରବାର ଜିଲା ପୋଲିସ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ କରି ଏହି ଚର୍ଚ୍ଚିତ ହତ୍ୟା ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି। ବଲାଙ୍ଗୀରର ସୁଦପଡା ନିବାସୀ ଅଜୁ ଦୋରାଙ୍କ ସହ ତାଙ୍କ ବଡବାପା ପୁଅ ମୁନାଙ୍କର ପ୍ରାୟ ଦୁଇ ମାସ ପୂର୍ବରୁ ରାସ୍ତାକଡରେ ଫଳ ଦୋକାନ ଲଗାଇବାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏହି ଘଟଣା ପରେ ମୁନା ନିଜ କାକାପୁଅ ଭାଇ ଅଜୁଙ୍କୁ ହତ୍ୟା କରିବା ପାଇଁ ଯୋଜନା କରିଥିଲେ। ଏଥିସକାଶେ ସେ ୧ ଲକ୍ଷ ଟଙ୍କାର ସୁପାରି ମଧ୍ୟ ଦେଇଥିଲେ। ମୁଖ୍ୟ ଷଡ଼ଯନ୍ତ୍ରକାରୀ ଅଭିଯୁକ୍ତ ମୁନା ପ୍ରଥମେ ଲଳିତନଗରର ରାହୁଲଙ୍କୁ ସୁପାରି ଦେଇଥିଲେ।

ସୁପାରି ପାଇବା ପରେ ସେ ବ୍ରାହ୍ମଣପଡାର ଚନ୍ଦ୍ରଙ୍କୁ ସାଥୀ କରିଥିଲେ। ଉଭୟ ହତ୍ୟା ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ଏହାପରେ ସେମାନେ ସୋମଙ୍କୁ ହତ୍ୟା ଯୋଜନା ସମ୍ପର୍କରେ କହିଥିଲେ। ପରେ ତିନି ଜଣ ମିଳିତ ଭାବେ ଅଜୁଙ୍କୁ ହତ୍ୟା କରିବାକୁ ଯୋଜନା କରି ଏକାଧିକ ଥର ଉଦ୍ୟମ କରିଥିଲେ। ଏଥିସକାଶେ ସେମାନେ ମୁନାଙ୍କଠାରୁ ପ୍ରଥମେ ୩୦ ହଜାର ଟଙ୍କା ଆଡଭାନ୍ସ ଆକାରରେ ନେଇଥିଲେ। ଘଟଣା ଦିନ ଅଜୁ ନିଜ ମାଆ ଜୟନ୍ତୀଙ୍କୁ ଏକ ସ୍କୁଟିରେ ବସାଇ ଆସୁଥିବା ବେଳେ ପୂର୍ବରୁ ଜଗି ରହିଥିବା ଅଭିଯୁକ୍ତ ସୋମ ଏକ ଖଣ୍ଡାରେ ତାଙ୍କ ମୁଣ୍ଡକୁ ଦୁଇ ଚୋଟ ମାରିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ତାଙ୍କ ମା' ଜୟନ୍ତୀଙ୍କୁ ଆକ୍ରମଣ କରି ଅଭିଯୁକ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ। ହତ୍ୟା କରିବା ପରେ ଅଭିଯୁକ୍ତମାନେ ମୁନାଙ୍କ ଠାରୁ ବାକି ଥିବା ସୁପାରି ଟଙ୍କା ନେଇଥିଲେ। ପୋଲିସ ଏହି ଘଟଣାରେ ଗିରଫ ଚାରି ଜଣ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନଙ୍କଠାରୁ ପୋଲିସ ହତ୍ୟାକାଣ୍ଡରେ ବ୍ୟବହୃତ ଖଣ୍ଡା, ଚାଇନା ଛୁରି, ୯୫୦୦ ଟଙ୍କା, ୫ଟି ମୋବାଇଲ, ଏକ ଗାମୁଛା ଏବଂ ପଲସର ବାଇକ୍ (ଓଡି୩୧ଏଚ୍ ୨୯୯୮) ଜବତ କରିଛି।

# ସୀମାନ୍ତରେ ମାଓବାଦୀ-ଯବାନ ଗୁଳି ବିନିମୟ

**ମାଲକାନଗିରି, ୧୯।୮ (ସ୍ୱ.ପ୍ର.)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲାର ବିଜାପୁର ନିକଟସ୍ଥ ଦମେରାତୋଗୁ ଜଙ୍ଗଲରେ ଶୁକ୍ରବାର ମାଓବାଦୀ-ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଜଙ୍ଗଲରେ ମାଓବାଦୀଙ୍କ ଶିବିର ଚାଲିଥିବା ସୂଚନା ପାଇ ଡିଆରଜି ଯବାନ ମାନେ କୋମ୍ବିଂ ଅପରେଶନ କରିଥିଲେ। ଯବାନଙ୍କୁ ଦେଖି ମାଓବାଦୀମାନେ ପ୍ରଥମେ ଗୁଳି ଚଳାଇଥିଲେ। ଯବାନମାନେ ମଧ୍ୟ ଏହାର ପାଲଟା ଜବାବ ଦେଇଥିଲେ। ଦୀର୍ଘ ସମୟ ଧରି ଉଭୟପକ୍ଷଙ୍କ ମଧ୍ୟରେ ଗୁଳି ବିନିମୟ ଜାରି ରହିଥିଲା। ଶେଷରେ ଯବାନମାନଙ୍କୁ ମୁକାବିଲା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ଜଙ୍ଗଲ ଭିତରକୁ ପଳାଇଥିଲେ। ଏହି ଗୁଳି ବିନିମୟରେ କେହି ମୃତାହତ ହୋଇନାହାନ୍ତି। ଜଙ୍ଗଲରେ କୋମ୍ବିଂ ଅପରେଶନ ଜାରିରହିଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗାଆଁ ମୁଣ୍ଡ ଘର ଚୋରକୁ
ବୁଢ଼ା କାଳ ବିଭା ପରକୁ।**

ସାଇ ପଡ଼ିଶା ପାଖ ଛାଡି ଗାଁ ମୁଣ୍ଡର ଏକୁଟିଆ ସ୍ଥାନରେ ଘର କରି ରହିଲେ ମନ ମଧ୍ୟରେ ଚୋରି ଯିବାର ଭୟ ଦେଖାଦେଇଥାଏ। ସେହିପରି ବୃଦ୍ଧକାଳେ ତରୁଣୀଟିଏକୁ ବାହାହେଲେ ସେ ସ୍ତ୍ରୀ ଭବିଷ୍ୟତରେ ପରପୁରୁଷର ପ୍ରୀତିରେ ଯେ ମଜ୍ଜି ନ ରହିବ ଏ ପ୍ରକାରର ଆଶଙ୍କା ସର୍ବଦା ମନକୁ ଆନ୍ଦୋଳିତ କରି ବସୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଗୁପ୍ତ ଦାନର ଗୁଣ ବେଶି
ଗୁପ୍ତ ପାପର ଖୁଣ ବେଶି।**

ଗୁପ୍ତ ଦାନର ପ୍ରତିଫଳନରେ ଅଶେଷ ପୁଣ୍ୟ ଅର୍ଜନ ହୋଇଥାଏ। ସେହିପରି ଗୁପ୍ତ ବା ଅବୈଧ ପ୍ରେମ ଯେ କେବଳ ଅନୈତିକ ତାହା ନୁହେଁ, ବରଂ ପାପ କହିଲେ ଭୁଲ୍ ହୋଇ ନ ଥାଏ। ଆଉ ଏପରି ପାପ କାର୍ଯ୍ୟକଳାପର ଅନ୍ତ ସର୍ବଦା କରୁଣ ଓ ଭୟଙ୍କର ହୋଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

## ପ୍ରଥମ ପୃଷ୍ଠାରୁ...

### ୪ ଜିଲାକୁ ...

ବିଭାଗ ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ତେବେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଜିଲାରେ ପବନର ବେଗ ଘଣ୍ଟା ପ୍ରତି ୫୦ରୁ ୬୦ କିମି ରହିବ। ସେହିପରି କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ଯାଜପୁର, ପୁରୀ, ଖୋର୍ଦ୍ଧା, ଗଞ୍ଜାମ ଓ କେନ୍ଦୁଝର ଜିଲାରେ ଘଣ୍ଟାପ୍ରତି ୪୦ରୁ ୫୦ କିମି ବେଗରେ ପବନ ବହିବ। ଲଘୁଚାପ ଯୋଗୁ ସମୁଦ୍ର ଅଶାନ୍ତ ରହିବ। ୨୦ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ନ ଯିବାକୁ ପରାମର୍ଶ ଦିଆଯାଇଛି। ରାଜ୍ୟର ସମସ୍ତ ବନ୍ଦର ପାଇଁ ୩ ନମ୍ବର ବିପଦ ସଙ୍କେତ ଜାରି କରାଯାଇଛି। ପ୍ରବଳ ବର୍ଷା ଏବଂ ପବନ ଆଶଙ୍କା ଥିବାରୁ ୪ ଜିଲାପାଳଙ୍କୁ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବାକୁ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆରସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### ସିସୋଡିଆଙ୍କ ଘରେ ...

୨୧ଟି ସ୍ଥାନ ସମେତ ୭ଟି ରାଜ୍ୟରେ ଚଢ଼ାଉ କରିଛି।
ଚଢ଼ାଉ ଉପରେ ପ୍ରତିକ୍ରିୟା ପ୍ରକାଶ କରି ସିସୋଡିଆ କହିଛନ୍ତି, ସେ ତଦନ୍ତରେ ସିବିଆଇକୁ ସହଯୋଗ କରିବେ ଏବଂ ସତ୍ୟ ପଦାକୁ ଆସିବା ସେ ଚାହାନ୍ତି। ଆମେ ଲକ୍ଷ ଲକ୍ଷ ପିଲାଙ୍କ ଭବିଷ୍ୟତ ଗଢୁଛୁ। ଦୁର୍ଭାଗ୍ୟର କଥା ଯେ, ଯେଉଁମାନେ ଦେଶରେ ଭଲ କାମ କରୁଛନ୍ତି, ସେମାନଙ୍କୁ ଏହିଭଳି ହଇରାଣ କରାଯାଉଛି। ସେଥିପାଇଁ ଆମ ଦେଶ ଏପର୍ଯ୍ୟନ୍ତ ୧ ନମ୍ବର ହୋଇପାରି ନାହିଁ ବୋଲି ସିସୋଡିଆ ଟୁଇଟ୍ କରିଛନ୍ତି। କେନ୍ଦ୍ରର ନିର୍ଦ୍ଦେଶରେ ସିବିଆଇ କାର୍ଯ୍ୟ କରୁଛି। ତାଙ୍କ ବିରୋଧରେ ମିଛ ଅଭିଯୋଗ ହୋଇଛି। ଅଦାଲତରେ ସତ୍ୟ ପଦାକୁ ଆସିବ ବୋଲି ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ସିସୋଡିଆଙ୍କ ବ୍ୟତୀତ ଦିଲ୍ଲୀର ପୂର୍ବତନ ଅବକାରୀ କମିଶନର ଆରଭ ଗୋପୀକ୍ରିଷ୍ଣାଙ୍କ ଘରେ ମଧ୍ୟ ସିବିଆଇ ଚଢ଼ାଉ କରିଛି। ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସାକ୍ସେନା ଦିଲ୍ଲୀ ସରକାରଙ୍କ ନୂଆ ଅବକାରୀ ନୀତିରେ ରହିଥିବା ତ୍ରୁଟି ଓ ଅନିୟମିତତା ଅଭିଯୋଗର ସିବିଆଇ ତଦନ୍ତ ଲାଗି ସୁପାରିସ କରିଥିଲେ। ଉକ୍ତ ନୂଆ ନୀତି ଗତବର୍ଷ ନଭେମ୍ବର ୧୬ରେ କାର୍ଯ୍ୟକାରୀ ହୋଇଥିଲା। ତଦନୁଯାୟୀ ୩୨ଟି ନୂଆ ମଦ ଜୋନ୍ ସୃଷ୍ଟି ହେବା ସହ ଘରୋଇ ବିତରମାନଙ୍କୁ ଖୁଚୁରା ବିକ୍ରି ଲାଇସେନ୍ସ ଦିଆଯାଇଥିଲା। ସରକାରୀ ମଦ ଦୋକାନଗୁଡ଼ିକରେ ଦୁର୍ନୀତି ରୋକିବା ନୂଆ ନୀତିର ଉଦ୍ଦେଶ୍ୟ। ସ୍ୱାସ୍ଥ୍ୟସେବା ଓ ଶିକ୍ଷା କ୍ଷେତ୍ରରେ ଦିଲ୍ଲୀ ସରକାରଙ୍କ ଉଲ୍ଲେଖନୀୟ କାର୍ଯ୍ୟ କେନ୍ଦ୍ର ସରକାରଙ୍କ ପାଇଁ ଅଡୁଆ ସୃଷ୍ଟି କରିଛି। ସେଥିପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କୁ ମେ' ମାସରୁ ଜେଲରେ ରଖାଯାଇଥିବା ସିସୋଡିଆ କହିଛନ୍ତି।

### ସୁନ୍ଦରଗଡ଼ ମେଡିକାଲ ...

ଏବେ ଚଳିତ ବର୍ଷ ଲାଗି ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜରେ ନାମ ଲେଖା ପାଇଁ ପଥ ପରିଷ୍କାର ହୋଇଯାଇଛି। ବର୍ତ୍ତମାନ ମେଡିକାଲ କଲେଜ ପାଇଁ ଆବଶ୍ୟକ ଅନ୍ୟାନ୍ୟ ଅନୁମତି ଲାଗି ପଦକ୍ଷେପ ନିଆଯିବ। ଚଳିତ ଶିକ୍ଷାବର୍ଷରେ ସର୍ବଭାରତୀୟ ସ୍ତରରେ ପ୍ରତିଯୋଗିତାମୂଳକ ନିଟ ପରୀକ୍ଷାରୁ ଉତ୍ତୀର୍ଣ୍ଣ ପ୍ରାର୍ଥୀମାନେ ନାମ ଲେଖାଇବାର ସୁଯୋଗ ପାଇବେ। ମେଡିକାଲ କଲେଜ ସହିତ ସଂଲଗ୍ନ ହସ୍ପିଟାଲ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ଯାଏଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ 'ଟ୍ରିଟିଂ ହସ୍ପିଟାଲ' ଭାବେ ବ୍ୟବହାର କରାଯିବ ବୋଲି ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜର ଡିନ୍ ପ୍ରଫେସର ଡାକ୍ତର ଦୈତାରୀ ରାଉତରାୟ ସୂଚନା ଦେଇ କହିଛନ୍ତି।

### ଧାର୍ଯ୍ୟ ହେଲା ...

ପଣ୍ଡିତମାନେ ବିଷ୍ଣୁ ସହସ୍ରନାମ ପାଠ କରିଥିଲେ। ବିଭିନ୍ନ ପାଞ୍ଜି ଦେଖି ରାଶି ନକ୍ଷତ୍ରକୁ ଆଧାର କରି ସମୟ ବାହାର କରିଥିଲେ। ପରେ ଆଳତି କରାଯାଇଥିଲା। ଟ୍ରଷ୍ଟ ବୋର୍ଡ ସଦସ୍ୟମାନେ ମା' ସମଲେଇ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରି ଲଗ୍ନପତ୍ର ଅର୍ପଣ କରିଥିଲେ। ସମଲେଇ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁ, ପୂଜକ ଗଙ୍ଗାଧର ରାୟଙ୍କ ସମେତ ପୂଜକମାନେ ଏହାକୁ ସ୍ୱାଗତ କରିଥିଲେ। ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସରୋଜ ଦଳପତ, ପଣ୍ଡିତ ଲକ୍ଷ୍ମଣ ବେହେରା, ପଣ୍ଡିତ ମହେଶ୍ୱର ନାଏକ, ପଣ୍ଡିତ ସଚ୍ଚିଦାନନ୍ଦ କରଶର୍ମା, ପଣ୍ଡିତ ଜିତେନ୍ଦ୍ର କୁମାର ନନ୍ଦ, ପଣ୍ଡିତ ଚନ୍ଦ୍ରକାନ୍ତ ପାଣିଗ୍ରାହୀ, ଜ୍ୟୋତିର୍ବିଦ ଶାନ୍ତନୁ କୁମାର ଶତପଥୀ, ପଣ୍ଡିତ ସୁରେନ୍ଦ୍ର କୁମାର ପତି, ପଣ୍ଡିତ ଶଶାଙ୍କ ଶେଖର ମିଶ୍ର, ପଣ୍ଡିତ ଝସକେତନ ହୋତା, ପଣ୍ଡିତ ଶରତ କୁମାର ପାଢ଼ୀ, ପଣ୍ଡିତ ସୁଧାଂଶୁ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

### ସ୍କୁଲ ଉପରେ ....

ପଡ଼ିଥିଲା। ଚଟାଣ ସବୁ ଫାଟି ଫାଳଫାଳ ହୋଇଯାଇଛି। ଏଥିସହ ବିଦ୍ୟୁତ୍ ଉପକରଣ ସବୁ ପୋଡ଼ି ନଷ୍ଟ ହୋଇଯାଇଛି।ଦେବଗଡ଼ ବିଧାୟକ ସୁବାସ ପାଣିଗ୍ରାହୀ, ଏସ୍‌ପି ପ୍ରମୋଦ କୁମାର ରଥ ମୁଖ୍ୟ ଚିକିତ୍ସାଳୟକୁ ଆସି ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଜିଲାପାଳ ସୌମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶରେ ଦେବଗଡ଼ ତହସିଲଦାର ପଲ୍ଲବୀ ନାୟକ, ତିଲେଇବଣି ବ୍ଲକ ଭାରପ୍ରାପ୍ତ ବିଡିଓ ସୁନୀଲ ଗୁରୁ, ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରାଙ୍କ ସମେତ ଶିକ୍ଷା ବିଭାଗର ବହୁ ଅଧିକାରୀ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ଚିକିତ୍ସା ବ୍ୟବସ୍ଥା ତଦାରଖ କରୁଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମକ୍ଷେତ୍ରରେ ପ୍ରତ୍ୟେକ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। କେତେକ ପ୍ରତିବନ୍ଧକ କାରଣରୁ ବ୍ୟବସାୟ ଓ ପରିବହନରେ ଶିଥିଳତା ଦେଖାଦେବ। ପରିବାରର ଆବଶ୍ୟକତାକୁ ନେଇ ନୂତନ ଗୃହୋପକରଣ କ୍ରୟ କରିପାରନ୍ତି। ଦୀର୍ଘଦିନରୁ ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ଖୋଜ୍‌ଖବର ପାଇପାରିବେ।

**ବୃଷ** ବନ୍ଧୁ ପରିଜନଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ସଭାସମିତିରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟହେବେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ।

**ମିଥୁନ** ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଓ ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ମଧ୍ୟ ପାଇବେ। ସତର୍କରେ ନ ଚଳିଲେ ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚଫଳ ପ୍ରାପ୍ତି ହୋଇପାରେ। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**କର୍କଟ** ଦୀର୍ଘଦିନର ଆଶା ଫଳବତୀ ହେବାରୁ ମନ ପ୍ରଫୁଲ୍ଲ ହୋଇଯିବ। ବନ୍ଧୁଙ୍କ ନିକଟରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ଶାରୀରିକ ପରିଶ୍ରମଜନିତ କ୍ଲାନ୍ତି ଅନୁଭବ କରିପାରନ୍ତି। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ।

**ସିଂହ** ସ୍ତ୍ରୀଙ୍କ ସାହାଯ୍ୟରୁ ମନୋବଳ ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ଧୀରପାଣି ପଥର କାଟେ ନୀତିରେ କାମ ହାସଲ କରି ଉପକୃତ ହେବେ। ସାମାଜିକସ୍ତରରେ ସମ୍ମାନ ଲାଭ କରିବେ। ବନ୍ଧୁ ଗହଣରେ ଅପ୍ରିୟ ସତ୍ୟ କହି ବିରୋଧୀ ହୋଇପାରନ୍ତି ।

**କନ୍ୟା** କାର୍ଯ୍ୟ ହାସଲ ଲାଗି ମିଠାକଥା କହି ବନ୍ଧୁଙ୍କୁ ଆପଣାର କରିବେ। ପ୍ରତ୍ୟେକ କ୍ଷେତ୍ରରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ସାମୟିକ ବ୍ୟସ୍ତତା ବୃଦ୍ଧି ପାଇବ। ବିବାଦୀୟ ଘଟଣା ଓ ମାଲିମକଦ୍ଦମା ସମାଧାନ ହୋଇଯିବ।

**ତୁଳା** କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। କାର୍ଯ୍ୟ ହାସଲ ପରିପ୍ରେକ୍ଷୀରେ ଭ୍ରାତୃ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ନିର୍ମାଣ କାର୍ଯ୍ୟରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ବ୍ୟୟ ବୃଦ୍ଧି କିମ୍ବା ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତ ହେବେ।

**ବିଛା** ପରିଜନଙ୍କ ସହ ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି। ସହକର୍ମୀଙ୍କ ଅସଂଯତ କାର୍ଯ୍ୟକଳାପ ସମସ୍ୟାକୁ ବଢ଼ାଇଦେବ। କର୍ମକ୍ଷେତ୍ରରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ସାମାଜିକସ୍ତରରେ ବିଳମ୍ବରେ ହେଲେ ମଧ୍ୟ ଅଭୀଷ୍ଟ ସିଦ୍ଧି ଘଟିବ।

**ଧନୁ** ଅତୀତ ଘଟଣାକୁ ନେଇ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବନାହିଁ। ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ହେତୁ ମାନସିକ ସୁସ୍ଥତା ବ୍ୟାହତ ହେବ। ପ୍ରଶାସନିକସ୍ତରରେ ଅପରାହ୍ନରେ ସମସ୍ୟାର ସମାଧାନ ହୋଇଯିବ। ପାରିବାରିକସ୍ତରରେ ଅର୍ଥାଭାବ ଯୋଗୁ ବିଚଳିତ ହେବେ।

**ମକର** ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ବନ୍ଧୁଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବେ। କେତେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରନ୍ତି। ବ୍ୟବସାୟିକ ସ୍ଥିତି ସୁଦୃଢ଼ ରହିବ ଏବଂ ବିଶେଷ ଲାଭବାନ୍ ହେବେ।

**କୁମ୍ଭ** ମନ ଭଲ ନ ଥିବା କାରଣରୁ କର୍ମକ୍ଷେତ୍ର ପ୍ରତି ଉଦାସୀନ ହେବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ପରିବାର ସକାଶେ ଧାର ଉଧାର କରିବାକୁ ପଡ଼ିପାରେ। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ନୀଚ ମନୋଭାବ ସମ୍ପନ୍ନ ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ମୀନ** କର୍ମକ୍ଷେତ୍ରରେ ମନ କଥା ମନରେ ରଖି କୂଟନୀତି ବଳରେ କାର୍ଯ୍ୟ ସାଧନ କରିବେ। କେତେକ କ୍ଷେତ୍ରରେ ମଧ୍ୟ ହାତପାଆନ୍ତାରେ ସୁଯୋଗ ପାଇବେ। ରାଜନୈତିକସ୍ତରରେ ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇଉଠିବେ। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।


# classifieds

Everyday 0674-2580101, 2549302

real estate

## SALE

Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666. D-73211

Infocity-II, Madanpur ପାଖରେ 2000sqft.କୁ 24,00,000/- ଟଙ୍କାରେ ପାଚେରି ସହ plot ବିକ୍ରିହେବ। 7978617023. D-1270

Bhubaneswar Gangapada Maharaja କଲେଜକୁ ଲାଗି 1500sqft. plot-12,75,000/- ନେଇ ଘର କରନ୍ତୁ। (40 plot available). 9938016295. D-73298

ଜାଗା କିଣି ତୁରନ୍ତ ଘର କରନ୍ତୁ। ଭୁବନେଶ୍ୱର New Railway Stationରୁ 400mtr ଦୂରତାରେ yellowzone-sqft.-650/-, ବାରଙ୍ଗ-ତ୍ରିଶୁଳିଆ NH sideରେ sqft.-1500/- (SC plot available). 9078371787. D-73290

1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891. D-1143

ସ୍ଥିତିବାନ ଘରବାରି ପ୍ଲଟ୍ ପାଚେରି ସହିତ ବିକ୍ରିହେବ। ଉତ୍ତରା ଟଙ୍କପାଣିରୋଡ୍ ପାଖରେ। 9861201010. D-73856

Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891. D-1144

## PURCHASE

Required flats independent houses GA plots from direct owner's Bhubaneswar. 6371090682. D-68298

construction

Make your dream home with quality construction in affordable price as your choice. For plan approval, structure, Krishna Contech- 8249485093, 9438315332. D-73295

Construct your home @850/-, 1340/- includes architecture structure with 3year FMC, provide BDA plan approval boring/interiorwork. SNV Construction. 9439295469. D-73297

to-let

3 Storey Building at Satyasai Enclave near Amri Hospital, Bhubaneswar with all modern facilities having 7 Rooms, 5 Toilets, Conference Room, suitable for Corporate Office / Company Guest House, Rent: 85,000/- Contact: 8104625041. D-1298

healthcare

Full body massage in homely atmosphere all therapy. Mob: 8114881641. D-73409

Fullbody relax massage refresh your body with trend therapist. 7008773793. D-73635

Refresh your body with best therapist Ashirvad Panchakarma harbal SPA Kesarimall. 8926173473. D-73951

Relax, Refresh your body, Mind at Saikrupa Spa with best therapies. 8984068077. D-1248

Newly open full body massage 1099 free massage one. Mo: 9583808247. D-1164

astrology

ଘରେ କିମ୍ବା plotରେ ବାସ୍ତୁଦୋଷ ଥିବାପରି ମନେହେଉଛି କି? ବିଳମ୍ବ ନକରି ଯୋଗାଯୋଗ "ଆଷ୍ଟ୍ରୋବାସ୍ତୁ ସମାଧାନ।" 7978736177. D-68297

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LOST

I Manmath Rath, S/o- Late- Kishore Chandra Rath, At/Po.- Khosalpur, Via- Dasarathpur, Dist.- Jajpur, Pin- 755066 has lost my Original B-Tech Final Certificate on 13.07.22. Regd. No.- 0701206185, Ajay Binay Institute of Technology, Cuttack, BPUT (2011-12) Rourkela. If anybody found please contact on Mob: 7539078239. D-1295

## AFFIDAVIT

By an affidavit I, Damayanti Parida declare that in my Aadhaar Card, PAN Card, Bank Pass Book, Voter Card my name has been mentioned as Damayanti Parida, But in my daughter's Madhusmita Parida HSC Certificate my name has been wrongly mentioned as Gitanjali Parida instead of Damayanti Parida. Henceforth both Gitanjali Parida and Damayanti Parida is one & same person for all purposes. D-73636

By virtue of an affidavit before the Office of the Notary Public, Bhubaneswar on dt. 17.08.2022 I have changed my name from "Susama Sahoo to Susama Maharana". Henceforth I shall be known as Susama Maharana for all purposes. D-1292

By virtue of an affidavit sworn before the Executive Magistrate, Paralakhemundi I Bipin Chandra Lima Additional Tahasildar at Tahasil office Paralakhemundi declared that I have changed my surname from Lima to Nayak and now I'm known as Bipin chandra Nayak for all purpose. D-1300

## ଜନ୍ମଦିନର ଶୁଭେଚ୍ଛା



ଅଲହାଜ୍ ଅଲ୍ଲୀ ଖାଁ (ରିହାନ୍)
(କେରଙ୍ଗ, ଖୋର୍ଦ୍ଧା)
ପନ୍ଦରତମ ଜନ୍ମବାର୍ଷିକ ଉତ୍ସବ ଅବସରରେ ତୋର ଦୀର୍ଘାୟୁ, ବିଦ୍ୱାନ୍, ଯଶସ୍ୱୀ, ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛୁ।
**ଶୁଭେଚ୍ଛା ସହ** ଦାଦାଜୀ, ଦାଦିମା, ଅମ୍ମୀ, ପାପା, ଶୁହାନା, ଡୋଡି, କୈଫ୍, ରାଜା, ସୈଫ୍, ଆଫ୍ରିନ୍, ଖୁସୀ, ଆର୍ଫା, ଦାନିସ୍ ଓ ପରିବାରବର୍ଗ ।
ଧ-୭୩୮୫୭

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ଚୟନ ହେବେ ୫ ବର୍ଷର ଶ୍ରେଷ୍ଠ ବିଧାୟକ

ଭୁବନେଶ୍ୱର, ୧୯।୮ (ବ୍ୟୁରୋ): ବିଧାନସଭା ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ଅଧ୍ୟକ୍ଷତାରେ ତାଙ୍କ ପ୍ରକୋଷ୍ଠରେ ଶୁକ୍ରବାର ଶ୍ରେଷ୍ଠ ବିଧାୟକ ଚୟନ କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଚୟନ କମିଟି ସଦସ୍ୟ ଭାବେ ଉପବାଚସ୍ପତି ରଜନୀକାନ୍ତ ସିଂହ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ, ପୂର୍ବତନ ବିଧାୟକ ନଗେନ୍ଦ୍ର କୁମାର ପ୍ରଧାନ ଏବଂ ବରିଷ୍ଠ ଖବରଦାତା ଶ୍ରୀରାମ ଦାଶ ଉପସ୍ଥିତ ଥିଲେ। କୋଭିଡ ସଂକ୍ରମଣ ଯୋଗୁ ଗତ ୩ ବର୍ଷ ଧରି ଏହାର କୌଣସି ବୈଠକ ଅନୁଷ୍ଠିତ ହୋଇ ନ ଥିଲା। ଚଳିତ ବର୍ଷ ୨୦୧୭ରୁ ୨୦୨୧ ପର୍ଯ୍ୟନ୍ତ ୫ ବର୍ଷର ଶ୍ରେଷ୍ଠ ବିଧାୟକଙ୍କୁ ଚୟନ କରାଯିବ। ପ୍ରତ୍ୟେକ ବର୍ଷ ପଣ୍ଡିତ ନୀଳକଣ୍ଠ ସମ୍ମାନରେ ବର୍ତ୍ତମାନର ବିଧାୟକ, ଉତ୍କଳଗୌରବ ମଧୁସୂଦନ ସମ୍ମାନରେ ପୂର୍ବତନ ବିଧାୟକ ଏବଂ ଉତ୍କଳମଣି ଗୋପବନ୍ଧୁ ପ୍ରତିଭା ସମ୍ମାନରେ ନବନିର୍ବାଚିତ ବିଧାୟକଙ୍କୁ ସମ୍ମାନିତ କରାଯାଇଥାଏ।

## ସଂକ୍ଷେପରେ

### ଜୁନିୟର ଇଞ୍ଜିନିୟର ପରୀକ୍ଷା ଚୂଡ଼ାନ୍ତ ଫଳ ପ୍ରକାଶ

ଭୁବନେଶ୍ୱର, ୧୯।୮ (ବ୍ୟୁରୋ): ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ (ଓଏସ୍ଏସ୍ସି) ଦ୍ୱାରା ପରିଚାଳିତ ଜୁନିୟର ଇଞ୍ଜିନିୟର(ସିଭିଲ)-୨୦୧୯ ପରୀକ୍ଷାର ଚୂଡ଼ାନ୍ତ ଫଳ ଶୁକ୍ରବାର ପ୍ରକାଶ ପାଇଛି। ଏ ସଂକ୍ରାନ୍ତ ସମସ୍ତ ତଥ୍ୟ ଓଏସ୍ଏସ୍ସି ୱେବ୍ସାଇଟ www.ossc.gov.inରେ ଉପଲବ୍ଧ ରହିଛି। ଏଥିରେ ମନୋନୀତ ହୋଇଥିବା ପ୍ରାର୍ଥୀ ଜଳସମ୍ପଦ ବିଭାଗ ଓ ମତ୍ସ୍ୟ ନିର୍ଦ୍ଦେଶାଳୟରେ କାର୍ଯ୍ୟ କରିବେ। ଜଳସମ୍ପଦ ବିଭାଗ ପାଇଁ ୨୫୭ ଏବଂ ମତ୍ସ୍ୟ ନିର୍ଦ୍ଦେଶାଳୟ ପାଇଁ ୩ଜଣ ପ୍ରାର୍ଥୀ ତାଲିକାରେ ସ୍ଥାନ ପାଇଛନ୍ତି।

### ବଜ୍ରପାତରେ ୨ ଚାଷୀଙ୍କ ସମେତ ୪ ଗୁରୁତର

ମୁନିଗୁଡ଼ା/ଦଶମନ୍ତପୁର,୧୯।୮ (ଡି.ଏନ୍.ଏ.): ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ଅମ୍ବାଦଳା ପଞ୍ଚାୟତର ଡାକଭଙ୍ଗା ଗ୍ରାମରେ ଚାଷଜମିରେ କାମ କରିବା ସମୟରେ ବଜ୍ରପାତରେ ଜଣେ ମହିଳାଙ୍କ ସମେତ ୨ ଚାଷୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଗାଁର ଧନେଶ୍ୱର ବାଗ(୫୫) ଏବଂ ସୁରଧନ ବାଗଙ୍କ ସ୍ତ୍ରୀ ଲକ୍ଷ୍ମୀ(୨୨)। ସ୍ଥାନୀୟ ସାମାଜିକ କର୍ମୀ ଦୁର୍ବାସା କୁଶୁଲିଆ ଏବଂ ଗ୍ରାମବାସୀଙ୍କ ସହଯୋଗରେ ଉଭୟଙ୍କୁ ଉଦ୍ଧାର କରି ଅମ୍ବାଦଳା ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଧନେଶ୍ୱରଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେହିପରି କୋରାପୁଟ ଜିଲା ଦଶମନ୍ତପୁରର ଗୌଡ଼କନ୍ଧି ଗ୍ରାମରେ ବଜ୍ରପାତରେ ଶୁକ୍ରବାର ୨ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଡମ ଗୌଡ଼(୨୦) ଓ ଶଭା ଗୌଡ଼ (୫୦)। ଦୁହେଁ ସକାଳେ ଶୌଚ ପାଇଁ ଗାଁ ନିକଟସ୍ଥ ବେଡ଼ାଆମ୍ବ ନାଳକୁ ଯାଇଥିଲେ। ଏହି ସମୟରେ ବଜ୍ରପାତରେ ଉଭୟେ ଗୁରୁତର ହୋଇଥିଲେ। ଚିତ୍କାର ଶୁଣି ଡମଙ୍କ ସ୍ତ୍ରୀ ଯମୁନା ଏବଂ ଶଭାଙ୍କ ସ୍ତ୍ରୀ ଗୋମତୀ ସମ୍ପର୍କୀୟଙ୍କ ସହାୟତାରେ ଉଭୟଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସା ପରେ ଉଭୟେ ସୁସ୍ଥ ଥିବା ଡାକ୍ତର ଶ୍ରୀରାମ ପରିଡ଼ା କହିଛନ୍ତି।

# କମୁଛି ପ୍ରମୁଖ ନଦୀର ଜଳସ୍ତର

ଭୁବନେଶ୍ୱର, ୧୯।୮ (ବ୍ୟୁରୋ)

ରାଜ୍ୟର ପ୍ରମୁଖ ନଦୀର ଜଳପତ୍ତନ ହ୍ରାସ ପାଇବାରେ ଲାଗିଛି। ହୀରାକୁଦ ଜଳ ପ୍ରବାହ ସ୍ଥିତିକୁ ଦେଖି ଆଉ ୪ଟି ଗେଟ୍ ବନ୍ଦ କରାଯାଇଛି। ୨୦ଟି ଗେଟ୍ ଦେଇ ଜଳ ନିଷ୍କାସନ କରାଯାଉଛି। ଶୁକ୍ରବାର ଅପରାହ୍ନରେ ହୀରାକୁଦର ଜଳପତ୍ତନ ୬୨୧.୬୭ ଫୁଟ୍ ରହିଥିବା ବେଳେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୨ ଲକ୍ଷ ୭୩ ହଜାର ୪୭୪ କ୍ୟୁସେକ୍ ଜଳ ପ୍ରବେଶ କରୁଛି। ସେହିପରି ପ୍ରତି ସେକେଣ୍ଡରେ ୩ ଲକ୍ଷ ୫୦ ହଜାର ୭୯୭ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଖଇରମାଳଠାରେ ୬ ଲକ୍ଷ ୩୦ ହଜାର କ୍ୟୁସେକ୍ ଜଳ ପ୍ରବାହିତ ହେଉଛି ବୋଲି ରାଜ୍ୟର ବନ୍ୟା ସ୍ଥିତି ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍ଆରସି) ପ୍ରଦୀପ ଜେନା ଏହା କହିଛନ୍ତି। ସେ ଆହୁରି କହିଛନ୍ତି ଯେ ବଡ଼ମୂଳଠାରେ ୮ଲକ୍ଷ ୧୯ ହଜାର ୫୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ସେହିପରି ମୁଣ୍ଡଳିଠାରେ ୯ ଲକ୍ଷ ୪୮ ହଜାର ୯୦୫ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ମୁଣ୍ଡଳି ସମେତ ସବୁ ସ୍ଥାନରେ ଜଳସ୍ତର କ୍ରମଶଃ ହ୍ରାସ ପାଉଛି। ମିଳିଥିବା ସୂଚନା ଅନୁଯାୟୀ ବନ୍ୟା ଦ୍ୱାରା ୧୩ ଜିଲାର ୭୧ ବ୍ଲକ୍ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏଥିରେ ୨୧୪୯ ଗ୍ରାମ ପ୍ରଭାବିତ ହୋଇଛି। ୬୪୨ ଗ୍ରାମ ଜଳଘେରରେ ରହିଥିବାବେଳେ ୩ ଲକ୍ଷ ୯୧ହଜାର ୫୨୮ ଲୋକ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି। ପ୍ରାୟ ୬ଲକ୍ଷ ୪୪ ହଜାର ୬୬୨ ଲୋକ ପ୍ରଭାବିତ ହୋଇଛନ୍ତି। ଏହିସବୁ ଅଞ୍ଚଳରେ ୨୨୭ଟି ରିଲିଫ୍ କେନ୍ଦ୍ରରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି।

### ଏସ୍ଆର୍ସିଙ୍କ ଖବରଦାତା ସମ୍ମିଳନୀ

ସମ୍ଭାବ୍ୟ ଲଘୁଚାପ ପ୍ରଭାବରେ ମହାନଦୀ ଉପରମୁଣ୍ଡରେ ଓ ଇବ୍ ନଦୀ ଅବବାହିକାରେ ଅଧିକ ବର୍ଷାହୋଇପାରେ। ପାଣିପାଗ ଆକଳନ ଦୃଷ୍ଟିରୁ ବୈତରଣୀ, ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଓ ବ୍ରାହ୍ମଣୀ ନଦୀର ଜଳସ୍ତର ପ୍ରତି ନଜର ରଖାଯାଇଛି। ଭଦ୍ରକ ସହରର ସୁରକ୍ଷା ଦୃଷ୍ଟିରୁ ସାଳନ୍ଦୀ ନଦୀର ଜଳ ପ୍ରବାହ ଉପରେ ନଜର ରଖାଯାଇଛି। ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ପୁରୀ, ଯାଜପୁର ଜିଲାପାଳମାନଙ୍କୁ ସମ୍ଭାବ୍ୟ ଲଘୁଚାପ ତଜ୍ଜନିତ ବୃଷ୍ଟିପାତ ସମ୍ପର୍କରେ ସତର୍କ କରିଦିଆଯାଇଛି। ସ୍ୱତନ୍ତ୍ର ରିଲିଫ୍ କମିଶନର ଏହିସବୁ ଜିଲାର ଜିଲାପାଳମାନଙ୍କ ସହ ଭିଡିଓ କନ୍ଫରେନ୍ସରେ ବନ୍ୟା ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ୧୯ ତାରିଖ ସୁଦ୍ଧା ୧୪ଟି ଜିଲାକୁ ୧୬ ଏନ୍ଡିଆର୍ଏଫ୍ ଟିମ୍, ୧୫ ଓଡ୍ରାଫ୍ ଟିମ୍ ଓ ଅତିରିକ୍ତ ୪୮ଟି ଫାୟାର ସର୍ଭିସ୍ ଟିମ୍ ମୋଟ ୭୯ଟି ଟିମ୍ ମୁତୟନ କରାଯାଇଛି।

# ନୟାଗଡ଼ ଜିଲାପାଳ, ଡିଏଫ୍ଓଙ୍କୁ ସତ୍ୟପାଠ ଦାଖଲ ନିର୍ଦ୍ଦେଶ

## ଜଙ୍ଗଲ ଜମିରେ ରାସ୍ତା ନିର୍ମାଣ ନେଇ ଏନ୍ଜିଟିରେ ମାମଲା

କଟକ ଅଫିସ/ନୟାଗଡ଼ ଅଫିସ,୧୯।୮

ନୟାଗଡ଼ ଜିଲା ଗୁଡୁପଙ୍ଗୀ ମୌଜାର ଗ୍ରାମ୍ୟ ଜଙ୍ଗଲ ଜମିରେ ରାସ୍ତା ନିର୍ମାଣ ସମ୍ପର୍କିତ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍ଜିଟି)ର କଲିକତାସ୍ଥିତ ପୂର୍ବାଞ୍ଚଳ ଜୋନ ବେଞ୍ଚରେ ହୋଇଥିବା ମାମଲାରେ ନୟାଗଡ଼ ଜିଲାପାଳ, ଜଙ୍ଗଲ ବିଭାଗ ଡିଏଫଓଙ୍କୁ ୧୦ ଦିନ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ବୁଧବାର ନିର୍ଦ୍ଦେଶ ଦିଆଯାଇଛି।

ମାମଲା ଅନୁସାରେ, ବଳଭଦ୍ରପୁରଠାରୁ ଢିପମାଳ ପର୍ଯ୍ୟନ୍ତ ନିର୍ମାଣାଧୀନ ରାସ୍ତାର କିଛି ଅଂଶ ନୟାଗଡ଼ ଜିଲା ଗୁଡୁପଙ୍ଗି ମୌଜାର ଖାତା ନଂ. ୫୧୦ ଓ ପ୍ଲଟ ନଂ ୭୭୩ ଗ୍ରାମ୍ୟ ଜଙ୍ଗଲ କିସମ ହୋଇଥିବା ଅଭିଯୋଗ ହୋଇଛି। ଉକ୍ତ ଖାତାର ୫୩.୭୦ ଏକର ଓ ୮.୯୪ ଏକର ପରିମିତ ଜମି ଜଙ୍ଗଲ କିସମର ହୋଇଥିବା ବେଳେ ରାସ୍ତା ନିର୍ମାଣ ପାଇଁ ଜଙ୍ଗଲ ବିଭାଗରୁ କୌଣସି ଅନୁମତି ମିଳିନାହିଁ। ପୂର୍ବରୁ ମଧ୍ୟ ସମାନ ଖାତା ନଂ, ପ୍ଲଟ ନଂ ଓ ଜମି ପରିମାଣ ଏକା ଥାଇ ସମାନ ଅଭିଯୋଗର ଏକ ମାମଲା ଏନ୍ଜିଟିରେ ଦାଏର ହୋଇଥିଲା। ମାତ୍ର ତାହାକୁ ଏନ୍ଜିଟି ଦ୍ୱାରା ଖାରଜ କରିଦିଆଯାଇଥିଲା। ନୂତନ ରାସ୍ତା ବା ଓସାରିଆ କରିବା ପାଇଁ ନିର୍ମାଣରେ ବ୍ୟବହାର କରାଯାଉଥିବା ଜଙ୍ଗଲ ଜମିକୁ ଆଇନ ଅନୁସାରେ ଅଣଜଙ୍ଗଲ ଜମି କିସମରେ ରୂପାନ୍ତରିତ କରିବାକୁ ଏନ୍ଜିଟି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହ ଜଙ୍ଗଲ ଜମିରେ ରାସ୍ତା ନିର୍ମାଣ ନିମନ୍ତେ ଗୁଡୁପଙ୍ଗି ଗ୍ରାମବାସୀଙ୍କୁ ସରକାର କ୍ଷତିପୂରଣ ଦେବା ପାଇଁ କରାଯାଇଥିବା ଦାବିକୁ ଏନ୍ଜିଟି ପକ୍ଷରୁ ଅଗ୍ରାହ୍ୟ କରାଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ଆବେଦନକାରୀ ଜଙ୍ଗଲ ବିଭାଗରେ ସୂଚନା ଅଧିକାରୀ ହସ୍ତଗତ କରିଥିବା ତଥ୍ୟ ଅନୁସାରେ ରାସ୍ତା ନିର୍ମାଣ ନିମନ୍ତେ ନୟାଗଡ଼ ଜଙ୍ଗଲ ବିଭାଗର ଡିଏଫଓଙ୍କ ନିକଟରେ ଜମି କିସମ ପରିବର୍ତ୍ତନ ନିମନ୍ତେ କୌଣସି ଆବେଦନ ହୋଇ ନ ଥିବା ଜଣାଯାଇଥିଲା। ଫଳରେ ପୁନର୍ବାର ଆବେଦନକାରୀ ଏନ୍ଜିଟିଙ୍କ ଦ୍ୱାରସ୍ଥ ହୋଇଥିଲେ। ଦାଶରଥି ସ୍ୱାଇଁଙ୍କ ପକ୍ଷରୁ ଓଡ଼ିଶା ସରକାରଙ୍କୁ ପକ୍ଷଭୁକ୍ତ କରାଯାଇ ଦାଏର ହୋଇଥିବା ମାମଲାର ଭର୍ଚୁଆଲ ମୋଡ୍ରେ ଶୁଣାଣି ହୋଇଥିଲା। ଜୁଡିସିଆଲ ସଦସ୍ୟ ଜଷ୍ଟିସ ବି. ଅମିତ ସ୍ଥାଲେକର ଓ ଏକ୍ସପର୍ଟ ସଦସ୍ୟ ଶୈବାଳ ଦାସଗୁପ୍ତାଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଶଙ୍କର ପ୍ରସାଦ ପାଣି ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଶଙ୍କର ପ୍ରସାଦ ମହାପାତ୍ର ମାମଲା ପରିଚାଳନା କରିଥିଲେ।


ଲୋକଙ୍କ ବିରୋଧ ସତ୍ତ୍ୱେ ଗ୍ରାମ୍ୟ ଜଙ୍ଗଲରେ ରାସ୍ତା ନିର୍ମାଣ କରାଯାଉଛି।

# ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ୧୦ମ ଶ୍ରେଣୀ ଛାତ୍ରୀ

ବାଲେଶ୍ୱର ଅଫିସ, ୧୯।୮


ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଚିଠି ପଠାଇଥିବା ଛାତ୍ରୀ ସୁଭଦ୍ରା।

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅଧୀନ କ୍ଷୀରଚୋରା ଗୋପୀନାଥ ମନ୍ଦିର ନିକଟସ୍ଥ ପାଟଣାରାଇପୁର ଗ୍ରାମର ବାପଛେଉଣ୍ଡ ୧୦ମ ଶ୍ରେଣୀ ଛାତ୍ରୀ ସୁଭଦ୍ରା ପଣ୍ଡା ନିଜର ପାଠପଢ଼ା, ରଗ୍ଣ ମା'ଙ୍କୁ ଚିକିତ୍ସା, ଭାଙ୍ଗିଯାଇଥିବା ଘରକୁ ସଜାଡ଼ିବା ଲାଗି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଆର୍ଥିକ ସହାୟତା ଲାଗି ନିବେଦନ କରିଛନ୍ତି।

ପାଟଣାରାଇପୁର ଗ୍ରାମର ସ୍ୱର୍ଗତ ଶ୍ରୀନିବାସ ପଣ୍ଡା ଓ ସ୍ତ୍ରୀ ଅନ୍ନପୂର୍ଣ୍ଣା ନିଃସନ୍ତାନ ଥିବାରୁ ୨୧ଦିନର ଗୋଟିଏ ଝିଅକୁ ଆଣି ପାଳିଥିଲେ। ଏହାକୁ ନେଇ ପରିବାର ଲୋକ ଶ୍ରୀନିବାସଙ୍କୁ ଅଲଗା କରି ଦେଇଥିଲେ। ଏହାକୁ ଖାତିର୍ ନ କରି ଶ୍ରୀନିବାସ ନିଜ ସ୍ତ୍ରୀ ଓ ଝିଅକୁ ସାଙ୍ଗରେ ବେଶ୍ ଖୁସିରେ ଥିଲେ। ଝିଅଟି ୨ୟ ଶ୍ରେଣୀରେ ପଢୁଥିବା ବେଳେ ଶ୍ରୀନିବାସ ରୋଗରେ ପ୍ରାଣ ହରାଇଥିଲେ। ଏହାପରଠାରୁ ମା' ଝିଅଙ୍କ ଦୁର୍ଦ୍ଦଶା ଆରମ୍ଭ ହୋଇଥିଲା। ସ୍ୱାମୀଙ୍କୁ ହରାଇ ଅନ୍ନପୂର୍ଣ୍ଣା ମାନସିକ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ସୁଭଦ୍ରାଙ୍କ କହିବାନୁସାରେ, ବାପାଙ୍କ ମୃତ୍ୟୁ ପରେ ପରିବାରର ଅନ୍ୟମାନେ ତାଙ୍କୁ ଅଜାତିର କହି ଘରକୁ ପଶିବାକୁ ନ ଦେବା ସହ କଥାବାର୍ତ୍ତା ନ କରି ଘୃଣା ଚକ୍ଷୁରେ ଦେଖୁଥିଲେ। ସେ ସରକାରୀ ବିଦ୍ୟାଳୟରେ ପଢୁଥିବା ବେଳେ ଟ୍ୟୁଶନ ସାର୍ଙ୍କ ସହାୟତାରେ ଖାତା ବହି ପାଇପାରୁଛନ୍ତି। ମା'ଙ୍କ ୫ଶହ ଟଙ୍କା ବିଧବା ଭତ୍ତା ଓ ସରକାରଙ୍କଠାରୁ ମାସିକ ୩୫ କିଲୋ ଚାଉଳରେ ଘର ଚାଲିଛି। ଭାଙ୍ଗିଯାଇଥିବା ଘର ମରାମତି କରିବା କଷ୍ଟକର ହୋଇପଡ଼ିଛି। ମା'ଙ୍କ ପାଇଁ ଔଷଧ କିଣିବାକୁ ଟଙ୍କା ନ ଥିବା ବେଳେ

### ୫ଶହ ଟଙ୍କା ଭତ୍ତା, ୩୫ କିଲୋ ଚାଉଳରେ ଘର ଚଳୁଛି

ଚିକିତ୍ସା ମଧ୍ୟ କରିପାରୁନାହାନ୍ତି। ଏ ନେଇ ଲେଖିଥିବା ଚିଠିକୁ ପୋଷ୍ଟାଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଠିକଣାରେ ପଠାଇଛନ୍ତି। ଉକ୍ତ ଚିଠିକୁ ଟ୍ୟୁଶନ୍ ସାର୍ ନବ କୁମାର ଦାସ ତାଙ୍କ ଫେସ୍ବୁକ୍ରେ ପୋଷ୍ଟ କରିଥିବାରୁ ବହୁ ଲୋକ ଜାଣିପାରିଥିଲେ। ଗଣମାଧ୍ୟମ ପ୍ରତିନିଧିମାନେ ତାଙ୍କ ଘରେ ପହଞ୍ଚି ସତ୍ୟାସତ୍ୟ ବିଷୟରେ ପଚାରି ବୁଝିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଥିବା ଚିଠିରେ ଟ୍ୟୁଶନ୍ ଶିକ୍ଷକଙ୍କ ନମ୍ବର ଥିବାରୁ ତାଙ୍କ ପାଖକୁ ଫୋନ୍ ଆସିଥିଲା। ଆସିଷ୍ଟାଣ୍ଟ ସେକ୍ରେଟାରି ଫୋନ୍ରେ ସମସ୍ତ ବିଷୟ ବୁଝିଛନ୍ତି। ଅନ୍ୟପଟେ ରେମୁଣା ବିଡିଓ, ତହସିଲଦାର ସୁଭଦ୍ରାଙ୍କ ଘରେ ପହଞ୍ଚି ସହାୟତାର ହାତ ବଢ଼ାଇଛନ୍ତି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଯୁବକ ମାଝି ଓ ଜିଲା ଶିଶୁ ମଙ୍ଗଳ କମିଟି ଅଧିକାରୀମାନେ ପହଞ୍ଚି ସହାୟତା ପାଇଁ ବ୍ୟବସ୍ଥା କରିଛନ୍ତି। କେତେଜଣ ସାମାଜିକ କର୍ମୀ ସୁଭଦ୍ରାଙ୍କ ଘରେ ପହଞ୍ଚି ସ୍କୁଲ ଯା'ଆସ ପାଇଁ ସାଇକେଲ, ରୋଷେଇ ପାଇଁ ଗ୍ୟାସ୍ ଆଦି ନିତ୍ୟବ୍ୟବହାର୍ଯ୍ୟ ଜିନିଷ ଯୋଗାଇ ଦେଇଥିବା ଟ୍ୟୁଶନ ସାର୍ ଦାସ ଜଣାଇଛନ୍ତି।

# ବଜ୍ରପାତରେ ଜଣେ ମୃତ

ମାହାଙ୍ଗା,୧୯।୮(ସ୍ୱ.ପ୍ର.)

କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ଭଦ୍ରେଶ୍ୱର ଫାଣ୍ଡି ଅଧୀନ ବାଲିପଡା ଗାଁରେ ଶୁକ୍ରବାର ସକାଳେ ବ୍ରଜପାତ ଘଟି ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୩ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଏହି ଗ୍ରାମର ଟିଟନ ଜେନାଙ୍କ ପୁତ୍ର ସୁରେଶ ଜେନା (୨୦) ଏବଂ ଗୁରୁତରମାନେ ହେଲେ ଟୁକୁନା ଜେନା, ଗୋପାଳ ଜେନା ଓ ହାଉଡା ଜେନା। ଏହି ୪ ଜଣ ସକାଳେ ବିଲରେ କାମ କରୁଥିବାବେଳେ ବଜ୍ରପାତ ହୋଇଥିଲା। ସ୍ଥାନୀୟ ଲୋକେ ୩ ଗୁରୁତରଙ୍କୁ ଉଦ୍ଧାରକରି ପ୍ରଥମେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଛନ୍ତି। ଖବରପାଇ ଭଦ୍ରେଶ୍ୱର ଫାଣ୍ଡି ଅଧିକାରୀ ପ୍ରୀତିରଞ୍ଜନ ରାୟ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଇଛନ୍ତି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ. ୨୪/୨୨) ରୁଜୁ ହୋଇଛି।



ଏକଥା ସତ ଯେ, ସ୍ୱାର୍ଥପରତା ଆତ୍ମାକୁ ନଷ୍ଟ କରେ। ସ୍ୱାର୍ଥପର ପ୍ରବୃତ୍ତିକୁ ଧ୍ୱଂସ କର। କିନ୍ତୁ ତୁମକୁ ଅନ୍ୟ ଦିଗରେ ମଧ୍ୟ ସାବଧାନ ହେବାକୁ ପଡିବ। କାରଣ ତୁମର ବଦାନ୍ୟତା ମଧ୍ୟ ଯେପରି ଅନ୍ୟମାନଙ୍କ ଆତ୍ମାକୁ ନଷ୍ଟ ନ କରେ। -ଶ୍ରୀଅରବିନ୍ଦ

# ଖବର ଚିନ୍ତା



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

ଉତ୍ତରପ୍ରଦେଶ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ନବନୀତ୍ ସେହଗଲ ଏବେ ଜିଲା, ବ୍ଲକ୍, ତହସିଲ ସୂଚନା ଅଧିକାରୀମାନଙ୍କୁ ପ୍ରକ୍ରିୟାର ମୌଳିକ ସ୍ତରରେ ପ୍ରକାଶିତ ଖବରଗୁଡ଼ିକର ଯାଞ୍ଚ କରିବା ପାଇଁ ଚିଠି ଲେଖିଛନ୍ତି। ଉକ୍ତ ଚିଠିରେ କୁହାଯାଇଛି ଯେ, ସ୍ଥାନୀୟ ଖବରଗୁଡ଼ିକ ଯୋଗୀ ସରକାରଙ୍କ ଭାବମୂର୍ତ୍ତିକୁ ନଷ୍ଟକରୁଛି। ଏହି ଚିଠି ପରେ କେନ୍ଦ୍ର ଓ ରାଜ୍ୟରେ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ବହୁଦିନ ହେଲା ସମ୍ପୂର୍ଣ୍ଣ ଗୁରୁତ୍ୱ ନ ଥିବା ଜିଲା ସ୍ତରୀୟ ବାବୁମାନଙ୍କ ଉପରେ ଧ୍ୟାନ କେନ୍ଦ୍ରିତ ହୋଇଛି। ପୂର୍ବାପେକ୍ଷା ଏବେ ସେମାନଙ୍କ କାର୍ଯ୍ୟ ଅଧିକ ସଶକ୍ତ ହେବ ବୋଲି ଜଣାପଡୁଛି। ତେବେ ତୃଣମୂଳସ୍ତରରୁ ଆସୁଥିବା ଖବରଗୁଡ଼ିକୁ ଯାଞ୍ଚ କରିବା ଲାଗି ଅକସ୍ମାତ ଯୋଗୀ ସରକାରଙ୍କ ବାଧ୍ୟତା ପଛରେ କ'ଣ ରହିଛି ତାହା ଦେଖିବାକୁ ହେବ। ସ୍ୱଷ୍ଟତଃ, ଅଧିକାଂଶ ଜାତୀୟ ଓ ଆଞ୍ଚଳିକ ମିଡିଆରେ ଯୋଗୀ ସରକାର ତାଙ୍କ ଭାବମୂର୍ତ୍ତିକୁ ସଞ୍ଚାଳନ କରିବାକୁ ଅଧିକ ନିଶ୍ଚିତ ଥିବାବେଳେ, ଏହାକୁ କେତେକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ପ୍ରସାର କରିବାକୁ ଅକ୍ଷମ ହୋଇଛି। ଏହିସବୁ ଅଞ୍ଚଳରେ ବାସ୍ତବତାଠାରୁ କମ୍ ଆକର୍ଷକ ମନେହେଉଥିବା ଅଧିକାଂଶ ଖବର ସାମ୍ନାକୁ ଆସୁଛି। ତେବେ ଦକ୍ଷ ତଥା କ୍ରାଇସିସ୍ ମ୍ୟାନେଜର ବା ସଙ୍କଟମୋଚକ ସଞ୍ଚାଳକ ଭାବେ ଜଣାଶୁଣା ସେହଗଲ ଏବଂ ତହସିଲରେ ଥିବା ବାବୁଗୋଷ୍ଠୀ ଏଭଳି ସ୍ଥିତିରେ ଥିବା ଅଭାବ ପୂରଣ କରିପାରିବେ ବୋଲି ଆଶା କରାଯାଉଛି। ହାଥରସ୍ ବଳାତ୍କାର ଘଟଣାରେ ସରକାର ତୀବ୍ର ଜନ ଅସନ୍ତୋଷ ସାମ୍ନା କରୁଥିବାବେଳେ ସେହଗଲ ସମାନ ପ୍ରକାର ଭୂମିକା ନିଭାଇଥିଲେ। କେବଳ ଏତିକି ନୁହେଁ, ସେ ପୂର୍ବରୁ ଦୁଇଟି ସରକାରରେ ମଧ୍ୟ କ୍ରାଇସିସ୍ ମ୍ୟାନେଜର ଭୂମିକା ନେଇଥିଲେ।

### ବାବୁଙ୍କୁ ସମାଲୋଚନା

ବରିଷ୍ଠ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀଙ୍କର ପ୍ରଶାସନିକ ନିପୁଣତା ତାଙ୍କ ପାଇଁ ଖ୍ୟାତି ଆଣିଛି। ଏଥିପାଇଁ ସେ 'ଟାସ୍କ ମାଷ୍ଟର' ଭାବେ ଜଣାଶୁଣା। ସଡ଼କ ପରିବହନ କ୍ଷେତ୍ରରେ ପରିବର୍ତ୍ତନ ଆଣିବାର ଦାୟିତ୍ୱ ବହନ କରିଥିବା ଗଡକରୀ ନିକଟରେ କହିଛନ୍ତି ଯେ, ମନ୍ତ୍ରୀମାନଙ୍କ ଆଦେଶରେ ସରକାର ଚାଲୁଥିବାରୁ ସେମାନେ ଯାହା କହିଲେ ବାବୁମାନେ କେବଳ 'ୟେସ୍ ସାର୍' କହିବା ଉଚିତ। ସମ୍ଭବତଃ, ନିକଟରେ 'ମୁଡ୍ ଅଫ୍ ଦି ନେଶନ' ସର୍ଭେର ଫଳାଫଳ ଗଡକରୀଙ୍କୁ ଅଧିକ ଉତ୍ସାହିତ କରିଛି। କାରଣ ଏହି ସର୍ଭେ ମୋଦି ସରକାରରେ ସବୁଠୁ ଭଲ ପ୍ରଦର୍ଶନ କରୁଥିବା ମନ୍ତ୍ରୀମାନଙ୍କ ମଧ୍ୟରେ ଗଡକରୀଙ୍କୁ ସ୍ଥାନିତ କରିଥିଲା। ଏହା ସ୍ୱଷ୍ଟ ଯେ, ଅଧିକ ନୂତନ ଚିନ୍ତାଧାରା ସମ୍ପନ୍ନ ତଥା ସମର୍ପିତ ମନ୍ତ୍ରୀମାନଙ୍କ ପ୍ରଦର୍ଶନ କମ୍ ରହିଲେ ସେମାନଙ୍କ ମଧ୍ୟରେ ହତାଶ ଭାବ ପ୍ରକାଶ ପାଏ। କିଛି ଦିନ ପୂର୍ବେ, ବହୁ ଖବର ଦର୍ଶାଇ ଆସୁଛି ଯେ, ନୂଆ ରାଜପଥ ନିର୍ମାଣର ଗତି ମାନ୍ଦା ପଡ଼ିଯାଇଛି ଓ ଅନେକ ନବନିର୍ମିତ ରାଜପଥରେ ଖାଲଖମା ଦେଖାଦେଇଛି। ଏହିସବୁ ଖବର ଗଡକରୀଙ୍କ ରାଜପଥ ନିର୍ମାଣ ଲକ୍ଷ୍ୟ ଓ ସଫଳତା ସମ୍ପର୍କିତ ଦାବିକୁ ଭୁଲ୍ ଦର୍ଶାଉଛି। କିଛି ମାସ ପୂର୍ବେ ଗଡକରୀ ରୋଡ୍ ପ୍ରୋଜେକ୍ଟଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ବିଳମ୍ବକୁ ନେଇ ସର୍ବସାଧାରଣରେ ବାବୁମାନଙ୍କୁ କଟୁ ସମାଲୋଚନା କରିଥିଲେ। ଏହାଦ୍ୱାରା ବାବୁମାନଙ୍କ ଉପରେ ଯେଭଳି ପ୍ରଭାବ ପଡିବ ବୋଲି ଆଶା କରାଯାଉଥିଲା ତାହା ହୋଇପାରିଲା ନାହିଁ। ବୁଝାପଡୁଛି ଯେ,ପଥଭ୍ରଷ୍ଟ ବାବୁମାନଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇ ଗଡକରୀ ସେମାନଙ୍କୁ ସମାଲୋଚନା କରୁଛନ୍ତି। ତେବେ ଏହା ସେମାନଙ୍କୁ କେତେଦୂର ଆଗକୁ ନେଇପାରିବ ? ବାବୁମାନେ ସତର୍କତାର ସହ ନୀରବତା ଅବଲମ୍ବନ କରୁଛନ୍ତି। ମନ୍ତ୍ରୀମାନଙ୍କ ସହ କିଭଳି କାମ କରିବାକୁ ହୁଏ ସେ ଗୁଣ ବାବୁମାନଙ୍କୁ ଭଲ ଭାବେ ଜଣା ଏବଂ ସେଥିପାଇଁ 'ୟେସ୍ ମିନିଷ୍ଟର'କହିବା ପାଇଁ ସେମାନଙ୍କ ତରଫରୁ କମ୍ ସେ କମ୍ ପ୍ରୟାସ କରାଯିବାର ଆବଶ୍ୟକତା ରହିଛି!

### ଅନିଚ୍ଛୁକ ଆଇପିଏସ୍ ଅଧିକାରୀ

କେନ୍ଦ୍ର ସରକାରରେ ଲଗାତର ଅଲ୍ ଇଣ୍ଡିଆ ସର୍ଭିସ ଅଧିକାରୀମାନଙ୍କର ଅଭାବ ଲାଗି ରହିଛି। ଏଭଳି ସ୍ଥିତିରେ କେବଳ ତିନି ଜଣ ବରିଷ୍ଠ ଆଇପିଏସ୍ ଅଧିକାରୀ ସେଣ୍ଟ୍ରାଲ ଡେପୁଟେଶନ ବା କେନ୍ଦ୍ରୀୟ ପ୍ରତିନିଯୁକ୍ତିରେ ଯିବାକୁ ଚାହିଁଛନ୍ତି। ସିବିଆଇ, ଆଇବି ଏବଂ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ ସମେତ ଅତିକମ୍‌ରେ ୧୭ଟି କେନ୍ଦ୍ରୀୟ ସଂସ୍ଥାରେ ଆଇପିଏସ୍ ଅଧିକାରୀଙ୍କ ନିମନ୍ତେ ୨୬୩ ପଦବୀ ଖାଲିରହିଛି। ସେଥି ମଧ୍ୟରୁ ଖାଲି ରହିଥିବା ଅଧିକାଂଶ ପଦବୀ ହେଉଛି ଡିଆଇଜି ଓ ଏସ୍‌ପି ସ୍ତରର। ସୂତ୍ରରୁ ଜଣାପଡ଼ିଛି ଯେ,ପୋଲିସ ଏସ୍‌ପି ର୍ୟାଙ୍କ୍‌ର ତିନି ଜଣ ଅଧିକାରୀ ନିଯୁକ୍ତି ପାଇଁ ଆଗ୍ରହ ପ୍ରକାଶ କରିଥିଲେ ମଧ୍ୟ ଆଇଜି ଏବଂ ଏହା ଉପର ର୍ୟାଙ୍କର କୌଣସି ଆଇପିଏସ୍ ଅଧିକାରୀଙ୍କ ପକ୍ଷରୁ ଅଫର ଆସିନାହିଁ। ଚଳିତ ବର୍ଷ ଫେବୃୟାରୀରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦ୍ୱାରା ଘୋଷିତ ସଂଶୋଧିତ ଆଇପିଏସ୍ କାର୍ଯ୍ୟକାଳ ନୀତି ସହ ଆଇପିଏସ୍ ଅଧିକାରୀମାନଙ୍କ ଅନିଚ୍ଛାର ସମ୍ପର୍କ ଅଛି ବୋଲି କୁହାଯାଇପାରେ। ଏହି ସଂଶୋଧିତ ନୀତି ନିଯୁକ୍ତି ତାଲିକା ପାଇଁ ଡିଆଇଜି ସ୍ତରର ଆଇପିଏସ୍ ଅଧିକାରୀ ହେବା ଭଳି ବାଧ୍ୟତାମୂଳକ ଆବଶ୍ୟକତାକୁ ହଟାଇ ଦେଇଥିଲା। ଆଉ ଏକ ସମସ୍ୟା ହେଉଛି, ଅନେକ ରାଜ୍ୟ ଅଧିକ ସଂଖ୍ୟକ ଅଧିକାରୀଙ୍କୁ କେନ୍ଦ୍ରୀୟ ପ୍ରତିନିଯୁକ୍ତି ପାଇଁ ଚାହୁଁନାହାନ୍ତି କିମ୍ବା ମନ୍ଥରତା ପ୍ରକାଶ କରୁଛନ୍ତି। ଏହି ଗୋଟିଏ ସମସ୍ୟା ଶୀଘ୍ର ସମାଧାନ ହୋଇ ପାରିବ ନାହିଁ କି ନିକଟ ଭବିଷ୍ୟତରେ ସ୍ଥିତିରେ ପରିବର୍ତ୍ତନ ହେବା ସମ୍ଭାବନା ନାହିଁ।

Email: dilipcherian@gmail.com

# କଲେରା, ପାଣି ଓ ଖଣି



**ସହଦେବ ସାହୁ**

କାହାକୁ 'ସ୍ମାର୍ଟ' କହିଲା ବେଳେ ଆମ ମନ ଭିତରେ ଠକ ବୋଲି ଗୋଟିଏ ଧାରଣା ଆସେ। ଆମ ରାଜ୍ୟ ସରକାର ସବୁ କାମରେ ସ୍ମାର୍ଟ ବୋଲି କହିହେବା ମୂଳରେ ଏମିତି କିଛି ଗୋଟାଏ ଠକାମି ଥିଲାପରି ମନେହେଉଛି–ନିର୍ବାଚନ ଜିତିବା ପାଇଁ ଏ ସ୍ମାର୍ଟନେସ୍! ପାଠକମାନେ ପନ୍– ସମୋଚ୍ଚାରିତ ହାସ୍ୟୋଦ୍ଦୀପକ ଶବ୍ଦ– ଭାବିପାରନ୍ତି, ଯେମିତି ଲୋକେ କହନ୍ତି ରାଜନୀତିରେ ପଲିଟିକ୍ସ ପଶିଗଲାଣି। ହଇଜା ରୋଗର କାରଣ ଭିବ୍ରିଓ କଲେରେ (Vibrio cholerae) ଜୀବାଣୁ, ତାହା ଆମ ରାଜ୍ୟରେ ବସା ବାନ୍ଧିଛି। କାଳକ୍ରମେ ବର୍ଦ୍ଧିତ ହୋଇ ପ୍ରାୟ ୧୫୦୦ ପ୍ରକାରର ହେଲାଣି, କେତେକ ମାରାତ୍ମକ ତ କେତେକ ସାମାନ୍ୟ ଜ୍ୱର ଆଣନ୍ତି। ଜଳ ଦ୍ୱାରା ପରିବାହିତ କଲେରା ଜୀବାଣୁ ଦୂଷିତ ପାଣି ଏବଂ ଭଲଭାବେ ସିଝି ନ ଥିବା ଖାଦ୍ୟ ଜରିଆରେ ଦେହରେ ପ୍ରବେଶ କରନ୍ତି – ମଣିଷ ଛଡ଼ା ଆଉ କେଉଁ ପ୍ରାଣୀ ଦେହରେ ଏମାନେ ଦେଖାଯା'ନ୍ତି ନାହିଁ। ସାଧାରଣ ଚିକିତ୍ସା ପାଇଁ ଗରିବର ପଇସା ନ ଥାଏ ବୋଲି କଲେରାରେ ଗରିବମାନେ ମରନ୍ତି। ଖରାଦିନ ଶେଷଆଡ଼କୁ ପାହାଡ଼ିଆ ଜିଲାମାନଙ୍କରେ ଶୁଖିଆସୁଥିବା ଜଙ୍ଗଲୀ ଝରରୁ ପାଣି ନେଇ ଲୋକେ ପିଅନ୍ତି ଓ ରନ୍ଧାବଢ଼ା କରନ୍ତି। ଉପକୂଳ ଜିଲାଗୁଡ଼ିକରେ ଝାଡ଼ା ପରିସ୍ରା କରୁଥିବା ପୋଖରୀମାନ କଲେରା ଜୀବାଣୁ ବିସ୍ତାରର କ୍ଷେତ୍ର। ସମୁଦ୍ର ଉପକୂଳର ଲୁଣିଆ ପାଣିରେ କଲେରା ଜୀବାଣୁ ବେଶ୍ ବଢ଼େ।

ଗରିବମାନଙ୍କ ପାଇଁ ପାନୀୟଜଳ ଅପହଞ୍ଚ। ରାଜ୍ୟରେ ଅନେକ ବର୍ଷର ଶାସନ କିଛି ପରିବର୍ତ୍ତନ ଆଣିପାରିନାହିଁ। ୧୯୯୯ର ସୁପର୍ ସାଇକ୍ଲୋନ୍ ପରେ ପ୍ରାୟ କୋଟିଏ ଲୋକ (ଓଡ଼ିଶାର ଏକ ତୃତୀୟାଂଶ) କଲେରାରେ ପଡ଼ିଥିଲେ ହେଁ ସ୍ୱାସ୍ଥ୍ୟ ବିଭାଗ ହଇଜା କହି ସମସ୍ୟାଟାକୁ ଉଡ଼ାଇ ଦେଇଥିଲା, ସେମିତି ଏବକାର ସ୍ୱାସ୍ଥ୍ୟ ମନ୍ତ୍ରୀ ବିଧାନସଭାରେ କହିଛନ୍ତି, କାଶୀପୁରର ରୋଗ ଏକ ହଇଜା (ତରଳ ଝାଡ଼ା), କଲେରା ନୁହେଁ। ମନେରଖିବା କଥା, ୨୦୧୦ ପରଠାରୁ ଉଚ୍ଚ ଆୟର ଦେଶଗୁଡ଼ିକରେ ଏ ରୋଗ ପ୍ରାୟ ନାହିଁ। ଗରିବମାନଙ୍କ ଭିତରେ, ଆଫ୍ରିକା ଓ ଦକ୍ଷିଣ ପୂର୍ବ ଏସିଆ ଭଳି କେତେକ ସ୍ଥାନରେ କଲେରା ଅଛି। ଓଡ଼ିଶା ତ କଲେରା ଜୀବାଣୁର ଉପନିବେଶ: ୧୯୯୯, ୨୦୦୦, ୨୦୦୩, ୨୦୦୫, ୨୦୦୬, ୨୦୦୭, ୨୦୧୦ ଓ ୨୦୧୨ରେ କଲେରା ଭୀଷଣ ରୂପ ନେଇଥିଲା। ରାୟଗଡ଼ା ଜିଲାର କାଶୀପୁର ଅଞ୍ଚଳରେ ପ୍ରାୟ ପ୍ରତିବର୍ଷ କଲେରା ବ୍ୟାପେ, ୨୦୦୭ରେ କାଶୀପୁର କଲେରା ସଂକ୍ରମଣର କେନ୍ଦ୍ର ଥିଲା। ଓଡ଼ିଶାର ଜଳକଷ୍ଟ ଅଞ୍ଚଳରେ ହଇଜା ଚିରସହଚର ହୋଇଗଲାଣି। କଲେରାର ଟିକା ବାହାରିଥିଲେ ହେଁ ସରକାରଙ୍କ ଚିନ୍ତାରେ ନାହିଁ। କଲେରା ଟିକା ବି ଇ–କୋଲାଇ ଜୀବାଣୁ କରୁଥିବା ହଇଜାରୁ ରକ୍ଷା କରେ। ଟିକା ୧୮ରୁ ୬୪ ବର୍ଷର ଲୋକଙ୍କୁ ଥରେ ପାଟିରେ ଦିଅ ଏବଂ ଅଙ୍ଗନୱାଡି ଜରିଆରେ ରୋଗୀକୁ ଯଥେଷ୍ଟ ପାଣି ପିଇବାର ସୁବିଧା କର, ଓଆର୍‌ଏସ୍ ଯୋଗାଅ, ପଖାଳଭାତ ଖାଇବାକୁ ଉତ୍ସାହିତ କର। ବଡ଼ ବଡ଼ ଘୋଷଣା କରିବାରେ ସରକାର ବ୍ୟସ୍ତ। ୨୫ ମାର୍ଚ୍ଚ ୨୦୨୧୦ରେ ସରକାର କହିଲେ: ଅଫିସରମାନେ ଜଳାଭାବ ସ୍ଥାନଗୁଡିକୁ ଚିହ୍ନଟ କରନ୍ତୁ, ପ୍ରତି ପଞ୍ଚାୟତ ଓ ସହରୀ ସଂଗଠନଗୁଡିକ ଜଳସଙ୍କଟକୁ ଟାଳିବାରେ କିପରି ପ୍ରସ୍ତୁତ ହେଉଛନ୍ତି ଜଣାନ୍ତୁ। ଲୋକଙ୍କ ଗୁହାରି ଶୁଣ ଓ ୧୦୦% ଜଳାଭାବ ଦୂର କର, ସେଥିଲାଗି ପ୍ରସ୍ତୁତ ହେଲଣି ବୋଲି ସାର୍ଟିଫିକେଟ୍ ଦିଅ। ଏ ସବୁ ଆଶୀର୍ବାଣୀ ଖବର ଆକାରରେ ବାହାରିଗଲେ ନିର୍ବାଚନ–ରଣ ଜିତିବା ସହଜ ହୋଇଯିବ ବୋଲି ଶାସକ ଦଳ ଭାବେ। ଖବରରେ ୧୭୦୦୦ କୋଟି ଟଙ୍କାର ୮୯ଟା ପ୍ରକାଣ୍ଡ ପ୍ରକଳ୍ପ, ୨୦୨୪ ସୁଦ୍ଧା ସବୁ ଗାଁର ସମସ୍ତ ପରିବାରକୁ ପାଇପ୍ ଜଳ ଯୋଗାଣ। ଗତ ୩ ବର୍ଷରେ ତ ୩୮୦୦ କୋଟି ଖର୍ଚ୍ଚ ହେଲାଣି ଆଉ ସହରାଞ୍ଚଳରେ ମୋଟ ଆବଶ୍ୟକତା ୧୦୮୮ ମିଲିୟନ ଲିଟର୍ ଥିବା ବେଳେ ୧୦୯୩ ମିଲିୟନ ଲିଟର୍ ଯୋଗାଉଛନ୍ତି ବୋଲି କହୁଛନ୍ତି, କିନ୍ତୁ ଏ ୫ ମିଲିୟନ ଲିଟର ଅଧିକା କୁଆଡ଼େ ଗଲା ! ମୋ ଘର ପାଖ ବିଜେବି ନଗରରେ ଅତିକମ୍‌ରେ ୭ଟା ଜାଗାରେ ଭୂତଳ ପାଇପ୍‌ରେ କଣା ଯୋଗୁ ପାନୀୟ ଜଳ ବୋହିଯାଉଛି। ଏଭଳି ଜଳ ନଷ୍ଟ କରିବା ଲାଗି ଠିକାଦାର ଉପରେ ବା ତନଖି କଳାବାଲା ଅଫିସର ଉପରେ ଦଣ୍ଡ ହେଉନାହିଁ। କାରଣ ସେମାନେ ନିର୍ବାଚନୀ ଖର୍ଚ୍ଚ ଯୋଗାଉଛନ୍ତି। ସାହି ପିଲାଏ ପାଇପ୍ କଣାକରି ନିର୍ଗତ ପାନୀୟ ଜଳରେ ଗୋଧୋଉଛନ୍ତି। କି ଲୋକସାନ! ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଏକ ପ୍ରହସନ ହୋଇଯିବନି ତ! ଡିସେମ୍ବର ୨୦୨୨ ତ ମାତ୍ର ୫ ମାସ ରହିଲା, ଦେଖିବା ନାହିଁକି ସବୁ ସହରରେ ସବୁ ଘରେ ପାଇପ୍ ଲାଗିଥିବ, ପାଣି ବୋହୁ ନ ଥିବ! ଦ୍ୱିତୀୟ ସଂସ୍କରଣ ଅମୃତରେ ଏ କାମ! ସ୍ୱଚ୍ଛ ଭାରତ ମିଶନ ୨.୦ ପାର୍ ହୋଇଯାଇଥିବ। ୨୦୧୫ରୁ ଅମୃତ ମିଶନ ଆରମ୍ଭ ହେଲାଣି। ଏଯାଏ କାହିଁକି ସରିନାହିଁ କାହାକୁ ତ ଦାୟୀ କରାଯାଉନାହିଁ। ଯେଉଁ ୯ଟା ସହରରେ ଏ କାମ ସରିଲାଣି ସେ ସହରଗୁଡିକର ଅବସ୍ଥା ଦେଖନ୍ତୁ। କିନ୍ତୁ କାଗଜପତ୍ରରେ ଓଡ଼ିଶା ୩ ବର୍ଷକାଳ ଦେଶରେ ପ୍ରଥମ ହେଉଛି। ଲଣ୍ଡନ, ନ୍ୟୁୟର୍କ, ସିଙ୍ଗାପୁର ଓ ଟୋକିଓ ଭଳି ପୁରୀ ବି ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ସହର ହେଲାଣି ବୋଲି ସରକାର କହୁଛନ୍ତି। ଏଥିଯୋଗୁ ୪୦୦ ଟନ୍ ପ୍ଲାଷ୍ଟିକ୍ ଆବର୍ଜନା ହ୍ରାସ ପାଇଲା ବୋଲି କହୁଛନ୍ତି। ଆଉ ୧୭ଟି ସହରରେ 'ଟ୍ୟାପ୍‌ରୁ ପିଅ' ଯୋଜନା କାର୍ଯ୍ୟକାରୀ ହେବ। ତେଣେ ମୁଗୁରା ମେଲା ବୋଲି ସରକାର ଭାବୁନାହାନ୍ତି।

୨୦୨୫କୁ ବିପଦ ମାଡ଼ିଆସୁଛି। ସରକାର ଭାବୁନାହାନ୍ତି– ଖଣିଜ ଉତ୍ତୋଳନ ଯେତିକି ଲାଭ ସେତିକି କ୍ଷତି। ଓଡ଼ିଶାର ଭବିଷ୍ୟତ ଜଳ ହିଁ ତିଆରି କରିବ। ଅଥଚ ଓଡ଼ିଶାର ଜୀବନରେଖା ଖଣିଜ ପଦାର୍ଥ, କିନ୍ତୁ ତା'ର ଉତ୍ତୋଳନ ମାନେ ଭୂତଳ ଜଳସ୍ତରକୁ ନିମ୍ନଗାମୀ କରିବା ଏବଂ ସ୍ୱଳ୍ପ ଗଭୀରରେ ଥିବା ଭୂତଳ ଜଳସ୍ତରକୁ ଶୁଖେଇଦେବା ; ଭୂପୃଷ୍ଠରେ କେତେଗୁଡିଏ ଖାଲ, ପୋଖରୀ କିମ୍ବା ଗଡ଼ିଆ କରିଦେଲେ ଜଳ ଭରଣା କରିହେବ ନାହିଁ। ବୋତଲ–ଭର୍ତ୍ତି–ଜଳ ଶିଳ୍ପ ବଢ଼ିଚାଲିଛି ; ଆମ ନାଳନର୍ଦ୍ଦମା, ହ୍ରଦ, ନଦୀ ଏପରି କି ଗାଁ ପୋଖରୀ ବୋତଲରେ ଭର୍ତ୍ତି ହୋଇଗଲାଣି। ଲିଟର୍‌କିଆ ବୋତଲ ଭର୍ତ୍ତି କରିବାକୁ ୧.୬ ଲିଟର ପାଣି, ଜାଳ, ଆଉ କିଛି ସାଧନ ଦରକାର। 'ଟ୍ୟାପ୍‌ରୁ ପିଅ' ଯୋଜନା ଏସବୁ ଲୋକସାନ କମାଇବ ତ! ୨୦୧୩ରୁ ୨୦୧୭– ୪ ବର୍ଷ ଭିତରେ ଆମ ରାଜ୍ୟର ଭୂତଳ ଜଳ ଉତ୍ତୋଳନ ୩୦%ରୁ ୪୨%କୁ ବଢ଼ିଯାଇଛି। ଅଥଚ ଭୂତଳ ଜଳଭଣ୍ଡାର ସେତେ ପରିମାଣରେ ଭର୍ତ୍ତି ହେଉନାହିଁ। ଭୂତଳ ଜଳ ଭରଣା କରିବାର ଚିନ୍ତା ନାହିଁ। ଘୁସ୍ ଖାଇଲେ ବିଡିଏ, ବିଏମ୍‌ସି ଆଦି ବୃଷ୍ଟିଜଳ ଅମଳକୁ କାଗଜପତ୍ରରେ ଦେଖାଇଦିଅନ୍ତି, ପ୍ରକୃତ କାମ ହେଉଛି କି ନା ଦେଖନ୍ତିନାହିଁ। ତେଣୁ ଭୂପୃଷ୍ଠରୁ ବୃଷ୍ଟିଜଳ ଭୂତଳକୁ ନ ଭେଦି ସିଧାସଳଖ ସମୁଦ୍ରକୁ ଚାଲିଯାଉଛି।

୨୦୧୯ରୁ ଚାଲୁ ହୋଇଥିବା ଜଳଜୀବନ ମିଶନ ଘରେ ଘରେ ପାଇପ୍ ଜଳ ଯୋଗାଇବ ତ। ଭୂତଳ ଜଳ ବ୍ୟବହାର ବଢ଼ିଯିବ, ଏଯାବତ୍ ୬୫%ରୁ ବେଶି ଖର୍ଚ୍ଚ ହେଲାଣି। କାହିଁ ଟ୍ୟାପ୍? ଚାରିଆଡ଼େ ପକ୍କାରାସ୍ତା ଏବଂ ବହୁତଳ କଂକ୍ରିଟ କୋଠା – ଏସବୁ ଦରକାର କରୁଛି ଦିନକୁ ୪୩୫ ମିଲିଅନ୍ ଲିଟର୍ – ଜଳର ଚାହିଦା ପ୍ରତି ୧୦ ବର୍ଷରେ ଦୁଇଗୁଣ ବଢୁଛି। ତା' ସାଙ୍ଗକୁ ବହୁ ପରିମାଣର ଜଙ୍ଗଲ ଧ୍ୱଂସ ଜଳଧାରଣ ଶକ୍ତିକୁ ନଷ୍ଟ କରୁଛି।



sahadevas@yahoo.com

# ଆଇନ ତା' ବାଟରେ ଯାଉନାହିଁ



**ନାରାୟଣ ମିଶ୍ର**

ସମ୍ବିଧାନର କୌଣସି ସ୍ଥାନରେ ଲେଖା ନାହିଁ ଯେ ସାଂସଦ ବା ବିଧାନସଭା ସଦସ୍ୟମାନଙ୍କର ସମ୍ପତ୍ତି ନିର୍ବାଚନ ବେଳେ ଦୁଇଲକ୍ଷ ଏବଂ ନିର୍ବାଚିତ ହେବାର ପାଞ୍ଚବର୍ଷ ପରେ ପାଞ୍ଚଶହ କୋଟି ବୋଲି ଘୋଷଣା କଲେ ମଧ୍ୟ ସେମାନଙ୍କ ବିରୁଦ୍ଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇପାରିବ ନାହିଁ ବା ହେଲେ ମଧ୍ୟ ତଦନ୍ତ ପରିସରଭୁକ୍ତ ହେବେ ନାହିଁ। ସାଧାରଣ ଜନତାଙ୍କ ପାଇଁ ଏଭଳି ଆଇନ ଲାଗୁ ହୋଇ ଚାଲିଛି। ଅଭିଯୋଗ ପ୍ରମାଣ ହେଉଛି, ସେମାନେ ଗିରଫ ହେଉଛନ୍ତି ଓ ଜେଲ୍ ବି ଭୋଗୁଛନ୍ତି! ସାଂସଦ ବା ବିଧାନସଭା ସଦସ୍ୟମାନଙ୍କ ନିଜ ଦ୍ୱାରା ଘୋଷିତ ସମ୍ପତ୍ତିବାଡ଼ି ତାଲିକା ଖବରକାଗଜରେ ପ୍ରକାଶ ପାଉଛି ; ଯାହା କି ଏ ଦେଶର ନ୍ୟାୟ ବ୍ୟବସ୍ଥା ଦେଖୁଛି ; କିନ୍ତୁ ତା' ପରେ 'ATR (Action Taken Report) ବା କାର୍ଯ୍ୟାନୁଷ୍ଠାନ ଏ ଯାବତ୍ ଶୂନ୍ୟ ରହି ଆସିଛି। ଆଇନ୍ ଏମାନଙ୍କ ପାଇଁ ଅଲିଖିତ ଭାବେ ଅଲଗା!!!

ପଚିଶ ତିରିଶ ବର୍ଷ ଚାକିରି କଲାପରେ ଜଣେ କର୍ମଚାରୀ ପେନ୍‌ସନ ପାଏ। ଯଦି ଚାକିରିକାଳ ପଚିଶ ତିରିଶ ବର୍ଷ ଜାଗାରେ ପନ୍ଦରବର୍ଷ ହୋଇଥାଏ, ତେବେ ପେନ୍‌ସନର ପରିମାଣ (ଯାହା ଦରମାର ଅଧା) ସମାନୁପାତିକ ଭାଗେ କମିଯିବ। ସ୍ୱଷ୍ଟଭାବେ କହିବାକୁ ଗଲେ, ଜଣେ ଅବସର ସମୟରେ ପଚାଶ ହଜାର ଦରମା ପାଉଥିଲେ ଏବଂ ସେ ପନ୍ଦରବର୍ଷ ଚାକିରି କରିଥିଲେ, ସେ ପଚିଶ ହଜାର ପେନ୍‌ସନର ପାଞ୍ଚଭାଗରୁ ତିନିଭାଗ ଅର୍ଥାତ୍ ପନ୍ଦରହଜାର ମାତ୍ର ପାଇବ। ଅଥଚ ଜଣେ ପାଞ୍ଚଥର ସାଂସଦ ହୋଇଥିଲେ, ସେ ପେନ୍‌ସନ ପରିମାଣର ପ୍ରାୟ ପାଞ୍ଚଗୁଣ ପାଇବେ। ଏଇ ନ୍ୟାୟରେ ପଞ୍ଜାବର ଜଣେ ବିଧାନସଭା ସଦସ୍ୟ ପାଞ୍ଚ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ପେନ୍‌ସନ ପାଉଥିବାର ଖବର ପ୍ରସାରିତ ହେବା ପରେ ସାଧାରଣ ଜନତା ଏ ସମ୍ବନ୍ଧରେ ଜାଣିଲେ। କେବଳ ଏତିକି ନୁହେଁ, ଷାଠିଏ ବର୍ଷରେ ଜଣେ ସରକାରୀ କର୍ମଚାରୀ ଅବସର ନେଉଥିବା ବେଳେ ନେତାମାନେ ସାଂସଦ ବା ବିଧାନସଭା ସଦସ୍ୟ ପଦବୀ ପାଇଁ ମୃତ୍ୟୁପର୍ଯ୍ୟନ୍ତ ଲଢ଼ିପାରିବେ।

ଦୁଇରୁ ଅଧିକ ପିଲା ଥିଲେ ଜଣେ ସରପଞ୍ଚ ବା ୱାର୍ଡମେମ୍ବର ପଦବୀ ପାଇଁ ନିର୍ବାଚନ ଲଢ଼ିପାରିବ ନାହିଁ, କିନ୍ତୁ ଏମ୍‌ଏଲ୍‌ଏ ବା ମନ୍ତ୍ରୀ ହେବାକୁ ହେଉଥିବା ନିର୍ବାଚନରେ ଯେତେ ପିଲା ଥିଲେ ମଧ୍ୟ ନିର୍ବାଚନ ଲଢ଼ି ହେବ– ଏଠାରେ ବି ଆଇନ ଲୋକ ବା ପଦବୀ ନେଇ ଭିନ୍ନ ; ଏକଥା ବିଚାରାଳୟ ସାମ୍ନାରେ ଘଟି ଚାଲିଛି ଏବଂ ସମ୍ବିଧାନରେ ଏଭଳି ଭିନ୍ନ ଭିନ୍ନ ଆଇନ ଲାଗୁ ହେବା କଥା କୌଣସିଠାରେ ଲେଖା ନାହିଁ।

ଆଇନ ଠିକ୍ ବାଟରେ ନ ଗଲେ ବି ଅନେକ ସମୟରେ ଟଙ୍କା ଓ ପ୍ରତିଷ୍ଠାର ଅସୀମ ବଳ ପ୍ରଶାସନ ଓ ବିଚାରାଳୟଗୁଡ଼ିକୁ ଚୁପ୍ ରହିବାକୁ ବାଧ୍ୟ କରୁଛି। ଏହାର କାରଣ କେବଳ ସେଇ ଆଇନ ପ୍ରୟୋଗ କଲାବାଲାଙ୍କୁ ହିଁ ଜଣା। ଆମ ଦେଶରେ ଯେଉଁମାନେ ଆଇନ ପ୍ରଣୟନ କରନ୍ତି ଏବଂ ଯେଉଁମାନେ ଏହାର ଯଥାଯଥ ପ୍ରୟୋଗର ଦାୟିତ୍ୱ ନେଇଛନ୍ତି, ସେମାନଙ୍କ ପାଇଁ ଆଇନର ଜଳାବାଟ ଖୋଜାଯାଏ ଏବଂ ସେମାନଙ୍କୁ କେବେ ମଧ୍ୟ ଦଣ୍ଡିତ କରାଯାଇପାରେନି! ସାକ୍ଷ୍ୟ ପ୍ରମାଣ ଅଭାବରୁ ନେତା ଓ ପ୍ରଶାସକମାନେ ନିର୍ଦ୍ଦୋଷ ବୋଲି ପ୍ରମାଣିତ ହୁଅନ୍ତି। ଦୋଷ ପ୍ରମାଣ ହେବା ସମୟ ପୂର୍ବରୁ ସେମାନେ ଅନେକ କ୍ଷେତ୍ରରେ ଜାମିନ ପାଇଯାନ୍ତି। କେସ୍‌ର ତାରିଖ ଗଡ଼ି ଚାଲେ ଏବଂ ବିଚାର ତଳ କୋର୍ଟ, ଉପରକୋର୍ଟ, ହାଇକୋର୍ଟ ଓ ସୁପ୍ରୀମକୋର୍ଟ ଯିବା ଭିତରେ ସେମାନେ ଅପର୍ଯ୍ୟାପ୍ତ ଧନସମ୍ପତ୍ତି ପରପିଢ଼ି ପାଇଁ ରଖି ସ୍ୱର୍ଗକୁ ଚାଲିଯାଆନ୍ତି। ଆଇନ ଯେଉଁମାନଙ୍କଠାରେ ଅକ୍ଷରେ ଅକ୍ଷରେ ପାଳନ କରାଯାଏ, ସେଇ ନିରୀହ ଜନସାଧାରଣ, ସରକାରୀ ଚାକିରିଆ ଆଇନ କ'ଣ ଜାଣନ୍ତି ନାହିଁ ଏବଂ ସେମାନଙ୍କ ମଧ୍ୟରୁ ଅନେକେ ଦାମୀ ଓକିଲଙ୍କ ଫିସ୍ ନ ଦେଇ ପାରି ଜେଲ୍‌ର ଚାରିକାନ୍ଥ ଭିତରେ ଶଢ଼ି ମରନ୍ତି ବା ଆତ୍ମହତ୍ୟା କରି ମରନ୍ତି।



ଏବେ ଆସନ୍ତୁ, ଆମ ବଡ଼ଠାକୁର ପୁରୀର ଶ୍ରୀଜଗନ୍ନାଥଙ୍କ ସେବା ବିଷୟରେ ଆଇନ କ'ଣ କରିପାରୁଛି ଜାଣିବା। ଠାକୁରଙ୍କ ସେବା ପାଇଁ ସରକାର, ଶ୍ରୀମନ୍ଦିର ପ୍ରଶାସନ, ପୁରୀ ଗଜପତି ମହାରାଜା ଓ ସର୍ବୋପରି ଶଙ୍କରାଚାର୍ଯ୍ୟଙ୍କ ଭଳି ଦକ୍ଷ, ଅଭିଜ୍ଞ ଓ ନୀତିଧାରୀମାନେ ଥିଲେ ବି ଠାକୁରଙ୍କ ସମସ୍ତ ସେବାରେ ଶେଷ ନିଷ୍ପତ୍ତି କେବଳ ସେବାୟତମାନଙ୍କର! ସେବାୟତମାନେ ନ ଚାହିଁଲେ ଠାକୁରଙ୍କ ନୀତି ହେବା ଅସମ୍ଭବ। ଏଥିପାଇଁ ଯେତେ ସମୟ ପର୍ଯ୍ୟନ୍ତ ଠାକୁର ଉପାସରେ ରହିଲେ ଅନ୍ୟ କେହି କିଛି କରିପାରିବେ ନାହିଁ। କେଉଁ ଆଇନ ବଳରେ ଠାକୁରଙ୍କ ନବକଳେବର ସମୟରେ ବ୍ରହ୍ମ ପରିବର୍ତ୍ତନ ରାତିଅଧରୁ ଦିନଅଧକୁ ଆସିପାରିଲା ? କେଉଁ ଆଇନ ବଳରେ ରଥ ଉପରେ ଅଗଣିତ ସେବାୟତ ରହି ଭକ୍ତ ଓ ଟିଭି ମାଧ୍ୟମଗୁଡ଼ିକୁ ଠାକୁରଙ୍କୁ ସ୍ୱଷ୍ଟ ଦର୍ଶନରୁ ବଞ୍ଚିତ କରିପାରୁଛନ୍ତି! ତେଣୁ ଏଠାରେ ବି ଆଇନ ନିଜ ବାଟରେ ଯାଇ ପାରୁନାହିଁ!! ଠିକ୍ ସେମିତି ସମ୍ବିଧାନରେ କେଉଁ ନିୟମ ଅନୁସାରେ ଦିନ ଦିନ ଧରି ବିଧାନସଭା ଓ ପାର୍ଲାମେଣ୍ଟର କାର୍ଯ୍ୟକୁ ଅଚଳ କରିଦିଆଯାଉଛି ଆଉ କେଉଁ ଆଇନ ବଳରେ ସଦସ୍ୟମାନେ ବିଧାନସଭା, ଲୋକ ସଭା ଓ ରାଜ୍ୟ ସଭାରେ ପ୍ରତିବାଦ ନାଁରେ ଘଣ୍ଟି ବଜାଇବା, ଚେୟାର ଟେବୁଲ ଓ ମାଇକ୍ ଭାଙ୍ଗିବା ଏବଂ ବିଲ୍ ଚିରି ଫୋପାଡ଼ି ଦେବା ଭଳି କାର୍ଯ୍ୟ ଅବାଧରେ କରିପାରୁଛନ୍ତି।

ତେଣୁ ଏ ଗଣତାନ୍ତ୍ରିକ ଦେଶରେ ଆଇନ ତା' ବାଟରେ ଯାଉନାହିଁ। ଅମାପ ସମ୍ପତ୍ତି, କ୍ଷମତା ଓ ପଦପଦବୀ ଆଇନର ବେକମୋଡ଼ି ସେମାନଙ୍କୁ ସୁହାଇବା ବାଟରେ ନେଇ ଚାଲିଛନ୍ତି– ଫଳତଃ ପତଙ୍ଗର ଅଗ୍ନି ପ୍ରତି ଆକର୍ଷଣ ବଢ଼ିଚାଲିଛି ; ଶେଷ ଦୃଶ୍ୟ ପତନ ବା ଧ୍ୱଂସକୁ ଆବାହନ ହିଁ ବୋଧହୁଏ ଏକମାତ୍ର ଲକ୍ଷ୍ୟ !!!

**୪୯/୬୦୦, ଲକ୍ଷ୍ମୀ ବିହାର, ଭୁବନେଶ୍ୱର**

## ଏଇ ଭାରତରେ

ପ୍ଲାଷ୍ଟିକ୍ ବ୍ୟବହାର ଯୋଗୁ ପରିବେଶ ପ୍ରଦୂଷଣ ଏବେ ଚିନ୍ତାର କାରଣ ହୋଇଥିବାବେଳେ ଏହାର ସମାଧାନ ପାଇଁ ପୁଣେର ଅମିତା ଦେଶପାଣ୍ଡେଙ୍କ ପ୍ରୟାସ ବେଶ୍ ପ୍ରଶଂସନୀୟ। ଅମିତା ଜଣେ ସଫ୍ଟୱେର ଇଞ୍ଜିନିୟର। ହେଲେ ସେ ଚାକିରି ପ୍ରତି ଆସକ୍ତ ନ ହୋଇ ପରିବେଶ ସହନୀୟ ଷ୍ଟାର୍ଟଅପ୍ 'ରି ଚରଖା' ଗଠନ କରି ପ୍ଲାଷ୍ଟିକ ବର୍ଜ୍ୟକୁ ଅପ୍‌ସାଇକିଲିଂ କରୁଛନ୍ତି। ସେଥିରୁ ଆକର୍ଷଣୀୟ ବ୍ୟାଗ, ଘରସଜା ଜିନିଷ ସହ ଅନ୍ୟ ସାମଗ୍ରୀ ପ୍ରସ୍ତୁତ କରାଯାଉଛି। ପ୍ଲାଷ୍ଟିକ ପ୍ୟାକେଟକୁ ଚରଖାରେ ସରୁ ସୂତା ଆକାର କରି ତାହାକୁ ତନ୍ତରେ ପ୍ଲାଷ୍ଟିକ୍ କପଡ଼ାର ରୂପ ଦେବା ପରେ ସେଥିରୁ ବିଭିନ୍ନ ଜିନିଷ ତିଆରି ହେଉଛି। ସେହି ଜିନିଷଗୁଡ଼ିକ ଉପରେ ଅମିତା ବିଭିନ୍ନ କଳାକୃତିର ଛାପ ରଖୁଛନ୍ତି ଓ ଏହି କାର୍ଯ୍ୟରେ କାରିଗରମାନଙ୍କୁ ନିଯୁକ୍ତ କରିଛନ୍ତି। ଅମିତା ଏବେସୁଦ୍ଧା ୭ ଲକ୍ଷ ପ୍ଲାଷ୍ଟିକ୍ ପ୍ୟାକେଟ ଅପ୍‌ସାଇକିଲିଂ କରିବା ସହ ସେଥିରୁ ପ୍ରସ୍ତୁତ ସାମଗ୍ରୀଗୁଡ଼ିକରୁ ୭୦ ଲକ୍ଷ ଟଙ୍କା ରୋଜଗାର କରି ସାରିଲେଣି। ସେ ସ୍ଥାନୀୟ ଅଞ୍ଚଳର ବର୍ଜ୍ୟ ଗୋଟାଳି ଓ ଦାଦ୍ରାନଗର ହାବେଳିର ଆଦିବାସୀମାନଙ୍କୁ ବର୍ଜ୍ୟ ସଂଗ୍ରହ କାର୍ଯ୍ୟରେ ନିୟୋଜିତ କରିଛନ୍ତି। ଏମାନଙ୍କ ମଧ୍ୟରେ ୭୦ ପ୍ରତିଶତ ହେଉଛନ୍ତି ମହିଳା। ଏହା ବ୍ୟତୀତ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିଙ୍କଠାରୁ ମଧ୍ୟ ପ୍ଲାଷ୍ଟିକ ବର୍ଜ୍ୟ ସଂଗ୍ରହ କରାଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

**୨୦ ଅଗଷ୍ଟ ୧୯୯୭**

- ଜଙ୍ଗଲ ଦସ୍ୟୁ ବୀରାପ୍ପାନ ଏବଂ ତାଙ୍କ ସହଯୋଗୀମାନଙ୍କ ଆତ୍ମସମର୍ପଣ ଇଚ୍ଛା ପୂରଣ କରିବାକୁ କର୍ନାଟକ ଏବଂ ତାମିଲନାଡୁ ସରକାର ରାଜି ହୋଇଛନ୍ତି।
- ତାମିଲନାଡୁର ପେରେମ୍ବୁରଠାରେ ତୁତିକୋଡ଼ାରୁ ଚେନ୍ନାଇ ଅଭିମୁଖେ ଯାଉଥିବା ଏକ ବସ ସହ ଟ୍ରକ୍‌ର ମୁହାଁମୁହିଁ ଧକ୍କା ହେବା ଫଳରେ ୧୨ ମୃତ।
- ନିୟମିତ ପାଠପଢ଼ା ନ ହୋଇ କର୍ତ୍ତୃପକ୍ଷ ପରୀକ୍ଷା ପରିଚାଳନା କରିଥିବାରୁ ଏଥିରେ ଅସନ୍ତୋଷ ପ୍ରକାଶ କରି ଓଡ଼ିଶା ଇଞ୍ଜିନିୟରିଂ କଲେଜ ଛାତ୍ରୀଛାତ୍ରଙ୍କ ଧର୍ମଘଟ ଓ ପରୀକ୍ଷା ବର୍ଜନ।

## sudoku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | | 7 | | 2 | |
| | 2 | | | 1 | | | 3 | |
| 4 | | 1 | | | | | 8 | |
| | | 8 | 2 | | | 6 | | 4 |
| | 1 | | 4 | | | | | |
| | | | 6 | | | | 9 | 7 |
| | | 3 | | | 5 | | 7 | |
| | 7 | 5 | | | 9 | | | 6 |
| | | | 1 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 2 | 5 | 7 | 8 | 3 | 6 | 4 |
| 5 | 4 | 7 | 3 | 6 | 1 | 8 | 9 | 2 |
| 3 | 6 | 8 | 2 | 9 | 4 | 7 | 1 | 5 |
| 8 | 5 | 3 | 6 | 2 | 7 | 1 | 4 | 9 |
| 9 | 1 | 6 | 4 | 3 | 5 | 2 | 8 | 7 |
| 7 | 2 | 4 | 1 | 8 | 9 | 5 | 3 | 6 |
| 2 | 3 | 5 | 8 | 4 | 6 | 9 | 7 | 1 |
| 4 | 8 | 9 | 7 | 1 | 2 | 6 | 5 | 3 |
| 6 | 7 | 1 | 9 | 5 | 3 | 4 | 2 | 8 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଓସାକ୍ସ କର୍ମଚାରୀଙ୍କ ପ୍ରତି ଦୃଷ୍ଟିପଡୁ

ମହାଶୟ,

ମଙ୍କିପକ୍ସ ଅତ୍ୟନ୍ତ ବିପଜ୍ଜନକ ରୋଗ। ଏହାର ନିରାକରଣ ଏବଂ ସଚେତନତା କ୍ଷେତ୍ରରେ କାର୍ଯ୍ୟ କରିବାକୁ ସ୍ଥିର ହୋଇଥିବା କର୍ମଚାରୀମାନଙ୍କୁ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ସହାୟତା, ସୁରକ୍ଷା ଏବଂ ପ୍ରୋତ୍ସାହନ ରାଶି ପ୍ରଦାନ କରିବା ଅବଶ୍ୟକ। ଓଡ଼ିଶା ରାଜ୍ୟ ଏଡ୍ସ ନିୟନ୍ତ୍ରଣ ସମିତି (ଓସାକ୍ସ)ର କର୍ମଚାରୀମାନେ ମଙ୍କିପକ୍ସ ନେଇ କାର୍ଯ୍ୟ କରିବାକୁ ସରକାରଙ୍କ ତରଫରୁ ନିଷ୍ପତ୍ତି ହୋଇଛି। ଓସାକ୍ସର କର୍ମଚାରୀମାନେ ନିଷ୍ଠାର ସହ କାର୍ଯ୍ୟ କରି ରାଜ୍ୟକୁ ଜାତୀୟସ୍ତରରେ ଗୌରବ ଦେଇଛନ୍ତି। ହେଲେ ଅଦ୍ୟାବଧି ସେମାନେ କରୋନା ପ୍ରୋତ୍ସାହନ ରାଶି ପାଇ ପାରି ନାହାନ୍ତି। ସରକାରଙ୍କ ତରଫରୁ ଏଥିନେଇ ବାରମ୍ବାର ଆବଶ୍ୟକ ପଦକ୍ଷେପ ନେବାର ନିର୍ଦ୍ଦେଶ ଥିଲେ ବି ତାହା କାର୍ଯ୍ୟକାରୀ ହୋଇ ପାରିନାହିଁ। ଏ କ୍ଷେତ୍ରରେ ବିଳମ୍ବ ପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଜରୁରୀ। ନିକଟ ଅତୀତରେ ସ୍ୱାସ୍ଥ୍ୟମନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କ ସହ ଓସାକ୍ସ କର୍ମଚାରୀ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘ ତରଫରୁ ପ୍ରଦାନ କରାଯାଇଥିବା ୯ ଦଫା ସମ୍ବଳିତ ଦାବିପତ୍ର ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ସଂଘର ନ୍ୟାଯ୍ୟ ଦାବିଗୁଡ଼ିକ ପୂରଣ ପାଇଁ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ (ଏନ୍‌ଆର୍‌ଏଚ୍‌ଏମ୍) ପରି ଓସାକ୍ସର କର୍ମଚାରୀମାନଙ୍କୁ ବିଭିନ୍ନ ସୁବିଧା ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କ ଅଂଶଧନ ରହିବା ପାଇଁ ଦାବି କରାଯାଇଥିଲା। ଏହି ଅଂଶଧନରେ ଓସାକ୍ସ କର୍ମଚାରୀମାନଙ୍କୁ ମଙ୍କିପକ୍ସ କାର୍ଯ୍ୟ କରିବା ପାଇଁ ପ୍ରୋତ୍ସାହନ ରାଶି ପ୍ରଦାନ ବ୍ୟବସ୍ଥା କରାଗଲେ ସେମାନେ ଉପକୃତ ହୋଇପାରନ୍ତେ।

**–ସତୀଶ ବିଶ୍ୱାଳ, ସଭାପତି, ଓଡ଼ିଶା ରାଜ୍ୟ ଏଡ୍ସ ନିୟନ୍ତ୍ରଣ କର୍ମଚାରୀ କଲ୍ୟାଣ ସଂଘ, ଓଡ଼ିଶା**

## ଚିରନ୍ତନୀ

କେତେ ପରଶର ପରାସ ଲାଗି ଏ ପ୍ରାଣ
ପାଷାଣରୁ ବଳି ହୋଇଛି ତ ବଡ଼ ଟାଣ
ରୂପର ଝଲକେ ନିଭିଛି ଆଖିରୁ ଜ୍ୟୋତି
ଶିଶୁ ଖେଳ ପରା ଲାଗେ ପ୍ରୀତି ଅଭିମାନ।

–(ରୂପର ମୋହ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ନଭେମ୍ବର ୮ରୁ ବାଲିଯାତ୍ରା**

କଟକ ଅଫିସ: ଆସନ୍ତା ନଭେମ୍ବର ୮ରୁ ୧୪ ତାରିଖ ପର୍ଯ୍ୟନ୍ତ କଟକରେ ବାଲିଯାତ୍ରା ଅନୁଷ୍ଠିତ ହେବ। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ଶନିବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ଏଥିରେ ବାଲିଯାତ୍ରା ସମ୍ପର୍କରେ ଆଲୋଚନା ହେବ ବୋଲି ଜଣାପଡିଛି। ସୂଚନାଯୋଗ୍ୟ, ପୂର୍ବରୁ ୧୦ରୁ ୧୧ ଦିନ ଧରି ବାଲିଯାତ୍ରା ହେଉଥିବାବେଳେ ଏଥର ୭ ଦିନ ଧରି ଅନୁଷ୍ଠିତ ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ ଜଣାପଡିଛି।



## ସଂକ୍ଷେପରେ

### ୬୦ କେଜି ଗଞ୍ଜେଇ ଜବତ, ୨ ଗିରଫ

କଟକ ଅଫିସ,୧୯।୮: ରାଜ୍ୟ ଅବକାରୀ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ କଟକ ସଦର ଥାନା ଅନ୍ତର୍ଗତ ଗୋପାଳପୁର ଛକରେ ଶୁକ୍ରବାର ଚଢ଼ାଉ କରାଯାଇ ୬୦ କେଜି ଗଞ୍ଜେଇ ଓ ଏକ କାର(ନଂ. ଓଡ଼ି୦୨ଏବି-୩୩୩୨) ଜବତ କରାଯାଇଛି। ଏହି ଘଟଣାରେ ଗଞ୍ଜାମ ଜିଲା କୋଦଳା ଥାନା ଅନ୍ତର୍ଗତ ଫାସି ଗ୍ରାମର ଶ୍ୟାମସୁନ୍ଦର ମହାପାତ୍ର ଓ ପୋଲସରା ଅଞ୍ଚଳର ଶ୍ରୀକାନ୍ତ କୁମାର ଡାଙ୍ଗୁଆଙ୍କୁ ଗିରଫ କରାଯାଇଛି। ଏହି ଗଞ୍ଜେଇ ଗଞ୍ଜାମ ଜିଲା କୋଦଳାରୁ ପଶ୍ଚିମବଙ୍ଗକୁ ଚାଲାଣ ହେଉଥିଲା। ଏ ନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା(ନଂ.୨୨୨/୨୨-୨୩) ରୁଜୁ ହୋଇଛି।

### ଏଟିଏମ୍ କାର୍ଡ ହାତେଇ ଦେଢ଼ଲକ୍ଷ ଲୁଟ୍, ଅଭିଯୁକ୍ତ ଗିରଫ

କଣ୍ଟାପଡା,୧୯।୮(ଡି.ଏନ୍.ଏ.)- ଚଞ୍ଚକତା କରି ଏଟିଏମ୍‌ରୁ ଟଙ୍କା ଉଠାଇବା ଅଭିଯୋଗରେ ଓଲଟପୁର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ ପୂର୍ବାଂଶ କୂଳଗାଁ ଇସାଲୋର ସଞ୍ଜୀବ କୁମାର ମଣ୍ଡଳ। ତାଙ୍କଠାରୁ ଏକ କାର(ନଂ. ଓଡ଼ି୦୫ବିଡି-୧୦୩୦) ଜବତ କରାଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଓଲଟପୁର ଥାନା ଅନ୍ତର୍ଗତ ବରାହୀପୁର ଗ୍ରାମର ନାରାୟଣ ଭୂୟାଁ(୭୦) ଗତ ୫ ତାରିଖରେ ଅଡଶପୁରସ୍ଥିତ ଷ୍ଟେଟ୍‌ବ୍ୟାଙ୍କ ଏଟିଏମ୍‌କୁ ଟଙ୍କା ଉଠାଇବା ପାଇଁ ଆସିଥିଲେ। ସେଠାରେ ପୂର୍ବରୁ ସଞ୍ଜୀବ ଉପସ୍ଥିତ ଥିଲେ। ସେ ନାରାୟଣଙ୍କୁ ସାହାଯ୍ୟ କରିବା ଆଳରେ ତାଙ୍କଠାରୁ ଏଟିଏମ୍ କାର୍ଡ ସହ ପିନ୍ ନମ୍ବର ହାତେଇ ପଳାଇ ଯାଇଥିଲେ। ଏହାପରେ ସେ ଉକ୍ତ ଏଟିଏମ୍ କାର୍ଡ ସାହାଯ୍ୟରେ ୫ ଓ ୬ ତାରିଖ ମଧ୍ୟରେ ପ୍ରାୟ ଦେଢ଼ଲକ୍ଷ ଟଙ୍କା ଉଠାଇ ନେଇଥିଲେ। ଏ ସମ୍ପର୍କରେ ନାରାୟଣ ଜାଣିବା ପରେ ବ୍ୟାଙ୍କକୁ ଯାଇ ଏଟିଏମ୍ କାର୍ଡକୁ ବ୍ଲକ କରିଥିଲେ। ଏ ନେଇ ସେ ୧୦ ତାରିଖରେ ଓଲଟପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୮୨/୨୨) ରୁଜୁ କରିଥିଲା। ଅଭିଯୁକ୍ତଙ୍କ ସମ୍ପର୍କରେ ସମସ୍ତ ତଥ୍ୟ ପାଇବା ପରେ ଓଲଟପୁର ପୋଲିସ ଗୁରୁବାର ରାତିରେ ନିଶ୍ଚିନ୍ତକୋଇଲି ଥାନା ଆଇଆଇସି ଚିନ୍ମୟୀ ସାହୁଙ୍କ ସହଯୋଗରେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ଚୋରା ମଦ ଜବତ, ୨ ଗିରଫ

ଚୌଦ୍ୱାର,୧୯।୮(ଡି.ଏନ୍.ଏ.)- ଚୌଦ୍ୱାର ଥାନା ଅଧୀନ ଧୂମାବତୀ ଛକରୁ ଶୁକ୍ରବାର ରାତିରେ ପୋଲିସ ୧୨୬ ଲିଟର ଚୋରା ମଦ ଜବତ କରିଛି। ଏହି ଘଟଣାରେ ଆଠଗଡ଼ କରିକୋଲ ଗ୍ରାମର ଜଗବନ୍ଧୁ ମଲ୍ଲିକ ଓ ବେଣ୍ଟପଦା କୁଳଗଡ଼ ଗ୍ରାମର କାହ୍ନୁ ମଲ୍ଲିକଙ୍କୁ ଗିରଫ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ଆଠଗଡ଼ ଅଞ୍ଚଳରୁ କଟକ ଓ ଚୌଦ୍ୱାର ଅଞ୍ଚଳକୁ ଚୋରାମଦ ଚାଲାଣ ହେଉଥିଲା। ଖବରପାଇ ଚୌଦ୍ୱାର ପୋଲିସ ଧୂମାବତୀ ଛକରେ ଜଗି ରହିଥିଲା। ଅଭିଯୁକ୍ତ ଦ୍ୱୟ ବାଇକ୍‌ରେ ମଦ ନେଇ ପହଞ୍ଚିବାପରେ ପୋଲିସ ଯାଞ୍ଚ କରିଥିଲା। ପରେ ଜବତ ମଦ ଓ ବାଇକ୍‌କୁ ଥାନାକୁ ନେଇଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୩୮୪/୨୨) ରୁଜୁ ହୋଇଛି।

# ଭୁଆସୁଣୀ ଡମ୍ପିଂୟାର୍ଡକୁ ନେଇ ପୁଣି ବିବାଦ

■ ବିଏମ୍‌ସି, ଜିଲା ପ୍ରଶାସନ ସହ ଗ୍ରାମବାସୀଙ୍କ ବୈଠକ ବିଫଳ

■ ବାୟୋପ୍ଲାଣ୍ଟ ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ

ବାରଙ୍ଗ,୧୯।୮(ଡି.ଏନ୍.ଏ.)

ବାରଙ୍ଗ ନିକଟସ୍ଥ ଦାରୁଠେଙ୍ଗରେ ଥିବା ଭୁଆସୁଣୀ ଡମ୍ପିଂୟାର୍ଡକୁ ନେଇ ପୁଣି ବିବାଦ ଘନେଇଛି। ଏ ନେଇ ଗ୍ରାମବାସୀଙ୍କ ସହ ବିଏମ୍‌ସି ଅଧିକାରୀଙ୍କ ମଧ୍ୟରେ ଶୁକ୍ରବାର ଆଲୋଚନା ହୋଇଥିବାବେଳେ ତାହା ବିଫଳ ହୋଇଛି। ଗତ କିଛିଦିନ ତଳେ ଏକ ବିଏମ୍‌ସିର ଅଳିଆ ବୋଝେଇ ଗାଡି ଧକ୍କାରେ ଦାରୁଠେଙ୍ଗ ଗ୍ରାମର ରେଶମରାଉତ ରାୟଙ୍କ ମୃତ୍ୟୁ ହୋଇଥିଲା। ଉତ୍ୟକ୍ତ ଗ୍ରାମବାସୀ ଗାଁର ଦୁଇଟି ସ୍ଥାନରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି ଓ ଡମ୍ପିଂୟାର୍ଡରେ ଅଳିଆ ନ ପଡିବା ଦାବି ନେଇ ରାସ୍ତା ଅବରୋଧ କରିଥିଲେ। ପରେ ଉପଜିଲାପାଳ ଓ ତହସିଲଦାର ଆସି ଆଲୋଚନା ମାଧ୍ୟମରେ ନିଷ୍ପତ୍ତି ନିଆଯିବାର ପ୍ରତିଶ୍ରୁତି ମିଳିବା ପରେ ରାସ୍ତା ଅବରୋଧ ଉଠିଥିଲା। ପ୍ରଶାସନର ନିଷ୍ପତ୍ତି ମୁତାବକ, ଶୁକ୍ରବାର ଦାରୁଠେଙ୍ଗ ଗ୍ରାମରେ ଥିବା ଜାଗୃତି ମହିଳା ସମିତି ଗୃହରେ ବିଏମ୍‌ସି, ଜିଲା ପ୍ରଶାସନ ଓ ଗ୍ରାମବାସୀଙ୍କର ଏକ ବୈଠକ ହୋଇଥିଲା। ଏହି ବୈଠକରେ ଜଟଣୀ ବିଧାୟକ ସୁରେଶ



ଦାରୁଠେଙ୍ଗ ଗ୍ରାମବାସୀଙ୍କ ସହ ମେୟର ସୁଲୋଚନା ଦାସ, ବିଧାୟକ ସୁରେଶ ରାଉତରାୟ ଓ ବିଏମ୍‌ସି ଅଧିକାରୀମାନେ ଆଲୋଚନା କରୁଛନ୍ତି।

କୁମାର ରାଉତରାୟ, ବିଏମସି ମେୟର ସୁଲୋଚନା ଦାସ, ଡିସିପିଙ୍କ ସମେତ ବିଏମ୍‌ସିର ପଦାଧିକାରୀ ଓ ଖୋର୍ଦ୍ଧା ଜିଲା ପ୍ରଶାସନର ଅଧିକାରୀ ଉପସ୍ଥିତ ଥିଲେ। ପ୍ରଥମେ ଗ୍ରାମବାସୀ ପକ୍ଷ ରଖିବା ସହ ଅଳିଆପକାକୁ ବନ୍ଦ କରିବାସହ ଭୁଆସୁଣିକୁ ତା'ର ପୂର୍ବାବସ୍ଥାକୁ ଫେରାଇ ଆଣିବା ପାଇଁ ବିଏମ୍‌ସି ପକ୍ଷରୁ କ'ଣ ବ୍ୟବସ୍ଥା କରାଯାଇଛି ତାହା ଲିଖିତ ଭାବେ ଉପସ୍ଥାପିତ କରିବାକୁ ଦାବି କରିଥିଲେ। ଏଥିସହ ବିଏମ୍‌ସି ପକ୍ଷରୁ ଅଦାଲତରେ ଦିଆଯାଇଥିବା ସତ୍ୟପାଠକୁ ଆଧାରକରି କି ପ୍ରକାର କାର୍ଯ୍ୟ କରାଯାଇଛି ତାହାର ବିବରଣୀ ପ୍ରକାଶ କରିବାକୁ କହିଥିଲେ। ବିଏମ୍‌ସି ଗାଡି ଧକ୍କାରେ ମୃତ୍ୟୁବରଣ କରିଥିବା ରେଶମଙ୍କ ପରିବାରକୁ କ୍ଷତିପୂରଣ ବାବଦକୁ ୫୦ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଦାବି କରିଥିଲେ। ଏପରିକି ବର୍ଜ୍ୟବସ୍ତୁ ନ ପକାଇବାକୁ ବିରୋଧ କରି ଗ୍ରାମର ୩୨ଜଣ ମହିଳା ଓ ପୁରୁଷ ଜେଲ ମଧ୍ୟ ଯାଇଥିଲେ। ଏଥିପାଇଁ ଗ୍ରାମବାସୀ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିଥିଲେ ମଧ୍ୟ ଏବେ ବି ଅଦାଲତରେ ମାମଲା ଚାଲୁଛି। ସେହିଭଳି ପଲିଥିନ ଖାଇ ଗୃହପାଳିତ ପଶୁ ମୃତ୍ୟୁବରଣ କରୁଛନ୍ତି ବୋଲି ସରପଞ୍ଚ ତପନ କୁମାର ଚକ୍ରବର୍ତ୍ତୀ ଦାବି ଉପସ୍ଥାପିତ କରିଥିଲେ। ବିଏମ୍‌ସି ଓ ଜିଲା ପ୍ରଶାସନ ପକ୍ଷରୁ ବର୍ଷେ ପର୍ଯ୍ୟନ୍ତ ଡମ୍ପିଂୟାର୍ଡ ବ୍ୟବହାର ସହ ସେଠାରେ ଏକ ପ୍ଲାଣ୍ଟ ନିର୍ମିତ ପାଇଁ ଦେଇଥିବା ପ୍ରସ୍ତାବକୁ ଗ୍ରାମବାସୀ ଗ୍ରହଣ କରି ନ ଥିଲେ। ଆଗକୁ ଗ୍ରାମରେ ଏକ ସଭା କରାଯାଇ ବାୟୋପ୍ଲାଣ୍ଟ ହେବ ନା ଡମ୍ପିଂୟାର୍ଡ ଉଠିବ ତାହା ଗ୍ରାମବାସୀ ନିଷ୍ପତ୍ତି ନେଇ ପ୍ରଶାସନକୁ ଜଣାଇବେ ବୋଲି ସରପଞ୍ଚ କହିଥିଲେ। ଫଳରେ ବୈଠକ ସଫଳ ହୋଇ ନ ଥିବାରୁ ଅଳିଆଗାଡି ଭୁଆସୁଣିକୁ ଆସିବା ଅନିଶ୍ଚିତତାରେ ରହିଛି। ଅନ୍ୟପଟେ ବିଏମ୍‌ସି ସମୟ ମାଗୁଛି କିନ୍ତୁ ଗ୍ରାମବାସୀ ଜିଦ୍‌ରେ ରହିଛନ୍ତି। କାରଣ ସେମାନେ ଦୀର୍ଘ ୧୪ବର୍ଷ ହେବ ଦୁର୍ଦ୍ଦଶା ଭୋଗୁଛନ୍ତି। ଗ୍ରାମବାସୀ ପରେ ଯାହା ନିଷ୍ପତ୍ତି ନେବେ ସେମାନଙ୍କୁ ମୋର ସମର୍ଥନ ରହିବ। ଏପରିକି ପ୍ରଶାସନିକ ସ୍ତରରେ ଆଲୋଚନା କରାଯାଇ ଖୁବ୍‌ଶୀଘ୍ର ଏହାର ସମାଧାନ କରାଯିବ ବୋଲି ମେୟର ସୁଲୋଚନା ଦାସ କହଛନ୍ତି।

## ୨ ସେମିଷ୍ଟରରୁ ଛାତ୍ର ନିଲମ୍ବିତ

**ରେଭେନ୍ସା ଇଷ୍ଟ ହଷ୍ଟେଲ କର୍ମଚାରୀଙ୍କୁ ଆକ୍ରମଣ ଘଟଣା**

କଟକ ଅଫିସ,୧୯।୮

ରେଭେନ୍ସା ବିଶ୍ୱବିଦ୍ୟାଳୟର ହଷ୍ଟେଲ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ସମ୍ପୃକ୍ତ ଥିବା ଜଣେ ଛାତ୍ରଙ୍କୁ ୨ଟି ସେମିଷ୍ଟରରୁ ନିଲମ୍ବିତ କରାଯାଇଛି। ସେ ହେଲେ ଉକ୍ତ ବିଶ୍ୱବିଦ୍ୟାଳୟ ଆଇଟିଏମ୍ ବିଭାଗର ଛାତ୍ର ଶକ୍ତିକାନ୍ତ ସେଠୀ। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଜଣେ ଅଣଛାତ୍ରଙ୍କୁ ଧରିବା ପାଇଁ ପୋଲିସର ସହାୟତା ନେବାକୁ ଶୁକ୍ରବାର ଅନୁଷ୍ଠିତ ଶୃଙ୍ଖଳାଗତ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଥିବା କୁଳସଚିବ ଭକ୍ତଚରଣ ପ୍ରଧାନ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ବିଶ୍ୱବିଦ୍ୟାଳୟ ଇଷ୍ଟ ହଷ୍ଟେଲରେ କେତେଜଣ ଅଣଛାତ୍ର ପ୍ରବେଶକୁ ବିରୋଧ କରିବାରୁ କର୍ମଚାରୀ ରଘୁନାଥ ବସନ୍ତରାଙ୍କୁ ଆକ୍ରମଣ କରାଯାଇଥିଲା। ଏହି ଘଟଣାକୁ ନେଇ ଗତ ୧୭ ତାରିଖରେ କୁଳପତି ପ୍ରଫେସର ସଞ୍ଜୟ ନାୟକଙ୍କ ଅଧ୍ୟକ୍ଷତାରେ ରେସିଡେଣ୍ଟ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଘଟଣାରେ ଶକ୍ତିକାନ୍ତଙ୍କ ସମ୍ପୃକ୍ତି ଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଥିଲା।




ପୂର୍ବତନ ପିସିସି ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ ଜେନାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଶ୍ରଦ୍ଧାଞ୍ଜଳି ସଭାରେ ବିଜେଡି ସାଂଗଠନିକ ସାଧାରଣ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ପିସିସି ସଭାପତି ଶରତ ପଟ୍ଟନାୟକ ଓ ଅନ୍ୟମାନେ।

## 'ସଂଗ୍ରାମଙ୍କ ସାଙ୍ଗଠନିକ ଦକ୍ଷତା ସୁଦୃଢ଼ ଥିଲା'

ଭୁବନେଶ୍ୱର,୧୯।୮(ବ୍ୟୁରୋ)

ପୂର୍ବତନ ଯୁବ କଂଗ୍ରେସ ସଭାପତି ତଥା ପିସିସି ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ ଜେନାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ସର୍ବଦଳୀୟ ସ୍ମୃତିସଭା ଆୟୋଜିତ ହୋଇଥିଲା। ସଂଗ୍ରାମ କେଶରୀ ଜେନା ସ୍ମୃତି ସଂସଦ ପକ୍ଷରୁ ଅନୁଷ୍ଠିତ ସଭାରେ ଏହାର ସଭାପତି ବିଧାୟକ ତାରାପ୍ରସାଦ ବାହିନୀପତି ଅଧ୍ୟକ୍ଷତା କରିଲେ। ପିସିସି ସଭାପତି ଶରତ ପଟ୍ଟନାୟକ ଯୋଗଦେଇ କହିଥିଲେ, ସ୍ୱର୍ଗତ ଜେନା ଥିଲେ କଂଗ୍ରେସ ଦଳର ଅମୂଲ୍ୟ ସମ୍ପତି। ତାଙ୍କର ସାଙ୍ଗଠନିକ ଦକ୍ଷତା ଓ ଦଳପ୍ରତି ସମର୍ପଣ ଭାବ ପାଇଁ ସେ ଆମ ନିକଟରେ ସ୍ମରଣୀୟ ହୋଇରହିବେ। ଯାଜପୁର ବିଧାୟକ ତଥା ବିଜେଡିର ସାଙ୍ଗଠନିକ ସାଧାରଣ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ସଂଗ୍ରାମଙ୍କ ନେତୃତ୍ୱ, ବନ୍ଧୁତ୍ୱ ଓ ବ୍ୟକ୍ତିତ୍ୱର ମୂଲ୍ୟାୟନ କରିଥିଲେ। ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ କହିଥିଲେ ସଂଗଠନ, ସମାଜସେବା, ଧାରଣା ଓ ପ୍ରତିବାଦ ସଭା ଆଦିରେ ସଂଗ୍ରାମଙ୍କର ବିଚକ୍ଷଣତା ଏବଂ କାର୍ଯ୍ୟଦକ୍ଷତା ସ୍ମୃତି ମାନସପଟରେ ଚିରଜୀବିତ ହୋଇ ରହିବ। ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର ଦଳମତ ନିର୍ବିଶେଷରେ ସଂଗ୍ରାମ ଓଡ଼ିଶାର ଜଣେ ପ୍ରତିଭାବାନ, ସ୍ୱାଭିମାନୀ ଓ ଚର୍ଚ୍ଚିତ ଯୁବନେତା ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାଙ୍କ ମଧ୍ୟରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ନିରଞ୍ଜନ ପଟ୍ଟନାୟକ, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଏଆଇସିସି ସମ୍ପାଦକ ରୁଦ୍ର ରାଜୁ, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ଚିରିବ ବିଶ୍ୱାଳ, ଶରତ ରାଉତ, ବିଧାୟକ ସୁରେଶ ରାଉତରାୟ, ଗଣେଶ୍ୱର ବେହେରା, ଅନନ୍ତ ପ୍ରସାଦ ସେଠୀ, ଶିବାନନ୍ଦ ରାୟ, ସମୀର ରାଉତରାୟ, ବିଧାୟକ ସନ୍ତୋଷ ସିଂ ସାଲୁଜା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱର୍ଗତ ଜେନାଙ୍କ ସ୍ମୃତିସମ୍ବଳିତ ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। କଟକ ଜିଲା କଂଗ୍ରେସ କମିଟି ସଭାପତି ମାନସ ଚୌଧୁରୀ ଏବଂ ମନୋଜ କୁମାର ଜେନା ସ୍ମୃତିସଭାର କାର୍ଯ୍ୟ ପରିଚାଳନା କରିଥିଲେ।

## ଭାରାରୁ ପଡ଼ି ରାଜମିସ୍ତ୍ରି ମୃତ

ବାରଙ୍ଗ,୧୯।୮(ଡି.ଏନ.ଏ.)

ବାରଙ୍ଗ ଥାନା ତ୍ରିଶୂଳିଆ ଛକ ନିକଟରେ ଘର କାମ କରୁଥିବା ବେଳେ ଭାରାରୁ ଖସି ପଡି ରାଜମିସ୍ତ୍ରି ମୃତ୍ୟୁବରଣ କରିଛନ୍ତି। ସେ ହେଲେ ତ୍ରିଶୂଳିଆ ଗ୍ରାମର ଉମେଶ ଚନ୍ଦ୍ର ମହାନ୍ତି(୫୮)। ଶୁକ୍ରବାର ନିକଟସ୍ଥ ଗ୍ରାମରେ ସେ ତିନିମହଲା କୋଠାଘର କାମ କରୁଥିଲେ। ବାହାର ପଟେ ବନ୍ଧା ଯାଇଥିବା ଭାରାରେ ଚଢ଼ି କାମ କରୁଥିବାବେଳେ ଅସାବଧାନତା ଯୋଗୁ ତଳକୁ ଖସିପଡିଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ କଟକ ବଡ ମେଡିକାଲକୁ ନେଇଥିବାବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଉମେଶଙ୍କ ମୃତପରେ ବାରଙ୍ଗ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଫାଣ୍ଡି ପାଖରୁ ସିରିଜ୍ ଚୋରି

ବାଲକାଟୀ,୧୯।୮(ଡି.ଏନ.ଏ.)

ବାଲକାଟୀ ଫାଣ୍ଡିଠାରୁ ମାତ୍ର କେଇହାତ ଦୂରରେ ଜଗନାଥ କଲୋନୀ ଗୁରୁବାର ରାତି ସାଢ଼େ ୧୨ଟାରେ ପିତାମ୍ବର ପଣ୍ଡା ଓ ଉର୍ମିଳା କୁଣ୍ଡୁଙ୍କ ଘର ପାଚେରି ଡେଇଁ ଚୋର ଦୁଇଟି ସାଇକେଲ ଚୋରିକରି ନେଇଥିଲେ। ସେହିଭଳି ଏହି କଲୋନୀରେ ତପନ ମହାପାତ୍ରଙ୍କ କବାଟ ତାଲା ଭାଙ୍ଗି ଦୁର୍ବୃତ୍ତ ଗ୍ୟାସ ଚୁଲା. ସିଲିଣ୍ଡର. ମ୍ୟୁଜିକ୍ ବକ୍ସ ଚୋରି କରି ନେଇଥିବା ବାଲକାଟୀ ଫାଣ୍ଡିରେ ଶୁକ୍ରବାର ଅଭିଯୋଗ ହୋଇଛି। ଫାଣ୍ଡି ପାଖରୁ ବାରମ୍ବାର ଚୋରି ହେଉଥିଲେ ବି ପୋଲିସ ଚୋରିର ଚେର ନ ପାଇବା ଚର୍ଚ୍ଚାର ବିଷୟ ହୋଇଛି। ଫାଣ୍ଡି ପାଖରେ ଚୋରା ମଦ ଓ ବ୍ରାଉନ ସୁଗାର ଖୋଲାଖୋଲି ଚାଲିଥିବା ବେଳେ ପୋଲିସ ଚୁପ ରହିବା ଯୋଗୁ ଏଭଳି ଆପରାଧିକ କାର୍ଯ୍ୟକଳାପ ବଢ଼ିଚାଲିଛି ବୋଲି ସ୍ଥାନୀୟ ଲୋକ କହିଛନ୍ତି।

## ସୃଜନୀ ପରିବାର ପକ୍ଷରୁ ଭର୍ଚୁଆଲରେ ଅମୃତ ମହୋତ୍ସବ

ଭୁବନେଶ୍ୱର,୧୯।୮(ବ୍ୟୁରୋ)

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ସୃଜନୀ ପରିବାର, ଚେନ୍ନାଇ ଆନୁକୂଲ୍ୟରେ ଭାରତର ଜାତୀୟତାବୋଧକୁ ଆଧାରକରି ଆଭାସୀ(ଭର୍ଚୁଆଲ) ମାଧ୍ୟମରେ ଅମୃତ ମହୋତ୍ସବ ପାଳନ ହୋଇଛି। ଏହା ଅଗଷ୍ଟ ୬ରୁ ଆରମ୍ଭ ହୋଇ ଅଗଷ୍ଟ ୧୭ ପର୍ଯ୍ୟନ୍ତ ଚାଲିଥିଲା। ସର୍ବଭାରତୀୟ ସ୍ତରୀୟ ସାରସ୍ୱତ ଆସରରେ ଭାରତର ବିଭିନ୍ନ ରାଜ୍ୟରୁ କବି, ନାରୀକବି, ସାହିତ୍ୟ ସାଧକ ତଥା ଅନେକ ବାଗ୍ମୀ ଯୋଗଦେଇ ବିଭିନ୍ନ ଆଲୋଚ୍ୟ ପ୍ରସଙ୍ଗକୁ ନେଇ ଆଲୋଚନା କରିଥିଲେ। ଏଥିସହ ଅନେକ ସାହିତ୍ୟିକ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ନାରୀକବି ଶ୍ୟାମଳୀ ସେନଗୁପ୍ତ(ବଙ୍ଗଳା), ଲତା ତେଜେଶ୍ୱର ରେଣୁକା (ତେଲୁଗୁ ), ହିନା ମୋଦି (ଗୁଜରାତି), ମୈତ୍ରେୟୀ କାମିଲା (ହିନ୍ଦୀ) ସହ କବି ହରିନାଥ ଶୁକ୍ଳା(ହିନ୍ଦୀ ), କବି ଭୁଦଉ ଶର୍ମା (ହିନ୍ଦୀ ), କବି ତଥା ପୂର୍ବତଟ ରେଳପଥର ପ୍ରଶାସକ ନିରାକାର ଦାସ (ଓଡ଼ିଆ ), ଡ. କମଳାକୃଷ୍ଣ ତ୍ରିପାଠୀ (ଓଡ଼ିଆ) ପ୍ରମୁଖ 'ଉନ୍ମେଷ' ଭର୍ଚୁଆଲରେ ଯୋଗଦେଇଥିଲେ। ଭାରତର ମୁକ୍ତି ସଂଗ୍ରାମ ଓ ଜାତୀୟ ଜାଗରଣର ଉନ୍ମେଷ- ଏକ ବିଶେଷ ପ୍ରସଙ୍ଗକୁ ନେଇ ଗାନ୍ଧୀ ସ୍ମାରକୀ ନିଧି (ଉତ୍କଳ)ର ସଭାପତି କୃଷ୍ଣା ମହାନ୍ତି, ଗାନ୍ଧିବାଦୀ ବିରଜା ଦେବୀ, ଶିକ୍ଷାବିତ୍ ଝରଣା ପଟ୍ଟନାୟକ, ଡ. ଲୋପାମୁଦ୍ରା ମହାନ୍ତି ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସୃଜନୀ ପରିବାରର ଉପଦେଷ୍ଟା ମଣ୍ଡଳୀ ଆଶୁତୋଷ ସାମନ୍ତସିଂହାର (ଆଇଏଫ୍ଏସ୍-ଅବସରପ୍ରାପ୍ତ), ସାହିତ୍ୟ ସାଧିକା ଡ.ବାସନ୍ତୀ ମହାନ୍ତି ଏବଂ ପ୍ରଫେସର୍ ଗୋଦାବରୀଶ ମିଶ୍ର ପ୍ରତ୍ୟେକ ଯୋଗଦେଇଥିଲେ। ସମ୍ପାଦକ ଅଶୋକ ସାମନ୍ତ ଅତିଥି ପରିଚୟ ପ୍ରଦାନ ସହ ସଭାର ଉଦ୍ଦେଶ୍ୟ ଜଣାଇଥିଲେ। କବି ସୁମତି ମୁଣ୍ଡ ଓ ପାରମିତା ଷଡ଼ଙ୍ଗୀଙ୍କ ସଂଯୋଜନା କରିଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ବିଦ୍ୟୁତ୍‌ପ୍ରଭା ପଟ୍ଟନାୟକ, ଆନନ୍ଦିନୀ ମିଶ୍ର, ମହାଶ୍ୱେତା ପଟ୍ଟନାୟକ, ଇଂ.ପ୍ରତାପ ଚନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ।

## ବନ୍ୟା ସ୍ଥିତି ଅନୁଧ୍ୟାନ କଲେ ବିଧାୟକ

ବାରଙ୍ଗ,୧୯।୮ (ଡି.ଏନ.ଏ)

ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ରାଜଧାନୀ ଉପକଣ୍ଠ ଘେରିବନ୍ଧ ସହ ବନ୍ୟାସ୍ଥିତିକୁ ଶୁକ୍ରବାର ଅନୁଧ୍ୟାନ କରିଛନ୍ତି । ଗଣ୍ଡରପୁର-ମରିଚିଆ-ଝିଙ୍କରଡିହି ଘେରିବନ୍ଧ ସହ ଝିଙ୍କରଡିହୀ-ପ୍ରତାପନଗରୀ ରାସ୍ତା ଉପରିସ୍ଥ କୁଆଖାଇ ନଦୀ ଉପରେ ସୁଉଚ୍ଚ ସେତୁକୁ ଅପରାହ୍ନରେ ବିଧାୟକ ରାଉତ ବୁଲି ଦେଖିଛନ୍ତି। ଏହାସହ ବନ୍ୟାସ୍ଥିତି ଅନୁଧ୍ୟାନ କରି ସମସ୍ତ ବନ୍ଧ ଉପରେ ନଜର ରଖିବାକୁ ଜଳସମ୍ପଦ ବିଭାଗର ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି। ଜିଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ନିର୍ମଳ ରାଉତ, କଲ୍ୟାଣପୁର ସରପଞ୍ଚ ଦେବରାଜ ଭୋଇ, ସମିତିସଭ୍ୟ ଭୁବନମୋହନ ଦାସ, ମୁରବି ଅନ୍ତର୍ଯାମୀ କୁଅଁର, ଉମାକାନ୍ତ ହାତୀ, ରାଜେନ୍ଦ୍ର ସ୍ୱାଇଁ, ଅରୁଣ ସାହୁ, ମାଧବ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଆଇଟିଆଇରେ ୪ ଇଣ୍ଡଷ୍ଟ୍ରିଆଲ୍ ଲାବ୍ ଉଦ୍‌ଘାଟିତ

କଟକ ଅଫିସ, ୧୯।୮

କଟକ ଖପୁରିଆସ୍ଥିତ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ (ଆଇଟିଆଇ)ରେ ୪ଟି ଆଡ୍‌ଭାନ୍ସ ଇଣ୍ଡଷ୍ଟ୍ରିଆଲ୍ ଲାବ୍ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିସହ ଛାତ୍ରମାନଙ୍କ ଦ୍ୱାରା କାଠରେ ନିର୍ମିତ ଦୁଇ ଚକିଆ ଯାନ ଉଦ୍‌ଘାଟିତ ହୋଇଥିଲା। ଏଥିରେ ଡିଟିଇଟି ନିର୍ଦ୍ଦେଶକ ରେଗୁ ଜି, ପ୍ରକାଶ ସୁଲାକେ, ବିବେକ ଠୋମ୍ବ୍ରେ, ଆଇଟିଆଇ ଅଧ୍ୟକ୍ଷ ହୃଷୀକେଶ ମହାନ୍ତି, ହରିଶ ବଜାଜ, ଦୀପକ ବିଶ୍ୱକର୍ମା, ସୁବ୍ରତ ଘଟ ପ୍ରମୁଖ ଉନ୍ନତ ଲାବ୍ ସେଟଅପ୍ ପରିଦର୍ଶନ କରିଥିଲେ। ସେମାନେ କହିଛନ୍ତି, ଶିଳ୍ପ ୪.୦ ପାଇଁ ଆବଶ୍ୟକ କୁଶଳୀ ମାନବଶକ୍ତି ଯୋଗାଇବା ଓ ଟେକ୍ନୋଲୋଜି ବୃଦ୍ଧିରେ ଉକ୍ତ ଆଇଟିଆଇ ସକ୍ଷମ ହୋଇପାରିଛି।

# ଘରୋଇ ଚିକିତ୍ସାଳୟକୁ କାରଣ ଦର୍ଶାଅ ନୋଟିସ୍

କଟକ ଅଫିସ,୧୯।୮

**କଟକରେ ଡେଙ୍ଗୁ ମୃତ୍ୟୁ ଘଟଣା**



କଟକରେ ଡେଙ୍ଗୁ ମୃତ୍ୟୁକୁ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସମ୍ପୃକ୍ତ ଯୁବକଙ୍କର ଡେଙ୍ଗୁ ଚିହ୍ନଟ ହେବା ପରେ ସେ ଚିକିତ୍ସିତ ହେଉଥିବା ଘରୋଇ ଚିକିତ୍ସାଳୟକୁ ଶୁକ୍ରବାର କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, କଟକ ମହାନଗର ନିଗମ(ସିଏମ୍‌ସି) ୨୬ନଂ. ୱାର୍ଡ ଅଧୀନ ଭଗତପୁର ଅଞ୍ଚଳର ଦୀପକ ମୁଦୁଲି(୩୬) ଡେଙ୍ଗୁ ଆକ୍ରାନ୍ତ ହୋଇଥିବା ନେଇ ଗତ ୧୫ ତାରିଖରେ ରକ୍ତ ନମୁନା ପରୀକ୍ଷାରୁ ଜଣାପଡ଼ିଥିଲା। ଏସ୍‌ସିବି ମେଡିକାଲରେ ଡେଙ୍ଗୁ ୱାର୍ଡ ରହିଥିଲେ ମଧ୍ୟ ଯୁବକ ଜଣଙ୍କ ସେଠାରେ ଚିକିତ୍ସିତ ନ ହୋଇ ସ୍ଥାନୀୟ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଡେଙ୍ଗୁ ଆକ୍ରାନ୍ତଙ୍କ ପାଇଁ ପ୍ରଥମ ୪୮ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଘରୋଇ ଚିକିତ୍ସାଳୟ ଡେଙ୍ଗୁରୋଗୀଙ୍କୁ ତୁରନ୍ତ ଏସ୍‌ସିବି ମେଡିକାଲ ପଠାଇବା ପାଇଁ ସରକାରୀ ନିର୍ଦ୍ଦେଶନାମା ରହିଛି। ହେଲେ ଏଠାରେ ସରକାରୀ ନିର୍ଦ୍ଦେଶନାମାକୁ ବେଖାତିର କରି ଉକ୍ତ ଘରୋଇ ଚିକିତ୍ସାଳୟ ପକ୍ଷରୁ ଡେଙ୍ଗୁ ଆକ୍ରାନ୍ତ ଯୁବକଙ୍କ ଚିକିତ୍ସା କରାଯାଇଥିଲା। ମାତ୍ର ଅବସ୍ଥା ଗୁରୁତର ହେବାରୁ ଦୀପକଙ୍କୁ ପରିବାର ଲୋକେ ସେଠାରୁ ଏସ୍‌ସିବି ମେଡିକାଲ ନେଇଥିଲେ। ସେଠାରେ ପହଞ୍ଚିବାର କିଛି ଘଣ୍ଟା ମଧ୍ୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୀପକ ପ୍ରାଥମିକ ଅବସ୍ଥାରେ ଏସ୍‌ସିବି ମେଡିକାଲ ଯାଇଥିଲେ ମଧ୍ୟ ସେଠାରେ ଭିଡ଼ ଦେଖି ଘରୋଇ ଚିକିତ୍ସାଳୟକୁ ପଳାଇ ଆସିଥିଲେ। ତେବେ ସେ ରାୟଗଡ଼ାରୁ କଟକ ଫେରିବା ପରେ ତାଙ୍କୁ ଜ୍ୱର ହୋଇଥିଲା। ତେଣୁ ରାୟଗଡ଼ାରୁ ଡେଙ୍ଗୁ ସଂକ୍ରମିତ ହୋଇ କଟକ ଆସିଛନ୍ତି ବୋଲି ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର ସୂଚନା ଦେଇଛନ୍ତି। ଏହି ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ ନିମନ୍ତେ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସତ୍ୟବ୍ରତ ଛୋଟରାୟ ଶୁକ୍ରବାର ନିର୍ଦ୍ଦେଶ ଦେଇଥିଲେ। ଫଳରେ ସ୍ୱାସ୍ଥ୍ୟ ଅଧିକାରୀ ମୃତକଙ୍କ ଘରକୁ ଯାଇ ତଦନ୍ତ କରିବା ପରେ ଛୋଟରାୟଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ସରକାରୀ ନିୟମ ପାଳନ କରି ନ ଥିବାରୁ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ମହାପାତ୍ର ଉକ୍ତ ଘରୋଇ ଚିକିତ୍ସାଳୟକୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଏଥିସହ ଉକ୍ତ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ସୁପାରିସ କରିଛନ୍ତି। ଅପରପକ୍ଷରେ ସିଏମ୍‌ସି ପକ୍ଷରୁ ଭଗତପୁର ଅଞ୍ଚଳକୁ ବିଶୋଧନ କରାଯିବା ପାଇଁ ସ୍ଥିର ହୋଇଥିବା ଜଣାଯାଇଛି।

# 'କର୍ମ, ଜ୍ଞାନଯଜ୍ଞ ଦ୍ୱାରା ଶାନ୍ତି ମିଳିବ'

**ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ**

କଟକ ଅଫିସ, ୧୯।୮

ସେଲିବ୍ରେସନ୍ ଏକ ଆତ୍ମିକ ଉତ୍ସବ। ଏହାକୁ ସ୍ଥାୟୀ ଏବଂ ଅବିନାଶୀ ଅନୁଭବ କରିହେବ। ଆତ୍ମାର ଶାନ୍ତି ପ୍ରାପ୍ତ କରିବାକୁ ହେଲେ କର୍ମଯଜ୍ଞ, ଜ୍ଞାନଯଜ୍ଞ ଏବଂ ଭକ୍ତିଯଜ୍ଞ କରିବା ଦରକାର। ଏହା ମାଧ୍ୟମରେ ମନ, ଶରୀରକୁ ଶାନ୍ତି ମିଳିପାରିବ। ସେଥିପାଇଁ ଜୀବନରେ ତ୍ୟାଗ, ତପସ୍ୟା, ସେବା ନିତାନ୍ତ ଆବଶ୍ୟକ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ କଟକ ଝାଞ୍ଜିରୀମଙ୍ଗଳାସ୍ଥିତ ପ୍ରଭୁ ସମର୍ପଣ ଭବନରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ରାଜ୍ୟପାଳ ଉଦ୍‌ଘାଟନ କରି ଉପରୋକ୍ତ ବିଷୟରେ କହିଥିଲେ।




ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉଦ୍‌ଘାଟନ କରୁଛନ୍ତି।

ସେହିପରି କଟକ ସବ୍‌ଜୋନ୍‌ର ମୁଖ୍ୟ ନିର୍ଦ୍ଦେଶିକା ବ୍ରହ୍ମାକୁମାରୀ କମଳେଶ ଜୀ ଯୋଗଦେଇ ଗତ ୫୦ ବର୍ଷ ସେବାର ଅନୁଭୂତି ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ଶଶିଭୂଷଣ ବେହେରା ଯୋଗଦେଇ ବ୍ରହ୍ମାକୁମାରୀ ଏକ ଶୃଙ୍ଖଳିତ ଅନୁଷ୍ଠାନ ବୋଲି କହିଥିଲେ। ସିଏମ୍‌ସି ମେୟର ସୁବାସ ସିଂ ଯୋଗଦେଇ ଅନୁଷ୍ଠାନର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବିଧାୟକ ଅରବିନ୍ଦ ଢାଲି ଯୋଗଦେଇଥିଲେ। କଟକ ସବ୍‌ଜୋନ୍ ସହ ନିର୍ଦ୍ଦେଶିକା ବ୍ରହ୍ମାକୁମାରୀ ସୁଲୋଚନା ସ୍ୱାଗତ ଭାଷଣ, ବ୍ରହ୍ମାକୁମାର ନଥମଲ ଓ ବ୍ରହ୍ମାକୁମାରୀ ପ୍ରତିଭା ମଞ୍ଚ ପରିଚାଳନା କରିଥିଲେ। ଏଥିରେ ବ୍ରହ୍ମାକୁମାର ମୋହନ, ବ୍ରହ୍ମାକୁମାର ସୁଧାଂଶୁ, ବ୍ରହ୍ମାକୁମାର ଜ୍ଞାନ, ବ୍ରହ୍ମାକୁମାର ପ୍ରତାପ, ବ୍ରହ୍ମାକୁମାର ଆନନ୍ଦ, ବ୍ରହ୍ମାକୁମାର ଗୋପାଳ ଓ ଡା. ଜୟନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବିଜେବି କଲେଜ +୩ ପରୀକ୍ଷା ଫଳ ପ୍ରକାଶ

ଭୁବନେଶ୍ୱର, ୧୯।୮(ବ୍ୟୁରୋ): ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ୩ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗ ଶେଷ ବର୍ଷ ପରୀକ୍ଷାଫଳ ପ୍ରକାଶ ପାଇଛି। ଶନିବାର ପୂର୍ବାହ୍ନ ୧୧ଟାଠାରୁ ଛାତ୍ରୀଛାତ୍ର ନିଜ ବିଭାଗରୁ ଗ୍ରେଡ ସିଟ୍ ଓ ପ୍ରୋଭିଜନାଲ ସାର୍ଟିଫିକେଟ ପାଇପାରିବେ। ପରୀକ୍ଷାର୍ଥୀ ପରୀକ୍ଷା ନିୟନ୍ତ୍ରକଙ୍କ ନିକଟରେ ଆବେଦନ କରି ସଂଶୋଧନ କରିପାରିବେ। ମାର୍କ ରି-ଆଡମିଶନ ଲାଗି ଛାତ୍ରୀଛାତ୍ର ଆବଶ୍ୟକୀୟ ଫି' ଦାଖଲ କରି ସେପ୍ଟେମ୍ବର ୬ ସୁଦ୍ଧା ଆବେଦନ କରିପାରିବେ। ଏଥିସହ ବିଭିନ୍ନ ବିଭାଗରେ ଟପ୍ପର ହୋଇଥିବା ଛାତ୍ରୀଛାତ୍ରଙ୍କ ତାଲିକା ମଧ ମହାବିଦ୍ୟାଳୟ ନୋଟିସ ବୋର୍ଡରେ ପ୍ରକାଶ କରାଯାଇଛି ।

### ୨ ପକେଟ ମାର୍ ଗିରଫ

ଭୁବନେଶ୍ୱର,(ବ୍ୟୁରୋ)୧୯।୮: ଅଜାଣତରେ ଆଖି ପିଛୁଳାକେ ପକେଟରୁ ପର୍ସ, ଟଙ୍କା ଆଦି ଚୋରି କରି ଚମ୍ପଟ ମାରୁଥିବା ୨ ଅଭିଯୁକ୍ତଙ୍କୁ ନୟାପଲ୍ଲୀ ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ଜଗତ୍ସିଂହପୁର ଜିଲା ରାହାମା ଗ୍ରାମର ନିରଞ୍ଜନ ଦାସ ଓ କଟକ କନ୍ଦରପୁର ଅଞ୍ଚଳର ନିରଞ୍ଜନ ସୁକଲା। ସେମାନଙ୍କଠାରୁ ମୋଟ ୩ ହଜାର ୭୬୦ ଟଙ୍କା, ପ୍ୟାନ କାର୍ଡ, ଆଧାର କାର୍ଡ, ଭୋଟର କାର୍ଡ ଓ ୨ଟି ଆର୍‌ସି କାର୍ଡ ଜବତ କରାଯାଇଛି। ଏନେଇ ପୋଲିସ ପୃଥକ ମାମଲା ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ନିରଞ୍ଜନ ଦାସଙ୍କ ନାମରେ ପୂର୍ବରୁ ମଧ ୨ଟି ମାମଲା ରହି ସାରିଥିବା ତଦନ୍ତ ବେଳେ ଜଣାପଡିଛି।

### ୨ ଗିରଫ ଅଭିଯୁକ୍ତ ମନ୍ଦିର, ଏଟିଏମ୍ ଚୋରିରେ ସମ୍ପୃକ୍ତ

**ଦୋକାନରୁ ଚୋରି ଘଟଣା**

■ କାର, ଟଙ୍କା ଜବତ

ଭୁବନେଶ୍ୱର,(ବ୍ୟୁରୋ)୧୯।୮: ଏକ ଡ୍ରେସ୍ ଦୋକାନରୁ ଶଟର ତାଲା ଭାଙ୍ଗି ୧୫ ହଜାର ଟଙ୍କା ଚୋରି କରି ଫେରାର ଥିବା ୨ ଅଭିଯୁକ୍ତଙ୍କୁ ଖାରବେଳ ନଗର ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ୟୁନିଟ-୩ ଶାନ୍ତିନଗର ବସ୍ତିର ଏସ୍‌କେ ହମିଦ (୨୮) ଓ ଏସ୍‌କେ ରାଜେଶ (୨୧)। ସେମାନଙ୍କଠାରୁ ଓଆର୦୫ଏବି୭୮୭୮ ନମ୍ବର ବିଶିଷ୍ଟ ଗୋଟିଏ ଅଲ୍‌ଟୋ କାର ଓ ନଗଦ ୨୩୦୦ ଟଙ୍କା ଜବତ କରାଯାଇଛି। ଏନେଇ ପୋଲିସ ମାମଲା (ନଂ.୨୫୮/୨୨) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ହମିଦଙ୍କ ନାମରେ ପୂର୍ବରୁ ଭୁବନେଶ୍ୱରର ବିଭିନ୍ନ ଥାନାରେ ୧୦ଟି ଓ ରାଜେଶଙ୍କ ନାମରେ ୫ ଟି ମାମଲା ରହିଛି। ଏମାନେ ଅନ୍ୟଜଣେ ସହଯୋଗୀଙ୍କ ସହ ମିଶି ପୂର୍ବରୁ ବାଲିଅନ୍ତା, ମଞ୍ଚେଶ୍ୱର, ଲିଙ୍ଗରାଜ ଓ କ୍ୟାପିଟାଲ ଥାନା ଅଞ୍ଚଳରେ ଥିବା ଏଟିଏମ୍, ମନ୍ଦିର ଓ ବ୍ୟବସାୟ ପ୍ରତିଷ୍ଠାନରୁ କରିଥିବା ସ୍ୱୀକାର କରିଛନ୍ତି। ତେଣୁ ଅଭିଯୁକ୍ତଦ୍ୱୟ ଅଭ୍ୟାସଗତ ଅପରାଧରେ ସାମିଲ ଥିବାରୁ ସେମାନଙ୍କ ବିରୋଧରେ ସିଆରପିସି-୧୧୦ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବା ଲାଗି ପଦକ୍ଷେପ ନିଆଯାଉଥିବା ଥାନା ପକ୍ଷରୁ ସୂଚନା ଦିଆଯାଇଛି।

# ବିକାଶ ପାଇଁ ପ୍ରତି ୱାର୍ଡକୁ କୋଟିଏ

**ବିଏମ୍‌ସିର ଦ୍ୱିତୀୟ କର୍ପୋରେଶନ ବୈଠକ**

■ ମାର୍ଚ୍ଚ ସୁଦ୍ଧା ଖର୍ଚ୍ଚ ହେବ

■ ଉଠିଲା ସଫେଇ ସଂସ୍ଥା ବିବାଦ

■ ଟେଣ୍ଡରରେ ପ୍ରିୟାପ୍ରୀତି ତୋଷଣ ଅଭିଯୋଗ

ଭୁବନେଶ୍ୱର, ୧୯।୮ (ବ୍ୟୁରୋ)



ବୈଠକରେ ମେୟର ସୁଲୋଚନା ଦାସ, ବିଧାୟକ ସୁଶାନ୍ତ ରାଉତ, କମିଶନର ବିଜୟ ଅମୃତା କୁଲାଙ୍ଗେ, କର୍ପୋରେଟର ଓ ଅନ୍ୟମାନେ।

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଦ୍ୱିତୀୟ କର୍ପୋରେଶନ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ବିଏମ୍‌ସି କାର୍ଯ୍ୟାଳୟରେ ଏହି ବୈଠକ ବସିଥିଲା। ଏଥିରେ ବିକାଶମୂଳକ କାର୍ଯ୍ୟ, ପରିମଳ ସମେତ ବିଭିନ୍ନ ସମସ୍ୟା ଓ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ଉନ୍ନୟନମୂଳକ କାର୍ଯ୍ୟ ପାଇଁ ପ୍ରତି ୱାର୍ଡକୁ ୧ କୋଟି ଟଙ୍କାର ୱାର୍ଡ ବଜେଟ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ଏହି ଟଙ୍କାକୁ କର୍ପୋରେଟରମାନେ ଆସନ୍ତା ୨୦୨୩ ମାର୍ଚ୍ଚ ସୁଦ୍ଧା ଖର୍ଚ୍ଚ କରିବା ସହିତ ବିଏମ୍‌ସିକୁ ବ୍ୟୟ ଅଟକଳ ପ୍ରଦାନ କରିବେ ବୋଲି ମେୟର କହିଥିଲେ। ଏହି ସମୟରେ ୱାର୍ଡ ନଂ. ୫୫ର କର୍ପୋରେଟର ନୃପେଶ ନାୟକ 'ମାଇନର୍ ରିପେୟାରିଂ ଫଣ୍ଡ' ରଖିବା ପାଇଁ ପ୍ରସ୍ତାବ ଦେଇଥିଲେ। ୱାର୍ଡକୁ ଦିଆଯିବାକୁ ଥିବା ୧କୋଟି ଟଙ୍କାରୁ ୨ଲକ୍ଷ ଲେଖାଏ ଟଙ୍କା ଏହି ଫଣ୍ଡରେ ଜମା ହେବ। ଉକ୍ତ ଟଙ୍କା ୱାର୍ଡରେ ଥିବା ଛୋଟ ଛୋଟ ସମସ୍ୟାର ସମାଧାନରେ ଖର୍ଚ୍ଚ କରାଯିବ ବୋଲି ସେ କହିଥିଲେ। ତେବେ ପରିମଳ ପ୍ରସଙ୍ଗକୁ ନେଇ ବୈଠକରେ ଦୀର୍ଘ ସମୟ ଧରି ଆଲୋଚନା ହୋଇଥିଲା। କର୍ପୋରେଶନ ଗଠନ ହେବା ପରେ ବି କର୍ପୋରେଟରଙ୍କ ସହିତ କୌଣସି ଆଲୋଚନା ନ କରି ନୂଆ ସଫେଇ ସଂସ୍ଥା ସହିତ ଏଗ୍ରିମେଣ୍ଟ କରାଯାଇଥିବା ଅଭିଯୋଗ ହୋଇଥିଲା। ଏଥିସହିତ ଟେଣ୍ଡର ପ୍ରକ୍ରିୟାରେ ପ୍ରିୟାପ୍ରୀତି ତୋଷଣ କରାଯାଇ ଯୋଗ୍ୟତା ନ ଥିବା ବିଭିନ୍ନ ସଂସ୍ଥାକୁ କାମ ଦିଆଯାଇଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ତରବରିଆ ଭାବେ ଟେଣ୍ଡର ଡାକି ୱାର୍କ ଅର୍ଡର ଦିଆଯାଇଛି। ନୂଆକରି ଚୁକ୍ତି କରାଯାଇଥିବା ପୁରୁଣା ଏଜେନ୍ସି ମଧ୍ୟରେ କେବଳ 'ଜାଗୃତି' ରହିଥିବାବେଳେ ରାମ୍‌କୀ ଓ ପିଏମ୍‌ଆର୍‌କୁ ବାଦ୍ ଦିଆଯାଇଛି। ଅପରପକ୍ଷେ ନୂଆ ସଂସ୍ଥା 'ଗ୍ରୀନ୍ ସର୍କଲ' ଏବଂ 'ଆୱାରଲ୍ୟାଣ୍ଡ' ପାଖରେ ଆବଶ୍ୟକ ମେଶିନ ଓ କର୍ମଚାରୀ ନାହାନ୍ତି। ବିଏମ୍‌ସିଠାରୁ ଗାଡ଼ି ନେଇ ସେମାନେ କାମ କରୁଛନ୍ତି। ଉଭୟ ସଂସ୍ଥାକୁ ମୋଟ୍ ୧୩ଟି ୱାର୍ଡ ଦିଆଯାଇଥିବାବେଳେ ସେଥିରୁ ମାତ୍ର ୨/୩ଟି ୱାର୍ଡରେ କାମ ଆରମ୍ଭ ହୋଇଛି। ତେଣୁ ନୂଆ ସଂସ୍ଥାକୁ ବରଖାସ୍ତ କରି ପୁରୁଣା ସଂସ୍ଥାକୁ କାମ ଦେବାକୁ ଦାବି କରାଯାଇଥିଲା। ଏହି ପ୍ରସଙ୍ଗରେ ମେୟର ଓ କମିଶନର କ୍ଷୋଭ ପ୍ରକାଶ କରିବା ସହିତ ଠିକ ଭାବେ କାମ ନ କଲେ ସମ୍ପୃକ୍ତ ସଂସ୍ଥାକୁ ବାହାର କରି ଦିଆଯିବ ବୋଲି କହିଥିଲେ।

ଏହାବାଦ୍ ଡ୍ରାଫ୍ଟ ବଜେଟ, ମୁକ୍ତା ପ୍ରୋଜେକ୍ଟ, ଭଡ଼ା, ନୂତନ ବିଲ୍ଡିଂ ନିର୍ମାଣ ସମୟରେ ସିଟି ପ୍ଲାନରମାନେ ଏହାକୁ ତଦାରଖ କରିବା ଆଦି ଉପରେ ଆଲୋଚନା ହୋଇଥିଲା। ରାଶନକାର୍ଡ ପାଇଁ ଆବେଦନ କରାଯାଉଥିଲେ ବି ଦୀର୍ଘଦିନ ହେବ କାର୍ଡ ପ୍ରଦାନ କରାଯାଉନାହିଁ। ତେବେ ବର୍ତ୍ତମାନ ବିଏମ୍‌ସିରେ ୨୫୦୯ ରାଶନ କାର୍ଡ ରହିଛି, ଖୁବ୍‌ଶୀଘ୍ର ଏହାକୁ ହିତାଧିକାରୀଙ୍କୁ ବଣ୍ଟନ କରାଯିବ ବୋଲି ସୂଚନା ଦିଆଯାଇଛି। ବର୍ଷା ପରେ ନୟାପଲ୍ଲୀ ଅଞ୍ଚଳରେ ଡ୍ରେନ୍ କାମକୁ ତ୍ୱରାନ୍ୱିତ କରାଯିବ ବୋଲି ମଧ ବୈଠକରେ ଆଲୋଚନା ହୋଇଥିଲା।

ବୈଠକରେ ବିଧାୟକ ସୁଶାନ୍ତ ରାଉତ, କମିଶନର ବିଜୟ ଅମୃତା କୁଲାଙ୍ଗେ, ଡେପୁଟି ମେୟର ମଞ୍ଜୁଲତା କହଁର, ବିଏମସିର ବିଭିନ୍ନ ପଦାଧିକାରୀ, ସମସ୍ତ କର୍ପୋରେଟର ଉପସ୍ଥିତ ଥିଲେ। କାର୍ଯ୍ୟସୂଚୀ ଅନୁସାରେ ଗୋଟିଏ ପରେ ଗୋଟିଏ ପ୍ରଶ୍ନ, ପ୍ରସ୍ତାବ, ଚର୍ଚ୍ଚା ଓ ହିସାବ କିତାବ ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା।

**ବିନ୍ଦୁସାଗର ଉତ୍ତରେଶ୍ୱର ଘାଟ ଖୋଲାଯାଉ**

ବିନ୍ଦୁସାଗରରେ ଥିବା 'ଉତ୍ତରେଶ୍ୱର ଘାଟ' ପିତୃ ପିଣ୍ଡ ପାଇଁ ଉଦ୍ଦିଷ୍ଟ କରାଯାଇଥିଲା। ଦୁଇବର୍ଷ ତଳେ ତତ୍‌କାଳୀନ ସଂସ୍କୃତି ମନ୍ତ୍ରୀ ଅଶୋକ ପଣ୍ଡା ପିଣ୍ଡ ଦେବା ସମୟରେ ଶୌଚ ତଥା ଅନ୍ୟାନ୍ୟ କାମ ପାଇଁ ସ୍ୱତନ୍ତ୍ର ଗୃହ ନିର୍ମାଣ କରାଇଥିଲେ। ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ବ୍ରାହ୍ମଣ ନିଯୋଗକୁ ଦିଆଯାଇଥିଲା। ମାତ୍ର କିଛିଦିନ ପରେ ବିଏମ୍‌ସି କାହାକୁ କିଛି ନ ଜଣାଇ ତାହାକୁ ବନ୍ଦ କରି ଦେଇଛି। ଏନେଇ ନୃପେଶ ବୈଠକରେ ଦୃଷ୍ଟି ଆକର୍ଷଣ କରିବା ସହିତ ତୁରନ୍ତ ଏହାକୁ ଖୋଲିବା ପାଇଁ କର୍ପୋରେଟର ନୃପେଶ ନାୟକ ଦାବି କରିଥିଲେ। ଏଥିସହ ପୁରୁଣା ଭୁବନେଶ୍ୱରରେ ଥିବା ଯାତ୍ରୀ ନିବାସକୁ ସର୍ବସାଧାରଣଙ୍କ ପାଇଁ ଖୋଲିବାକୁ ଦାବି କରିଥିଲେ। ପୂର୍ବତନ କର୍ପୋରେଟର ସ୍ୱର୍ଗତ ସମୀର ପ୍ରଧାନଙ୍କ ସ୍ମୃତିରେ ନ୍ୟୁ ରେଣ୍ଟାଲ ରୋଡ୍‌ରୁ ପଟାସ ଓ ମୁଣ୍ଡାସାହି ରାସ୍ତାକୁ ତାଙ୍କ ନାମରେ କରାଯିବାକୁ ପ୍ରସ୍ତାବ ଦିଆଯାଇଥିଲା।

**ଆବାସିକ ଅଞ୍ଚଳରେ ବ୍ୟବସାୟିକ କୋଠା ନିର୍ମାଣ ବନ୍ଦ**

ରେସିଡେନ୍ସିଆଲ ବା ଆବାସିକ ଅଞ୍ଚଳରେ ବ୍ୟବସାୟ ପ୍ରତିଷ୍ଠାନ ଯୋଗୁ ଲୋକଙ୍କ ସ୍ୱାଭାବିକ ରହଣି ପ୍ରଭାବିତ ହେଉଛି। ଏନେଇ ବୈଠକରେ ଆଲୋଚନା କରାଯାଇଥିଲା। ଏଣିକି ରେସିଡେନ୍ସିଆଲ ଏରିଆ ମଧ୍ୟରେ ବ୍ୟବସାୟିକ ଭିତ୍ତିରେ କୌଣସି ବିଲ୍ଡିଂ ନିର୍ମାଣ ହୋଇପାରିବ ନାହିଁ। ଯେଉଁମାନେ ଏହାର ପାଳନ ନ କରିବେ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା।

**ଏଣିକି ମେୟରଙ୍କ ପାଖକୁ ଯିବ ଫାଇଲ**

ଗତ ୩ ବର୍ଷ ହେବ କର୍ପୋରେଶନ ନ ଥିବାରୁ ବିଏମ୍‌ସିର ସମସ୍ତ ଫାଇଲ ପ୍ରଶାସନିକ ଅଧିକାରୀଙ୍କ ପାଖକୁ ଯାଉଥିଲା। ମାତ୍ର ଏବେ କର୍ପୋରେଶନ ଗଠନ ହୋଇଛି ଓ ଏହାର ମୁଖ୍ୟ ହେଉଛନ୍ତି ମେୟର। ମାତ୍ର ଗତ ୪ ମାସ ମଧରେ କୌଣସି ଫାଇଲ ମେୟରଙ୍କ ପାଖକୁ ନ ଯାଇ ସେଗୁଡିକ କମିଶନରଙ୍କ ପାଖକୁ ଯାଉଛି। ଏହା ଠିକ୍ ନୁହେଁ ବୋଲି ଉପସ୍ଥାପନ କରାଯିବା ପରେ ଏହା ଉପରେ ପଦକ୍ଷେପ ନିଆଯିବ ବୋଲି କୁହାଯାଇଥିଲା।

## ଅଫିସ ପିଅନ ଗିରଫ, ସୁନା ଗହଣା ଜବତ

**କଣ୍ଟ୍ରାକ୍ଟରଙ୍କ ଘରୁ ସୁନା ଗହଣା ଚୋରି ଘଟଣା**

ଭୁବନେଶ୍ୱର,(ବ୍ୟୁରୋ)୧୯।୮

ଯାହା ସନ୍ଦେହ କରାଯାଉଥିଲା ତାହା ହିଁ ସତ ହେଲା। ନୟାପଲ୍ଲୀ ଥାନା ଅନ୍ତର୍ଗତ ନୀଳକଣ୍ଠ ନଗରରେ କଣ୍ଟ୍ରାକ୍ଟର ଲିଲିପ କୁମାର ଜେନାଙ୍କ ଘରୁ ୧୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଗହଣା ଲୁଟ୍ ଘଟଣାରେ ତାଙ୍କ ଅଫିସ ପିଅନ ହିଁ ସଂପୃକ୍ତ ଥିବା ପୋଲିସ କହିଛି। ସେ ହେଲେ ସ୍ଥାନୀୟ ବମିଖାଲ ଅଞ୍ଚଳରେ ରହୁଥିବା ମୟୂରଭଞ୍ଜ ଜିଲା ବାଇସିଂହା ଥାନା ଅଞ୍ଚଳର ରାକେଶ ମହାନ୍ତି (୨୪)। ପଚରାଉରା ପରେ ତାଙ୍କୁ ଗିରଫ କରାଯାଇଛି। ଏଥିସହ ତାଙ୍କଠାରୁ ସମସ୍ତ ସୁନା ଗହଣାକୁ ଜବତ କରାଯାଇଛି। ଏନେଇ ପୋଲିସ ମାମଲା (ନଂ. ୫୩୯/୨୨) ରୁଜୁ କରି ଶୁକ୍ରବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ସୂଚନାନୁସାରେ, ଅଭିଯୁକ୍ତ ରାକେଶ କଣ୍ଟ୍ରାକ୍ଟର ଲିଲିପଙ୍କ ପାଖରେ ରହି ପିଅନ ଭାବେ କାମ କରନ୍ତି। ଗତ ୨୯ ତାରିଖରେ ଲିଲିପଙ୍କ ପୁଅଙ୍କ ଦେହ ଖରାପ ହେବାରୁ ଚିକିତ୍ସା ଲାଗି ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତେଣୁ ଘରେ ପରିବାର ସଦସ୍ୟ କେହି ନ ଥିଲେ। ଏହି ସମୟରେ ଅଭିଯୁକ୍ତ ରାକେଶ ଏକ ନକଲି ଚାବିରେ ଘର ଖୋଲି ଆଲମିରାରୁ ସୁନା ଗହଣା ଚୋରି କରି ନେଇଯାଇଥିଲେ। ଲିଲିପି ଘରକୁ ଫେରିବା ପରେ ଚୋରି ସମ୍ପର୍କରେ ଜାଣିବା ପରେ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ସେ ତାଙ୍କ ଡ୍ରାଇଭର ଓ ପିଅନଙ୍କ ଉପରେ ସନ୍ଦେହ ଥିବା ଏତଲାରେ ଦର୍ଶାଇଥିଲେ।

## ରାଜ୍ୟର ୨୦ ଫଟୋଗ୍ରାଫରଙ୍କ ଫଟୋ ପ୍ରଦର୍ଶିତ



ଭୁବନେଶ୍ୱର,୧୯।୮(ବ୍ୟୁରୋ)

ବିଶ୍ୱ ଫଟୋଗ୍ରାଫି ଦିବସ ପାଳନ ଅବସରରେ ସୂଚନା ଭବନ ପରିସରରେ ଏନ୍‌ବିଏନ୍ ସୂତ୍ରଧର (ନୂତନ ଭବିଷ୍ୟତ ନିର୍ମାଣର ସୂତ୍ରଧର) ଟ୍ରଷ୍ଟ ପକ୍ଷରୁ ଶୁକ୍ରବାର ଦୁଇଦିନିଆ ଫଟୋ ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥିଭାବେ ସାମ୍ବାଦିକ ତଥା ଫଟୋଗ୍ରାଫର ପ୍ରଶାନ୍ତ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଦିନକୁ ଦିନ ଫଟୋଗ୍ରାଫି କ୍ଷେତ୍ରରେ ନୂଆ ଜ୍ଞାନକୌଶଳ ଅଗ୍ରଗତି ହେଉଥିବାବେଳେ ଗୁଣାତ୍ମକ ଓ ମୌଳିକ ଫଟୋଗ୍ରାଫି କମିଯାଉଛି ବୋଲି କହିଛନ୍ତି। ଅନ୍ୟତମ ଅତିଥି ଭାବେ ଭୁବନେଶ୍ୱର ମଧ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ ରାଜ୍ୟର ଫଟୋଗ୍ରାଫରମାନେ ସେମାନଙ୍କ କଳା, ନୈପୁଣ୍ୟ, ପରାକାଷ୍ଠାର ପ୍ରଦର୍ଶନ ଦେଶ ବିଦେଶରେ ସୁନାମ ଅର୍ଜନ କରିଥିବାରୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରଦର୍ଶନୀରେ ଓଡ଼ିଶାର ଐତିହ୍ୟ, ପରମ୍ପରା ଓ ସଂସ୍କୃତିକୁ ଆଧାର କରି ୧୦୮ ଫଟୋ ପ୍ରଦର୍ଶିତ ହେଉଛି। ଯେଉଁଥିରେ ସାରା ରାଜ୍ୟରୁ ୨୦ଜଣ ଫଟୋଗ୍ରାଫର ଅଂଶଗ୍ରହଣ କରି ସେମାନଙ୍କ ଫଟୋର ଯାଦୁ ଦର୍ଶକଙ୍କ ସାମ୍ନାରେ ଉପସ୍ଥାପିତ କରିଥିଲେ। ଅତିଥି ଆଡ୍‌ଭୋକେଟ ଶୀଳଭଦ୍ର ଶାସ୍ତ୍ରୀ, କର୍ପୋରେଟର ଭରତ ଲେଙ୍କା ଓ ବିଶ୍ୱବିଜୟିନୀ ମହିଳା ମହାସଂଘର ସଭାପତି ଭାନୁପ୍ରିୟା ଦାସ ପ୍ରମୁଖ ଯୋଗଦେଇ ପ୍ରଦର୍ଶିତ ଫଟୋଗୁଡିକର ପ୍ରଶଂସା କରଥିଲେ। ଟ୍ରଷ୍ଟର ପ୍ରତିଷ୍ଠାତା ଓ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦାସ ଧନ୍ୟବାଦ ଦେଇଥିଲେ।

## ଯୁବତୀଙ୍କୁ ପଥରରେ ଆକ୍ରମଣ, ଯୁବକ ଗିରଫ

ଭୁବନେଶ୍ୱର,(ବ୍ୟୁରୋ)୧୯।୮

ବାଇକ୍‌ରେ ବସିବାକୁ ମନା କରିବାରୁ ଯୁବତୀଙ୍କୁ ପଥରରେ ଛେଚି ମରଣାନ୍ତକ ଆକ୍ରମଣ ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ସ୍ଥାନୀୟ ଥାନା ମୁଣ୍ଡାସାହି ବସ୍ତିରେ ରହୁଥିବା ଯାଜପୁର ଜିଲା ଧର୍ମଶାଳା ଥାନା ପତାପୁରର ସୁନାକର ସାହୁ(୨୩)। ତାଙ୍କଠାରୁ ଗୋଟିଏ ବାଇକ ଜବତ ହୋଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଅଭିଯୁକ୍ତ ସୁନାକର ଓ ଯୁବତୀ ମୁଣ୍ଡାସାହି ବସ୍ତିରେ ରୁହନ୍ତି । ଗୁରୁବାର ପଳାଶୁଣି ପୋଲ ପାଖରେ ଯୁବତୀ ଜଣକ କୌଣସି କାମରେ ଯିବାକୁ ଠିଆ ହୋଇଥିବା ସମୟରେ ଅଭିଯୁକ୍ତ ସୁନାକର ସେଠାରେ ପହଞ୍ଚି ତାଙ୍କୁ ବାଇକରେ ବସିବାକୁ ବାଧ କରିଥିଲେ। ଯୁବତୀ ଜଣକ ମନା କରିବାରୁ ଅଭିଯୁକ୍ତ ହଠାତ୍ ଉତ୍ତ୍ୟକ୍ତ ହୋଇ ଏକ ପଥରରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଯୁବତୀଜଣଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଅଭିଯୋଗପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ରାଜ୍ୟସ୍ତରୀୟ ଜନ୍ମାଷ୍ଟମୀ ପ୍ରତିଯୋଗିତା



ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଉପସ୍ଥିତ ଛାତ୍ରୀଛାତ୍ର।

ଭୁବନେଶ୍ୱର,୧୯।୮(ବ୍ୟୁରୋ)

ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ଉପଲକ୍ଷେ ଖୋର୍ଦ୍ଧା ଉପକଣ୍ଠସ୍ଥିତ ବାଜପୁର ଗ୍ରାମର ଶ୍ରୀ ଗୋପୀନାଥ ଜୀଉ ମନ୍ଦିର ପରିସରରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାମାନ ଆୟୋଜନ ହୋଇଯାଇଛି। ଆଲୋଚନାଚକ୍ର, କବିତା ପାଠ ଉତ୍ସବ ସହିତ ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରାଙ୍କନ, ଗଳ୍ପ, ପ୍ରବନ୍ଧ ସମ୍ବନ୍ଧିତ ବିଭିନ୍ନ ପ୍ରତିଯୋଗିତା ଗତ ୨ଦିନ ଧରି କରାଯାଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ହରିହର କାନୁନ୍‌ଗୋ, ମୁଖ୍ୟବକ୍ତା ନିଶିଗନ୍ଧା ଫାଉଣ୍ଡେଶନର ପ୍ରତିଷ୍ଠାତା ବଳରାମ ତରାଇ, ସମ୍ମାନିତ ଅତିଥି ଭାବେ ବିନୋଦିନୀ କାନୁନ୍‌ଗୋ, ସଂଘମିତ୍ରା ମହାନ୍ତି, ଜଗଦୀଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଡ. ବୃନ୍ଦାବନ ପଣ୍ଡା ଏହି କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିବା ବେଳେ ସଭାପତି ଡ. ନୀଳାଦ୍ରି ଜଗଦେବ ମଞ୍ଚ ପରିଚାଳନା କରିଥିଲେ। ପିଲା ଓ କବି କବୟିତ୍ରୀମାନଙ୍କୁ ନେଇ କବିତା ପାଠ ଆବୃତି କରାଯାଇଥିଲା। ଡ. ଚପଳା ପଣ୍ଡା, ପଣ୍ଡିତ ବାସୁଦେବ ସାହୁ, ସସ୍ମିତା ମୁଦୁଲି, ପଦ୍ମଲୋଚନ ସାହୁ, ବେଣୁଧର ସେଠୀ, ଦୀନବନ୍ଧୁ ସାହୁ, ଝୁମୁରି ସାହୁ, ବଂଶୀଧର ସାହୁଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ଉତ୍ସବରେ ଭାଗନେଇଥିଲେ। ସତ୍ୟଜିତ୍ କାନୁନଗୋ ଧନ୍ୟବାଦ ଦେଇଥିଲେ।

## ମିଳିଲା ଆଉ ୨ ଖଣ୍ଡା, ଜେଲ ଗଲେ ମୁଫି, କୁନା

**ଜେଲ ଫେରନ୍ତାଙ୍କୁ ଗୋଡ଼ାଇ ହାଣିବା ଘଟଣା**

ଭୁବନେଶ୍ୱର,୧୯।୮(ବ୍ୟୁରୋ)





ନୟାପଲ୍ଲୀ ଥାନା ଅନ୍ତର୍ଗତ ଜୟଦେବବିହାର ବିଜୁ ପଟ୍ଟନାୟକ କଲେଜ ଛକରେ ଜେଲ ଫେରନ୍ତା ନୀଳାଚଳ ବେହେରାଙ୍କୁ ଗୋଡ଼ାଇ ହାଣିବା ଘଟଣାରେ ଗିରଫ ଅଭିଯୁକ୍ତଦ୍ୱୟ ଚିତ୍ତରଞ୍ଜନ ନାୟକ ଓରଫ କୁନାଲ୍ ଓରଫ କୁନା(୨୨) ଏବଂ ସାହାନୱାଜ୍ ମଲ୍ଲିକ ଓରଫ ମୁଫି(୨୨) ଶୁକ୍ରବାର କୋର୍ଟ ଚାଲାଣ ପରେ ଜେଲ ଯାଇଛନ୍ତି। ପୂର୍ବରୁ ଗୋଟିଏ ଖଣ୍ଡା ଜବତ ହୋଇଥିବାବେଳେ ଏବେ ଉଭୟଙ୍କଠାରୁ ଆଉ ଦୁଇ ଖଣ୍ଡା ଜବତ ହୋଇଛି। ଏଥିସହ ଏକ ବାଇକ ମଧ ଜବତ ହୋଇଛି। ମାମଲାରେ ସମ୍ପୃକ୍ତ ଅନ୍ୟ ୪ ଅଭିଯୁକ୍ତଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଥିବା କମିଶନରେଟ ପୋଲିସ ପକ୍ଷରୁ କୁହାଯାଇଛି। ସୂଚନା ଅନୁଯାୟୀ, ନୀଳାଚଳ ଓ ଆକ୍ରମଣକାରୀମାନେ ଗୋଟିଏ ଗୋଷ୍ଠୀର। ୨୦୨୧ ମେ ୧୦ରେ ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ ମାମଲାରେ ନୀଳାଚଳ ଗିରଫ ହୋଇ ଜେଲ ଯିବା ପରେ ବେଲ୍‌ରେ ଆସିଥିଲେ। କିଛିଦିନ ତଳେ ମତାନ୍ତର ହେବାରୁ ନୀଳାଚଳ ଉକ୍ତ ଗୋଷ୍ଠୀରୁ ଅଲଗା ହୋଇଯାଇଥିଲେ। ମଙ୍ଗଳବାର ଅପରାହ୍ନରେ ନୀଳାଚଳ ଓ ତାଙ୍କ ବନ୍ଧୁ ବିଜୁ ପଟ୍ଟନାୟକ କଲେଜ ଛକରେ ଛିଡ଼ା ହୋଇଥିବାବେଳେ ଉକ୍ତ ଗୋଷ୍ଠୀର ୬ ଯୁବକ ଉଭୟଙ୍କୁ ହାଣିବାକୁ ଗୋଡ଼ାଇଥିଲେ। ସେମାନଙ୍କ କବଳରେ ପଡ଼ିଯାଥିଲେ ନୀଳାଚଳ। ଆକ୍ରମଣକାରୀଙ୍କ ଖଣ୍ଡା ଚୋଟରେ ନୀଳାଚଳ ଗୁରୁତର ହୋଇପଡିଥିଲେ। ସେ ଏବେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ପୋଲିସ କହିଛି।

## ଇଣ୍ଟରନେଟ୍ ସହ ତାଳ ଦେଇ ଚାଲିବ ପୁସ୍ତକ

**'ଜ୍ଞାନବୃତ୍ତ' ଉନ୍ମୋଚିତ**

ଭୁବନେଶ୍ୱର,୧୯।୮(ବ୍ୟୁରୋ)




ବିନୋଦ କାନୁନ୍‌ଗୋ ଓଡ଼ିଆ ଭାଷା ଉତ୍କର୍ଷ କେନ୍ଦ୍ର ନ୍ୟାସ ପକ୍ଷରୁ ଶୁକ୍ରବାର ଗୀତଗୋବିନ୍ଦ ସଦନଠାରେ ୧୦ ଭାଗ ବିଶିଷ୍ଟ ବିଶ୍ୱକୋଷ ଜ୍ଞାନବୃତ୍ତ ସେଟ୍(ପୁସ୍ତକ)ର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିଥି ଭାବେ ବିଧାୟକ ତଥା ସମ୍ବାଦ ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ, ରାଜ୍ୟସଭା ସଦସ୍ୟ ସୁଲତା ଦେଓ, ଆଲୋକ କାନୁନ୍‌ଗୋ, ଦୀପକ୍ କାନୁନଗୋ, ଅଧ୍ୟାପକ ବିଶ୍ୱରଞ୍ଜନ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଆ ଭାଷାର ପ୍ରୟୋଗଶାଳା ଓ ସାମର୍ଥ୍ୟର ପ୍ରତୀକ ହେଉଛି ଜ୍ଞାନବୃତ୍ତ। ଯଦି କୌଣସି ଉନ୍ନତ ଭାଷାରେ ଗୋଟିଏ ସମକାଳୀନ, ସାର୍ବଜନୀନ ବିଶ୍ୱକୋଷ ପ୍ରଣୀତ ନ ହେଉଛି, ତେବେ ତାହାର ବିକାଶର ଧାରା ବାଧାପ୍ରାପ୍ତ ହୋଇଥାଏ। ଜ୍ଞାନବୃତ୍ତର ପ୍ରକାଶନ ହେଉଛି ଆମ ଭାଷା କ୍ଷେତ୍ରରେ ଏକ ବିପ୍ଳବାତ୍ମକ ପଦକ୍ଷେପ। ଆଜିର ଯୁଗରେ ଆମ ଭାଷାରେ ଯଦି ଏଭଳି ଏକ ପୁସ୍ତକ ସେଟ୍ ପ୍ରକାଶ ପାଇ ନ ଥାନ୍ତା, ତେବେ ବିଶ୍ୱ ଭାଷା ଦରବାରରେ ଓଡ଼ିଆ ଭାଷା ମୁଣ୍ଡ ଟେକି ଛିଡ଼ା ହେବାରେ ନିଶ୍ଚୟ କିଛି ଅସୁବିଧା ହୁଅନ୍ତା ବୋଲି ଅତିଥିମାନେ ମତପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ସମଗ୍ର ଭାରତୀୟ ଭାଷା ଜଗତରେ ଜ୍ଞାନବୃତ୍ତ ସମକକ୍ଷ ଅନ୍ୟ କୌଣସି ସମକାଳୀନ ମୁଦ୍ରିତ ବିଶ୍ୱକୋଷ ସେଟ୍ ଉପଲବ୍ଧ ନୁହେଁ। ଏହା ମଧ ହେଉଛି ଏକମାତ୍ର ବୃହତ୍ ତଥ୍ୟ ସମ୍ଭାର। ଇଣ୍ଟରନେଟ୍‌ର ସତେଜତା ସହ ତାଳ ଦେଇ ଚାଲିବା ପାଇଁ ଏହାର ସମ୍ପାଦନା କରାଯାଇଛି। ଏହି ପୁସ୍ତକରେ ମାନବ ଜ୍ଞାନର ସମସ୍ତ ବିଭାଗର ପ୍ରାମାଣିକ ପରିଚୟ ରହିଛି ବୋଲି ଏହାର ପ୍ରଣୟନ ତଥା ସମ୍ପାଦନା ଦାୟିତ୍ୱ ନେଇଥିବା ଅନୁଭବୀ ବିଶ୍ୱକୋଷବିତ୍ ଦୀପକ କାନୁନ୍‌ଗୋ କହିଛନ୍ତି। ଏଥିରେ ବର୍ଣ୍ଣମାଳା ଅନୁକ୍ରମରେ ରହୁଛି ୪୦୦୦ରୁ ଅଧିକ ବିଷୟ ଏବଂ ସେସବୁ ବିଷୟକୁ ବୁଝାଉଥିବା ଅସଂଖ୍ୟ ଚିତ୍ର ବୋଲି ସେ ଉଲ୍ଲେଖ କରିଥିଲେ। ଆରମ୍ଭରେ 'ଭାଷାକେନ୍ଦ୍ର ବିଶ୍ୱକୋଷ ଅଭିଯାନ'ର ଆବାହକ ଡ. ଆଲୋକ କାନୁନ୍‌ଗୋ ଜ୍ଞାନବୃତ୍ତର ବ୍ୟାପକ ପ୍ରଚାର ଓ ପ୍ରସାର ଦିଗରେ ସୂଚନା ପ୍ରଦାନ କରିଥିଲେ। ଦୃଷ୍ଟିହୀନଙ୍କ ନିମନ୍ତେ ଏହାର ଏକ ବ୍ରେଲୀ ସଂସ୍କରଣ ମଧ ଭବିଷ୍ୟତରେ ପ୍ରକାଶ ପାଇବ ବୋଲି ସେ କହିଥିଲେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଲୋୟଲା ସ୍କୁଲ ପକ୍ଷରୁ ୧୨ତମ ଆଦିତ୍ୟ ମେମୋରିଆ କୁଇଜ୍ ପ୍ରତିଯୋଗିତା, ଜାଭିୟର ଇନ୍‌ଷ୍ଟିଚ୍ୟୁଟର ଅଡିଟୋରିୟମ, ସକାଳ ୯ଟା।
- ଭର୍ଟିକା ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ, କଳିଙ୍ଗ ଆର୍ଟ ଗ୍ୟାଲେରି, ଭଞ୍ଜକଳା ମଣ୍ଡପ କମ୍ପ୍ଲେକ୍ସ, ପୂର୍ବାହ୍ନ ୧୦ଟା ୩୦ରୁ ଆରମ୍ଭ।

କଟକ
- ମଧୁମେହ ଚିକିତ୍ସକ ସଂଘ ଆର୍‌ଏସ୍‌ଏସ୍‌ଡିଆଇର ବାର୍ଷିକ ସମ୍ମିଳନୀ, ପ୍ରମୋଦ ହୋଟେଲ, କଟକ, ସକାଳ ୯ଟା ୩୦।
- ବାଲିଯାତ୍ରା କଟକ ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ, ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା ୩୦ ।
- ସାରଳା ସାହିତ୍ୟ ସଂସଦ ପକ୍ଷରୁ ଔପନ୍ୟାସିକ ଗୋପୀନାଥ ମହାନ୍ତିଙ୍କ ଶ୍ରାଦ୍ଧୋତ୍ସବ, ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସନ୍ଧ୍ୟା ୬ଟା ।

## ବଜ୍ରପାତରେ ଚାଷୀଙ୍କ ମୃତ୍ୟୁ

ନିମାପଡ଼ା, ୧୯ ।୮ ( ଡି.ଏନ.ଏ) : ନିମାପଡ଼ା ଥାନା ଅଞ୍ଚଳର ଜଣେ ଚାଷୀ ଶୁକ୍ରବାର ବିଲରେ କାର୍ଯ୍ୟ କରୁଥିବା ବେଳେ ହଠାତ୍ ବଜ୍ରପାତରେ ଶିକାର ହୋଇ ମୃତ୍ୟୁ ଘଟିଛି। ସେ ହେଲେ କଟକ ଜିଲା ନିଆଳି ଥାନା ଅନ୍ତର୍ଗତ ମାଧବ ପ୍ରଧାନ ସାହି ଗ୍ରାମର ସୁରେନ୍ଦ୍ର ବସ୍ତିଆ(୫୫)। ଏ ନେଇ ମୃତ ଚାଷୀଙ୍କ ପୁଅ ମଳୟରଞ୍ଜନଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୨୦/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଚାଷୀ ସୁରେନ୍ଦ୍ର ଅପରାହ୍ନରେ ବିଲରେ କାର୍ଯ୍ୟ କରୁଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ସେ ଅଚେତ ହୋଇପଡ଼ିଥିଲେ। ପାଖରେ କାର୍ଯ୍ୟ କରୁଥିବା ସାଥୀ ଚାଷୀଭାଇମାନେ ଆସି ତାଙ୍କୁ ସ୍ଥାନୀୟ ମେଡିକାଲକୁ ନେବା ସହ ପରିବାର ଲୋକଙ୍କୁ ଜଣାଇଥିଲେ। ହେଲେ ଡାକ୍ତର ସୁରେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଚାରିଛକ ଫାଣ୍ଡି ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରି ଚାରିଛକ ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ତେବେ ସୁରେନ୍ଦ୍ରଙ୍କ ଅକାଳ ବିୟୋଗକୁ ନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମୃତ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ଭିକୁଙ୍କ ସ୍ତ୍ରୀଙ୍କ ବିରୋଧରେ ଲୁକ୍ ଆଉଟ୍ ସର୍କୁଲାର

## ଚାକିରି ଦେବା ଆଳରେ ୧.୯୧ କୋଟି ଠକେଇ

- ଗଞ୍ଜାମ ଭଞ୍ଜନଗରରେ ଅଫିସ ଖୋଲି ଠକେଇ କରିଥିଲେ
- ଦିଲ୍ଲୀରେ ଚଢ଼ାଉବେଳେ ଖସି ପଳାଇଥିଲେ ନିଶା କଶ୍ୟପ୍
- ପୂର୍ବରୁ ମାଷ୍ଟରମାଇଣ୍ଡ ଭିକୁ, ମନିକନ୍ଦନଙ୍କ ବିରୋଧରେ ଲୁକ୍ ଆଉଟ୍ ସର୍କୁଲାର ଜାରି
- ୪ କମ୍ପାନୀ ଏଜେଣ୍ଟଙ୍କୁ ଗିରଫ କରିଛି ଭଞ୍ଜନଗର ପୋଲିସ


ନିଶା କଶ୍ୟପ୍

ଭୁବନେଶ୍ୱର,୧୯।୮(ବ୍ୟୁରୋ)

ଗଞ୍ଜାମ ଜିଲା ଭଞ୍ଜନଗରରେ ଅଫିସ ଖୋଲି ଚାକିରି ଦେବା ଆଳରେ ବହୁ ଆଶାୟୀଙ୍କଠାରୁ ୧.୯୧ କୋଟି ଟଙ୍କା ଠକେଇ ମାମଲାରେ କ୍ରାଇମ୍‌ବ୍ରାଞ୍ଚ ଇଓଡବ୍ଲ୍ୟୁ ଖୋଳତାଡ଼ ଜାରି ରଖିଛି। ଏଥିରେ ସମ୍ପୃକ୍ତ ଥିବା ଏମ୍/ଏସ୍ କିନ୍ନି ଇନ୍‌ଫୋଟେକ୍ ପ୍ରାଇଭେଟ୍ ଲିଃର ୨ ନିର୍ଦ୍ଦେଶକ ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅଞ୍ଚଳର ଭିକୁ ବିଶୋଇ ଓ ଚେନ୍ନାଇର ମଣିକନ୍ଦନ ଫେରାର ଥିବାରୁ ଉଭୟଙ୍କ ବିରୋଧରେ କେନ୍ଦ୍ର ସରକାରଙ୍କ ବ୍ୟୁରୋ ଅଫ୍ ଇମିଗ୍ରେଶନ (ବିଓଆଇ) ପକ୍ଷରୁ ଦେଢ଼ମାସ ତଳେ ଲୁକ୍ ଆଉଟ୍ ସର୍କୁଲାର ଜାରି ହୋଇଛି। ତେବେ ତଦନ୍ତବେଳେ ଏହି ମାମଲାରେ ଆଉଜଣେ ଅଭିଯୁକ୍ତ ସମ୍ପୃକ୍ତ ଥିବା ଜଣାପଡ଼ିଛି। ସେ ହେଉଛନ୍ତି ମାଷ୍ଟରମାଇଣ୍ଡ ଭିକୁଙ୍କ ସ୍ତ୍ରୀ ନିଶା କଶ୍ୟପ୍। ନିଶା କିନ୍ନି ଇନ୍‌ଫୋଟେକ୍ ପ୍ରାଇଭେଟ୍ ଲିଃ ସମେତ ୧୦ଟି କମ୍ପାନୀର ସୋଲ୍ କିମ୍ବା କୋ-ଡିରେକ୍ଟର୍ ଅଛନ୍ତି। କିଛିଦିନ ପୂର୍ବରୁ ନିଶାଙ୍କୁ ଧରିବାକୁ ଇଓଡବ୍ଲ୍ୟୁ ନୂଆଦିଲ୍ଲୀସ୍ଥିତ ବାସଭବନରେ ଚଢ଼ାଉ କରିଥିଲା। ହେଲେ ଏହା ପୂର୍ବରୁ ସେ ଫେରାର ହୋଇଯାଇଥିଲେ। ଏବେ ନିଶାଙ୍କୁ ଧରିବାକୁ ଇଓଡବ୍ଲ୍ୟୁର ଅନୁରୋଧକ୍ରମେ ବିଓଆଇ ତାଙ୍କ ବିରୋଧରେ ଲୁକ୍ ଆଉଟ୍ ସର୍କୁଲାର ଜାରି କରିଛି। ଏଥିସହ ଦେଶର ସମସ୍ତ ଏୟାରପୋର୍ଟ ଓ ସି ବିଚ୍ ସମେତ ଅନ୍ୟାନ୍ୟ ଚେକ୍ ପୋଷ୍ଟରେ ଆଲର୍ଟ କରି ଦିଆଯାଇଛି। ପୂର୍ବରୁ ଜାରି ହୋଇଥିବା ମୋବାଇଲ ନମ୍ବର ୯୪୩୯୨୧୬୪୫୧ ଦ୍ୱାରା ଉପରୋକ୍ତ ୩ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦେଲେ ସୂଚନାଦାତାଙ୍କୁ ପୁରସ୍କାର ଦିଆଯିବ। ସେମାନଙ୍କ ନାମ ଓ ଠିକଣା ଗୋପନ ରଖାଯିବ ବୋଲି ଇଓଡବ୍ଲ୍ୟୁ ପକ୍ଷରୁ ସୂଚନା ଦିଆଯାଇଛି। ସେପଟେ ଅଭିଯୁକ୍ତ ନିଶାଙ୍କ ସ୍ୱାମୀ ତଥା ଭିକୁ ଏବଂ ମଣିକନ୍ଦନ ମାଲେସିୟା ପଳାଇଥିବା ସନ୍ଦେହ କରାଯାଉଛି। ପଞ୍ଜାବ ପୋଲିସ ପାଇଁ ଉଭୟ ୱାଣ୍ଟେଡ୍ ଥିବା ଇଓଡବ୍ଲ୍ୟୁ ପକ୍ଷରୁ କୁହାଯାଇଛି।

ଇଓଡବ୍ଲ୍ୟୁ ସୂଚନା ଅନୁଯାୟୀ, ୨୦୨୧ରେ ଭଞ୍ଜନଗରରେ ଭିକୁ ଓ ମଣିକନ୍ଦନ କିନ୍ନି ଇନ୍‌ଫୋଟେକ୍ ପ୍ରାଇଭେଟ୍ ଲିଃ ନାମରେ ଏକ ଅଫିସ ଖୋଲିଥିଲେ। ଉଭୟ ଉକ୍ତ କମ୍ପାନୀର ନିର୍ଦ୍ଦେଶକ ବୋଲି ପରିଚୟ ଦେବା ସହ କେତେଜଣ ଏଜେଣ୍ଟଙ୍କୁ ନିଯୁକ୍ତି ଦେଇଥିଲେ। ଏଜେଣ୍ଟଙ୍କ ଜରିଆରେ ଅଭିଯୁକ୍ତଦ୍ୱୟ ଚାକିରି ଓ ଘରେ ବସି ରୋଜଗାରର ପ୍ରତିଶ୍ରୁତି ଦେଇ ୧୬୧ଜଣ ଆଶାୟୀଙ୍କଠାରୁ ୧ କୋଟି ୯୧ ଲକ୍ଷ ଟଙ୍କା ସଂଗ୍ରହ କରିଥିଲେ। ଏହାପରେ ଅଫିସ୍ ବନ୍ଦ କରି ଉଭୟ ଫେରାର ହୋଇଯାଇଥିଲେ। ଅଭିଯୋଗ ପରେ ଭଞ୍ଜନଗର ଥାନା ପୋଲିସ ଗତ ଜାନୁୟାରୀ ୧୫ରେ ମାମଲା (ନଂ.୪୦/୨୨) ରୁଜୁ କରି କମ୍ପାନୀର ୪ ଏଜେଣ୍ଟଙ୍କୁ ଗିରଫ କରିଥିଲା। ତେବେ ଏକାଧିକ ଠକେଇ ଅଭିଯୋଗ ଆସିବା ପରେ ଇଓଡବ୍ଲ୍ୟୁ ଏପ୍ରିଲ୍ ୨୭ରେ ମାମଲା (ନଂ.୧୧/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତବେଳେ ଜଣାପଡ଼ିଛି, ଏମ୍/ଏସ୍ କିନ୍ନି ଇନ୍‌ଫୋଟେକ୍ ପ୍ରାଇଭେଟ୍ ଲିଃରେ ଜମା ହୋଇଥିବା ଟଙ୍କାରୁ ଏମ୍/ଏସ୍ ସିମ୍ପ୍ଲେକ୍ସ ଭର୍ଚୁଆଲ୍ ଟେକ୍ ସଲ୍ୟୁଶନ ପ୍ରାଇଭେଟ୍ ଲିଃକୁ ୩୮ ଲକ୍ଷ ୭୮ ହଜାର ୫୦୦ ଟଙ୍କା ଯାଇଛି। ଟଙ୍କା ଯାଇଥିବା ଏହି କମ୍ପାନୀର ଏକମାତ୍ର ନିର୍ଦ୍ଦେଶକ ହେଉଛନ୍ତି ଭିକୁଙ୍କ ସ୍ତ୍ରୀ ନିଶା। ତେଣୁ ନିଶା ଗିରଫ ହେଲେ ଠକେଇ ମାମଲାରେ ଅନେକ ତଥ୍ୟ ମିଳିବ ବୋଲି ଇଓଡବ୍ଲ୍ୟୁ ଆଶା ରଖିଛି।


ଖାଦ୍ୟ ଅନ୍ୱେଷଣ... ପ୍ରାଣୀଉଦ୍ୟାନ ନନ୍ଦନକାନନ ବିହଙ୍ଗ ସାରଣୀରେ ପକ୍ଷୀମାନେ ପାଣିରୁ ଖାଦ୍ୟ ସଂଗ୍ରହ କରୁଛନ୍ତି।

## ଅଣ ଅନୁଦାନପ୍ରାପ୍ତ କଲେଜରେ ନିଯୁକ୍ତ ହେବେ ୨୭୬ ଅଧ୍ୟାପକ

### ୩୦ରେ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୯।୮(ବ୍ୟୁରୋ)

ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ଅଣଅନୁଦାନପ୍ରାପ୍ତ ଡିଗ୍ରୀ କଲେଜଗୁଡ଼ିକରେ ୨୭୬ ଅଧ୍ୟାପକ ନିଯୁକ୍ତ ହେବେ। ରାଜନୀତି ବିଜ୍ଞାନ ଓ ଇଂଲିଶ ବିଷୟ ପାଇଁ ଏହି ନୂତନ ଅଧ୍ୟାପକଙ୍କୁ ଚୟନ କରାଯାଇଛି। ନବନିଯୁକ୍ତ ଅଧ୍ୟାପକଙ୍କ ଦିଗଦର୍ଶନ କାର୍ଯ୍ୟକ୍ରମ ଆସନ୍ତା ୩୦ ତାରିଖ ଅପରାହ୍ନ ସାଢ଼େ ୫ଟାରେ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ। ଏହି ଅବସରରେ ନବନିଯୁକ୍ତ ଅଧ୍ୟାପକଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଉପସ୍ଥିତ ରହି ଉଦ୍‌ବୋଧନ ଦେବେ ବୋଲି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଗତ ମେ' ୧୭ରେ ଅନ୍ୟ ବିଷୟ ଲାଗି ନିଯୁକ୍ତ ଦୁଇଟି ବ୍ୟାଚ୍‌ର ପ୍ରାୟ ୬୦୦ ଅଧ୍ୟାପକଙ୍କ ଦିଗଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ସେପ୍ଟେମ୍ବରରେ ଆସିବ ଚଳଚ୍ଚିତ୍ର 'ଏଡିୟୁ ଗୋଦାର'




ଭୁବନେଶ୍ୱର, ୧୯ ।୮(ବ୍ୟୁରୋ)

ସର୍ବଭାରତୀୟ ସ୍ତରରେ ସେପ୍ଟେମ୍ବର ୨ରେ ପ୍ରେକ୍ଷାଳୟକୁ ଆସୁଛି ଓଡ଼ିଆ ଫିଚର୍ ଚଳଚ୍ଚିତ୍ର 'ଏଡିୟୁ ଗୋଦାର'। ଚଳଚ୍ଚିତ୍ରଟି ଜାତୀୟ, ଅନ୍ତର୍ଜାତୀୟ ସ୍ତରରେ ଅନେକ ଫେଷ୍ଟିଭାଲରୁ ସଫଳତା ହାସଲ କରିସାରିଲାଣି। ତେବେ ଏହା ଓଡ଼ିଆମାନଙ୍କ ମନ ଜିଣିପାରିବ କି ନାହିଁ ତାହା ମୁକ୍ତିଲାଭ ପରେ ଜଣାପଡ଼ିବ। ପ୍ରଥମ ପର୍ଯ୍ୟାୟରେ ଏହା ଭୁବନେଶ୍ୱର, କଟକ ଓ ମୁମ୍ବାଇରେ ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ସ୍ୱସ୍ତିକ ଆର୍ଟ ହାଉସ୍ ବ୍ୟାନରରେ ପ୍ରସ୍ତୁତ ଏହି ଚଳଚ୍ଚିତ୍ରକୁ ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟ ନିର୍ଦ୍ଦେଶନା ଓ ରଚନା କରିଛନ୍ତି। ବିଶେଷ କରି ଅଭିନେତା ଚୌଧୁରୀ ବିକାଶ ଦାସଙ୍କ ଅଭିନୟ ଦର୍ଶକଙ୍କୁ ପ୍ରେକ୍ଷାଳୟକୁ ଆକୃଷ୍ଟ କରିବ ବୋଲି ଆଶା କରାଯାଇଛି। ଏକକ ଭିନ୍ନ ଧରଣର ବିଷୟବସ୍ତୁକୁ ନେଇ ସେ ମୁଖ୍ୟ ଚରିତ୍ରରେ ନଜର ଆସିବେ। ଅନ୍ୟମାନଙ୍କ ମଧ୍ୟରେ ଦୀପନ୍ୱିତ ଦାଶମହାପାତ୍ର, ସୁଧାରଶ୍ରୀ ମଧୁସ୍ମିତା, ସ୍ୱସ୍ତିକ ଚୌଧୁରୀ, ଶଙ୍କର ବାସୁ ମଲ୍ଲିକ, ଅଭିଷେକ ଗିରି, ଡ. ବନିକାନ୍ତ ମିଶ୍ର, ଶ୍ୱେତପଦ୍ମା ମିଶ୍ର , ଚୌଧୁରୀ ଜୟପ୍ରକାଶ ଦାସ ପ୍ରମୁଖ ଅଭିନୟ କରିଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ସୁନୀତି


@ ରବୀନ୍ଦ୍ର


@ ଶୁଭକାନ୍ତ


@ ଶୁଭଲକ୍ଷ୍ମୀ


@ ଅସିତ୍


@ ବିଷ୍ଣୁପ୍ରସାଦ

# ଶ୍ରୀମନ୍ଦିରରେ ନନ୍ଦୋତ୍ସବ ନୀତି

ପୁରୀ ଅଫିସ, ୧୯।୮

ଶ୍ରୀମନ୍ଦିରରେ ଶୁକ୍ରବାର ନନ୍ଦୋତ୍ସବ ନୀତି ସମ୍ପନ୍ନ ହୋଇଛି। ଶ୍ରୀବିଗ୍ରହମାନଙ୍କ ମଙ୍ଗଳ ଆଳତି ପରେ ଶ୍ରୀରାମକୃଷ୍ଣ ଓ ଶ୍ରୀମଦନମୋହନ ଜଗମୋହନ ଦୋଳାକୁ ବିଜେ କରିଥିଲେ। ସକାଳ ଧୂପ ପରେ ପାଣିପକା ଭୋଗ ହୋଇଥିଲା। ଶ୍ରୀବିଗ୍ରହମାନଙ୍କ ମଇଲମ, ମହାସ୍ନାନ ପୂଜା, ଉଠାମହାସ୍ନାନ ହୋଇ ନୂଆଲୁଗା ଲାଗି ପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ତିନିବାଡ଼ରେ ସର୍ବାଙ୍ଗ କରିଥିଲେ। ଠାକୁରମାନଙ୍କୁ ଛଅ ମୂର୍ତ୍ତି ଅଳଙ୍କାର ଲାଗି ହୋଇଥିଲା। ଦେବୀ ସୁଭଦ୍ରାଙ୍କୁ ଆଜ୍ଞାମାଳ ଓ କର୍ପୂର ଲାଗି କରାଯାଇଥିଲା। ସୁଭଦ୍ରା ଓ ଜଗନ୍ନାଥଙ୍କ ବାଡ଼ରେ ଷଷ୍ଠୀ ଓ ମାର୍କଣ୍ଡି ପୂଜା ହୋଇଥିଲା। ମୁଦିରସ୍ତ ପ୍ରସାଦ ଲାଗି କରିବା ପରେ ପୂଜାପଣ୍ଡା ପୂଜା କରିଥିଲେ। ମଧ୍ୟାହ୍ନ ଧୂପ ପରେ ଜଗନ୍ନାଥ ଓ ସୁଭଦ୍ରାଙ୍କ ବାଡ଼ରେ ମଙ୍ଗଳାର୍ପଣ କରି ତିନିବାଡ଼ରେ ବନ୍ଦାପନା କରାଯାଇଥିଲା। ଭଣ୍ଡାର ଘରୁ ଦୁର୍ଗାମୂର୍ତ୍ତିଙ୍କୁ ବିଜେ କରାଯିବା ପରେ ସୁଭଦ୍ରାଙ୍କ ଶ୍ରୀଅଙ୍ଗରୁ ପୂଜାପଣ୍ଡା ଆଜ୍ଞାମାଳ ପ୍ରଦାନ କରିଥିଲେ। ଦୁର୍ଗାଙ୍କୁ ଜଗମୋହନର ଦୋଳି ଆଗ ଖଟୁଲିରେ ବିଜେ କରାଯାଇଥିଲା। ମହାସ୍ନାନ, ଶୀତଳ ଭୋଗ ଓ ବନ୍ଦାପନା ପରେ ଦୁର୍ଗାଙ୍କୁ ସାତ ପାହାଚ ଦ୍ୱାରଠାରେ ଡମ୍ବରୁ ଉପରେ ବିଜେ କରାଯାଇଥିଲା। ଏଠାରେ ବିଜୁଳି କନ୍ୟା ନୀତି ଅନୁଷ୍ଠିତ ହୋଇଥିଲା। ପରେ ଦେବୀଙ୍କୁ ବାହୁଡ଼ା ବିଜେ କରାଯାଇଥିଲା। ଏହାପରେ ଦୋଳିରେ ବସିଥିବା ରାମକୃଷ୍ଣ ଓ ମଦନମୋହନଙ୍କୁ ଖଟ ଉପରେ ବିଜେ କରାଯାଇଥିଲା। ମାଜଣା ଓ ମାଳଫୁଲ ଲାଗି ପରେ ଦିଅଁଙ୍କୁ ସାତପାହାଚ ଦ୍ୱାରଠାରେ ପାଲିଙ୍କିରେ ବସାଇ ଲକ୍ଷ୍ମୀ ମନ୍ଦିରର ଜଗମୋହନରେ ଥିବା ଖଟ ଉପରେ ବିଜେ କରାଯାଇଥିଲା। ଭିତରଚ୍ଛ ମହାପାତ୍ର (ନନ୍ଦ ରାଜା) ରୂପରେ ରାଜାଙ୍କ ନଅରକୁ ଯାଇ ଫେରିଆସି ସ୍ନାନମଣ୍ଡପରେ ବସିଥିଲେ। ଲେଙ୍କା ଗୋଟିଏ ଦୁହାଁଳିଆ ଗାଈ ଲକ୍ଷ୍ମୀମନ୍ଦିର ପାଖକୁ ଆଣିଥିଲେ। ଭରତିଆ ଗୌଡ଼ ପୁତ୍ରଜନ୍ମ ସୁସମ୍ବାଦ ନନ୍ଦରାଜାଙ୍କୁ (ଭିତରଚ୍ଛଙ୍କୁ) ଦେଇଥିଲେ ଓ ତାଙ୍କ ଲୁଗାଫେରକୁ ଟାଣି ଟାଣି ଲକ୍ଷ୍ମୀଙ୍କ ମନ୍ଦିର ନିକଟକୁ ନେଇଥିଲେ। ସେଠାରେ ନନ୍ଦ ରାଜା ଗୋଦୋହନ କରି ରୁପା ପିଙ୍ଗଣରେ ଦୁଇ ଠାକୁରଙ୍କୁ ଦୁଧ ସମର୍ପଣ ଓ ପ୍ରସାଦ ଲାଗି କରାଇଥିଲେ। ରାଶିକୋରା ମଣୋହି କରାଯାଇ ବନ୍ଦାପନା ଅନୁଷ୍ଠିତ ହୋଇଥିଲା। ପରେ ନନ୍ଦରାଜା ପୁତ୍ରମାନଙ୍କୁ ଧରି ଜଗମୋହନର ଦୋଳାରେ ବିଜେ କରାଇଥିଲେ। ରାମକୃଷ୍ଣ ଓ ମଦନମୋହନ ଦକ୍ଷିଣଘରକୁ ବାହୁଡ଼ା ବିଜେ କରିଥିଲେ। ନନ୍ଦୋତ୍ସବ ନୀତି ସମ୍ପନ୍ନ ପରେ ଅନ୍ୟାନ୍ୟ ନୀତି ବଢ଼ିଥିଲା ।

# ପିଜି ନାମଲେଖା ଘୁଞ୍ଚିଲା

- ସେପ୍ଟେମ୍ବର ୫ରେ ମେଧା ତାଲିକା
- ୧୬, ୧୭ରେ ପ୍ରଥମ ପର୍ଯ୍ୟାୟ ନାମଲେଖା

ଭୁବନେଶ୍ୱର, ୧୯।୮(ବ୍ୟୁରୋ)

ରାଜ୍ୟରେ ଥିବା ବିଶ୍ୱବିଦ୍ୟାଳୟ ଓ ଡିଗ୍ରୀ କଲେଜରେ ପିଜି ପାଠ୍ୟକ୍ରମରେ ନାମଲେଖା ପାଇଁ ଏକକ ପିଜି ପ୍ରବେଶିକା ପରୀକ୍ଷା ଶେଷ ହୋଇଥିବାବେଳେ ଆସନ୍ତା ୨୫ ତାରିଖରେ ମେଧା ତାଲିକା ପ୍ରକାଶ ପାଇଥାନ୍ତା। କିନ୍ତୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏହାକୁ ଘୁଞ୍ଚାଇ ଦିଆଯାଇଥିବାରୁ ନାମଲେଖା ତାରିଖ ସହ ଅନ୍ୟାନ୍ୟ ପ୍ରକ୍ରିୟା ମଧ୍ୟ ବଦଳିଛି। ରାଜ୍ୟର ୭୩ଟି ଅନୁଷ୍ଠାନର ବିଭିନ୍ନ ବିଭାଗରେ ପିଜି କୋର୍ସ କରିବାକୁ ମୋଟ ୫୭,୨୯୭ଜଣ ଛାତ୍ରୀଛାତ୍ର ଚଳିତବର୍ଷ ପ୍ରବେଶିକା ପରୀକ୍ଷା ଦେଇଥିଲେ। ଶୁକ୍ରବାର ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ସେପ୍ଟେମ୍ବର ୫ରେ ମେଧା ତାଲିକ ପ୍ରକାଶ ପାଇବ। ୧୫ ତାରିଖ ଅପରାହ୍ନ ୪ଟାରେ ସିଟ୍ ଆଲଟମେଣ୍ଟ ହେବ। ୧୬ ଓ ୧୭ ତାରିଖରେ ପ୍ରଥମ ପର୍ଯ୍ୟାୟ ନାମଲେଖା ଅନୁଷ୍ଠିତ ହେବ। ପୂର୍ବରୁ ଏହା ୬ ଓ ୭ ତାରିଖରେ ହେବାର ଥିଲା। ୧୯ ତାରିଖ ଅପରାହ୍ନ ୩ଟା ସୁଦ୍ଧା ପିଲାମାନେ ସ୍ଲାଇଡ୍‌ଅପ୍ କରିପାରିବେ। ସେହିପରି ୨୩ରେ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ୨୪ ଓ ୨୫ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟରେ ମନୋନୀତ ଛାତ୍ରୀଛାତ୍ର ନାମ ଲେଖାଇବେ। ୨୯ ତାରିଖରେ ବଳକା ସିଟ୍ ତାଲିକା ପ୍ରକାଶ ପାଇବ। ଅକ୍ଟୋବର ୧୦ରେ ସ୍ପଟ୍ ନାମଲେଖା ଲାଗି ମେଧା ତାଲିକା ପ୍ରକାଶ ପାଇବ। ୧୧ ତାରିଖ ଅପରାହ୍ନ ୨ଟା ସୁଦ୍ଧା ଚୟନ ହୋଇଥିବା ଛାତ୍ରୀଛାତ୍ର ନାମ ଲେଖାଇବେ। ସ୍ପଟ୍ ନାମଲେଖା ପରେ ଯଦି ସିଟ୍ ପୂରଣ ନ ହୁଏ ତେବେ ୧୪ ତାରିଖ ଦିନ ଅପରାହ୍ନ ୧୨ଟାରେ ଚୂଡ଼ାନ୍ତ ମେଧା ତାଲିକା ପ୍ରକାଶ ପାଇବ। ୧୫ରୁ ୧୭ ତାରିଖ ମଧ୍ୟରେ ଉକ୍ତ ପର୍ଯ୍ୟାୟର ନାମଲେଖା ଅନୁଷ୍ଠିତ ହେବ ବୋଲି ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।


ନନ୍ଦ ଉତ୍ସବ ଅବସରରେ ଶୁକ୍ରବାର ପୁରୀ ମଙ୍ଗଳାଘାଟଠାରୁ ବାହାରିଥିବା ଶୋଭାଯାତ୍ରା।


ଜନ୍ମାଷ୍ଟମୀ ଉତ୍ସବ ପାଳନ ଅବସରରେ ଭୁବନେଶ୍ୱର ୟୁନିଟ୍-୯ରେ ମା' ଭଗବତୀ ବସ୍ତି ଗୋପାଳ ସଙ୍ଗଠନ ପକ୍ଷରୁ ପୂଜା ପାଉଥିବା ଶ୍ରୀକୃଷ୍ଣଙ୍କ ମୃଣ୍ମୟ ମୂର୍ତ୍ତି।


ଭୁବନେଶ୍ୱର ୟୁନିଟ୍-୪ ଦୁଗ୍ଧ ଉତ୍ପାଦନକାରୀ ସଂଘ ପକ୍ଷରୁ ୩୬ତମ ଜନ୍ମାଷ୍ଟମୀ ଏବଂ ନନ୍ଦ ଉତ୍ସବ ପାଳନ କରାଯାଉଛି।

**ଖସିଲା ଶେୟାର ବଜାର**

ନୂଆଦିଲ୍ଲୀ: ଗତ କିଛିଦିନର ଭଲ ଫଳାଫଳ ପରେ ଶୁକ୍ରବାର ଷ୍ଟକ୍ ବଜାର କାରବାର ଖସିଥିବା ଜଣାପଡ଼ିଛି। ଫଳରେ ଶେୟାର ବଜାରର ନିବେଶକ ଲକ୍ଷାଧିକ ଟଙ୍କା ହରାଇଛନ୍ତି। ଏପରିକି ଉଭୟ ସେନ୍‌ସେକ୍ସ ଏବଂ ନିଫ୍ଟିରେ ୧%ରୁ ଅଧିକ ଶେୟାର ହ୍ରାସ ଘଟିଛି। ଶୁକ୍ରବାର ସେନ୍‌ସେକ୍ସ ୬୫୨ (୬୫୧.୮୫) ପଏଣ୍ଟ ଖସି ୫୯,୬୪୬ (୫୯,୬୪୬.୧୫) ଅଙ୍କରେ କାରବାର ବନ୍ଦ କରିଥିବା ବେଳେ ନିଫ୍ଟି-୫୦ରେ ମଧ୍ୟ ୧୯୮ (୧୯୮.୦୫) ପଏଣ୍ଟ ହ୍ରାସ ଘଟି ୧୭,୭୫୮ (୧୭,୭୫୮.୪୫) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

# ଜୁଲାଇରେ ଖୁଚୁରା ମୁଦ୍ରାସ୍ଫୀତିର ଅଭିବୃଦ୍ଧି

- ■ କୃଷି କ୍ଷେତ୍ର ୬.୬ ପ୍ରତିଶତ
- ■ ଗ୍ରାମୀଣ ଶ୍ରମିକ ୬.୮୨%



ନୂଆଦିଲ୍ଲୀ,୧୯।୮

ଚଳିତ ବର୍ଷ ଜୁଲାଇରେ ମୁଖ୍ୟତଃ କେତେକ ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ହେତୁ କୃଷି ଏବଂ ଗ୍ରାମାଞ୍ଚଳର ଶ୍ରମିକଙ୍କ ପାଇଁ ଖୁଚୁରା ମୁଦ୍ରାସ୍ଫୀତି ଯଥାକ୍ରମେ ୬.୬୦% ଏବଂ ୬.୮୨%କୁ ବୃଦ୍ଧି ଘଟିଛି। ଏପରିକି ୨୦୨୨ ଜୁନ୍‌ରେ କୃଷି ଏବଂ ଗ୍ରାମୀଣ ଶ୍ରମିକଙ୍କ ପାଇଁ ଖୁଚୁରା ମୁଦ୍ରାସ୍ଫୀତି ଯଥାକ୍ରମେ ୬.୪୩ ଏବଂ ୬.୭୬% ରହିଥିଲା। ସିପିଆଇ-ଏଲ୍ (ଗ୍ରାହକ ମୂଲ୍ୟ ସୂଚକାଙ୍କ-କୃଷି ଶ୍ରମିକ) ଏବଂ ସିପିଆଇ-ଆର୍‌ଏଲ୍ (ଗ୍ରାହକ ମୂଲ୍ୟ ସୂଚକାଙ୍କ-ଗ୍ରାମୀଣ ଶ୍ରମିକ)ଙ୍କ ଉପରେ ଆଧାରକରି ମୁଦ୍ରାସ୍ଫୀତିର ପଏଣ୍ଟ-ପଏଣ୍ଟ ହାର ବାହାର କରାଯାଇଛି। ୨୦୨୨ ଜୁନ୍‌ରେ ଯଥାକ୍ରମେ ୬.୪୩% ଏବଂ ୬.୭୬% ରହିଥିଲା ହେଲେ ଚଳିତ ବର୍ଷ ଜୁଲାଇରେ ଏହାର ହାର ୬.୬୦% ଏବଂ ୬.୮୨% ରହିଥିଲା ବୋଲି ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେହିଭଳି ପୂର୍ବ ବର୍ଷର ସମ୍ପୃକ୍ତ ମାସ (ଜୁଲାଇ ୨୦୨୧) ରେ ଏହାର ହାର ଯଥାକ୍ରମେ ୩.୯୨% ଏବଂ ୪.୦୯% ରହିଥିଲା

ଅପରପକ୍ଷରେ ୨୦୨୨ ଜୁଲାଇରେ ଖାଦ୍ୟ ମୁଦ୍ରାସ୍ଫୀତି ୫.୩୮% ଏବଂ ୫.୪୪% ଥିବାବେଳେ ଚଳିତ ବର୍ଷ ଜୁନ୍‌ରେ ଯଥାକ୍ରମେ ୫.୦୯% ଏବଂ ୫.୧୬% ରହିଥିଲା। ସେହିପରି ପୂର୍ବ ବର୍ଷର ସମାନ ମାସରେ ଏହାର ହାର ୨.୬୬% ଏବଂ ୨.୭୪% ରହିଥିଲା ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। କୃଷି ଶ୍ରମିକ ଏବଂ ଗ୍ରାମୀଣ ଶ୍ରମିକମାନଙ୍କ ପାଇଁ ୨୦୨୨ ଜୁଲାଇରେ ଅଲ ଇଣ୍ଡିଆ ଗ୍ରାହକ ମୂଲ୍ୟ ସୂଚକାଙ୍କ ସଂଖ୍ୟା ୬ ପଏଣ୍ଟ ବୃଦ୍ଧି ପାଇ ଯଥାକ୍ରମେ ୧୧୩୧ ଏବଂ ୧୧୪୩ ପଏଣ୍ଟରେ ରହିଛି। ୨୦୨୨ ଜୁନ୍‌ରେ ସିପିଆଇ- ଏଏଲ୍ ୧୧୨୫ ପଏଣ୍ଟ ଥିଲାବେଳେ ସିପିଆଇ-ଆର୍‌ଏଲ୍ ୧୧୩୭ ପଏଣ୍ଟ ରହିଥିଲା। କୃଷି ଶ୍ରମିକ ଏବଂ ଗ୍ରାମୀଣ ଶ୍ରମିକମାନଙ୍କର ସାଧାରଣ ସୂଚକାଙ୍କ ବୃଦ୍ଧିରେ ପ୍ରମୁଖ ଅବଦାନ ଖାଦ୍ୟ ଗୋଷ୍ଠୀରୁ ଯଥାକ୍ରମେ ୪.୪୧ ଏବଂ ୪.୦୭ ପଏଣ୍ଟରେ ପହଞ୍ଚିଛି।

## ୮% ଅଭିବୃଦ୍ଧି ଅବାସ୍ତବ: ଆହଲୁୱାଲିଆ

ନୂଆଦିଲ୍ଲୀ,୧୯।୮

୨୦୪୭ ବେଳକୁ ଭାରତ ଏକ ମହାଶକ୍ତି ସାଜିବାକୁ ଦେଶର ଅଭିବୃଦ୍ଧି ହାର ୮% ଉପରେ ରହିବ ବୋଲି ଯେଉଁ ଆକଳନ କରାଯାଉଛି ସେସବୁ କେବଳ ଏକ ଲୋକଦେଖାଣିଆ ଭାଷଣ ବୋଲି ଯୋଜନା ଆୟୋଗର ପୂର୍ବତନ ଉପାଧ୍ୟକ୍ଷ ମଣ୍ଟେକ୍ ସିଂହ ଆହଲୁୱାଲିଆ କହିଛନ୍ତି। ୨୦୪୭ ସୁଦ୍ଧା ବିକଶିତ ରାଷ୍ଟ୍ରରେ ପରିଣତ ହେବା ଲାଗି ବାର୍ଷିକ ୮% ଅଭିବୃଦ୍ଧି ହାସଲ କରିବା ଅବାସ୍ତବ ମନେ ହେଉଛି ବୋଲି ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସେ ଏଭଳି ମତବ୍ୟକ୍ତ କରିଛନ୍ତି। ଏପରିକି ଡଲାର ଅନୁସାରେ ଭାରତର ମୁଣ୍ଡ ପିଛା ଆୟ ଏବେ ୨୦୦୦ ଡଲାର ପାଖାପାଖି ରହିଛି। ବିଶ୍ୱବ୍ୟାଙ୍କ ନିର୍ଦ୍ଧାରଣ କରିଥିବା ସଂଜ୍ଞା ଅନୁସାରେ ଯେଉଁ ଦେଶର ମୁଣ୍ଡ ପିଛା ଆୟ ୧୨,୦୦୦ ଡଲାରରୁ ଅଧିକ ହୋଇଥିବ ସେମାନଙ୍କୁ ବିକଶିତ ଦେଶ ଭାବେ ଗଣାଯିବ।

## ପୂର୍ବତଟ ରେଳପଥ ପକ୍ଷରୁ ସଦ୍‌ଭାବନା ଦିବସ




ଭୁବନେଶ୍ୱର,୧୯।୮: ପୂର୍ବତଟ ରେଳପଥ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଚନ୍ଦ୍ରଶେଖରପୁରସ୍ଥିତ ରେଳ ସଦନ ପରିସରରେ ସଦ୍‌ଭାବନା ଦିବସ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ପୂର୍ବତଟ ରେଳପଥର କାର୍ଯ୍ୟକାରୀ ମହାପ୍ରବନ୍ଧକ ଶରଦ କୁମାର ଶ୍ରୀବାସ୍ତବଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରେଳପଥ ବରିଷ୍ଠ ଅଧିକାରୀ ଓ କର୍ମଚାରୀଙ୍କ ସମେତ ଅନ୍ୟ ଅଧିକାରୀମାନେ ମଧ୍ୟ ଜାତି, ଧର୍ମ, କ୍ଷେତ୍ର, ଭାଷାଗତ ବିଭିନ୍ନତା ବିନା ଭାରତବର୍ଷର ସମସ୍ତ ଜନସାଧାରଣଙ୍କର ଭାବନାତ୍ମକ ଏକତା ଓ ସଦ୍‌ଭାବନା ପାଇଁ କାର୍ଯ୍ୟ କରିବା ସହ ହିଂସା ବିନା ବାର୍ତ୍ତାଳାପ ଓ ସାମ୍ବିଧାନିକ ବ୍ୟବସ୍ଥା ମାଧ୍ୟମରେ ସମସ୍ତ ମତଭେଦକୁ ଦୂରେଇ କାର୍ଯ୍ୟ ସମ୍ପାଦନ କରିବାକୁ ଶପଥ ନେଇଥିଲେ। ଏପରିକି ଭୁବନେଶ୍ୱର ମୁଖ୍ୟାଳୟ ସମେତ ସମସ୍ତ ରେଳମଣ୍ଡଳରେ ଏହି ଦିବସ ପାଳନ ହୋଇଯାଇଛି।

## ଆଇସିଏଲ୍ ଫିନ୍‌କର୍ପର ୧ବର୍ଷ ପୂର୍ତ୍ତି

ଭୁବନେଶ୍ୱର,୧୯।୮

ଦେଶର ପ୍ରମୁଖ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା 'ଆଇସିଏଲ୍ ଫିନକର୍ପ' ଓଡ଼ିଶାରେ ଏକ ବର୍ଷ ପୂରଣ କରିଛି। ଏହି ପରିପ୍ରେକ୍ଷୀରେ ସଂସ୍ଥା ଶୁକ୍ରବାର ରାଜ୍ୟ ବିଭିନ୍ନ ଅଞ୍ଚଳରେ ୧୨ଟି ନୂଆ ଶାଖାର ଶୁଭାରମ୍ଭ କରିଛି। ଏହି ଅବସରରେ ଆଇସିଏଲ୍ ଫିନ୍‌କର୍ପର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ, ଓକିଲ କେ.ଜି. ଅନିଲ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ବିଶେଷକରି ଭୁବନେଶ୍ୱର (ଅଶୋକ ନଗର, ଶହୀଦ ନଗର), ବି କେ ରୋଡ୍, ବାଲେଶ୍ୱର, ବ୍ରହ୍ମପୁର, ଯାଜପୁର ଟାଉନ, ଖୋର୍ଦ୍ଧା, କଟକ (ଲିଙ୍କ ରୋଡ୍), ନିଆଳି, ନିମାପଡ଼ା, ସାକ୍ଷୀଗୋପାଳ ଏବଂ ସାଲେପୁରଠାରେ ଶାଖା ଆରମ୍ଭ କରିଛି। ଏହି ପରିପ୍ରେକ୍ଷୀରେ ଆଇସିଏଲ୍ ଫିନ୍‌କର୍ପ ପକ୍ଷରୁ ଗ୍ରାହକଙ୍କ ପାଇଁ ପ୍ରଥମ ବାର୍ଷିକୀ ଧମାଲ ଲକି ଡ୍ର ଉପସ୍ଥାପିତ କରିଛି। ଯେଉଁମାନେ ଓଡ଼ିଶାର ୨୨ଟି ଶାଖାରୁ ସୁନା ବାବଦରେ ଋଣ ପାଇଛନ୍ତି, ସେମାନେ ୧୦ଟି ସୁନା ମୁଦ୍ରା ଜିତିବାର ସୁଯୋଗ ପାଇଛନ୍ତି। ଅନ୍ୟ ବ୍ୟାଙ୍କ କିମ୍ବା ଆର୍ଥିକ ପ୍ରତିଷ୍ଠାନରୁ ସେମାନଙ୍କ ସୁନା ବାବଦରେ ଋଣ ପାଇଁ ସ୍ଥାନାନ୍ତର କରୁଥିବା ଗ୍ରାହକଙ୍କ ଲାଗି ମଧ୍ୟ ଏହି ଅଫର ବୃଦ୍ଧି କରାଯାଇଛି। ଉକ୍ତ ଲକି ଡ୍ର'ରେ ଥିବା ୧୦ଭାଗ୍ୟଶାଳୀ ବିଜେତାଙ୍କ ବିଷୟରେ ୨୦୨୩ ଜାନୁୟାରୀ ୧ରେ ଘୋଷଣା କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି। ପୂର୍ବଥର ହୋଇଥିବା ଲକି ଡ୍ର'ର ବିଜେତାଙ୍କ ତାଲିକା ଓଡ଼ିଶାର ପ୍ରତ୍ୟେକ ଶାଖାରେ ଘୋଷଣା କରାଯିବ। ଏହାର ସିଏମ୍‌ଡି କେ.ଜି. ଅନିଲ କୁମାରଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିର୍ଦ୍ଧାରିତ ମାନକ ପାଳନ କରିବା ସହ ଆଇସିଏଲ୍ ଫିନ୍‌କର୍ପ ସର୍ବୋତ୍ତମ ସୁଧହାର ଏବଂ ଋଣକୁ ଶୀଘ୍ର ପ୍ରକ୍ରିୟାକରଣ କରି ଓଡ଼ିଶାର ଗ୍ରାହକଙ୍କ ବିଶ୍ୱାସ ଅର୍ଜନ କରିଛି। ଓଡ଼ିଶାରେ ନୂତନ ଶାଖାଗୁଡ଼ିକର ଶୁଭାରମ୍ଭ ହେବା ସହ ଆଇସିଏଲ ଓଡ଼ିଆ ଲୋକଙ୍କ ପାଇଁ ଉନ୍ନତ ସେବା ଯୋଗାଇ ସମଗ୍ର ଭାରତରେ ଏକ ବୃହତ୍ ଉପସ୍ଥିତି ସୃଷ୍ଟି କରିବାକୁ ଆଶା ରଖିଛି।

## ଆଜିଠାରୁ ଜୀ ସାର୍ଥକରେ 'ସା ରେ ଗା ମା ପା'

ଭୁବନେଶ୍ୱର,୧୯।୮

ରାଜ୍ୟରେ ପ୍ରମୁଖ ଘରୋଇ ମନୋରଞ୍ଜନଭିତ୍ତିକ ଟିଭି ଚ୍ୟାନେଲ 'ଜୀ ସାର୍ଥକ'ରେ ଆଜିଠାରୁ (ଶନିବାର) ସଙ୍ଗୀତଭିତ୍ତିକ ରିୟାଲିଟି ଶୋ 'ସା ରେ ଗା ମା ପା-ସ୍ୱରର ମହାମଞ୍ଚ' ଆରମ୍ଭ ହେବାକୁ ଯାଉଛି। ନିକଟରେ ଉକ୍ତ ଶୋ'ର ସମସ୍ତ ଅଡିସନ କାର୍ଯ୍ୟକ୍ରମ ଶେଷ ହୋଇଥିବା ବେଳେ ଅଗଷ୍ଟ ୨୦ରୁ ପ୍ରତି ଶନିବାର ଓ ରବିବାର ରାତି ୯ଟା ୩୦ରେ ଏହାର ପ୍ରସାରଣ କରାଯିବ। ଏହି ଶୋ'ରେ ଜଜ୍ ଭାବେ କଣ୍ଠଶିଳ୍ପୀ କୁଳଦୀପ ପଟ୍ଟନାୟକ ଓ ଦୀପ୍ତିରେଖା ପାଢ଼ୀ ରହିଥିବା ବେଳେ କଣ୍ଠଶିଳ୍ପୀ ଇରା ମହାନ୍ତି ମହାଗୁରୁ ଭାବେ ରହିଛନ୍ତି। ବିଶେଷକରି ପ୍ରଥମ ଥର ପାଇଁ ଇରା ମହାନ୍ତି ମ୍ୟୁଜିକ ରିଆଲିଟି ଶୋ'ରେ ମହାଗୁରୁ ଭାବେ ଦେଖିବାକୁ ମିଳିବେ। ଏପରିକି ଜୀ ସାର୍ଥକରେ ପ୍ରସାରିତ ହେଉଥିବା ମ୍ୟୁଜିକ ରିଆଲିଟି ଶୋ 'ସା ରେ ଗା ମା ପା'ରୁ ସଫଳତା ପାଇ ଅନେକ କଣ୍ଠଶିଳ୍ପୀ ଏବେ ଓଡ଼ିଆ ସଂଗୀତ ଦୁନିଆରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। ଏହି ମେଗା ଶୋ ଅନେକ କଣ୍ଠଶିଳ୍ପୀଙ୍କୁ ଲୋକଲୋଚନକୁ ଆଣିବା ସହ ପ୍ରସିଦ୍ଧ ମଧ୍ୟ କରାଇଛି। ସ୍ୱର ଓ ସଂଗୀତକୁ ଭଲ ପାଉଥିବା ଏବଂ ଏଥିରେ କ୍ୟାରିୟର ଗଢ଼ିବାକୁ ଚାହୁଁଥିବା କଳାକାରମାନଙ୍କ ପାଇଁ ଏହି ଶୋ ଏକ ବଡ ସୁଯୋଗ ପ୍ରଦାନ କରିଥାଏ ବୋଲି ଜୀ ସାର୍ଥକ ପକ୍ଷରୁ କୁହାଯାଇଛି। ଚଳିତ ସିଜନରେ ଅଡିସନ ରାଉଣ୍ଡରୁ ହଜାର ହଜାର ପ୍ରତିଯୋଗୀଙ୍କ ମଧ୍ୟରୁ ବଛାହୋଇ ଓଡ଼ିଶାର ବିଭିନ୍ନ ସହରରୁ ଆସିଛନ୍ତି କିଛି ଭିନ୍ନ ଧରଣର କଣ୍ଠଶିଳ୍ପୀ, ଯେଉଁମାନେ ଏଥର 'ସା ରେ ଗା ମା ପା' ମଞ୍ଚରେ ସେମାନଙ୍କ ପ୍ରତିଭା ଦେଖାଇବେ। ଗତ ସିଜନ ତୁଳନାରେ ଚଳିତ ଥର 'ସା ରେ ଗା ମା ପା-ସ୍ୱରର ମହାମଞ୍ଚ'ର ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଦର୍ଶକ ଆଗ୍ରହର ସହକାରେ ଅପେକ୍ଷା କରିଛନ୍ତି।




## ବାଲିଆପାଳଠାରେ ଟାଟା ଷ୍ଟିଲ୍‌ର ଦକ୍ଷତା ପ୍ରଶିକ୍ଷଣ କେନ୍ଦ୍ର

ଭୁବନେଶ୍ୱର,୧୯।୮

ସୁବର୍ଣ୍ଣରେଖା ବନ୍ଦର ପ୍ରାଇଭେଟ୍ ଲିମିଟେଡ୍ (ଏସ୍‌ପିପିଏଲ୍) ପକ୍ଷରୁ ଓଡ଼ିଶାର ବାଲେଶ୍ୱର ଜିଲାର ବାଲିଆପାଳଠାରେ ଟାଟା ଷ୍ଟିଲ୍‌ର ପ୍ରତିଷ୍ଠିତ ଦକ୍ଷତା ପ୍ରଶିକ୍ଷଣ କେନ୍ଦ୍ର ଜେ.ଏନ୍. ଟାଟା ବୃତ୍ତିଗତ ପ୍ରଶିକ୍ଷଣ ଅନୁଷ୍ଠାନ (ଜେଏନ୍‌ଟିଭିଟିଆଇ) ସ୍ଥାପନ କରିବ ବୋଲି ଜଣାପଡ଼ିଛି। ଏହା ବିଶେଷକରି ସ୍ଥାନୀୟ ଯୁବବର୍ଗଙ୍କ ଦକ୍ଷତାର ବିକାଶ ସହ ସେମାନଙ୍କୁ ବିଭିନ୍ନ ରୋଜଗାରର ମାଧ୍ୟମ ପ୍ରଦାନ କରିବା ହେଉଛି ଏହି ଅନୁଷ୍ଠାନର ମୂଳ ଲକ୍ଷ୍ୟ। ବାଲିଆପାଳ କଲେଜ ଅଫ୍ ଫିଜିକାଲ ଏଜୁକେସନ୍ (ବିସିପିଇ) କ୍ୟାମ୍ପସ୍‌ରେ ଚଳିତ ବର୍ଷ ସେପ୍ଟେମ୍ବରରେ ଏହି କେନ୍ଦ୍ର ଆରମ୍ଭ ହେବା ଯୋଜନା ରହିଛି। ଏଥିପାଇଁ ପ୍ରାଥମିକ ସ୍ତରର ଭିତ୍ତିଭୂମି ପ୍ରସ୍ତୁତ ହୋଇସାରିଛି। ଏହି ଅନୁଷ୍ଠାନ ୩୫ଜଣ ଛାତ୍ରୀଛାତ୍ରଙ୍କୁ ନେଇ କାର୍ଯ୍ୟସ୍ଥଳୀ ସୁରକ୍ଷା ଉପରେ ଏକ ୬ ମାସିଆ ସୁପରଭାଇଜର କ୍ୟାଡର କାର୍ଯ୍ୟକ୍ରମ ସହ ଏହାର କାର୍ଯ୍ୟାରମ୍ଭ କରିବ।

ଏ ସମ୍ପର୍କରେ ସୁବର୍ଣ୍ଣରେଖା ବନ୍ଦର ପ୍ରାଇଭେଟ୍ ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରକାଶ ସିଂହ କହିଛନ୍ତି, ଏହି ଅଞ୍ଚଳରେ ଉଦ୍ୟୋଗ ବଢ଼ିବା ସହ ସ୍ଥାନୀୟ ଯୁବବର୍ଗଙ୍କ ଦକ୍ଷତା ବିକାଶ ଓ ସେମାନଙ୍କୁ ନିଯୁକ୍ତି ସୁଯୋଗ ପାଇଁ ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି। ଜେଏନ୍‌ଟିଭିଟିଆଇ ଦକ୍ଷ କର୍ମଚାରୀଙ୍କ ଚାହିଦା ଓ ଯୋଗାଣ ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ସହ ନୂତନ ଦକ୍ଷତା ଏବଂ ଅଭିନବ ଚିନ୍ତାଧାରା ମଧ୍ୟ ସୃଷ୍ଟି କରିବାରେ ସହାୟତା କରିବ। ତେବେ ଏସ୍‌ପିପିଏଲ୍ ସ୍ଥାନୀୟ ଛାତ୍ରୀଛାତ୍ରମାନଙ୍କ ଦକ୍ଷତା ବିକାଶ ଦିଗରେ ଯୋଗଦାନ ଦେବା ଆରମ୍ଭ କରିସାରିଛି। ୨୦୨୨ ଜୁନ୍‌ରେ ଏସ୍‌ପିପିଏଲ୍ ପକ୍ଷରୁ ଜେଏନ୍‌ଟିଭିଟିଆଇ ସହଭାଗିତାରେ ବାଲେଶ୍ୱର ଜିଲାର ବାଲିଆପାଳ ଓ ବସ୍ତା ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଛାତ୍ରୀଛାତ୍ରମାନଙ୍କ ଦକ୍ଷତା ବିକାଶ ପାଇଁ ଏକ ୩ ଦିନିଆ ଚୟନ ଶିବିରର ଆୟୋଜନ କରାଯାଇଥିଲା। ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ପ୍ରାୟ ୧୪୦ଜଣ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ।

## ଏକ୍ସଚେଞ୍ଜରୁ ବିଜୁଳି କିଣିପାରିବେନି ୧୩ ରାଜ୍ୟ



ନୂଆଦିଲ୍ଲୀ,୧୯।୮

ଦେଶର ପ୍ରମୁଖ ୧୨ ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳ ଦୀର୍ଘ ମାସ ହେବ ବିଜୁଳି ଦେୟ ବକେୟା ରଖିଛନ୍ତି। ଫଳରେ ଉକ୍ତ ୧୨ ରାଜ୍ୟ ଏବଂ ଜମ୍ମୁ କଶ୍ମୀରର ୨୭ଟି ବଣ୍ଟନ କମ୍ପାନୀକୁ ବିଜୁଳି ନ ଦେବା ପାଇଁ ପାୱାର ସିଷ୍ଟମ ଅପରେଶନ କୋଅପରେଶନ ଲିମିଟେଡ୍ (ପୋସୋକୋ) ୩ଟି ପାୱାର ଏକ୍ସଚେଞ୍ଜ ଯଥା ଇଣ୍ଡିଆ ଏନର୍ଜି ଏକ୍ସଚେଞ୍ଜ (ଆଇଇଏକ୍ସ), ପାୱାର ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ ଲିମିଟେଡ୍ (ପିଏକ୍ସଆଇଏଲ୍) ଏବଂ ହିନ୍ଦୁସ୍ଥାନ ପାୱାର ଏକ୍ସଚେଞ୍ଜ (ଏଚ୍‌ପିଏକ୍ସ)କୁ ନିକଟରେ ଚିଠି ଲେଖିଛି। ବିଦ୍ୟୁତ୍ (ବିଳମ୍ବ ପଇଠ ସରଚାର୍ଜ ଓ ଏ ସମ୍ପର୍କିତ ପ୍ରସଙ୍ଗ) ନିୟମ-୨୦୨୨ ଅନୁସାରେ ଏଭଳି ପଦକ୍ଷେପ ନିଆଯାଇଛି। ଚଳିତବର୍ଷ ଜୁନରେ ଉକ୍ତ ନିୟମ କାର୍ଯ୍ୟକାରୀ କରାଯାଇଛି। ଉଲ୍ଲେଖଯୋଗ୍ୟ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ତେଲଙ୍ଗାନା, କର୍ଣ୍ଣାଟକ, ବିହାର, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଛତିଶଗଡ଼, ରାଜସ୍ଥାନ, ମଣିପୁର ଓ ମିଜୋରାମ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଜମ୍ମୁ କଶ୍ମୀର ନୂଆ ନିୟମ ଅନୁଯାୟୀ ବକେୟା ରାଶି ନ ଦେବା ପର୍ଯ୍ୟନ୍ତ ଏହି ରାଜ୍ୟଗୁଡ଼ିକ ସ୍ପଟ୍ ପାୱାର ଏକ୍ସଚେଞ୍ଜ ସହ ବିଜୁଳି କିଣାବିକା କରିପାରିବେନାହିଁ। ଏ ସବୁ ରାଜ୍ୟର ବଣ୍ଟନ କମ୍ପାନୀଗୁଡ଼ିକ ବିଦ୍ୟୁତ୍ ଉତ୍ପାଦନକାରୀଙ୍କର ପ୍ରାୟ ୫୧୦୦ କୋଟି ଟଙ୍କା ବାକି ରଖିଛନ୍ତି।

## ମାରୁତି ସୁଜୁକି ଅଲ୍-ନ୍ୟୁ ଅଲ୍‌ଟୋ କେ୧୦ର ଅନାବରଣ



ନୂଆଦିଲ୍ଲୀ,୧୯।୮

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ମାରୁତି ସୁଜୁକି ଇଣ୍ଡିଆ ପକ୍ଷରୁ ଅଲ୍-ନ୍ୟୁ ଅଲ୍‌ଟୋ କେ୧୦ର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ହାସ୍‌ଟ୍ୟାଗ୍ ଇଣ୍ଡିଆକିଚଲ୍‌ପଡି ଟ୍ୟାଗ୍‌ଲାଇନ ସହ ଅଲ୍-ନ୍ୟୁ ଅଲ୍‌ଟୋ କେ୧୦ର ଅନାବରଣ କରାଯାଇଛି। ଦୀର୍ଘ ୨୨ବର୍ଷର ଯାତ୍ରାରେ ଏହା ଲକ୍ଷ ଲକ୍ଷ ଉପଭୋକ୍ତାଙ୍କୁ ସାମିଲ କରିବା ପରେ ପୁଣି ଥରେ ଷ୍ଟାଇଲ ସହ ଆରମ୍ଭ କରିବାକୁ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ରହିଛି। ଅଲ୍-ନ୍ୟୁ ଅଲ୍‌ଟୋ କେ୧୦ ବର୍ତ୍ତମାନ ଏକ ଉନ୍ନତ କାର୍ଯ୍ୟଦକ୍ଷତା ଏବଂ ଆରାମଦାୟକ, ସୁରକ୍ଷା, ସୁବିଧା ଏବଂ କନେକ୍ଟିଭିଟି, ଏକ ଅଧିକ ଶକ୍ତିଶାଳୀ ଏବଂ ଦକ୍ଷ ନେକ୍ସଟ-ଜେନ୍ କେ-ସିରିଜ ୧.୦ ଏଲ୍ ଡୁଆଲ ଜେଟ୍, ଡୁଆଲ ଭିଭିଟି ଇଞ୍ଜିନ, ପ୍ରଶସ୍ତ କ୍ୟାବିନ, ଆଧୁନିକ ଫିଚର, କଟେମ୍ପୋରାରି ଡିଜାଇନ ଏବଂ ମାନ୍ୟୁଭରିବିଲିଟି ଭଳି ଅନେକ ଫିଚର ସହ ଉପଲବ୍ଧ। ନେକ୍ସଟ-ଜେନ୍ କେ-ସିରିଜ ୧.୦ ଏଲ୍ ଡୁଆଲ ଜେଟ୍, ଡୁଆଲ ଭିଭିଟି ଇଞ୍ଜିନ ଦ୍ୱାରା ସମୃଦ୍ଧ ଅଲ-ନ୍ୟୁ ଅଲ୍‌ଟୋ କେ୧୦ ୫୫୦୦ଆର୍‌ପିଏମ୍‌ରେ ୪୯କେଡବ୍ଲ୍ୟୁ (୬୬.୬୨ପିଏସ୍) ର ପାୱାର ଏବଂ ୩୫୦୦ଆର୍‌ପିଏମ୍‌ରେ ୮୯ ଏନ୍‌ଏମ୍‌ର ଟର୍କ ପ୍ରଦାନ କରୁଛି। ଅତ୍ୟାଧୁନିକ ଟେକ୍ନୋଲୋଜି ସହ ସୁସଜ୍ଜିତ ଅଲ୍-ନ୍ୟୁ ଅଲ୍‌ଟୋ କେ୧୦ ୨୪.୯୦କି.ମି./ଲି (ଏଜିଏସ୍) ଏବଂ ୨୪.୩୯କି.ମି./ଲି(ଏମ୍‌ଟି) ପର୍ଯ୍ୟନ୍ତର ସର୍ବୋତ୍କୃଷ୍ଟ ଇନ୍ଧନ ଦକ୍ଷତା ଯୋଗାଉଛି ବୋଲି ମାରୁତି ସୁଜୁକି ଇଣ୍ଡିଆର ଏମ୍‌ଡି ତଥା ସିଇଓ ହିସାଶି ଟାକେଉଚି କହିଛନ୍ତି।

## ପିଜିସିଆଇଏଲ୍ ନିର୍ଦ୍ଦେଶକ ହେଲେ ରବୀନ୍ଦ୍ର ତ୍ୟାଗୀ

ନୂଆଦିଲ୍ଲୀ,୧୯।୮



ରବିନ୍ଦ୍ର କୁମାର ତ୍ୟାଗୀ

ପାୱାର ଗ୍ରୀଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ୍(ପିଜିସିଆଇଏଲ୍) ର ନିର୍ଦ୍ଦେଶକ (ଅପରେଶନ) ଭାବେ ରବୀନ୍ଦ୍ର କୁମାର ତ୍ୟାଗୀ ନିକଟରେ ଯୋଗ ଦେଇଛନ୍ତି। ଏପରିକି ପାୱାର ଟ୍ରାନ୍ସମିସନ ସିଷ୍ଟମରେ ତାଙ୍କର ୩୨ବର୍ଷରୁ ଉର୍ଦ୍ଧ୍ୱ ଅଭିଜ୍ଞତା ରହିଛି। ସେଥିମଧ୍ୟରୁ ୨୬ବର୍ଷ ସବ୍‌ଷ୍ଟେଶନ ଏବଂ ଟ୍ରାନ୍ସମିସନ୍ ଲାଇନର ଅପରେଶନ ଏବଂ ମେଣ୍ଟେନାନ୍ସରେ ସେ କାର୍ଯ୍ୟ କରିଛନ୍ତି। ଶକ୍ତି କ୍ଷେତ୍ରରେ ପ୍ରିମିୟର ସିପିଏସ୍‌ୟୁଗୁଡ଼ିକରେ ବିଭିନ୍ନ ପ୍ରମୁଖ ପଦବୀରେ ତ୍ୟାଗୀ ସଫଳତାର ସହ କାର୍ଯ୍ୟ କରିବା ସହିତ ପାୱାର ଗ୍ରୀଡ୍ ଏବଂ ଏନ୍‌ଟିପିସି ଭଳି ସଂସ୍ଥାରେ ସେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିଛନ୍ତି। ଏହା ପୂର୍ବରୁ ସେ ପାୱାର ଗ୍ରୀଡ୍ (ଉତ୍ତର-ପୂର୍ବାଞ୍ଚଳ)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ପ୍ରୋଜେକ୍ଟ ଏକଜିକ୍ୟୁଶନ୍, ଆସେଟର କାର୍ଯ୍ୟଗୁଡିକ ପରିଚାଳନା କରୁଥିଲେ। ତ୍ୟାଗୀ ଚଣ୍ଡିଗଡ଼ର ପଞ୍ଜାବ ଇଞ୍ଜିନିୟରିଂ କଲେଜରୁ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ଏବଂ ଆଇଆଇଟି ଦିଲ୍ଲୀରୁ ଏନର୍ଜି ଷ୍ଟଡିଜ୍‌ରେ ଏମ୍ ଟେକ୍ ସମାପ୍ତ କରିଛନ୍ତି। ତ୍ୟାଗୀ ଜଣେ ମେଧାବୀ ଛାତ୍ରଭାବେ ଯୁକ୍ତରାଷ୍ଟ୍ର ଆମେରିକାର କାର୍ନେଜି ମେଲନ୍ ୟୁନିଭର୍ସିଟି,ପେନ୍‌ସିଲଭାନିଆରୁ ଉଚ୍ଚତର ଶିକ୍ଷା ସମାପ୍ତ କରିଛନ୍ତି। ଅପରପକ୍ଷରେ ତ୍ୟାଗୀ ବିଭିନ୍ନ ପଦପଦବୀରେ ରହି ଦକ୍ଷତାର ସହ କାର୍ଯ୍ୟ କରି ଅନେକ ପୁରସ୍କାର ଓ ସମ୍ମାନ ମଧ୍ୟ ଲାଭ କରିଛନ୍ତି।

## ଶାନ୍ତି ମେମୋରିଆଲ ହସ୍ପିଟାଲରେ ୨ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ




କଟକ,୧୯।୮

ରାଜ୍ୟର ଏକ ପ୍ରମୁଖ ଘରୋଇ ଚିକିତ୍ସାଳୟ ଶାନ୍ତି ମେମୋରିଆଲ ହସ୍ପିଟାଲ ପକ୍ଷରୁ ଏଡବ୍ଲ୍ୟୁଆର୍ ସର୍ଜନ୍ସ କମ୍ୟୁନିଟି ସମର୍ଥନରେ ହର୍ନିଆ ସର୍ଜିକାଲ କେୟାର ଉପରେ ଏକ ଦୁଇଦିନିଆ ସ୍ୱତନ୍ତ୍ର ପ୍ରଶିକ୍ଷଣ ଓ ଶିକ୍ଷଣୀୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏପରିକି ପୂର୍ବ ଭାରତରୁ ପ୍ରାୟ ୧୫୦ରୁ ଅଧିକ ସର୍ଜନଙ୍କ ଅଂଶଗ୍ରହଣ ସହ ଅଗଷ୍ଟ ୨୦ ଓ ୨୧ ତାରିଖରେ ସ୍ଥାନୀୟ ଶାନ୍ତି ମେମୋରିଆଲ ହସ୍ପିଟାଲଠାରେ ଏକ ଲାଇଭ୍ ଅପରେଟିଭ୍ ସର୍ଜରି କନ୍‌ଫରେନ୍ସ ଆୟୋଜିତ ହେବ। ଏ ସମ୍ପର୍କରେ ଡା. ଶ୍ରୀଜୟ ପଟ୍ଟନାୟକ କହିଥିଲେ, ଗତବର୍ଷ ଏହି ହସ୍ପିଟାଲରେ ଏକ ସିଏମ୍‌ଆର୍ ସର୍ଜିକାଲ ରୋବଟ ଇନ୍‌ଷ୍ଟଲ୍ କରିଥିଲେ, ଯାହା ପ୍ରଥମ ଥର ପାଇଁ ଓଡ଼ିଶାରେ ରୋବୋଟିକ୍ ସର୍ଜରିଗୁଡ଼ିକ ପାଇଁ ସୁଯୋଗକୁ ଉନ୍ମୁକ୍ତ କରିଛି। ଏ ସମ୍ପର୍କରେ ଶାନ୍ତି ମେମୋରିଆଲ ହସ୍ପିଟାଲର ମେଡିକାଲ ଡାଇରେକ୍ଟର ଡା. ସି.ଆର୍. ଦାସ କହିଛନ୍ତି, ଏଡବ୍ଲ୍ୟୁଆର୍ କ୍ଷେତ୍ର କୋଲକାତା, ମୁମ୍ବାଇ ଓ ଦିଲ୍ଲୀ ଭଳି ସହରରେ ସୁପ୍ରତିଷ୍ଠିତ ହୋଇପାରିଥିବା ବେଳେ ଓଡ଼ିଶାରେ ଏବେ ବି ଏହାକୁ ଗ୍ରହଣ କରାଯାଇନାହିଁ। ମୁଁ ଗର୍ବ ଅନୁଭବ କରୁଛି ଯେ, ଆମେ ଏଡବ୍ଲ୍ୟୁଆର୍ ସର୍ଜନ୍ସ କମ୍ୟୁନିଟିର ବ୍ୟାନର ଅଧୀନରେ ସ୍ଥାନୀୟ ସର୍ଜନଙ୍କ ପାଇଁ ଏହି ପ୍ରଶିକ୍ଷଣ ଓ ଶିକ୍ଷଣୀୟ କାର୍ଯ୍ୟକ୍ରମର ଆୟୋଜନ କରି ଉକ୍ତ ସମସ୍ୟାର ସମାଧାନ ପାଇଁ ଏହି ପଦକ୍ଷେପ ଗ୍ରହଣ କରିଛୁ। ସେହିପରି ଡା. ରମଣ କହିଛନ୍ତି , ହର୍ନିଆ ହେଉଛି ଏକ ପ୍ରମୁଖ ସାମାଜିକ ସ୍ୱାସ୍ଥ୍ୟ ସମସ୍ୟା। ୟୁଏସ୍‌ରେ ପ୍ରତିବର୍ଷ ୧ ମିଲିୟନରୁ ଅଧିକ ହର୍ନିଆ ଅପରେଶନ ହେଉଥିବା ବେଳେ କମ୍ ତଥ୍ୟ କାରଣରୁ ଭାରତରେ ଏହାର ସଂଖ୍ୟା ସମ୍ପର୍କରେ ଆମେ ଅବଗତ ନାହୁଁ। କିନ୍ତୁ ଏହା ସମ୍ଭବ ଯେ, ସି-ସେକ୍ସନ କିମ୍ବା ହିଷ୍ଟେରେକ୍ଟୋମିଜ୍ କରାଇଥିବା ୨୦% ପର୍ଯ୍ୟନ୍ତ ମହିଳାଙ୍କଠାରେ ଇନ୍ସିଜିଓନାଲ ହର୍ନିଆ ବିକଶିତ ହୋଇଥାଏ।

## ଷ୍ଟାର୍ଟଅପ୍ କ୍ଷେତ୍ରରେ ବୃଦ୍ଧି ପାଉଛି ଉତ୍ସାହ

ଭୁବନେଶ୍ୱର,୧୯।୮




ଦେଶର ଅର୍ଥନୈତିକ ଅଭିବୃଦ୍ଧି ତଥା ନିଯୁକ୍ତି କ୍ଷେତ୍ର ଏବଂ ନୂତନ ଉଦ୍ଭାବନରେ ଲଘୁ, କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପ (ଏମ୍‌ଏସ୍‌ଏମ୍‌ଇ)ର ଯଥେଷ୍ଟ ଯୋଗଦାନ ରହିଥାଏ। ଏମ୍‌ଏସ୍‌ଏମ୍‌ଇ ଜରିଆରେ ନୂଆ ଓ ପୁରୁଣା ଷ୍ଟାର୍ଟଅପ୍‌ଗୁଡ଼ିକୁ ଆଗକୁ ନେବା ଲକ୍ଷ୍ୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମଧ୍ୟ ଘରୋଇ ସଂସ୍ଥାଗୁଡ଼ିକ ସହଯୋଗରେ କାର୍ଯ୍ୟକରୁଛନ୍ତି। ଭାରତ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ, ଓଡ଼ିଶା ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ବିଭାଗ, ଡିଏଫ୍‌ଓ କଟକର ମିଳିତ ସହଯୋଗ ସହ ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ ଆନୁକୂଲ୍ୟରେ ଶୁକ୍ରବାର ସ୍ଥାନୀୟ ଜୟଦେବ ବିହାର ସ୍ଥିତ ଏକ ହୋଟେଲ ପରିସରରେ 'ଋଣମେଳା ଫର୍ ଏମ୍‌ଏସ୍‌ଏମ୍‌ଇ-ଷ୍ଟାର୍ଟଅପ୍' ନାମରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଓ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ପ୍ରତାପ କେଶରୀ ଦେବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ୨୦ ବର୍ଷ ପୂର୍ବରୁ ଷ୍ଟାର୍ଟଅପ୍ କମ୍ପାନୀ ପାଇଁ ଯୁବପିଢ଼ିଙ୍କ ମଧ୍ୟରେ ଏତେ ଆଗ୍ରହ ନ ଥିଲା ବୋଲି ପ୍ରତାପ କହିଛନ୍ତି। ବର୍ତ୍ତମାନ ଷ୍ଟାର୍ଟଅପ୍ ପାଇଁ ସବୁ ସ୍ତରରେ ଉତ୍ସାହ ଦେଖିବାକୁ ମିଳୁଛି। ଏଥିପାଇଁ ରାଜ୍ୟ ସରକାର ମଧ୍ୟ ସମ୍ପୂର୍ଣ୍ଣ ସହଯୋଗ ପ୍ରଦାନ କରୁଛନ୍ତି ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ବିଭାଗୀୟ ଶାସନ ସଚିବ ରଞ୍ଜନା ଚୋପ୍ରା, ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ)ର କ୍ଷେତ୍ରୀୟ ମୁଖ୍ୟ ପ୍ରବନ୍ଧକ ଚନ୍ଦ୍ରଶେଖର ଶର୍ମା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆଇସିସିର ଅଧ୍ୟକ୍ଷ ଜେ. ବି. ପାଣିଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଅପରପକ୍ଷରେ ଆଇସିସିର ଆବାହକ ରାଜୀବ ଏସ୍ .ସାହୁ, ଏଗ୍ରି ଆଣ୍ଡ ଫୁଡ୍ ପ୍ରୋସେସିଂ ୟୁନିଟ୍‌ର ଆବାହକ ଶ୍ରୀରାମ ପଣ୍ଡା, ଇଭାନଜେଲିଷ୍ଟ ଷ୍ଟାର୍ଟଅପ୍ ଓଡ଼ିଶାର ଡ.ସଞ୍ଜୁକ୍ତା ବଡାଇ ଏବଂ ଏମ୍‌ଏସ୍‌ଏମ୍‌ଇ ଡିଏଫ୍‌ଓର ଯୁଗ୍ମ ନିର୍ଦ୍ଦେଶକ ପି.କେ. ଗୁପ୍ତା, ବ୍ୟାଙ୍କ ଅଫ୍ ବରୋଦା (ବିଓବି)ର ଆଞ୍ଚଳିକ ମୁଖ୍ୟ ରାଜୀବ କ୍ରିଷ୍ଣା, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ର ଜୋନାଲ ମ୍ୟାନେଜର ଉଦୟ ଭାସ୍କର ରେଡ୍ଡୀ ଉଲଥୁରୁ, ଷ୍ଟେଟ୍ ବ୍ୟାଙ୍କ୍ ଇଣ୍ଡିଆ (ଏସ୍‌ବିଆଇ)ର ଡିଜିଏମ୍ (ଏସ୍‌ଏମ୍‌ଇ) ରମେଶ ଚନ୍ଦ୍ର ଯାଦବ ଓ ଇଣ୍ଡିଆନ ବ୍ୟାଙ୍କର ଜୋନାଲ ମୁଖ୍ୟ ଭି. ଶଙ୍କର ରାଜୁ ପ୍ରମୁଖ ବିଭିନ୍ନ ଅଧିବେଶନରେ ଭାଗ ନେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ସୁବିଧା ସୁଯୋଗ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆଇସିସି ଓଡ଼ିଶା କାଉନ୍‌ସିଲ୍‌ର ଆଞ୍ଚଳିକ ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ପାଲ୍ ଓ ଆଇସିସିର ଅନ୍ୟାନ୍ୟ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ। ପରିଶେଷରେ ଦକ୍ଷତା ଏବଂ ଶିକ୍ଷା କମିଟିର ଉପଦେଷ୍ଟା ଡ. ବଦ୍ରିନାଥ ପଟ୍ଟନାୟକ ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିଲେ।



# ନୂଆ ଘରେ ଦୀପିକା-ରଣବୀର

**ମୁମ୍ବାଇ:** ନୂଆ ଘରକୁ ପ୍ରବେଶ କଲେ ବଲିଉଡ୍ ଅଭିନେତା ରଣବୀର ସିଂ ଓ ସ୍ତ୍ରୀ ପାଦୁକୋନ। ଏ ନେଇ ରଣବୀର ଇନ୍‌ଷ୍ଟାଗ୍ରମରେ ଗୃହପ୍ରବେଶ ପାଇଁ କରାଯାଇଥିବା ସ୍ୱତନ୍ତ୍ର ପୂଜାର ଫଟୋ ଶେୟାର କରିଛନ୍ତି। ରଣବୀର, ଦୀପିକା ଧଳା ରଙ୍ଗର କପଡ଼ା ପିନ୍ଧିଥିବାବେଳେ ପୂଜାରେ ଦୁହେଁ ବସିଥିବା ଫଟୋରେ ଦେଖିବାକୁ ମିଳିଛି। ୧୧୯ କୋଟି ଟଙ୍କାରେ ମୁମ୍ବାଇରେ ଏହି ଲକ୍‌ଜୁରି ଆପାର୍ଟମେଣ୍ଟ କିଣିଥିବା କୁହାଯାଉଛି। ଜୁଲାଇରେ ରଣବୀର ଓ ତାଙ୍କ ବାପାଙ୍କ କମ୍ପାନୀ ମିଶି ବାନ୍ଦ୍ରାରେ ସାଗର ରେଶମ କର୍ପୋରେଟିଭ୍ ହାଉସିଂ ସୋସାଇଟିରେ ୪ ମହଲା ଆପାର୍ଟମେଣ୍ଟ କିଣିଥିଲେ। ରୋହିତ ସେଟ୍ଟିଙ୍କ ଦ୍ୱାରା ନିର୍ଦ୍ଦେଶିତ ଫିଲ୍ମ 'ସର୍କସ' ରିଲିଜ୍ ଅପେକ୍ଷାରେ ଥିବାବେଳେ ଏଥିରେ ମୁଖ୍ୟ ଭୂମିକାରେ ରଣବୀର ଅଭିନୟ କରିଛନ୍ତି। ଅନ୍ୟପଟେ ଆଲିଆ ଭଟ୍ଟଙ୍କ ସହ କରିଥିବା ଫିଲ୍ମ 'ରକି ଔର୍ ରାନୀ କି ପ୍ରେମ୍ କାହାନୀ' ମଧ୍ୟ ଆଗକୁ ରିଲିଜ୍ ହେବାର ଅଛି। ଫିଲ୍ମ 'ଗେହରାୟା'ରେ ଦୀପିକାଙ୍କୁ ଶେଷଥର ପାଇଁ ବଡ଼ ପରଦାରେ ଦେଖାଯାଇଥିବାବେଳେ ଫିଲ୍ମ 'ପଠାନ୍'ରେ ଶାହରୁଖ ଓ ଦୀପିକାଙ୍କ ଯୋଡ଼ି ଦେଖିବାକୁ ମିଳିବ।

# ମଦ ଚାହିଦା ବଢ଼ାଇବା ପାଇଁ ପ୍ରତିଯୋଗିତା



**ଟୋକିଓ:** ମଦକୁ ନେଇ ବିଭିନ୍ନ ଦେଶରେ ଭିନ୍ନ ପ୍ରକାର ନିୟମ ଲାଗୁ କରାଯାଇଛି। ମୁଖ୍ୟତଃ ଯୁବପିଢ଼ିଙ୍କୁ ଏ ପ୍ରକାର ନିଶା ଦ୍ରବ୍ୟରୁ ଦୂରରେ ରଖିବା ପାଇଁ ଏହି ନିୟମ ଲାଗୁ ହୋଇଥାଏ। କିନ୍ତୁ ଜାପାନରେ ମଦର ଚାହିଦା ବଢ଼ାଇବା ପାଇଁ ସ୍ୱତନ୍ତ୍ର ପ୍ରକାର ପ୍ରତିଯୋଗିତାର ଆୟୋଜନ କରାଯାଇଛି। ଏହି ପ୍ରତିଯୋଗିତାର ନାମ 'ଦ ଶେକ୍ ଭିଭା!' ତେବେ ଜାପାନର ନ୍ୟାଶନାଲ ଟାକ୍ସ ଏଜେନ୍ସି ପକ୍ଷରୁ ଏହାର ଆୟୋଜନ କରାଯାଇଛି।

୨୦ରୁ ୩୯ ବୟସ ବର୍ଗର ଯୁବପିଢ଼ି ଏଥିରେ ସାମିଲ ହୋଇପାରିବେ। ଯେଉଁମାନେ ଜାପାନରେ ରହୁ ନାହାନ୍ତି ସେମାନେ ମଧ୍ୟ ଏଥିରେ ଅଂଶ ଗ୍ରହଣ କରିପାରିବେ। ଏନେଇ ତିଆରି ହୋଇଥିବା ସ୍ୱତନ୍ତ୍ର ୱେବ୍ ସାଇଟ୍‌କୁ ଯାଇ ଡକ୍ୟୁମେଣ୍ଟ ସବ୍‌ମିଟ୍ କରିବାକୁ ପଡ଼ିବ। ବିଭିନ୍ନ ରକମର ମଦ ଯେମିତି, ଆୱାମୋରି, ବିୟର, ହ୍ୱିସକି, ସେକ୍ ଇତ୍ୟାଦି ପ୍ରତିଯୋଗୀଙ୍କ ପାଇଁ ଉପଲବ୍ଧ କରାଯିବ। ଦେଶରେ ଘରୋଇ ମଦ ବଜାର ସଙ୍କୁଚିତ ହେବାରେ ଲାଗିଛି। ଏହାର ମୁଖ୍ୟ କାରଣ ହେଉଛି ଯୁବପିଢ଼ିଙ୍କ ମଧ୍ୟରେ ମଦର ଚାହିଦା ବୃଦ୍ଧି। ଅନ୍ୟପଟେ ଦେଶରେ ଜନ୍ମହାର କମିବା, ବୟସ ବୃଦ୍ଧି ଓ କରୋନା କାରଣରୁ ଲୋକଙ୍କ ଜୀବନ ଶୈଳୀରେ ପରିବର୍ତ୍ତନ ଆସିଛି। ୨୦୨୧ରେ ପ୍ରକାଶ ପାଇଥିବା ରିପୋର୍ଟ ଅନୁସାରେ ଜାପାନ ଯୁବପିଢ଼ି ମଦ ବଦଳରେ କମ୍ ମୂଲ୍ୟରେ ବିକ୍ରି ହେଉଥିବା ନିଶାଦ୍ରବ୍ୟ ଯେମିତି, ସ୍ପାର୍କଲିଙ୍ଗ୍ ଲକ୍ୱୋର୍, ଚୁହାଇ ଇତ୍ୟାଦି ପିଇବାରେ ଲାଗିଛନ୍ତି। ମଦ ବିକ୍ରିରୁ ଦେଶକୁ ଆସୁଥିବା ରାଜସ୍ୱରେ ହ୍ରାସ ଘଟିଛି। ପାଖାପାଖି ୧୧୨.୪ ବିଲିୟନ୍ ୟେନ୍ ଅର୍ଥାତ୍ ୨୦୧୯ରେ ଆଦାୟ ରାଜସ୍ୱର ୧୦ ପ୍ରତିଶତ କମ୍ ହୋଇଥିବା କୁହାଯାଉଛି। ବିୟର୍ ଟାକ୍ସ ରେଭେନ୍ୟୁ ୧୩୨.୩ ୟେନ୍ କମିଛି। ଆୟୋଜିତ ପ୍ରତିଯୋଗିତାର ଫାଇନାଲ କମ୍ପିଟିଶନ୍ ନଭେମ୍ବର ୧୦ରେ ଟୋକିଓଠାରେ ଅନୁଷ୍ଠିତ ହେବ।

## ଥାନାକୁ ୧୨,୫୧୨ଥର ଫୋନ୍ କଲେ ମହିଳା

**ତାଲାହାସୀ:** ଉଦ୍ଦେଶ୍ୟମୂଳକ ଭାବେ ପୋଲିସ ଷ୍ଟେଶନ୍‌କୁ ଫୋନ୍ କରି ଫ୍ଲୋରିଡ଼ାର ଜେଫରଶନ ନାମକ ମହିଳାଙ୍କୁ ଗିରଫ କରାଯାଇଛି। ମହିଳା ଜଣକ ଗୋଟିଏ ମାସରେ ପୋଲିସ ଷ୍ଟେଶନ୍‌କୁ ୧୨,୫୧୨ ଥର କଲ୍ କରିଥିଲେ। କଲ୍ କରିବା ସହ ଯେଉଁ କର୍ମଚାରି ଫୋନ୍ ରିସିଭ୍ କରୁଥିଲେ ତାଙ୍କୁ ସେ ଅନର୍ଗଳ ଗାଳି କରୁଥିବା ଅଭିଯୋଗ ହୋଇଛି। ଗତମାସରେ ସେ ୨୪ ଘଣ୍ଟା ମଧ୍ୟରେ ୫୧୨ ଥର ପୋଲିସ ହେଲ୍ପଲାଇନ୍ ୯୧୧କୁ ଫୋନ୍ କରିଥିବା ଖବର ପ୍ରକାଶ ପାଇଛି। ମହିଳା ଜଣଙ୍କ ଅଧିକାରୀଙ୍କୁ ଗାଳି କରିବା ସହ ସେମାନଙ୍କୁ ଧମକ୍ ଦେଉଥିଲେ।



# ସବୁଜ ଶକ୍ତି ଉତ୍ସ

## ଅକ୍ଷୟ ଶକ୍ତି ଦିବସ

ନବୀକରଣଯୋଗ୍ୟ ଶକ୍ତି ଉତ୍ସଗୁଡ଼ିକର ମହତ୍ତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜନ୍ମବାର୍ଷିକୀ ପାଳନ କରିବା ପାଇଁ ଭାରତରେ ପ୍ରତିବର୍ଷ ୨୦ ଅଗଷ୍ଟରେ ଅକ୍ଷୟ ଶକ୍ତି ଦିବସ ପାଳନ କରାଯାଇଥାଏ। ଏହି ଦିନ ପାଳନ କରିବାର ମୁଖ୍ୟ ଉଦ୍ଦେଶ୍ୟ ବା ଲକ୍ଷ୍ୟ ହେଉଛି ଜଳ ବିଦ୍ୟୁତ୍ ଶକ୍ତି, ସୌର ଶକ୍ତି, ପବନ ଶକ୍ତି ଏବଂ ବାୟୋଗ୍ୟାସ୍ ଭଳି ପ୍ରାକୃତିକ ଶକ୍ତିର ବ୍ୟବହାର ବିଷୟରେ ଲୋକଙ୍କୁ ଅବଗତ କରାଇବା। କାରଣ ପୃଥିବୀର ସମ୍ବଳ ପ୍ରତିଦିନ ବିପଜ୍ଜନକ ହାରରେ ହ୍ରାସ ପାଉଛି। ୨୦୦୪ ମସିହାରୁ ଅକ୍ଷୟ ଶକ୍ତି ଦିବସ ପାଳନ କରାଯାଇଆସୁଛି। ଏହା ଏକ ଗୁରୁତ୍ୱପୂର୍ଣ୍ଣ ଦିନ ବ୍ୟତୀତ ଏହା ଏକ ସଚେତନତା ଅଭିଯାନ, ଯାହାକି ଆମ ଗ୍ରହ ପାଇଁ ଅକ୍ଷୟ ଶକ୍ତି ଉତ୍ସଗୁଡ଼ିକର ଉପକାରିତା ବିଷୟରେ ଜନସାଧାରଣଙ୍କୁ ଶିକ୍ଷା ଦେବା ତଥା ଅବଗତ କରାଇବା ପାଇଁ ଉଦ୍ଦିଷ୍ଟ। ଅକ୍ଷୟ ଶକ୍ତିକୁ ସବୁଜ ଶକ୍ତି କୁହାଯାଇଥାଏ। କାରଣ ଏହାଦ୍ୱାରା ପ୍ରଦୂଷଣ ସୃଷ୍ଟି ହୋଇ ନ ଥାଏ। ଏହି ଶକ୍ତି ଉତ୍ସ ଦ୍ୱାରା ପୃଥିବୀକୁ ପ୍ରଦୂଷଣ ମୁକ୍ତ କରାଯିବାର ଲକ୍ଷ୍ୟ ରଖାଯାଇଥାଏ।



ଏହି ଅଭିଯାନ ପ୍ରଥମେ ଜାତୀୟ ରାଜଧାନୀ ଦିଲ୍ଲୀରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ଦ୍ୱାରା ନୂତନ ଏବଂ ନବୀକରଣଯୋଗ୍ୟ ଶକ୍ତି ଉତ୍ସର ବିକାଶ ପାଇଁ ଆରମ୍ଭ ହୋଇଥିଲା।

ଏହି ଅଭିଯାନ ମୁଖ୍ୟତଃ ବିଦ୍ୟାଳୟ ଏବଂ କଲେଜ ଛାତ୍ରୀଛାତ୍ରଙ୍କୁ ଟାର୍ଗେଟ୍ କରିଥାଏ। ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇ ଅକ୍ଷୟ ଶକ୍ତିର ବିକାଶ ଲାଗି ଉଦ୍ୟମ ହୋଇଥାଏ।

ଅକ୍ଷୟ ଶକ୍ତି ଦିବସ ପାଳନ ଅବସରରେ ଚିତ୍ରାଙ୍କନ ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ, ବିତର୍କ, କୁଇଜ ପ୍ରତିଯୋଗିତା, ପୋଷ୍ଟର ଏବଂ ବ୍ୟାନର ସହିତ ରାଲି, ସ୍ଲୋଗାନ ଲେଖିବା ସହିତ ବିଭିନ୍ନ କାର୍ଯ୍ୟକ୍ରମ ଦେଶର ବିଭିନ୍ନ ବିଦ୍ୟାଳୟ, କଲେଜରେ ଆୟୋଜିତ ହୋଇଥାଏ।

# ଆମିରଙ୍କ କ୍ୟାରିୟର ଟଳମଳ



**ମୁମ୍ବାଇ:** ସାମାଜିକ ଗଣମାଧ୍ୟମରୁ ଏବେ କୌଣସି କଥା ଅଛପା ହୋଇ ରହୁନାହିଁ। ଯେଉଁ ଖବରଗୁଡ଼ିକ ଲୋକଲୋଚନକୁ ଆସିପାରୁ ନାହିଁ ସେ ସବୁ ସୋସିଆଲ ମିଡିଆରେ ଘୁରିବୁଲୁଛି। ଅନ୍ୟପଟେ ବର୍ତ୍ତମାନ ସମୟରେ ସୋସିଆଲ ମିଡିଆ ୟୁଜରଙ୍କ ଟ୍ରୋଲ ଏକ ଟ୍ରେଣ୍ଡ ପାଲଟିଛି। ଆଉ ବଲିଉଡ୍‌ର ମିଷ୍ଟର ପ୍ରଫେକ୍ସନାଲିଷ୍ଟ କୁହାଯାଉଥିବା ଆମିର ଖାନ୍ ଏହି ଟ୍ରୋଲ୍‌ର ଶିକାର ହୋଇଛନ୍ତି। ସୋସିଆଲ ମିଡିଆ ୟୁଜରଙ୍କ ପାଇଁ ପିକେ ଫିଲ୍ମ ନାୟକ ଆମିର ଏବେ ପାଲଟିଛନ୍ତି ଫ୍ଲପ୍ ହିରୋ। ବହୁ ପ୍ରତୀକ୍ଷିତ ଫିଲ୍ମ 'ଲାଲ୍ ସିଂ ଚଢ଼ା'କୁ ଲୋକେ ବଏକଟ୍ କରିବା ପରେ ଆମିରଙ୍କ ଅଡୁଆ ଏବେ ବଢ଼ିଯାଇଛି। ନିଜ ଫିଲ୍ମି କ୍ୟାରିୟର୍ ଫେମ୍‌କୁ ଅକ୍ଷୁଣ୍ଣ ରଖିବା ପାଇଁ ଦକ୍ଷିଣ ଭାରତୀୟ ଫିଲ୍ମରେ

୧୮୦ କୋଟି ଟଙ୍କା ବିନିମୟରେ ତିଆରି ହୋଇଥିବା ଫିଲ୍ମ 'ଲାଲ୍ ସିଂ ଚଢ଼ା' ରିଲିଜ୍‌ର ପ୍ରଥମ ସପ୍ତାହରେ ୫୦ କୋଟିରୁ କମ୍ ଟଙ୍କାର ବ୍ୟବସାୟ କରିଛି। ବକ୍ସ ଅଫିସ୍‌ରେ ଖରାପ ପ୍ରଦର୍ଶନ କରିବା ନେଇ ଫିଲ୍ମରେ ସାମିଲ ଡିଷ୍ଟ୍ରିବ୍ୟୁଟରମାନଙ୍କୁ ଆମିର ଖାନ୍ ଟଙ୍କା ଦେବାକୁ ନିଷ୍ପତ୍ତି ନେଇଥିବା ମଧ୍ୟ ଚର୍ଚ୍ଚା ହେଉଛି। ଅନ୍ୟପଟେ ଦେଖିବାକୁ ଗଲେ ସମ୍ପ୍ରତି ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିର ସତ୍ତା ବୁଡ଼ିବା ଉପରେ। କାରଣ ସିନେପ୍ରେମୀ ସବୁ ପାନ୍ ଇଣ୍ଡିଆ ଫିଲ୍ମ ମୁହାଁ ହୋଇଥିବାବେଳେ ଫିଲ୍ମର ଚାହିଦା କମି ୱେବ୍ ସିରିଜ୍‌ର ଚାହିଦା ବଢ଼ିଛି।

# ସଚେତନତା ହିଁ ନିଦାନ

## ବିଶ୍ୱ ମଶା ଦିବସ

ପ୍ରତିବର୍ଷ ୨୦ ଅଗଷ୍ଟରେ ପାଳନ କରାଯାଉଥିବା ବିଶ୍ୱ ମଶା ଦିବସ ହେଉଛି ବ୍ରିଟିଶ ଡାକ୍ତର ସାର୍ ରୋନାଲ୍ଡ ରସ୍‌ଙ୍କ ଆବିଷ୍କାରର ଏକ ସ୍ମୃତି ଦିବସ। ୧୮୯୭ ମସିହାରେ ମାଈ ଏନୋଫିଲିଶ ମଶା ମାନବଙ୍କ ମଧ୍ୟରେ ମ୍ୟାଲେରିଆ ସଂକ୍ରମଣ କରୁଥିବାର ଜଣାପଡ଼ିଥିଲା। ଆବିଷ୍କାର ପୂର୍ବରୁ ସଂକ୍ରମଣକାରୀ ମାଧ୍ୟମ, ଭେକ୍ଟର, ରୋଗର ବିସ୍ତାରକୁ ନିୟନ୍ତ୍ରଣ କରିବା ପାଇଁ ଅଳ୍ପ କିଛି ମାଧ୍ୟମ ଥିଲା। ଯଦିଓ କ୍ୱିନାଇନ ଆବିଷ୍କାର ଚିକିତ୍ସା ସମସ୍ୟାକୁ ଦୂର କରିଦେଇଥିଲା। ଏକ ସର୍ବେକ୍ଷଣ ଅନୁଯାୟୀ, ଉନବିଂଶ ଶତାବ୍ଦୀରେ



ବିଶ୍ୱର ପ୍ରାୟ ଅଧା ଲୋକ ମ୍ୟାଲେରିଆରେ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୧୦ ପ୍ରତିଶତଙ୍କ ମୃତ୍ୟୁ ଘଟିଥିଲା।

ରସ୍ ୧୮୯୪ରେ ପକ୍ଷୀ ମ୍ୟାଲେରିଆ ପ୍ରୋଟୋସୋମା ରିଲିକଟମ (ବର୍ତ୍ତମାନ ପ୍ଲାଜାମୋଡିୟମ ରିଲିକଟମ) ଦ୍ୱାରା ସଂକ୍ରମିତ ପକ୍ଷୀମାନଙ୍କ ଉପରେ କୁଲେକ୍ସ ସହିତ ପରୀକ୍ଷଣ କରିସାରିଥିଲେ ଏବଂ ଉଲ୍ଲେଖ କରିଥିଲେ। ଏହାପରେ ୨୦ ଅଗଷ୍ଟ ୧୮୯୫ ଏହାର ବାର୍ଷିକୀକୁ ବିଶ୍ୱ ମଶା ଦିବସ ଭାବେ ପାଳନ କରାଯାଇଥିଲା।

ଲଣ୍ଡନ ସ୍କୁଲ ଅଫ୍ ହାଇଜିନ ଆଣ୍ଡ ଟ୍ରପିକାଲ ମେଡିସିନ ପ୍ରତିବର୍ଷ ମଶା ଦିବସ ପାଳନ କରିଥାଏ। ଏହି ଅବସରରେ ମ୍ୟାଲେରିଆଠାରୁ ଦୂରେଇ ରହିବା ପାଇଁ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥାଏ। ସଚେତନତା ହିଁ ପ୍ରକୃତ ନିଦାନ ବୋଲି ଏହି ଅବସରରେ ବାର୍ତ୍ତା ପ୍ରସାର କରାଯାଇଥାଏ।


**TENDER CALL NOTICE**

No. CAD-1553: Odisha Rail Infrastructure Development Limited, invites sealed tenders for supply of Manpower Services for one year at Bhubaneswar. Tender document and details of the work are available in website **https://oridl.in/current-tenders/**. Last date for submission of tender is **14.09.2022 at 03.00 P.M.**

**Sd./- Director (Project & Planning)**
OIPR-14063/11/0002/2223

**OFFICE OF THE MUNICIPAL COUNCIL, BRAJRAJNAGAR** No. C-1019
**E-Procurement Notice**

| | | |
|---|---|---|
| Bid Identification No. | : | BRJNRM-04/2022-23 |
| Total No. of Works | : | 75 Nos. |
| Tender ID | : | 2022_ORULB_80581 |
| Tender Value | : | Rs.3.00 lakhs to 19.95 lakhs |
| Bid Security | : | Rs.3000.00 to Rs.19,950.00 |
| Available Period | : | Dt.22.08.2022, 11.00 A.M. to 03.09.2022, 05.00 P.M. |
| Tender Opening Date | : | 07th September 2022, 11.00 A.M. |

Bidders are requested to participate in advance with their Class-II and Class-III contractor DSC before the closing date.
Further details pelase visit: **www.tendersorissa.gov.in.**

**Sd./- Executive Officer**
**Brajrajnagar Municipality**
OIPR-13099/11/0014/2223

**GOVT. OF ODISHA** No. A-453
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
Vansadhara Nagabali Basin, Paralakhemundi
(email Id: se_sicpkd@yahoo.com)
**e-Procurement Notice No. ACEVNB-01/2022-23**

| | | | |
|---|---|---|---|
| 1. | Type of works | : | Flood potection works of river banks |
| 2. | Total number of Packages | : | 4 (Four) Nos. |
| 3. | Estimated Cost | : | Rs.179.11 lakhs to Rs.425.81 lakhs |
| 4. | Bid Identification No. | : | ACEVNB/GID-01/2022-23, ACEVNB/GID-02/2022-23, ACEVNB/GID-03/2022-23, ACEVNB/RID-04/2022-23. |
| 5. | Period of Completion | : | 11 (Eleven) months to 12 (Twelve) months |
| 6. | Availability & submission of bids online | : | From 11.00 A.M. of 22.08.2022 to 5.00 P.M. of 05.09.2022. |
| 7. | Date of Opening of Technical Bids | : | 06.09.2022 at 11.30 A.M. in the O/o. the Additional Chief Engineer, Vansadhara Nagabali Basin, Paralakhemundi. |
| 8. | Procurement Officer | : | Additonal Chief Engineer, Vansadhara nagabali Basin, Paralakhemundi |
| 9. | Further details can be seen from Govt. website **www.tendersodisha.gov.in** and any adendum/corrigendum/cancellation will be published in the said website. | | |

**Sd./- Additional Chief Engineer**
**Vansadhara Nagabali Basin, Paralakhemundi**
OIPR-32417/11/0002/2223

**NOTICE INVITING TENDER**
**OFFICE OF THE MUNICIPAL COUNCIL, NAYAGARH**
**NAYAGARH (ODISHA), PIN - 752069**
No. C-1020 e-Mail: nacnayagarh@yahoo.co.in
**Tender Call Notice No. 3071 Dt.17.08.2022**
**E-Procurement Notice No. MUNLNGR-04/2022**

| | | | |
|---|---|---|---|
| 1 | Name of the Work | : | Civil Works on EPC Contract (Turnkey Basis) |
| 2 | Name of Works | : | Design, Construction, Renovation and furnishing of Sanskruti Bhawan at Nayagarh |
| 3 | Value of Work | : | Rs.1,98,96,000/- |
| 4 | Class of Contractor | : | B & A Class Contractor |
| 5 | Period of Completion | : | 180 Days |
| 6 | Date of Publication | : | Dt.20.08.2022 |
| 7 | Date and Time of availability of document in the portal | : | From Dt.20.08.2022 at 10.00 A.M. to Dt.01.09.2022 upto 5.00 P.M. |
| 8 | Last Date/Time for receipt of bids in portal | : | Dt.01.09.2022 upto 5.00 P.M. |
| 9 | Last date of Submission of Original documents in this office | : | On or before Dt.03.09.2022 upto 5.00 P.M. by Registered Post/Speed Post/ Drop Box available at Municipal Office |
| 10 | Date and Time of opening Technical Bid | : | Dt.05.09.2022 at 11.00 A.M. at Municipality Office, Nayagarh |
| 11 | Date and Time of Opening Financial Bid | : | Intimation will be given later through E-Mail |
| | Name and address of the Officer Inviting Bid | : | Sd./- Executive Officer, Nayagarh Municipality |

Further details can be seen from e-Procurement portal **https://tendersodisha.gov.in.**
OIPR-13134/11/0013/2223

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org
ପତ୍ର ସଂଖ୍ୟା: ୨୧୯ **ବିଜ୍ଞାପନ** ତା:୧୦।୮।୨୨

No. CAD-1551: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ପ୍ରଥମ ପର୍ଯ୍ୟାୟ, ଚନ୍ଦ୍ରଶେଖରପୁର ହାଉସିଂ ପ୍ରକଳ୍ପ, ଭୁବନେଶ୍ୱରରେ ଫ୍ଲାଟ ଗୃହ ନଂ. ଏମ୍.ଆଇ.ଜି.–୨–୬୯/୫ (MIG-II-69/5)ଟିକୁ ଶ୍ରୀମତୀ ମାନସୀ ସାମଲ, ସ୍ୱା.: ଅନିରୁଦ୍ଧ ସାମଲ, ସା/ପୋ.: କେନ୍ଦୁପଦା, ଥା: ଯୋରନ୍ଦା, ଜି: ଢେଙ୍କାନାଳଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ମାନସୀ ସାମଲ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ରଞ୍ଜିତାରାଣୀ ଖଣ୍ଡୁଆଳ, ସ୍ୱା.: ସନ୍ତୋଷ କୁମାର ମହାନ୍ତି, ସା/ପୋ.: କୁରୁଣ୍ଟି, ଥା: ରାଜନଗର, ଜି.: କେନ୍ଦ୍ରାପଡ଼ାଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଫ୍ଲାଟ୍ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଫ୍ଲାଟ୍ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0257/2223

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org
ପତ୍ର ସଂଖ୍ୟା: ୨୧୭ **ବିଜ୍ଞାପନ** ତା:୦୮।୦୮।୨୨

No. CAD-1548: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ମୈତ୍ରୀ ବିହାର, ୧ମ ପର୍ଯ୍ୟାୟ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଘର ନଂ. ଏଚ୍.ଆଇ.ଜି. (ଏସ୍)–୧୧୭ [HIG (S) 117]ଟିକୁ ଶ୍ରୀ ଅନୀଲ କୁମାର ଭଞ୍ଜ, ପି.: ମାୟାରାମ ଭଞ୍ଜ, ସା: ବେଲ୍ ରୋଡ, ସୁବାସ ନଗର, ପୋ.: କ୍ଲେମେଣ୍ଟ ଟାଉନ, ଥା/ଜି.: ଡେହେରାଡୁନ୍ (ଉତ୍ତରାଞ୍ଚଳ)ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ଅନୀଲ କୁମାର ଭଞ୍ଜ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ହରପ୍ରିୟା ନନ୍ଦ, ସ୍ୱା.: ନବ କିଶୋର ଜେନା, ସା: ଗୋପାଳକୃଷ୍ଣ ଲେନ୍, ଅବକାସ୍ ଲେନ୍, ଷ୍ଟେସନ ରୋଡ, ପୋ.: ପୁରୀ–୨, ଥା: କୁମ୍ଭାରପଡ଼ା, ଜି.: ପୁରୀଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0254/2223

**JAJPUR MUNICIPALITY: JAJPUR**
(Ph:06728-222073 / E-mail: jajpur.m.1869@gmail.com)
No: 2920 / Date: 16.08.2022
**REQUEST FOR PROPOSAL (RFP)**

**No.C-1023:** For Providing Consultancy Services for preparation of DPR including Topographical Survey, Design and Engineering including Technical Validation for Improvement of Drainage System of Jajpur Municipalities in the District of Jajpur, Odisha
Bid Processing Fee (Non-Refundable): Rs.10,000/- (Rupees Ten Thousand Only)

All other terms and conditions may be seen from the Detailed Tender Called Notice documents available in **https://jajpur.nic.in & www.jajpurmunicipality.co.in.**

The authority reserves the right to accept or cancel any or all the DTCN without assigning any reason thereof.

**Sd./- Executive Officer, Jajpur Municipality**
OIPR-13171/11/0009/2223

**STATE POLLUTION CONTROL BOARD, ODISHA**
PARIBESH BHAWAN, A/118, NILAKANTHANAGAR, UNIT-VIII, NAYAPALLI, BHUBANESWAR - 751012
Website:www.ospcboard.org, EPABX : 0674-2562847
Email: paribesh1@ospcboard.org
No.14814 SPCB/ICZM/506/2019-2020 Date:17.8.22
**E-TENDER CALL NOTICE**

**No.CAD-1554:** Notice Inviting E-Tender for executing Dry Docking Repair Work of 'MV Sagar Utkal' berthed at DST Berth, Paradeep Port, Paradeep.
**Online Bids** through e-Tender portal (https://tendersodisha.gov.in) are invited from eligible bidders for executing Dry Docking Repair Work of 'MV Sagar Utkal' as per the particulars mentioned below:

| Sl. No. | Bid Reference No. | Item Name | Bid Document Cost |
|---|---|---|---|
| 1 | TCN No. Dt. | Executing Dry Docking Repair Work of 'MV Sagar Utkal' berthed at DST Berth, Paradeep Port, Paradeep | Free of Cost |

| Sl. No. | Particulars | Date and Time |
|---|---|---|
| 01 | Date of publishing of tender | 19.08.2022 |
| 02 | Bid document download start date | 19.08.2022 (4.00 PM) |
| 03 | Duration of downloading of bid document | 14 Days |
| 04 | Last date of download of Bid document | 03.09.2022 (12.00 PM) |
| 05 | Opening of Technical Bid Folder | 05.09.2022 (4.00PM) Conference Hall at Central Laboratory Plot No. 59 B 2&3 Chandaka I.E Patia, KIIT, Bhubaneswar-751024 |
| 06 | All other information | All other Information will be updated in https://tendersodisha.gov.in and www.ospcboard.org |

The bid document with all information relating to the bidding process including cost of bid document, EMDs, Prequalification criteria and terms & condition are available in the website: https://tendersodisha.gov.in and www.ospcboard.org.The Authority reserves the right to accept/reject any part thereof or all the bids without assigning any reason thereof.

**Sd./- Member Secretary**
OIPR-08012/11/0223/2223

# ସୁମିତ, ଯୋଗେଶଙ୍କ ବିଶ୍ୱରେକର୍ଡ

**ଇଣ୍ଡିଆ ଓପନ ଜାତୀୟ ପାରା ଆଥ୍‌ଲେଟିକ୍ସ**

ବେଙ୍ଗାଲୁରୁ, ୧୯।୮ (ପି.ଟି.)

ଏଠାରେ ଚାଲିଥିବା ୪ର୍ଥ ଇଣ୍ଡିଆନ ଓପନ ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଟୋକିଓ ପାରାଲିମ୍ପିକ୍ସ ଚାମ୍ପିୟନ ଜାଭେଲିନ ଥ୍ରୋୟର ସୁମିତ ଆଣ୍ଟିଲ ଏବଂ ସିଲଭର ମେଡାଲିଷ୍ଟ ଡିସକସ୍ ତାରକା ଯୋଗେଶ କାଥୁନିୟା ନୂଆ ବିଶ୍ୱରେକର୍ଡ ସୃଷ୍ଟି କରିଛନ୍ତି। ସୁମିତ ୬୮.୬୨ ମିଟର ଦୂରକୁ ଜାଭେଲିନ୍ ଥ୍ରୋ କରି ନୂଆ କିର୍ତ୍ତୀମାନ ସ୍ଥାପନ କରିଛନ୍ତି। ୨୪ ବର୍ଷୀୟ ଏହି ଭାରତୀୟ ପାରା ଆଥଲେଟ୍ ପୂର୍ବରୁ ଗତବର୍ଷ ଟୋକିଓ ଅଲିମ୍ପିକ୍ସରେ ଏଫ୍-୬୪ ବର୍ଗରେ ୬୮.୫୫ ମିଟର ଦୂରକୁ ଜାଭେଲିନ ଥ୍ରୋ କରି ବିଶ୍ୱରେକର୍ଡର ଅଧିକାରୀ ଥିଲେ। ଏଠାରେ ସେ ନିଜ ରେକର୍ଡକୁ ଭାଙ୍ଗିଛନ୍ତି। ଗତ ୬ ଉଦ୍ୟମରେ ସେ ୩ ଥର ନିଜ ଜାତୀୟ ରେକର୍ଡ ଭାଙ୍ଗିବାର ଗୌରବ ଅର୍ଜନ କରିଛନ୍ତି। ଅନ୍ୟପକ୍ଷରେ ଯୋଗେଶ ୪୮.୩୪ ମିଟର ଦୂରକୁ ଡିସ୍‌କସ୍ ଥ୍ରୋ କରି ନୂଆ ବିଶ୍ୱରେକର୍ଡର ଅଧିକାରୀ ହୋଇଛନ୍ତି।




ବିଶ୍ୱରେକର୍ଡ ଡିଜିଟାଲ ସୂଚନା ଫଳକ ନିକଟରେ ସୁମିତ ଆଣ୍ଟିଲ ଓ ଯୋଗେଶ କାଥୁନିୟା।

## ୟୁଏସ୍ ଓପନ୍ ପୁରସ୍କାର ରାଶି ବୃଦ୍ଧି

**ନ୍ୟୁୟର୍କ, ୧୯।୮ (ଏପି):** ଚଳିତ ବର୍ଷ ୟୁଏସ୍ ଓପନ ପୁରୁଷ ସିଙ୍ଗଲ୍ସ ଚାମ୍ପିୟନ ୨.୬ ନିୟୁତ ଆମେରିକୀୟ ଡଲାର ପାଇବେ। ସେହିପରି ଏହି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ମୋଟ ପୁରସ୍କାର ରାଶି ପ୍ରଥମ ଥର ୬୦ ନିୟୁତ ଡଲାର ଅତିକ୍ରମ କରିଛି। ଏହାର ସିଂହଭାଗ ପ୍ରାରମ୍ଭିକ ରାଉଣ୍ଡ ପାଇଁ ବ୍ୟବସ୍ଥା ରହିଛି। ପୁରୁଷ ଓ ମହିଳା ଟୁର୍ ଖେଳାଳି ପରିଷଦରୁ ସଂଗୃହୀତ ରିପୋର୍ଟକୁ ଭିତ୍ତି କରି ମୁଖ୍ୟ ଡ୍ର'ରେ ସ୍ଥାନ ପାଇଥିବା ଖେଳାଳିମାନେ ୮୦,୦୦୦ ଡଲାର ଲେଖାଏ ପାଇବେ। ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କଲେ ୧,୨୧,୦୦୦ ଡଲାର ମିଳିବ। କରୋନା ମହାମାରୀ ପୂର୍ବରୁ ୨୦୧୯ରେ ସିଙ୍ଗଲ୍ସ ଚାମ୍ପିୟନ ୨.୫ ନିୟୁତ ଡଲାର ପାଉଥିଲେ। ପ୍ରଥମ ରାଉଣ୍ଡ ଲୁଜର ୫୮,୦୦୦ ଡଲାର, ଦ୍ୱିତୀୟ ରାଉଣ୍ଡରୁ ବିଦାୟ ନେଉଥିବା ଖେଳାଳି ୧,୦୦,୦୦ ଡଲାର ପାଉଥିଲେ। ଏଣିକି କ୍ୱାର୍ଟରଫାଇନାଲରେ ପ୍ରବେଶ କରିଥିବା ଖେଳାଳି ୪,୪୫,୦୦୦ ଡଲାର ଏବଂ ସେମିଫାଇନାଲିଷ୍ଟ ୭,୦୫,୦୦୦ ଡଲାର ଲେଖାଏ ପାଇବେ।

# ଭୂଟିଆଙ୍କ ପ୍ରାର୍ଥୀପତ୍ର ଦାଖଲ

**ଏଆଇଏଫ୍‌ଏଫ୍ ନିର୍ବାଚନ**

ନୂଆଦିଲ୍ଲୀ, ୧୯।୮ (ପି.ଟି.)



ଆଗାମୀ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ନିର୍ବାଚନରେ ସଭାପତି ପଦ ପାଇଁ କିମ୍ବଦନ୍ତୀ ବାଇଚୁଙ୍ଗ ଭୂଟିଆ ସଭାପତି ପଦ ପାଇଁ ତାଙ୍କ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଏହି ମର୍ଯ୍ୟାଦାପୂର୍ଣ୍ଣ ପଦବୀ ପାଇଁ ପୂର୍ବତନ ଖେଳାଳି କଲ୍ୟାଣ ଚୌବେ ମୁଖ୍ୟ ଦାବିଦାର ବୋଲି କୁହାଯାଉଛି। ପୂର୍ବତନ ଅଧିନାୟକ ଭୂଟିଆଙ୍କ ପ୍ରସ୍ତାବକ ହୋଇଛନ୍ତି ତାଙ୍କର ଏକଦା ଟିମ୍‌ମେଟ୍ ଥିବା ଦୀପକ ମଣ୍ଡଳ। ଏହାକୁ ସମର୍ଥନ କରିଛନ୍ତି ମଧୁ କୁମାରୀ। ଜଣେ ଜଣାଶୁଣା ଖେଳାଳି ହିସାବରେ କୁମାରୀ ଇଲେକ୍ଟୋରାଲ କଲେଜର ଅଂଶବିଶେଷ ଅଛନ୍ତି। ଫୁଟ୍‌ବଲ ଦିଲ୍ଲୀର ସଭାପତି ଶାଜି ପ୍ରଭାକରନ ମଧ୍ୟ ସଭାପତି ପଦ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେହିପରି ୟୁଜେନ୍‌ସେନ୍ ଲିଙ୍ଗ୍‌ଦୋ ମେଘାଳୟ ଫୁଟ୍‌ବଲ ଆସୋସିଏଶନ ଜରିଆରେ ଓ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଭାଇ ଅଜିତ ବାନାର୍ଜୀ ମଧ୍ୟ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଲିଙ୍ଗ୍‌ଦୋ ବର୍ତ୍ତମାନ ମେଘାଳୟ ବିଧାନସଭାରେ ଜଣେ ବିଧାୟକ ଅଛନ୍ତି। ପ୍ରାର୍ଥୀପତ୍ର ଦାଖଲ ଶେଷ ତାରିଖ ଶୁକ୍ରବାର ଶେଷ ହୋଇଛି। ଚୌବେ ହେଉଛନ୍ତି ଭାରତର ଜଣେ ପୂର୍ବତନ ଗୋଲକିପର। ସେ ଉଭୟ ମୋହନବାଗାନ ଓ ଇଷ୍ଟବେଙ୍ଗଲ ପକ୍ଷରୁ ଖେଳିଥାନ୍ତି। ସେ ହେଉଛନ୍ତି ଭୂଟିଆଙ୍କ ସମସାମୟିକ। ଚୌବେ ହେଉଛନ୍ତି ଶାସକ ଭାଜପାର ଜଣେ ସଦସ୍ୟ। ଗୁଜରାଟ ଏଫ୍‌ସି ତାଙ୍କ ପ୍ରସ୍ତାବକ ରହିଥିବା ବେଳେ ଅରୁଣାଚଳ ପ୍ରଦେଶ ଫୁଟ୍‌ବଲ ଆସୋସିଏଶନ ତାଙ୍କ ସମର୍ଥକ ହୋଇଛି। ଦେଶର ସ୍ୱରାଷ୍ଟ୍ରମନ୍ତ୍ରୀ ଗୁଜରାଟରୁ ଆସିଛନ୍ତି। ଅରୁଣାଚଳର କିରେନ ରିଜିଜୁ ଆଇନ ମନ୍ତ୍ରଣାଳୟ ମୁଖ୍ୟ ଅଛନ୍ତି। କାର୍ଯ୍ୟନିର୍ବାହୀ କମିଟି ପାଇଁ ଏଆଇଏଫ୍‌ଏଫ୍‌ର ନିର୍ବାଚନ ଅଗଷ୍ଟ ୨୮ରେ ହେବାର କାର୍ଯ୍ୟକ୍ରମ ରହିଛି। ଚୌବେ ଜଣେ ସାଧାରଣ ପ୍ରାର୍ଥୀ ଭାବେ ନିର୍ବାଚନରେ ଅବତୀର୍ଣ୍ଣ ହୋଇଛନ୍ତି। ଦେଶର ସର୍ବୋଚ୍ଚ ଫୁଟବଲ ପରିଚାଳନା ପରିଷଦ ବିଶିଷ୍ଟ ଖେଳାଳିମାନଙ୍କ ଦ୍ୱାରା ପରିଚାଳିତ ହେଉ ବୋଲି ବିଶ୍ୱ ଫୁଟ୍‌ବଲ ଗଭର୍ଣ୍ଣିଂବଡି ଫିଫା ଚାହେଁନା।

# ଜୟନ୍ତୀଙ୍କୁ ୨ ସ୍ୱର୍ଣ୍ଣ, ୧ ରୌପ୍ୟ



ଜୟନ୍ତୀ ବେହେରା



ପ୍ରଫୁଲ୍ଲ କୁମାର ଖଣ୍ଡାୟତରାୟ

**ଭୁବନେଶ୍ୱର, ୧୯।୮ (କ୍ରୀଡ଼ା ପ୍ରତିନିଧି):** ବେଙ୍ଗାଲୁରୁର ଶ୍ରୀ କାନ୍ତିରଭା ଷ୍ଟାଡିୟମରେ ଚାଲିଥିବା ୪ର୍ଥ ଇଣ୍ଡିଆନ ଓପନ ଜାତୀୟ ପାରା ଆଥ୍‌ଲେଟିକ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଜୟନ୍ତୀ ବେହେରା ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଶୁକ୍ରବାର ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ଅନୁଷ୍ଠିତ ୨୦୦ ମିଟର ରେସ୍‌ର ମହିଳା ଟି-୪୭ ବର୍ଗରେ ଜୟନ୍ତୀ ୨୮.୩୯ ସେକେଣ୍ଡରେ ଅତିକ୍ରମ କରି ପ୍ରଥମସ୍ଥାନ ଅଧିକାର କରିଛନ୍ତି। ସେହିପରି ୪୦୦ ମିଟର ରେସରେ ୧:୦୩.୨୭ ସେକେଣ୍ଡ ସମୟ ନେଇ ସେ ରୌପ୍ୟ ପଦକ ଲାଭ କରିଛନ୍ତି। ପ୍ରତିଯୋଗିତାର ପ୍ରଥମ ଦିବସରେ ଅର୍ଥାତ୍ ଗୁରୁବାର ଅନୁଷ୍ଠିତ ୧୦୦ ମିଟର ରେସ୍‌ରେ ୧୩.୨୩ ସେକେଣ୍ଡ ସମୟ ନେଇ ଜୟନ୍ତୀ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ତେଣୁ ପ୍ରତିଯୋଗିତାରେ ସେ ୨ ସ୍ୱର୍ଣ୍ଣ ଓ ୧ ରୌପ୍ୟ ପଦକ ପାଇଛନ୍ତି। ପୁରୁଷ ଟି-୪୪ ବର୍ଗ ଲଙ୍ଗଜମ୍ପରେ ଓଡ଼ିଶାର ରଶ୍ମିରଞ୍ଜନ ମଲିକ ୫.୮୦ ମିଟର କ୍ଲିୟର କରି ବ୍ରୋଞ୍ଜ ପଦକ ପାଇଛନ୍ତି। ସେ ପୂର୍ବରୁ ୧୦୦ ମିଟର ରେସ୍‌ରେ ୧୨.୩୨ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

## ପ୍ରଫୁଲ୍ଲଙ୍କୁ ରୌପ୍ୟ

ପ୍ରତିଯୋଗିତାରେ ଭାଗ ନେଇଥିବା ଅନ୍ୟତମ ଓଡ଼ିଆ ଆଥ୍‌ଲେଟ ପ୍ରଫୁଲ୍ଲ କୁମାର ଖଣ୍ଡାୟତରାୟ ହୁଇଲଚେୟାର ଏଫ୍-୫୪ ବର୍ଗ ଜାଭେଲିନ୍ ଥ୍ରୋରେ ରୌପ୍ୟ ପଦକ ହାସଲ କରିଛନ୍ତି। ସେ ୨୦.୧୮ ମିଟର ଦୂରକୁ ଥ୍ରୋ କରି ଏହି ସଫଳତା ପାଇଛନ୍ତି। ପ୍ରଫୁଲ୍ଲଙ୍କର ଏହା ଥିଲା ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ।

## ଦକ୍ଷିଣ ଆଫ୍ରିକାର ଇନିଂସ ବିଜୟ

**ଲଣ୍ଡନ, ୧୯।୮ (ଏପି):** ଲର୍ଡ୍ସଠାରେ ଦକ୍ଷିଣ ଆଫ୍ରିକା ଓ ଇଂଲଣ୍ଡ ମଧ୍ୟରେ ଅନୁଷ୍ଠିତ ପ୍ରଥମ କ୍ରିକେଟ ଟେଷ୍ଟର ଖେଳ ତୃତୀୟ ଦିବସରେ ଶେଷ ହୋଇଛି। ଏଥିରେ ଦକ୍ଷିଣ ଆଫ୍ରିକା ଏକ ଇନିଂସ ୧୨ରନରେ ଘରୋଇ ଇଂଲଣ୍ଡକୁ ହରାଇ ଦେଇଛି। ଶୁକ୍ରବାର ଦକ୍ଷିଣ ଆଫ୍ରିକା ପୂର୍ବଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୮୯/୭ରୁ ଖେଳ ଆରମ୍ଭ କରି ୩୨୬ରନରେ ଅଲଆଉଟ ହୋଇଥିଲା। ଏଥି ସହିତ ଦଳ ୧୬୧ ରନର ପ୍ରଥମ ଇନିଂସ ଅଗ୍ରଣୀ ଲାଭ କରିଥିଲା। ଇଂଲଣ୍ଡ ଏହାର ଦ୍ୱିତୀୟ ଇନିଂସରେ ସମସ୍ତ ଉଇକେଟ ହରାଇ ୧୪୯ରନ କରିପାରିଥିଲା।

# ଅମିତ ରୋହିଦାସ ସମ୍ମାନିତ

**ଭୁବନେଶ୍ୱର, ୧୯।୮ (କ୍ରୀଡ଼ା ପ୍ରତିନିଧି)**

ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଶରଦ କୁମାର ଶ୍ରୀବାସ୍ତବ ଶୁକ୍ରବାର ମୁଖ୍ୟାଳୟ ରେଳସଦନଠାରେ ଏହାର ବରିଷ୍ଠ କ୍ରୀଡ଼ା ଅଧିକାରୀ ତଥା ଭାରତୀୟ ପୁରୁଷ ହକି ଦଳର ତାରକା ଡିଫେଣ୍ଡର ଅମିତ ରୋହିଦାସଙ୍କୁ ସମ୍ମାନିତ କରିଛନ୍ତି। ରେଳପଥ କ୍ରୀଡା ସଙ୍ଗଠନ (ଇକୋର୍ସା)ର ସଭାପତି ମାନସ କୁମାର ପୋଦ୍ଦାର, ସାଧାରଣ ସମ୍ପାଦକ ଅଶୋକ କୁମାର ମିଶ୍ର ଏବଂ ମହାପ୍ରବନ୍ଧକଙ୍କ ସଚିବ ବିଶ୍ୱଜିତ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଭାରତୀୟ ହକି ଦଳର ପ୍ରମୁଖ ସଦସ୍ୟ ଅମିତ ବର୍ମିଂହାମରେ ଅନୁଷ୍ଠିତ ଗତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟଭାବେ ରେଲୱେ ସହିତ ଦେଶକୁ ଗୌରବାନ୍ୱିତ କରିଛନ୍ତି।



ରେଲ୍‌ୱେର ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ଶୁକ୍ରବାର ସମ୍ମାନିତ ହେବା ଅବସରରେ ଅମିତ ରୋହିଦାସ ପଦକ ପ୍ରଦର୍ଶନ କରୁଛନ୍ତି।

## ରାଜ୍ୟ ଖବର

# କମ୍ପାନୀ ଓ ଲୋକଙ୍କ ମଧ୍ୟରେ ସମନ୍ୱୟ ରଖାଯିବ: ଆର୍‌ଡିସି

**ଏନ୍‌ଏଲ୍‌ସି ତାପଜ ବିଦ୍ୟୁତ୍ କେନ୍ଦ୍ରର ଆର୍‌ପିଡିଏସି ବୈଠକ**

ଝାରସୁଗୁଡ଼ା ଅଫିସ,୧୯।୮



ବୈଠକରେ ଉପସ୍ଥିତ ଜନପ୍ରତିନିଧି ଓ ଅଧିକାରୀମାନେ।

ସମ୍ବଲପୁର ଜିଲା ତଲାବିରାସ୍ଥିତ ନାଭେଲି କର୍ପୋରେଶନ ଲିମିଟେଡ (ଏନ୍‌ଏଲ୍‌ସି) ଥର୍ମାଲ ପାୱାର ପ୍ଲାଣ୍ଟର ଦ୍ୱିତୀୟ ପୁନର୍ବାସ ଓ ପାରିପାର୍ଶ୍ୱିକ ଉନ୍ନୟନ ଉପଦେଷ୍ଟା କମିଟି (ଆର୍‌ପିଡିଏସି) ବୈଠକ ଶୁକ୍ରବାର ଜିଲା ପରିଷଦ ସଦ୍‌ଭାବନା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ଡ. ସୁରେଶ ଚନ୍ଦ୍ର ଦଳାଇ ଅଧ୍ୟକ୍ଷତା କରିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ, ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଝାରସୁଗୁଡ଼ା ଜିଲା ପରିଷଦ ସଭାପତି ତୁଳାବତି ମିଞ୍ଜ, ଉତ୍ତରାଞ୍ଚଳ ଆଇଜି ଦୀପକ କୁମାର, ଝାରସୁଗୁଡ଼ା ଜିଲାପାଳ ସରୋଜ କୁମାର ସାମଲ, ଏସ୍‌ପି ରାହୁଲ ଜୈନ, ସମ୍ବଲପୁର ଏସ୍‌ପି ବାତୁଲା ଗଙ୍ଗାଧର, ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ତପିରାମ ମାଝି, ଅତିରିକ୍ତ ଜିଲାପାଳ ପ୍ରବୀର କୁମାର ନାୟକ, ପ୍ରକଳ୍ପ ନିର୍ଦ୍ଦେଶକ (ପୁନର୍ବାସ ଓ ଥଇଥାନ) ଆଲମଣି ସେଠୀ, ତଲାବିରା ଥର୍ମାଲ ପାୱାର ପ୍ରୋଜେକ୍ଟ ଏନ୍‌ଏଲ୍‌ସି ଇଣ୍ଡିଆ ଲିମିଟେଡ ପ୍ରକଳ୍ପ ନିର୍ଦ୍ଦେଶକ ସାଜି ଜନ, ପ୍ରକଳ୍ପ ମୁଖ୍ୟ ଅନୁରାଗ ମିତ୍ତଲଙ୍କ ସମେତ ସ୍ଥାନୀୟ ତରେଇକେଲା, ତୁମ୍ବେକେଲା ଗ୍ରାମବାସୀ ଉପସ୍ଥିତ ଥିଲେ।

ବୈଠକରେ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହେବାକୁ ଥିବା ଅଞ୍ଚଳବାସୀଙ୍କୁ ଉପଯୁକ୍ତ କ୍ଷତି ପୂରଣ, ଥଇଥାନ ଓ ପାରିପାର୍ଶ୍ୱିକ ଉନ୍ନୟନ ସମ୍ପର୍କରେ ଆଲୋଚନା ହୋଇଥିଲା। ୨୪୦୦ ମେଗାୱାଟ୍ ପାୱାର ପ୍ଲାଣ୍ଟ ପ୍ରତିଷ୍ଠା ଦ୍ୱାରା ଶିକ୍ଷା, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ କିପରି ଉନ୍ନତି ସାଧିତ ହେବ ସେ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସିଏସ୍‌ଆର୍ ପାଣ୍ଠି ବିନିଯୋଗ ପୂର୍ବକ ଉନ୍ନତମାନର ବୈଷୟିକ ଅନୁଷ୍ଠାନ ଓ ଡାକ୍ତରଖାନା ପ୍ରତିଷ୍ଠା ନେଇ ଆଲୋଚନା ହୋଇଥିଲା। ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳର ବିସ୍ଥାପିତ ଓ ବାସହୀନଙ୍କ ସକାଶେ ବାସୋପଯୋଗୀ ଗୃହ ଓ ଜମି ଯୋଗାଇଦେବା ସହ କମ୍ୟୁନିଟି ହଲ, ସ୍କୁଲ, ସ୍ୱାସ୍ଥ୍ୟକେନ୍ଦ୍ର, ରାସ୍ତା ଓ ନାଳ, ଶପିଂ କମ୍ପ୍ଲେକ୍ସ ଆଦି ନିର୍ମାଣ ନେଇ ମଧ୍ୟ ଆଲୋଚନା ହୋଇଥିଲା। ସ୍ୱାସ୍ଥ୍ୟମନ୍ତ୍ରୀ ଦାସ ଯେଉଁ ଲୋକମାନେ ଜମି ଦେବାକୁ ଚାହୁଁନାହାନ୍ତି ସେମାନଙ୍କୁ ବାଧ କରାଯିବ ନାହିଁ ବୋଲି କହିଥିଲେ। ଏହାସହ କମ୍ପାନୀ ତରଫରୁ ମାସିକ ୩ ହଜାର ଟଙ୍କା ଆର୍ଥିକ ସହାୟତା, ହିର୍ମା ଗ୍ରାମକୁ ପୋଷ୍ୟ ଗ୍ରାମଭାବେ ଘୋଷଣା, ଲୋକଙ୍କ ସ୍ୱାସ୍ଥ୍ୟସେବା ପାଇଁ ନ୍ୟୁରୋଲୋଜି ହସ୍ପିଟାଲ ନିର୍ମାଣ, ଏଥିପାଇଁ କମ୍ପାନୀ କର୍ତ୍ତୃପକ୍ଷ ୩୦ କୋଟି ଟଙ୍କା ଜିଲାପାଳଙ୍କ ନିକଟରେ ଜମା କରିବା, ଲୋକଙ୍କୁ ଏକର ପିଛା ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା କ୍ଷତିପୂରଣ ପ୍ରଦାନ ଆଦି ଦାବି କରିଥିଲେ। ରେଙ୍ଗାଲି ବିଧାୟକ ନାଏକ କହିଥିଲେ, ବିସ୍ଥାପିତ ଓ କ୍ଷତିଗ୍ରସ୍ତ ଲୋକଙ୍କୁ କମ୍ପାନୀ ଚାକିରି ଦେବା ପାଇଁ ଅନାଗ୍ରହ ପ୍ରକାଶ କରୁଛି। ଏହାକୁ କଦାପି ବରଦାସ୍ତ କରାଯିବ ନାହିଁ। ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଡ. ଦଳାଇ ଲୋକେ ଯେମିତି ଅଧିକ ସୁବିଧାସୁଯୋଗ ପାଇପାରିବେ ଓ କମ୍ପାନୀ ସୁଚାରୁରୂପେ ଚାଲିପାରିବ ସେ ଦିଗରେ ସମନ୍ୱୟ ରକ୍ଷା କରାଯିବ ବୋଲି କହିଛନ୍ତି। କମ୍ପାନୀ ନିର୍ଦ୍ଦେଶକ ଜନ କହିଛନ୍ତି ସରକାରୀ ନୀତିନିୟମ ଅନୁଯାୟୀ ଯେଉଁସବୁ ସୁବିଧାସୁଯୋଗ ରହିଛି ସେସବୁ ଲୋକଙ୍କୁ ଦିଆଯିବ। ଅନ୍ୟପକ୍ଷେ କମ୍ପାନୀ କର୍ତ୍ତୃପକ୍ଷ ଉପଯୁକ୍ତ କ୍ଷତିପୂରଣ, ଥଇଥାନ ଓ ନିଯୁକ୍ତି ଆଦି ସୁବିଧା ନ ଦେଲେ ପ୍ରକଳ୍ପ ନିର୍ମାଣ ପାଇଁ ଜମି ଦେବେ ନାହିଁ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି।

# ଜଣଙ୍କୁ ଦୁଇବର୍ଷ ଦଣ୍ଡ, ଅନ୍ୟ ଦୁଇ ନିର୍ଦ୍ଦୋଷ

**ହତ୍ୟା ମାମଲା**

ବ୍ରହ୍ମପୁର ଅଫିସ,୧୯।୮

ଗଞ୍ଜାମ ଜିଲା ଦୌରା ଜଜ୍ ଆନନ୍ଦ ଚନ୍ଦ୍ର ବେହେରା ଶୁକ୍ରବାର ପୁରୁଣା ବ୍ରହ୍ମପୁର ନାରାୟଣ ପାଢ଼ୀ ହତ୍ୟା ମାମଲାର ଶୁଣାଣି କରିଥିଲେ। ଘଟଣାର ୧୬ବର୍ଷ ପରେ ଏହାର ରାୟ ପ୍ରକାଶ ପାଇଛି। ଏଥିରେ ଜିଲା ଜଜ୍ ଦଫା ୩୨୪ ଅନୁସାରେ ଶିଶିର ସାବତଙ୍କୁ ଦୋଷୀ ସାବ୍ୟସ୍ତ ସହ ଦୁଇ ବର୍ଷ ଜେଲ ଦଣ୍ଡ ଆଦେଶ ଦେଇଛନ୍ତି। ଅନ୍ୟପଟେ ପ୍ରମାଣ ଅଭାବରୁ ଅନ୍ୟ ୨ ଅଭିଯୁକ୍ତ ବିଜୟ କୁମାର ସାବତ ଓ ଉମା ଚରଣ ପାତ୍ରଙ୍କୁ ନିର୍ଦ୍ଦୋଷ ବୋଲି ରାୟ ଦେଇଛନ୍ତି। ସେହିପରି ଏହି ହତ୍ୟା ମାମଲାର ଅନ୍ୟତମ ଅଭିଯୁକ୍ତ ରାଜେନ୍ଦ୍ର ସାବତଙ୍କ ବିଚାର ଚାଲିଥିବା ବେଳେ ମୃତ୍ୟୁ ଘଟିଥିଲା ବୋଲି ଜଣାପଡ଼ିଛି।

ପ୍ରକାଶ ଯେ, ନାରାୟଣ ପାଢ଼ୀ ଓ ଶିଶିର ସାବତଙ୍କ ମଧ୍ୟରେ ଜମିଜମାକୁ କେନ୍ଦ୍ରକରି ପାରିବାରିକ କଳହ ଲାଗି ରହିଥିଲା। ୨୦୦୬ ଫେବୃୟାରୀ ୧୭ରେ ଶିଶିରଙ୍କ ଘର କାମ ଚାଲିଥିଲା। ଏହାକୁ ନାରାୟଣଙ୍କ ବାପା କୃଷ୍ଣଚନ୍ଦ୍ର ବିରୋଧ କରିଥିଲେ। ଫଳରେ ଶିଶିର ଓ ତାଙ୍କ ଦୁଇ ଦାଦା ରାଜେନ୍ଦ୍ର ଓ ବିଜୟ ମିଶି କୃଷ୍ଣଚନ୍ଦ୍ରଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ। ଏପରିକି ତାଙ୍କୁ ପୁରୁଣା ବ୍ରହ୍ମପୁର ଛକରେ ଥିବା ହନୁମାନ ସେବା ସଦନର ଏକ ଖୁଣ୍ଟରେ ବାନ୍ଧି ଦେଇଥିଲେ। ସେହି ସମୟରେ ଉମା ଚରଣ ପାତ୍ର ସେଠାରେ ଉପସ୍ଥିତ ଥିଲେ। ବାପାଙ୍କୁ ଆକ୍ରମଣ ହେଉଥିବା ଖବର ପାଇ ନାରାୟଣ ଯାଇଥିଲେ। ତେବେ ଶିଶିର ଓ ତାଙ୍କ ସମ୍ପର୍କୀୟମାନେ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ସେ ଦୌଡ଼ି ଯାଇ ଉକ୍ତ ସେବା ସଦନ ଭିତରେ ପଶି ଯାଇଥିଲେ। ହେଲେ ଶିଶିର ଓ ତାଙ୍କ ସହଯୋଗୀମାନେ ତାଙ୍କ ପିଛା କରିଥିଲେ। ସେଠାରେ ଶିଶିର ଏକ ପିଠାପାଡ଼ିଆରେ ନାରାୟଣଙ୍କ ମୁଣ୍ଡ ଉପରେ ପ୍ରହାର କରିଥିଲେ। ଫଳରେ ନାରାୟଣଙ୍କ ଚିକିତ୍ସାଧୀନ ଅବସ୍ଥାରେ ଘଟଣାର ପର ଦିନ ମୃତ୍ୟୁ ଘଟିଥିଲା। ଏନେଇ ବଡବଜାର ଥାନାରେ ଅଭିଯୋଗ ହୋଇଥିଲା। ମାମଲା ନମ୍ବର ୩୭/୦୬ରେ ଶିଶିର ସାବତଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଥିଲା। ପରେ ଅନ୍ୟ ତିନିଜଣ ଅଭିଯୁକ୍ତ ସର୍ତ୍ତମୂଳକ ଜାମିନ ପାଇଥିଲେ। ତତ୍କାଳୀନ ଥାନାଧିକାରୀ ଉତ୍କଳ ରଞ୍ଜନ ଦାଶ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। କିଛିମାସ ପରେ ଶିଶିରଙ୍କୁ ମଧ୍ୟ ଜାମିନ ମିଳିଥିଲା। ବିଚାର ଚାଲିଥିବା ବେଳେ ରାଜେନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ଶୁକ୍ରବାର ଏହି ମାମଲାର ଶୁଣାଣି ବେଳେ ଶିଶିର ସାବତ, ବିଜୟ ସାବତ ଓ ଉମା ପାତ୍ରଙ୍କୁ ଜିଲା ଜଜ୍‌ଙ୍କ କୋର୍ଟରେ ହାଜର କରାଯାଇଥିଲା। ୧୨ ଜଣ ସାକ୍ଷୀ ଓ ଉକ୍ତ ଚାର୍ଜଶିଟକୁ ଭିତ୍ତିକରି ଜିଲା ଜଜ୍ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର କ୍ୟାଡର ପିପି ତ୍ରିଲୋଚନ ପରିଡ଼ା ଓ ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଏସ୍. ରାମ କୁମାର ମକଦ୍ଦମା ପରିଚାଳନା କରିଥିଲେ।

**ମନେ ପଡ଼ନ୍ତି**

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



**୰ଶ୍ରୀମତୀ ସୌମ୍ୟା ମିଶ୍ର**

ଲକ୍ଷ୍ମୀସାଗର, ଭୁବନେଶ୍ୱର

ଆବିର୍ଭାବ: ୧୧।୦୮।୧୯୭୫
ତିରୋଧାନ: ୨୦।୦୮।୨୦୨୦

ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।

-:ଶୋକସନ୍ତପ୍ତ:-
ପିତା: ଶ୍ରୀଯୁକ୍ତ ପ୍ରସନ୍ନ କୁମାର ମିଶ୍ର,
ମାତା: ଶ୍ରୀମତୀ ଗାୟତ୍ରୀ ମିଶ୍ର ଏବଂ
ଶ୍ରୀମତୀ ଶାନ୍ତା ମିଶ୍ର

ଧ-୧୩୦୧

# ଧରିତ୍ରୀ ଖବରଦାତାଙ୍କ ପରଲୋକ

**ବୌଦ୍ଧ,୧୯।୮(ସ୍ୱ.ପ୍ର.):** ବୌଦ୍ଧ ଜିଲାର ଧରିତ୍ରୀର ବରିଷ୍ଠ ଖବରଦାତା ଜନାର୍ଦ୍ଦନ ନେପାକଙ୍କ ତାଙ୍କର ବାଉଁଶୁଣୀସ୍ଥିତ ବାସଭବନରେ ଶୁକ୍ରବାର ମଧ୍ୟାହ୍ନରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୬୭ବର୍ଷ ବୟସ ହୋଇଥିଲା। ଦୀର୍ଘଦିନ ହେଲା ଅସୁସ୍ଥ ଥିବାରୁ ସେ ସାମ୍ବାଦିକତାରୁ ଦୂରେଇ ରହିଥିଲେ। ସେ ବାଉଁଶୁଣୀ ଅଞ୍ଚଳରେ ଜଣେ ଜଣାଶୁଣା ଖବରଦାତା ଭାବରେ ପରିଚିତ ଥିଲେ। ସେ ଦୀର୍ଘ ବର୍ଷ ଧରି ଧରିତ୍ରୀ ଖବରକାଗଜର ବାଉଁଶୁଣୀଠାରେ କାର୍ଯ୍ୟରତ ଥିଲେ। ତାଙ୍କର ଦେହ ଅସୁସ୍ଥ କାରଣରୁ ତାଙ୍କର ପୁତ୍ର ଦେବାଶିଷ ନେପାକ ବାଉଁଶୁଣୀଠାରେ ଧରିତ୍ରୀ ଖବରକାଗଜରେ ବର୍ତ୍ତମାନ କାର୍ଯ୍ୟରତ ଅଛନ୍ତି। ସେ ପୂର୍ବରୁ ଜିଲା ସାମ୍ବାଦିକ ସଂଘର ଜଣେ ସକ୍ରିୟ ସଦସ୍ୟ ଥିଲେ। ଶୁକ୍ରବାର ଖାଇସାରି ବିଶ୍ରାମ କରିବାକୁ ଯାଉଥିବାବେଳେ ହଠାତ୍ ଅସୁସ୍ଥ ଅନୁଭବ କରି ସ୍ତ୍ରୀଙ୍କୁ ଡାକିଥିଲେ। ତାଙ୍କ ସ୍ତ୍ରୀ ତାଙ୍କ ନିକଟରେ ପହଞ୍ଚିବା ପରେ ତାଙ୍କର ପରଲୋକ ହୋଇଯାଇଥିଲା। ତାଙ୍କର ବିୟୋଗରେ ଜିଲା ସାମ୍ବାଦିକ ମହଲରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ଶେଷକୃତ୍ୟ ବାଉଁଶୁଣୀ ଶ୍ମଶାନ ଘାଟରେ ହୋଇଥିବା ବେଳେ ପୁଅ ଦେବାଶିଷ ମୁଖାଗ୍ନି ଦେଇଥିଲେ।



ଜନାର୍ଦ୍ଦନ ନେପାକ

# ଆଶାକର୍ମୀ ପରିଚୟ ଦେଇ ଡାକ୍ତରଖାନାରୁ ପିଲାଚୋରି

ବିଷମକଟକ, ୧୯।୮ (ଡି.ଏନ୍.ଏ.)

ଆଶାକର୍ମୀର ପରିଚୟ ଦେଇ ଡାକ୍ତରଖାନାରେ ଦୁଇଦିନ ଧରି ପ୍ରସୂତି ଏବଂ ନବଜାତ ଶିଶୁର ଯତ୍ନନେଲେ। ଶେଷରେ କୌଶଳରେ ମା' ନିକଟରୁ ଶିଶୁପୁତ୍ରକୁ ଚୋରିକରି ଚମ୍ପଟ ମାରିଲେ। ରାୟଗଡ଼ା ଜିଲା ବିଷମକଟକ ଖ୍ରୀଷ୍ଟିଆନ ହସ୍ପିଟାଲରେ ଚିକିତ୍ସାଧୀନ ଜଣେ ପ୍ରସୂତିଙ୍କଠାରୁ ଶୁକ୍ରବାର ଏଭଳି ଅଭିଯୋଗ ପାଇବା ପରେ ବିଷମକଟକ ପୋଲିସ ତଦନ୍ତ କରି ୨ ଘଣ୍ଟା ମଧ୍ୟରେ ପିଲା ଚୋରି କରିଥିବା ମହିଳାଙ୍କୁ ଧରି ତାଙ୍କ ନିକଟରୁ ଶିଶୁପୁତ୍ରକୁ ଉଦ୍ଧାର କରିଛି। ଧରାପଡ଼ିଥିବା ମହିଳା ହେଲେ ବିହାରର ରୂପାଲୀ ଦେବୀ(୩୫)। ସ୍ୱାମୀ ସରୋଜ କୁମାର ଯାଦବଙ୍କ ସହ ସେ ରାୟଗଡ଼ା ସ୍ଥିତ ମଝିଘରିଆଣୀ ମନ୍ଦିର ନିକଟ ବସ୍ତିରେ ରହୁଛନ୍ତି।

ସୂଚନା ଅନୁଯାୟୀ, ବିଷମକଟକ ଥାନା ଅଧୀନ ରାସିକଲା ପଞ୍ଚାୟତ ରଟୋଗାପଦର ଗାଁର ସିଦ୍ଧାନ୍ତ କିଲାକାଙ୍କ ସ୍ତ୍ରୀ ରୀତା ବ୍ରେକବେଡା ଅଗଷ୍ଟ ୧୪ ରେ ଖ୍ରୀଷ୍ଟିଆନ ହସ୍ପିଟାଲରେ ଏକ ଶିଶୁପୁତ୍ର ଜନ୍ମ ଦେଇଥିଲେ। ଉଭୟ ମା' ଏବଂ ଶିଶୁ ପ୍ରସୂତି ୱାର୍ଡରେ ଥିଲେ। ଦୁଇଦିନ ତଳେ ରୂପାଲୀ ଆସି ନିଜକୁ ରାୟଗଡ଼ାର ଆଶାକର୍ମୀ ବୋଲି ପରିଚୟ ଦେଇ ତାଙ୍କ ନିକଟରେ ରହିଥିଲେ। ଯତ୍ନ ନେବା ବାହାନାରେ ତାଙ୍କ ବିଶ୍ୱାସ ଜିଣିଥିଲେ। ଶୁକ୍ରବାର ଓଜନ କରାଇ ଡାକ୍ତରଙ୍କୁ ଦେଖାଇ ଆଣିବେ କହି ଶିଶୁପୁତ୍ରକୁ ନେଇଥିଲେ। ହେଲେ ପିଲାକୁ ନେଇ ଆଉ ଫେରାଇ ନ ଥିଲେ। ଅନୁସନ୍ଧାନ କରି ପୁଅକୁ ପାଇବାରେ ବିଫଳ ହେବାପରେ ରୀତାଙ୍କ ପରିବାର ଲୋକେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ପିଲାଚୋରି ନେଇ ଡାକ୍ତରଖାନାରୁ ଖବର ପାଇବା ପରେ ପୋଲିସ ତୁରନ୍ତ ତାନାଘନା କରି ସମସ୍ତ ରାସ୍ତା ସିଲ୍ କରିଥିଲା। ରୂପାଲୀ ଶିଶୁପୁତ୍ରକୁ ନେଇ ବାଇକ୍‌ରେ ଚାଲିଯାଇଥିବା ଡାକ୍ତରଖାନା ନିକଟରେ ଥିବା କେତେଜଣ ଲୋକଙ୍କଠାରୁ ଶୁଣିବା ପରେ ପୋଲିସ ଅନୁସନ୍ଧାନ କରି ଚାଟିକଣା ରେଳଷ୍ଟେଶନ ନିକଟରେ ତାଙ୍କୁ ଧରିବା ସହ ଶିଶୁପୁତ୍ରକୁ ଉଦ୍ଧାର କରିଥିଲା। ରୂପାଲୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଛି। ସେହିପରି ଏହି ଘଟଣାରେ ଅନ୍ୟ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ ତଦନ୍ତ ଚାଲିଥିବା ବିଷମକଟକ ଏସ୍‌ଡିପିଓ ଆକାଶ ଚନ୍ଦ୍ର ସାହୁ କହିଛନ୍ତି। ଅନ୍ୟପକ୍ଷରେ ଜଣେ ମହିଳା ଆଶାକର୍ମୀ ପରିଚୟ ଦେଇ ଦୁଇଦିନ ଧରି ନିର୍ଭୟରେ ରହିବା ଏବଂ ପିଲା ଚୋରି କରି ନେଇଯିବା ପରେ ଘରୋଇ ହସ୍ପିଟାଲର ସୁରକ୍ଷା ବ୍ୟବସ୍ଥା ନେଇ ପ୍ରଶ୍ନ ଉଠିଛି।



ଉଦ୍ଧାର ପରେ ମା' କୋଳରେ ଶିଶୁପୁତ୍ର।

# କୁକୁର ଓ ଯାଦୁକର

**ଗଳ୍ପ**
ପ୍ରତାପ ବିଶ୍ୱାଳ

ଛକଟାର ଟିକିଏ ଦୂରରେ ଭିଡ଼କୁ ଦେଖି ସେ ସ୍କୁଟି ସ୍ଲୋ କରିଦେଇ ଭିଡ଼ ଆଡ଼କୁ ଚାହିଁଲା। ଭାବିଲା ବୋଧେ କାହାର ଆକ୍ସିଡେଣ୍ଟ ହୋଇଯାଇଛି। ପୁଣିଥରେ ଚାହିଁଲା। କିଛି ନ ଦିଶିବାରୁ ରାସ୍ତାର ଗୋଟାଏ କଡ଼କୁ ସ୍କୁଟି ରଖି ଚାଲିଆସିଲା ଜମା ହୋଇଥିବା ଲୋକଙ୍କ ପାଖକୁ। ତା' ପଛେ ପଛେ ସ୍କୁଟି ଆଗରେ ବସିଥିବା ତା' ପ୍ରିୟ କୁକୁର ଟିଙ୍କୁ ତାକୁ ଅନୁସରଣ କଲା। ପହଞ୍ଚି ଦେଖିଲା ଗୋଲ ହୋଇ ଛିଡ଼ା ହୋଇଥିବା ଲୋକଙ୍କ ମଝିରେ ଅଳ୍ପ କିଛି ଦୂରତା ରଖି ଲୋକଟାଏ ମ୍ୟାଜିକ୍ ଦେଖାଉଛି। ସେଥିପାଇଁ ଏତେ ଭିଡ଼।

ଲୋକଟା ତା' ପକେଟ୍‌ରୁ ଗୋଟାଏ ରୁମାଲ ବାହାର କରି ହାତରେ ମୁଠାଇ ଧରିଲା। ଦୁଇଥର ଫୁଙ୍କି ହାତ ଉପରକୁ ଟେକି ମୁଠା ଖୋଲିଦେଇ କହିଲା, ଯା...। ଆଶ୍ଚର୍ଯ୍ୟ! ରୁମାଲ ନୁହେଁ, ପାରାଟିଏ ତା' ହାତମୁଠାରୁ ଉଡ଼ି ଉଡ଼ି ଚାଲିଗଲା। ତାସ୍ ମୁଠାଏ ଧରି ସେ ତା'ର ଖେଳ ଦେଖାଇ ଚାଲିଲା। ପାଖରେ ଛିଡ଼ା ହୋଇଥିବା ଭଦ୍ରଲୋକ ଜଣଙ୍କୁ ଡାକି କହିଲା, ଆପଣଙ୍କ ବେକରୁ ଚେନ୍‌ଟା ଖୋଲି ମୋତେ ଦିଅନ୍ତୁ। ଲୋକଟି ନିଜକୁ ଟିକିଏ ଅପ୍ରତିଭ ଅନୁଭବ କଲେ ସତ, କିନ୍ତୁ ଦେଲେ। ଚେନ୍‌ଟାକୁ ତଳେ ଥୋଇ ଅଣ୍ଟାରେ ବାନ୍ଧିଥିବା ଗାମୁଛାଟାକୁ କାଢ଼ି ତା' ଉପରେ ଘୋଡ଼ାଇଦେଲା। ପାଖରେ ରଖିଥିବା ହାଡ଼ ଦୁଇଖଣ୍ଡକୁ ତା' ଉପରେ ବୁଲାଇ ଆଣି ଦୁଇଥର ଫୁଙ୍କିଦେଲାରୁ ଦେଖାଗଲା ଗାମୁଛାଟା ଆସ୍ତେ ଆସ୍ତେ ହଲୁଛି। ଦେଖୁଥିବା ସମସ୍ତ ଲୋକ ଚାହିଁ ରହିଛନ୍ତି ସେ ଗାମୁଛା ଆଡ଼େ। ସେ ଗାମୁଛାଟାକୁ ହଠାତ୍ ଉଠାଇ ଦେଲା ତ ଚେନ୍ କାହିଁ, ସେଠି ଗୋଟାଏ ତମ୍ବା ରଙ୍ଗର ନାଗସାପଟାଏ ଫଣା ଟେକି ଛିଡ଼ା ହୋଇଗଲା। ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ ଲୋକଟାର ଯାଦୁ ପରିବେଷଣରେ। ପୁଣି ସେଇ ସାପଟା ଉପରେ ଗାମୁଛା ପକାଇ ଆଉ ଦୁଇଥର ହାଡ଼କୁ ଧରି ବୁଲାଇ ଆଣି ଫୁଙ୍କିଦେଲା। ସମସ୍ତେ ଦେଖିଲେ ଯେଉଁ ଚେନ୍‌ଟା ସିଏ ଭଦ୍ର ଲୋକଙ୍କ ପାଖରୁ ନେଇଥିଲା ସେଇ ଚେନ୍।

ସମସ୍ତଙ୍କ ସହ ସେ ବି ଆଶ୍ଚର୍ଯ୍ୟ ହୋଇ ଯାଉଥିଲା ଯାଦୁ ଦେଖି। ତା' ମୁଣ୍ଡରେ କିନ୍ତୁ ଏହା ଭିତରେ ଏକ ଅଜବ ଚିନ୍ତା ଉଦ୍ରେକ ହୋଇସାରିଥିଲା। ଖେଳ ସରିଲା। ଗହଳି ଭାଙ୍ଗି ଯେ ଯାହା ବାଟରେ ଯିବାକୁ ଲାଗିଲେ। ଲୋକଟା ବି ତା'ର ମଇଳା ଝୁଲାରେ ପାଖରେ ଥିବା କାଳି ମା'ଙ୍କ ଫଟୋ ସହ ସେ ହାଡ଼କୁ ପୂରାଇଲା। ସେତେବେଳକୁ ସେ ଲୋକଟା ପାଖକୁ ଚାଲିଗଲାଣି। ତା' ସାଙ୍ଗରେ ବି ତା' କୁକୁର ଟିଙ୍କୁ, ଲୋକଟା ତାକୁ ଦେଖି ମୁଣ୍ଡ ଉଠାଇ ପଚାରିଲା: କ'ଣ ହେଲା ମ୍ୟାଡାମ୍?

ସେ କହିଲା, ତୁମ ମ୍ୟାଜିକ୍ ବଳରେ ତୁମେ ରୁମାଲକୁ ପାରା କରିଦେଉଛ। ଚେନ୍‌କୁ ସାପ କରିଦେଇ ପାରୁଛ। ମୋର ଇଏ ଅତି ପ୍ରିୟ କୁକୁର। ମୁଁ ଏହାକୁ ମୋ ପ୍ରାଣଠାରୁ ଅଧିକ ଭଲପାଏ। ପାରିବ ଯାକୁ କୁକୁରରୁ ମଣିଷଟିଏ କରି?

ଯାଦୁକର ଆଶ୍ଚର୍ଯ୍ୟ ହୋଇ କ୍ଷଣେ ତା' ମୁହଁକୁ ଚାହିଁଲା, କିନ୍ତୁ କିଛି କହିପାରିଲା ନାହିଁ। ସେ କହିଲା, ତୁମେ ଯେତେ ଟଙ୍କା ମାଗିବ ମୁଁ ଦେବି। ମୁଁ ପିଲାବେଳେ ଶୁଣିଥିଲି କୁହୁକ ଯାଦୁ ବଳରେ କାଳେ ଆଗେ ମଣିଷକୁ ଭେଣ୍ଡାରୁ ମେଣ୍ଢା କରି ଦେଉଥିଲେ। ଦିନରେ ମେଣ୍ଢା ହୋଇ ରହୁଥିଲେ, ରାତିରେ ପୁଣି ଯାଦୁଶକ୍ତି ବଳରେ ତାକୁ ଭେଣ୍ଡା କରିଦେଉଥିଲେ।

ଯାଦୁକର ଗୁମ୍ ମାରି ଛିଡ଼ା ହୋଇଥିଲା। ପାଖରେ ବି କେହି ଲୋକ ନ ଥିଲେ। ସେ କୁକୁରକୁ କୋଳକୁ ନେଇ ଆସି କହିଲା– ପାରିବ? ମୁଁ ଯାକୁ ଛାଡ଼ି ମୁହୂର୍ତ୍ତଟାଏ ବି ରହିପାରିବିନି। ସେ ବି ମୋତେ ଛାଡ଼ି ମୁହୂର୍ତ୍ତଟାଏ ରହିପାରିବନି। ମୁଁ ଖାଇବାକୁ ଦେଲେ ଖାଇବ, ମୋ' ସାଙ୍ଗରେ ବୁଲିବ। ମୋ' ଖଟରେ ଶୋଇବ। ସେ ହିଁ ମୋର ସବୁକିଛି।

ଯାଦୁକର କହିଲା– ମୁଁ କୁକୁରକୁ ମଣିଷ କରିଦେଇ ପାରିବି ସତ, କିନ୍ତୁ ମଣିଷରୁ ପୁଣି କୁକୁର କରିଦେବାର ବିଦ୍ୟା ମୋତେ ଜଣା ନାହିଁ।

ଏଥର ସେ ଉତ୍ସାହିତ ହୋଇ କହିଲା, ଜଣା ନ ଥାଉ। ମୁଁ ଚାହେଁନା ମୋ' ଟିଙ୍କୁ ମଣିଷରୁ ପୁଣି କୁକୁର ହେଉ। ସବୁଦିନେ ସେ ମୋ' ପାଖରେ ମଣିଷ ହୋଇ ଥାଉ। କୁହ, ଏଥିପାଇଁ ତୁମକୁ କେତେ ଟଙ୍କା ଦେବାକୁ ପଡ଼ିବ?

: ଆପଣଙ୍କ ଇଚ୍ଛା। ଆପଣ ଯାହା ଦେଇପାରନ୍ତି। କିନ୍ତୁ ମ୍ୟାଡାମ୍, କୁକୁରରୁ ମଣିଷ ହେଲା ପରେ ଏହାର ସ୍ୱଭାବ ମଣିଷ ପରି ହୋଇଯିବ। କିନ୍ତୁ ଆଜିକାଲି ମୋ' ଜାଣିବାରେ କୁକୁରକୁ ବରଂ ବିଶ୍ୱାସ କରିହେବ, କିନ୍ତୁ ମଣିଷକୁ ନୁହେଁ।

: ନା ନା, ମୋ' ଟିଙ୍କୁ କେବେ ଏମିତି ହେବନି। ମୋ' ସହ ସିଏ ତିନି ବର୍ଷ ହେଲା ରହିଲାଣି। ମୁଁ ତାକୁ ଭଲଭାବେ ଜାଣିଛି। ଚିହ୍ନିଛି। କୁହନ୍ତୁ, ଟିଙ୍କୁକୁ କୁକୁରରୁ ମଣିଷ କରିବାକୁ ହେଲେ ମୋତେ କ'ଣ କରିବାକୁ ପଡ଼ିବ?

ଟିକିଏ ଅପେକ୍ଷା କରନ୍ତୁ କହି ଯାଦୁକର ପୁଣି ତା' ମୁଣିରୁ ହାଡ଼ ଦୁଇଖଣ୍ଡକୁ ବାହାର କଲା। କିଛି ସିନ୍ଦୂର ବାହାର କରି ଗୋଟାଏ କାଗଜରେ ରଖିଲା ଏବଂ ମନ୍ତ୍ର ଫୁଙ୍କି ସେ ହାଡ଼କୁ ବୁଲାଇ ତା' ହାତରେ ଦେଇ କହିଲା– ନିଅନ୍ତୁ ଏ ସିନ୍ଦୂର। ଇଏ କାଉଁରିକାମାକ୍ଷା ଦେବୀଙ୍କ ସିନ୍ଦୂର। ଘରକୁ ଗଲାପରେ ଆଗ କୁକୁରଟିକୁ ଭଲ କରି ଗାଧୋଇଦେବେ। ଏ ସିନ୍ଦୂର ଖୋଲି ଧୂପ, ଦୀପ ଦେଇ ମା'ଙ୍କୁ କହିବେ– ମା'ଲୋ, ମୋ' ମନସ୍କାମନା ପୂର୍ଣ୍ଣ କରି ମୋ' ପ୍ରିୟ କୁକୁରଟିକୁ ମଣିଷ କରିଦିଅ। ଏହାପରେ ଏ ସିନ୍ଦୂରକୁ ନେଇ କୁକୁରର ମଥାରେ ଲଗାଇଦେବେ। ସେ ମଣିଷ ହୋଇଯିବ।

ସେ ଖୁସି ହୋଇ ସିନ୍ଦୂର ପୁଡ଼ିଆଟାକୁ ଧରି କହିଲା, କୁହନ୍ତୁ କେତେ ଟଙ୍କା ନେବେ? ତୁମ ଉପକାରକୁ ତ ଟଙ୍କାରେ ତଉଲା ଯାଇପାରିବ ନାହିଁ, ତେବେ କେତେ କୁହନ୍ତୁ!

: ଆପଣଙ୍କ ଇଚ୍ଛା ଯାହା ଦେବେ। ମା'ର କୃପାକୁ କ'ଣ କେବେ ଟଙ୍କାରେ ମପାଯାଇ ପାରିବ। ସେ ତା' ଭ୍ୟାନିଟ୍ ଖୋଲି ଦେଖିଲା ପ୍ରାୟ ପାଞ୍ଚ ହଜାରଯାଏ ଅଛି। ଯାଦୁକର ହାତକୁ ବଢ଼ାଇ ଦେଇ କହିଲା, ତୁମ ଫୋନ୍ ନମ୍ବର ଦିଅ। ଯଦି ତୁମ କଥା ସତ ହୁଏ, ମୁଁ ତୁମକୁ ଡକାଇ କିମ୍ବା ଫୋନ୍ ପେ'ରେ ତୁମ ଆକାଉଣ୍ଟକୁ ଆଉ ଟଙ୍କା ପଠାଇଦେବି।

ଯାଦୁକର କହିଲା, ମୋର ମ୍ୟାଡାମ୍ ଫୋନ୍ କେଉଁଠୁ ଆସିବ ଯେ, ମୁଁ ଫୋନ୍ ନମ୍ବର ଦେବି। ଆମେ ତ ବାରବୁଲା। ଏ ସହରରୁ ସେ ସହର, ଏ ଗଳିରୁ ସେ ଗଳି ବୁଲି ବୁଲି ଖେଳ ଦେଖାଉ ଦେଖାଉ ଆମର ସମୟ ଯାଏ। କିନ୍ତୁ ବିଶ୍ୱାସ କରନ୍ତୁ, ମା'ଙ୍କ ସିନ୍ଦୂର କେବେ ମିଛ ହୋଇ ନାହିଁ କି ହେବ ନାହିଁ। କିନ୍ତୁ ଗୋଟିଏ କଥା ମନେରଖିଥିବେ– କୁକୁରଟା ମଣିଷ ହୋଇଯିବ ସତ; କିନ୍ତୁ ତା' ପରେ ଆଉ କ'ଣ ହେବ ମୁଁ କହିପାରିବିନି, ଆପଣଙ୍କ ପ୍ରତି ଥିବା ତା'ର ସ୍ନେହ, ଶ୍ରଦ୍ଧା, ଭଲପାଇବା ଆଉ ରହିବ କି ନାହିଁ।

ସେ କହିଲା, ନିଶ୍ଚୟ ରହିବ। ମଣିଷଠାରୁ ପଶୁ ଭଲପାଇବା ଶିଖିଥାଏ। ଏତେଦିନର ସମ୍ପର୍କ କ'ଣ ଆଉ ମଣିଷ ହେଲା ପରେ ବଦଳିଯିବ। ବରଂ ଆହୁରି ନିବିଡ଼ ହେବ।

ସେ ଘରକୁ ଆସି ଟିଙ୍କୁକୁ ବହେ ଗେଲ କରିଦେଲା। ସନ୍ଧ୍ୟାକୁ ଅପେକ୍ଷା କଲା। ସନ୍ଧ୍ୟାରେ ଗାଧୋଇ ଦେଇ ଯାଦୁକର କହିଥିବା ପରି କରିଦେଲା ପରେ ସତକୁ ସତ କୁକୁରଟା ଗୋଟିଏ ଦିବ୍ୟ ସୁନ୍ଦର ପୁରୁଷ ହୋଇ ତା' ପାଖରେ ଛିଡ଼ା ହୋଇଗଲା। ସେ ଆନନ୍ଦରେ ତାକୁ କୁଣ୍ଢାଇ ଧରି ଗେଲ କରିବାକୁ ଲାଗିଲା।

ଦୁହେଁ ସାଙ୍ଗ ହୋଇ ରହିବାକୁ ଆସି ମାସେ ସରିବାକୁ ବସିଲାଣି। ସେ ଆସ୍ତେ ଆସ୍ତେ ଅନୁଭବ କରୁଛି, ତା' ପ୍ରିୟ ଟିଙ୍କୁ ବଦଳିଯିବାକୁ ଲାଗିଛି। ତା'ର କୌଣସି କଥାକୁ ସେ ଆଗ ପରି ଆଉ ଶୁଣୁନି। ତା'ଠାରୁ ଦୂରେଇ ଦୂରେଇ ରହୁଛି। ତା' ମନଇଚ୍ଛା ତାକୁ ଯାହା ଭଲ ଲାଗୁଛି ସେ କରୁଛି। ସକାଳୁ କୁଆଡ଼େ ଯାଉଛି ଯେ ରାତି ଅଧରେ ଫେରୁଛି। ଆଗେ ଯେପରି ତାକୁ ଛାଡ଼ି ଘଡ଼ିଏ ରହିପାରୁ ନ ଥିଲା, ଏବେ ତା'ର ଠିକ୍ ଓଲଟା। ତା'ଠାରୁ ବରଂ ଦୂରେଇ ରହିବାକୁ ବେଶୀ ଚେଷ୍ଟା କରୁଛି।

ସେ ଆଶ୍ଚର୍ଯ୍ୟ ହେଉଛି ଏ କଥା ଦେଖି ଯେ କେମିତି ବଦଳିଗଲା ଏତେଶୀଘ୍ର ତା'ର ପ୍ରିୟ ଟିଙ୍କୁ, ଯିଏ ଘଣ୍ଟାଏ ବି ଛାଡ଼ି ତାକୁ ରହିପାରୁ ନ ଥିଲା ସେ ଏବେ ଦିନ ଦିନ, ରାତି ରାତି ବାହାରେ ରହିଯାଉଛି। ଦିନେ ଶୁଣିଲା ଟିଙ୍କୁ ମଦ ପିଇ ଗୋଟାଏ ବାର୍ ଆଗରେ ପଡ଼ିଛି। ତାକୁ ଯାଇ ଆଣିଲା। ସେ ସେଦିନ କାନ୍ଦିଲା। କିନ୍ତୁ ଟିଙ୍କୁର କିଛି ପରିବର୍ତ୍ତନକୁ ସେ ଅନୁଭବ କରିପାରିଲା ନାହିଁ। ବରଂ ଶୁଣୁଛି, ସେ ଏବେ ନିଷିଦ୍ଧ ଇଲାକାରେ ରାତି ପୁହାଉଛି। ସେଥିପାଇଁ ଅନେକ ଦିନ ଘରକୁ ବି ଆସୁନି। କୁସଙ୍ଗୀମାନଙ୍କ ସାଙ୍ଗରେ ସାଙ୍ଗ ହେଉଛି। ପଚାରିଲେ ଓଲଟା ସିଧା କହୁଛି। ବେଳେବେଳେ ରାତି କ'ଣ ଦିନ କ'ଣ ତା' କୁକୁର ସ୍ୱଭାବ ବି ବାହାରି ପଡୁଛି। ପାଖରେ ଶୋଇଲାବେଳେ ତା' ଶରୀରକୁ କ୍ଷତାକ୍ତ କଲାଭଳି ହରକତ କରୁଛି। ସେଥିରେ ଟିକିଏ ବି ପ୍ରେମ ନାହିଁ, କେବଳ କାମ।

ଭାବୁଛି ଟିଙ୍କୁକୁ ମଣିଷକୁ ବଦଳାଇ ସେ କ'ଣ ଭୁଲ୍ କଲା! ମନସ୍ତାପରେ ଖୋଜି ଚାଲିଛି ସେ ଯାଦୁକରକୁ ମନେମନେ। କିଛି କାମ ନ ଥାଇ ବି ସହରସାରା ବୁଲୁଛି ଏ ଗଳିରୁ ସେ ଗଳି। କାଳେ ଯଦି କେଉଁଠି ଦେଖାହୋଇଯିବ। ସେ ଯଦି ପୁଣି ଟିଙ୍କୁକୁ ମଣିଷରୁ କୁକୁର ନ କରିପାରିବ, ତେବେ ଆଉ କାହାର ଠିକଣା ତ କହିପାରିବ, ଯିଏ ପୁଣିଥରେ ମଣିଷରୁ ଟିଙ୍କୁକୁ କୁକୁର କରି ଦେଇପାରିବ!

ମୋ: ୯୪୩୭୭୪୫୯୮୩



## କବିତା

### ପାଗଳପଣ
ପ୍ରବୋଧ ରାଉତ

ତମେ କହିଲ, ମୋତେ ଖୋଜ।

ଆଖପାଖ/ ନଈ, ପାହାଡ଼
ସବୁ ଅଣ୍ଡାଳିଲି
ସ୍ୱପ୍ନକୁ ନିଉଠା ଦେଲି
ମିଛେଇ ଶୋଇଲି।

ଚାରିଆଡ଼େ ଘନଘୋର ବର୍ଷା
ମୁଁ ଖୋଜିବୁଲିଲି ତମ ବସା,
ସାଇଁ ସାଇଁ ପବନକୁ
କାନପାରିଲି,
କାଇଁ ଶୁଭୁନି ତ ଫିସ୍‌ଫିସ୍ କଥା?

ନିରେଖିଲି ସବୁ ଚାଲି
ବାଟ ଜଗିଲେ ପା'
ମରିଯାଅ ଲାଜରେ
କାଇଁ ହଡ଼ବଡ଼ଉନି ତ କାହାପାଦ
ଘର ଲେଉଟାଣି ବାଟରେ?

ଆ'କୁ/ତା'କୁ ପାନଦୋକାନୀକୁ,
ଅଟୋବାଲାକୁ ପଚାରିଲି,
କହିଲ ଭାଇ–
ଫୁଲ ତା' ପରି ବାସେ
ଏଇଠି କୋଉଠି ସେ ଠିକଣା?
ସଭିଏଁ ଫେରେଇଲେ–
ପାଗଳ ହେଲକି ଭାଇ!
ଆମକୁ କି' ଜଣା
ଏମିତି କିଏ କଅଣ ଖୋଜେ ଠିକଣା
ତମେ ମିଳନ୍ତନି ଛାଏଁ?

ଘଡ଼ିଏ ବସିଲି ମଉନ ହେଇ
ନିଜ ଭିତରେ ଦରାଣ୍ଡୁ ଦରାଣ୍ଡୁ
ଓହୋଃ, ମିଳିଗଲା
ଏଯାଏ ତୁଚ୍ଛାକୁ ଯାହା
ହେଲି ବାଟବଣା
ମୋ' ପାଗଳପଣରେ ଯେ
ତୋଅରି ଠିକଣା।

ମୋ: ୮୯୧୭୩୩୨୫୮୫

### କଳାପଟା
ସ୍ନିଗ୍ଧା ପଣ୍ଡା

ସବୁଦିନ ତମ ହୃଦୟଠୁଁ ଦୂରରେ
କିନ୍ତୁ ତମ ହାତ ପାଖରେ
ତମକୁ ପାଇ ହେବ ଭାବି
ତମ ହାତର ଚକ୍‌ଖଡ଼ି ସହ
ଯୋଡ଼ି ହେଲି
ମୋର ପୃଥିବୀ ତୁମଠାରୁ ଆରମ୍ଭ
ତୁମଠାରେ ଶେଷ ବୋଲି ମଣିଲି।

ତମେ ଅଙ୍କ କଷିଲ,
ମୁଁ ସୂତ୍ର ମନେରଖିଲି
କେଉଁଠି ମିଶାଣ, ଫେଡ଼ାଣ
କେଉଁଠି ଗୁଣନ
ଆତୁର ହୋଇ
ସବୁ ଟିପି ପକେଇଲି
ତମେ ଶବ୍ଦାର୍ଥ ଲେଖିଲ
ମୁଁ ସରଳାର୍ଥ ବାହାର କଲି
ତମେ ଜହ୍ନ ଆଙ୍କିଲ ତ
ମୁଁ ମନେମନେ ଜ୍ୟୋତ୍ସ୍ନାୟିତ ହେଲି
ତମେ ବିନ୍ଦୁଟିଏ ଦେଲ ତ
ମୁଁ ବ୍ରହ୍ମାଣ୍ଡ ପାଇଗଲି।

ତମର ସବୁ ଆଦର୍ଶ, ଉଦ୍ଦେଶ୍ୟ
ବିଚାର ଓ ଅଭିପ୍ରାୟର
ବିଜ୍ଞାପନ କି ପ୍ରମାଣ ଦେବାକୁ
ଖୋଲି ଦେଲି ନିଜକୁ
ପ୍ରସାରି ଦେଲି ନିଜ ସମୟକୁ
ଏ କାନ୍ଥରୁ ସେ କାନ୍ଥ ଯାଏଁ
ଚୂନା ହୋଇ ଝରିଲି ରଙ୍ଗ ଛାଡ଼ି
ଫାଟି ବିଦୀର୍ଣ୍ଣ ହେଲା ଯାଏଁ
ଭୁଲିଗଲି ସବୁଥର
ଲେଖିଲା ପରେ, ଆଙ୍କିଲା ପରେ
ତମେ ଏମିତି ଲିଭେଇ ଦିଅ ଯେ
ତା'ର ଜମା ଚିହ୍ନ ନ ଥାଏ।

ତମେ କେବେ ଯୋଡ଼ି ହେଲ କି
ମୋ ସହିତ? ନା
ଖଡ଼ି ସହିତ? ନା
ତଥାପି ମୁଁ ଯୋଡ଼ି ହୋଇ ଗଲି ଭାବି
ବିନ୍ଦୁ, ଗାର, ଅକ୍ଷରକୁ
ସନ୍ତର୍ପଣରେ ଘୋଡ଼େଇ ରଖୁଛି
ତମ ପୃଥିବୀର ମାନଚିତ୍ରରେ
ଆଜିଯାଏଁ ନିଜର ଜାଗା ଖୋଜୁଛି।

ମୋ: ୯୮୬୧୩୨୩୬୫୦

**ଗୀତି–କବିତା**

### ସଞ୍ଜବତି
ତାରାପ୍ରସାଦ ଜେନା

କାହା ଘର ସଞ୍ଜବତି ଜାଳୁଛ ତୁମେ
ଜାଣିନି ଏତେ
ମୋର ଘର ଫାଙ୍କା କରି ଚାଲିଲ ଯାହା
ବାଧୁଚି ସତେ
କାହା ଘର ସଞ୍ଜବତି ଜାଳୁଛ ତୁମେ
ଜାଣିନି ଏତେ।୦।

ଖିଆଲର ନୀଳ ପରୀ ଉଭାନ୍ ହେଲ
ଅବୁଝା କରି
କେତେ ହସ ଲୁହ ଆଣି ଭିଜାଇ ଦେଲ
ଦୁଃଖରେ ମାରି,
ସମ୍ପର୍କର ବାଲିଘର ପାଦରେ ଦଳି
ଛାଡ଼ିଲ ମତେ
କାହା ଘର ସଞ୍ଜବତି ଜାଳୁଛ ତୁମେ
ଜାଣିନି ଏତେ।୧।

ଟିକେ ହେଲେ ପଛ କଥା ପଡୁନି ମନେ
ହଜାରେ ରାଣ
ଭାଷା ମୋର ଆଶାହରା ଜହର ଗିଳି
ଜୀବନ କ୍ଷୀଣ,
ମରିଗଲେ ସମାଧିରେ ଚଢ଼େଇଦେବ
ଫୁଲଟେ ହାତେ
କାହା ଘର ସଞ୍ଜବତି ଜାଳୁଛ ତୁମେ
ଜାଣିନି ଏତେ।୨।

ରଣପୁର, ନୟାଗଡ଼
ମୋ: ୯୩୪୮୦୫୪୩୦୦

## ପୁସ୍ତକ ପରିଚୟ

### ଆଇନ୍‌ଷ୍ଟାଇନ୍ କାହାଣୀ




**ଲେଖକ:** ଡା. ନିତ୍ୟାନନ୍ଦ ସ୍ୱାଇଁ
**ପ୍ରକାଶକ:** ଫ୍ରେଣ୍ଡ୍‌ସ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୧୫୦/–

୧୬୦ ପୃଷ୍ଠାର ଡିମେଇ ୧/୮ ସାଇଜର ଏହି ବହିଟି ବିଶ୍ୱର ପ୍ରଖ୍ୟାତ ବୈଜ୍ଞାନିକ ଆଇନ୍‌ଷ୍ଟାଇନ୍‌ଙ୍କୁ ନେଇ ଲେଖା। 'ଆପେକ୍ଷିକ ତତ୍ତ୍ୱ' ହେଉଛି ବିଜ୍ଞାନକୁ ଏହି ବୈଜ୍ଞାନିକଙ୍କର ଅମୂଲ୍ୟ ଅବଦାନ, ଯେଉଁଥିପାଇଁ ସେ ନୋବେଲ ପୁରସ୍କାରରେ ଭୂଷିତ। ମୋଟ ୪୩ଟି ଶିରୋନାମରେ ବହିଟିର ବିଷୟବସ୍ତୁକୁ ଲେଖକ ସଜାଇଛନ୍ତି। ଏଥିରେ କେବଳ ତାଙ୍କର ବୈଜ୍ଞାନିକ ଗବେଷଣା ସମ୍ପର୍କରେ ତଥ୍ୟ ପରିବେଷଣ କରାଯାଇନାହିଁ, ବରଂ ତାଙ୍କ କୌତୂହଳଭରା ଜୀବନର ମଧ୍ୟ ଚିତ୍ର ପ୍ରଦାନ କରାଯାଇଛି। ତାଙ୍କର ମାନବବାଦୀ ଚିନ୍ତାଧାରା, ଆପେକ୍ଷିକ ତତ୍ତ୍ୱର ଉନ୍ମେଷ, ଧର୍ମଭାବନା, ସାଦାପଣ, ମନୁଆ ପ୍ରକୃତି, ଶିକ୍ଷକତା, ସତ୍ୟେନ୍ଦ୍ର ନାଥ, ମହାତ୍ମା ଗାନ୍ଧୀ, ଜବାହରଲାଲ ନେହରୁ ଓ ରବୀନ୍ଦ୍ର ନାଥ ପ୍ରମୁଖ ନାନାକ୍ଷେତ୍ରରେ ପ୍ରସିଦ୍ଧି ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କ ସହ ସମ୍ପର୍କ, ଭାବର ଆଦାନପ୍ରଦାନ, ପ୍ରେମ, ତାଙ୍କ ମସ୍ତିଷ୍କର ଗବେଷଣା, ପିଲାମାନଙ୍କ ସହ ସମ୍ବନ୍ଧ ଓ ବିଭିନ୍ନ ଚିଠିପତ୍ରର ଉତ୍ତର ଆଦି ବହିଟିରେ ଅତି ସରଳ, ବୋଧଗମ୍ୟ ଓ ରସଦୃଷ୍ଟିସମ୍ପନ୍ନ ଭାଷାରେ ଉପସ୍ଥାପିତ ହୋଇଛି। ଧର୍ମ ଓ ବିଜ୍ଞାନକୁ ନେଇ ଆଇନ୍‌ଷ୍ଟାଇନ୍‌ଙ୍କ ଚିନ୍ତାଧାରା ବଡ଼ ପ୍ରଜ୍ଞାପୂର୍ଣ୍ଣ। ସେ ଥରେ କହିଥିଲେ: ''ଧର୍ମ ବିନା ବିଜ୍ଞାନ ଖଞ୍ଜ, ବିଜ୍ଞାନ ବିନା ଧର୍ମ ଦୃଷ୍ଟିହୀନ।'' ବହିଟିରେ 'ମନୁଆ ବୈଜ୍ଞାନିକ' ଶିରୋନାମରେ ଆଇନ୍‌ଷ୍ଟାଇନ୍ ଗୋଟିଏ ଡ୍ରାଇଭର ଝିଅକୁ ଗଣିତ ପଢ଼ାଇବାର ଯେଉଁ ପ୍ରସଙ୍ଗଟି ଅଛି, ତାହା ପଢ଼ିଲେ ଆଇନ୍‌ଷ୍ଟାଇନ୍‌ଙ୍କ ବଡ଼ପଣକୁ ଚିହ୍ନିହୁଏ। ଏହିପରି ବହି ତମାମ କହିବା ଢଙ୍ଗରେ ଡା. ସ୍ୱାଇଁ ଆଇନ୍‌ଷ୍ଟାଇନ୍‌ଙ୍କୁ ଚିହ୍ନାଇବାର ଉଦ୍ୟମ କରିଛନ୍ତି। ଛାତ୍ର ଓ ସାଧାରଣ ପାଠକଙ୍କ ପାଇଁ ବହିଟି ଅତ୍ୟନ୍ତ ଉପଯୋଗୀ। ଆଇନ୍‌ଷ୍ଟାଇନ୍‌ଙ୍କର ଯେଉଁ ଫଟୋଚିତ୍ର ବହିର ଆରମ୍ଭରେ ସଂଯୋଜିତ, ତାହା ମଧ୍ୟ ଖୁବ୍ ମୂଲ୍ୟବାନ୍।

### ମିଳନୀ




**ସୁବର୍ଣ୍ଣ ଜୟନ୍ତୀ ବିଶେଷାଙ୍କ: ୨୦୨୧–୨୨**
**ସମ୍ପାଦକ:** ବିନୋଦ ବିହାରୀ ପଲାଇ ଓ ଅନ୍ୟମାନେ
**ପ୍ରକାଶକ:** ମିଳନୀ, ଭୁବନେଶ୍ୱର

'ମିଳନୀ'ର ସୁବର୍ଣ୍ଣ ଜୟନ୍ତୀ ବିଶେଷାଙ୍କ: ୨୦୨୧–୨୨ ପ୍ରକାଶ ପାଇଛି। 'ମିଳନୀ' ଭୁବନେଶ୍ୱରରେ କାର୍ଯ୍ୟ କରୁଥିବା ଭଦ୍ରକବାସୀଙ୍କର ଏକ ସାହିତ୍ୟିକ ଅନୁଷ୍ଠାନ, ଯାହା ବିଖ୍ୟାତ ଔପନ୍ୟାସିକ ନିତ୍ୟାନନ୍ଦ ମହାପାତ୍ରଙ୍କ ଦ୍ୱାରା ଗଠିତ ହୋଇଥିଲା, ଯେତେବେଳେ ସେ ସଂସ୍କୃତି ବିଭାଗର ମନ୍ତ୍ରୀ ଥିଲେ। 'ମିଳନୀ' ବିଶେଷାଙ୍କର ଅନ୍ୟତମ ସମ୍ପାଦକ ଡ. ରମାକାନ୍ତ ରାଉତ ଲେଖିଛନ୍ତି: ''ମିଳନୀର ଆଦ୍ୟ ଉନ୍ମେଷ ହୋଇଥିଲା ୧୯୬୯ରେ, ଭୁବନେଶ୍ୱରସ୍ଥ ୪ ନମ୍ବର ୟୁନିଟ୍‌ସ୍ଥିତ ଏମ୍.ଏଲ୍.ଏ. କ୍ୟାଣ୍ଟିନ୍ ହଲ୍‌ରେ। ସେହି ପ୍ରତିଷ୍ଠା ଦିନକୁ ହିସାବକୁ ନେଲେ ୨୦୧୯ ହିଁ ହେଉଛି ଏହାର ୫୦ତମ ପୂର୍ତ୍ତି–ବର୍ଷ ବା ସୁବର୍ଣ୍ଣ ଜୟନ୍ତୀ। ମାତ୍ର ମହାମାରୀ କରୋନା ଯୋଗୁ ୨୦୧୯ରେ ଏହା ପାଳିତ ହୋଇ ନ ପାରି ୨୦୨୨ରେ କରୋନାର ଅବସାନ ପରେ ପାଳିତ ହେଉଛି।'' ବର୍ତ୍ତମାନର 'ମିଳନୀ' ସଭାପତି ଯୁଗଳ କିଶୋର ପଟ୍ଟନାୟକ ତାଙ୍କର ସଭାପତି ଅଭିବ୍ୟକ୍ତିରେ ଅନୁଷ୍ଠାନର ସଂକ୍ଷିପ୍ତ ଇତିହାସ ସମ୍ପର୍କରେ ସୂଚାଇଛନ୍ତି। ବିଶେଷାଙ୍କରେ ବହୁ ଭଦ୍ରକଜନ୍ମିତ/ ସମ୍ବନ୍ଧିତ ବିଶିଷ୍ଟ ତଥା ନବୀନ ଲେଖକମାନଙ୍କର ରଚନା ସ୍ଥାନ ପାଇଛି। 'ମିଳନୀ ପୁରାତନ ପୃଷ୍ଠା'ରେ ଅଛନ୍ତି ଜଗନ୍ନାଥ ପଟ୍ଟନାୟକ, ସୁଧାଂଶୁ ଶେଖର ରାୟ, ସୁଶୀଲ ଚନ୍ଦ୍ର ଦେ, ନୀଳମଣି ମିଶ୍ର, ଅପୂର୍ବ ରଞ୍ଜନ ରାୟ, ନବୀନକୃଷ୍ଣ ଚାନ୍ଦ ଓ ଉପେନ୍ଦ୍ର ନାଥ ସାମଲ। ପ୍ରବନ୍ଧ–ଆଲୋଚନା, କବିତା ଓ ଗଳ୍ପରେ ବହୁ ଖ୍ୟାତିସମ୍ପନ୍ନ ଲେଖକ ଲେଖିଛନ୍ତି। ମୋଟ ୧୦୦ଟି ବିଷୟରେ ସମୃଦ୍ଧ ଏହି ବିଶେଷାଙ୍କଟି ଭଦ୍ରକର ପ୍ରତିଭାଦୀପ୍ତ ମୁଖଶାଳା କହିଲେ ଅତ୍ୟୁକ୍ତି ହେବ ନାହିଁ। ବହିରେ ସ୍ଥାନିତ ଭଦ୍ରକର ପ୍ରତ୍ୟକ୍ଷ ଦେବଦେବୀଙ୍କ ରଙ୍ଗିନ୍ ଫଟୋଚିତ୍ର ସହ 'ମିଳନୀ'ର ପୂର୍ବତନ କର୍ମକର୍ତ୍ତା, ବିଭିନ୍ନ ଉତ୍ସବ ଅନୁଷ୍ଠାନର ଫଟୋ ଓ 'ସୁବର୍ଣ୍ଣ ଜୟନ୍ତୀ' ପୁରସ୍କାରରେ ସମ୍ମାନିତ ଲେଖକଙ୍କର ଫଟୋ ବିଶେଷାଙ୍କଟିକୁ ମର୍ଯ୍ୟାଦାବନ୍ତ କରିଛି, ଯାହା ବର୍ତ୍ତମାନ ପିଢ଼ି ଓ ଉତ୍ତର–ସୂରୀଙ୍କ ପାଇଁ ପ୍ରେରଣାଦାୟୀ ହେବ।

## ବ୍ୟତିକ୍ରମ
ପ୍ରଭଞ୍ଜନ ଦାଶ

**ମିନି ଗଳ୍ପ**

ଅଫିସ୍‌ରୁ ଫେରିବା ବେଳକୁ ବାଟରେ ବର୍ଷା। ଓଃ କି ହୀନସ୍ତା! ତଥାପି ପାଦକୁ ନ ଅଟକାଇ ଛତାଟିକୁ ଖୋଲି ଧୀରେ ଧୀରେ ଚାଲିବାକୁ ଲାଗିଲି। ଆଗରେ ତ ବସ୍‌ଷ୍ଟାଣ୍ଡ ଆଉ ଚିନ୍ତା କାହିଁକି! ବସ୍‌କୁ ମୁଁ ଅପେକ୍ଷା କରିଥାଏ। ବାରମ୍ବାର ରାସ୍ତା ଓ ହାତଘଣ୍ଟାକୁ ଦେଖି ଚିଡ଼ି ଉଠୁଥାଏ। ହଠାତ୍ ମହିଳା ଜଣକ ରାସ୍ତାପାର୍ ହୋଇ ଦୌଡ଼ି ଆସିଲେ ମୋ' ଆଡ଼କୁ। ଛମ୍‌ଛମ୍ ପାଉଁଜି ବଜେଇ ସେ ଆଗେଇଗଲେ ପାଖ ବରଗଛ ତଳକୁ। ତାଙ୍କ ଦେହରୁ ଛିଟିକି ପଡୁଥିବା ବର୍ଷାବିନ୍ଦୁରୁ କିଛି ପଡ଼ିଯାଉଥାଏ ମୋ' ଦେହରେ। ତଥାପି ସେସବୁ ପ୍ରତି ନିଘା ନ ଥାଏ ମୋର। ଅଧାଭିଜା ଦେହକୁ ଟିକେ ହାଲୁକେଇ ଝାଡ଼ି ଦେଲେ ସେ। ଉତ୍ସୁକତାରେ ସେ ସବୁକୁ ଅତି ସନ୍ତର୍ପଣରେ ଦେଖୁଥାଏ ମୁଁ। ମନେମନେ ପୁଲକି ଉଠୁଥାଏ। ପରସ୍ପର ଉପରେ ନଜର ପଡ଼ିବା କ୍ଷଣି ମୁଁ ହତବାକ୍ ହୋଇଗଲି। ଖାଲି ମୁଁ କାହିଁକି ସେ ବି ବୋଧହୁଏ। ତା' ନ ହେଲେ ତାଙ୍କ ଆଖିରୁ ଜକେଇ ଆସୁଥିବା ସେ ଲୁହ କ'ଣ ମୋର ଭ୍ରମ ଥିଲା! ହଁ, ଆଉ କିଏ ହୁଏତ ନ ଜାଣିପାରେ, ପରନ୍ତୁ ମୁଁ ସ୍ପଷ୍ଟ ଭାବେ ଦେଖିପାରୁଥିଲି ମେଘବିନ୍ଦୁ ଭିତରେ ଲୁଚିଯାଉଥିବା ସେ ଲୁହସବୁକୁ। ଭାବପ୍ରବଣତାରେ ମୋର ମନେପଡ଼ିଯାଉଥିଲା ଅତୀତରୁ ଅନେକ କିଛି, ...ସେଦିନ ବର୍ଷାରେ ଗୋଟିଏ ଛତା ତଳେ ଦେହକୁ ଦେହ ଲାଗି ସାଥିରେ ଚାଲୁଥିବା ମଣିଷ ଆଜି ଏ ବରଗଛ ତଳେ ଏମିତି ଅସହାୟ କେମିତି? ସେଦିନ ତା' ମୁଣ୍ଡ ଉପରେ ଥିଲା ମୋ' ଛତା। ଆଉ ଆଜି ତା' ମୁଣ୍ଡରେ ଆଉ କାହା ସିନ୍ଦୂର। ମତେ ଜାବୁଡ଼ି ଧରିଥିବା ତା'ର ସେ ହାତ ଆଜି ଆଉ କାହା ପତିବ୍ରତ ଶଙ୍ଖାରେ। ସତରେ କେତେ ବ୍ୟତିକ୍ରମ ସେଦିନର ସେ ବର୍ଷା ଆଉ ଆଜିର ଏ ବର୍ଷା ଭିତରେ! ସେଦିନର ସମ୍ପର୍କ ଆଉ ଆଜିର ଏ ସମ୍ପର୍କ ଭିତରେ...। ବସ୍‌ର କାନଫଟା ବିକଳିଆ ହର୍ନଟେ ବାଜିଲା। ମୁଁ ଭାବନା ରାଜ୍ୟରୁ ବାହାରି ଆସି ବସ୍‌ରେ ଚଢ଼ିଲି। ଝରକାପଟେ କଣେଇକି ଦେଖୁଥିଲି ତାକୁ। ସେ ସେମିତି ଗୁମୁରେଇ କାନ୍ଦୁଥିଲା।

ମୋ: ୭୩୨୬୯୫୯୯୯୫

## କାଳକାଳକୁ



''ଲେଖିବାକୁ ମୁଁ ଘୃଣାକରେ,
ଭଲପାଏ ଲେଖାଯିବାକୁ।''
– ଡରୋଥି ପାର୍କର

**ଡରୋଥି ପାର୍କର**ଙ୍କ ଜନ୍ମ ୨୨ ଅଗଷ୍ଟ ୧୮୯୩ରେ, ଆମେରିକାର ନିଉଜର୍ସିରେ ଓ ପରଲୋକ ୭ ଜୁନ୍ ୧୯୬୭ରେ, ନ୍ୟୁୟର୍କର ମାନ୍‌ହାଟାନ୍‌ରେ। ଏକାଧାରରେ କବି, ବ୍ୟଙ୍ଗକାର ଓ କଥାଶିଳ୍ପୀ ଡରୋଥି ସାହିତ୍ୟ–ସମାଲୋଚନାରେ ମଧ୍ୟ ସମଭାବେ ଦକ୍ଷ। 'One Perfect Rose' ତାଙ୍କର ଏକ ବହୁଚର୍ଚ୍ଚିତ କବିତା, ଯାହାକୁ ସେ ତାଙ୍କ ତାରୁଣ୍ୟରେ ଲେଖିଥିଲେ। ୧୯୨୩ରେ 'ଲାଇଫ୍' ପତ୍ରିକାରେ ପ୍ରକାଶିତ ଏହି କବିତା ୧୯୨୬ରେ ପ୍ରକାଶିତ ତାଙ୍କର ପ୍ରଥମ କବିତା ସଂକଳନ 'Enough Rope' ରେ ସ୍ଥାନିତ ହୋଇଥିଲା। 'But Not Forgotten' ତାଙ୍କର ଆଉ ଏକ ବହୁପଠିତ କବିତା, ଯାହାକୁ ସେ ତାଙ୍କ ବିବାହ ବିଚ୍ଛେଦ ବର୍ଷ ଲେଖିଥିଲେ ; ଯହିଁରେ ସେ କହିଥିଲେ– 'ତମେ ଯୁଆଡ଼େ ଯାଅ, ତମେ ମୋତେ ନା ମୁଁ ତୁମକୁ ଭୁଲିପାରିବି!' ଏହି କବିତାଟି ପାର୍କରଙ୍କ ଦ୍ୱିତୀୟ କବିତା ସଂକଳନ 'Sunset Gun'ରେ ସ୍ଥାନିତ, ୧୯୨୮ରେ ପ୍ରକାଶିତ। ସେ ଥରେ କହିଥିଲେ: ''ନାରୀଟିଏ ଅଠରଟି ଭାଷାରେ କଥା କହିଜାଣେ, ହେଲେ ଏଥିରୁ କେଉଁଗୋଟିକରେ ବି 'ନା' କହିପାରେ ନାହିଁ।''

## ବାପା ଓ ନୂଆ ଶାର୍ଟ
ଅନୁଲିପ୍ତା ମିଶ୍ର

**ଲଘୁ ଗଳ୍ପ**

ସେଦିନ ବାପାଙ୍କ ଆଲମାରିରୁ କିଛି ଦରକାରୀ କାଗଜପତ୍ର କାଢ଼ିଲାବେଳେ ଆଖିରେ ପଡ଼ିଲା ଇସ୍ତ୍ରି କରାହୋଇ ରଖାଯାଇଥିବା ବାପାଙ୍କ ଶାର୍ଟ, ପ୍ୟାଣ୍ଟ ହଳେ। ଚମକିଗଲି ମୁଁ। ଅଜାଣତରେ ପାଟିରୁ ବାହାରିପଡ଼ିଲା, 'ବାପା...!'

ଶାର୍ଟ, ପ୍ୟାଣ୍ଟ ହଳକ ହାତରେ ଧରିଲି, ଆଖି ଲୁହ ଛଳଛଳ ହୋଇଗଲା। ଛାତି ଭିତରେ କୋହ ଉଠିଲା। ଶାର୍ଟ, ପ୍ୟାଣ୍ଟ ହଳକୁ ଏଥର ଛାତିରେ ଜାବୁଡ଼ି ଧରିଲି। ଲାଗୁଥିଲା ବାପାଙ୍କୁ ଧରିଲା ପରି, ଯେମିତି ଧରିଥିଲି ବାପାଙ୍କ ଶେଷ ସମୟରେ, ବାପା ମେଡିକାଲରେ ଥିଲାବେଳେ। ବାପାଙ୍କ ଯିବାର ତିନିବର୍ଷ ହେଇଗଲାଣି, କିନ୍ତୁ ଏବେ ବି ବାପା ମନେପଡ଼ନ୍ତି ସବୁବେଳେ, ସବୁସମୟରେ। ବାପାଙ୍କ ସମସାମୟିକ ଲୋକଙ୍କୁ ଦେଖିଲେ ଈର୍ଷାହୁଏ ମୋର। ଆହାଃ! ବାପାଙ୍କ ବୟସର ଲୋକ ବଞ୍ଚିଛନ୍ତି, ଅଥଚ ବାପା! ବଞ୍ଚିନଥାନ୍ତେ ଆଉ କିଛିଦିନ...!

ବାପାଙ୍କୁ ଶ୍ମଶାନକୁ ନେଲାବେଳେ ତାଙ୍କ ଶାର୍ଟ, ପ୍ୟାଣ୍ଟ, ଲୁଙ୍ଗି, ଗାମୁଛା ସବୁ ନେଇଯାଇଥିଲୁ ସାଙ୍ଗରେ। ହେଲେ କେଜାଣି କେତେବେଳେ ସଫାକରି ଇସ୍ତ୍ରି କରି ରଖିଥିବା ଏଇ ଶାର୍ଟ, ପ୍ୟାଣ୍ଟ ହଳକ ବୋଧହୁଏ ରହିଯାଇଥିଲା ଆମ ଆଖି ଆଢୁଆଳରେ। ବାପାଙ୍କର ଦରକାରରୁ ଅଧିକ ଶାର୍ଟ ପ୍ୟାଣ୍ଟ ନ ଥିଲା। ଦୁଇହଳ ଶାର୍ଟ ପ୍ୟାଣ୍ଟକୁ ସଫାକରି ଅଦଳବଦଳ କରି ପିନ୍ଧନ୍ତି ବାପା।

ପିଲାବେଳୁ ଦାରିଦ୍ର୍ୟକୁ ଖୁବ୍ ନିକଟରୁ ଅନୁଭବ କରିଥିବା ବାପା, ନିଜ ଅବସ୍ଥା ସ୍ୱଚ୍ଛଳ ହେବା ପରେ ମଧ୍ୟ ନିଜ ଜୀବନଶୈଳୀରେ କୌଣସି ପରିବର୍ତ୍ତନ କରି ନ ଥିଲେ। କିନ୍ତୁ ଘର ପାଇଁ, ପରିବାର ପାଇଁ, ଆମ ପାଇଁ ଆବଶ୍ୟକତାଠାରୁ ଢେର୍ ଅଧିକ କରିଯାଇଥିଲେ। ଆଜି ବି ଠିକ୍ ମନେଅଛି ମୋର। ମୁଁ ପଢୁଥାଏ ଭୁବନେଶ୍ୱରର ଏକ କଲେଜରେ। ସାଙ୍ଗମାନଙ୍କ ସହ ରହୁଥାଏ ଛାତ୍ରାବାସରେ। ମାସ ପୂରିବା ଦିନ ବାପା ପଠେଇଦିଅନ୍ତି ପନ୍ଦରଶହ ଟଙ୍କା। ଗୋଟେ ଦିନ ବି ଡେରି ହୁଏନି ପଇସା ପଠେଇବାରେ, ଯଦିଓ ବାପାଙ୍କ ଦରମା ସେତେବେଳେ ଖୁବ୍ କମ୍ ଥିଲା ଏବଂ ସେଇଟା ପୁଣି ସବୁ ମାସରେ ଠିକ୍‌ରେ ମିଳୁ ନ ଥିଲା। ମୁଁ କିନ୍ତୁ ମୋ' ଖର୍ଚ୍ଚ ପାଇଯାଉଥିଲି ଠିକ୍ ସମୟରେ। କେଜାଣି କେମିତି?

ସେଦିନ ମୋ' ସାଙ୍ଗ ତା' ନିଜ ପାଇଁ ତିଆରି କରିଥିବା ଏକ ସୁନ୍ଦର ସମ୍ବଲପୁରୀ ଶାର୍ଟ ଦେଖି ଭାରି ଲୋଭ ହେଲା ମୋର। ସାଙ୍ଗଠାରୁ ମାଗି ଆଣି ଖୁସିରେ ପିନ୍ଧି ରବିବାର ଥାଏ ବୋଲି ଘରକୁ ଆସିଥାଏ ମୁଁ। ବାପା ମତେ ଦେଖି ପଚାରିଲେ ଏ ଶାର୍ଟଟା କାହାର କିରେ? ତୋର ତ ଏମିତି ଶାର୍ଟ ନ ଥିଲା। ମୁଁ ଥଙ୍ଗମଙ୍ଗ ହେଇ କହିଲି– ମୋ' ସାଙ୍ଗର। ଭଲ ଲାଗିଲା ତ ପିନ୍ଧି ପକେଇ ଆସିଲି।



ବାପା ଆଉ କିଛି କହିଲେନି। ପରଦିନ ସକାଳେ ଆସିଲାବେଳକୁ ବାପା ବସିଥା'ନ୍ତି ଦାଣ୍ଡପିଣ୍ଡାରେ। ମତେ ଡାକି କହିଲେ, ''ନେ, ଏ ପଇସା ରଖ। ଏମିତି ଶାର୍ଟଟେ ତିଆରି କରିଦବୁ। ସାଙ୍ଗକୁ ତା' ଶାର୍ଟ ଦେଇଦବୁ।'' ମୁହଁ ତଳକୁ କରି ବାପାଙ୍କଠାରୁ ପଇସା ଆଣିଲି। ବସ୍‌ରେ ଆସିଲାବେଳେ ମନେପଡ଼ିଗଲା, ବୋଉ ରାତିରେ କହୁଥିଲା, ବାପାଙ୍କର ଏଯାଏଁ ଦରମା ମିଳିନି। ଓଃ! ଇଚ୍ଛା ହେଉଥିଲା ସେଇ ମୁହୂର୍ତ୍ତରେ ବସ୍‌ରୁ ଓହ୍ଲାଇ ଦୌଡ଼ିଯାଇ ବାପାଙ୍କୁ ଧରି ଭୋ ଭୋ ହୋଇ କାନ୍ଦିବାକୁ।

ମୁଁ ପାଠ ପଢ଼ିଲି, ଚାକିରି କଲି, ବାହାସାହା ହେଲି, ବାପା ହେଲି... କିନ୍ତୁ ବାପାଙ୍କ ପରି ବାପାଟିଏ ହେଇ ପାରିଲିନି। ବଞ୍ଚିଥିବାଯାଏଁ ମୋର, ମୋ' ପିଲାମାନଙ୍କର ଦାୟିତ୍ୱ ମୁଣ୍ଡେଇ ମୋ' ମୁଣ୍ଡ ଉପରେ ଛାତ ହୋଇ ରହିଥିଲେ ବାପା ଶେଷଯାଏ। ଆଖି ଲୁହରେ ବାପାଙ୍କ ଇସ୍ତ୍ରି କରାହୋଇଥିବା ଶାର୍ଟ ପ୍ୟାଣ୍ଟ ଭିଜିସାରିଥିଲା। ମୁଁ ଲୁହ ପୋଛିଲି ଓ ଆଉ ଥରେ ବାପାଙ୍କ ଶାର୍ଟକୁ ଛାତିରେ ଜଡ଼େଇ ଧରିଲି। ଲାଗୁଥିଲା ବାପା ଅଛନ୍ତି ଏଇଠି କୋଉଠି, ମୋ' ପାଖରେ, ଖୁବ୍ ପାଖରେ...।

ମୋ: ୯୯୩୮୪୦୦୨୦୫

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଅଗଷ୍ଟ ୨୦/୨୦୨୨ Bhubaneswar, Saturday, August 20/ 2022

# ଓଡ଼ିଶା ଜଗରନଟ୍ସର ଦ୍ୱିତୀୟ ବିଜୟ

**ଭୁବନେଶ୍ୱର, ୧୯।୮ (କ୍ରୀଡ଼ା ପ୍ରତିନିଧି)**

ପୁଣେର ମହାଲୁଙ୍ଗେସ୍ଥିତ ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚାଲିଥିବା ଅଲ୍ଟିମେଟ୍ ଖୋ ଖୋ ଲିଗ୍‌ର ଶୁକ୍ରବାର ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ଜଗରନଟ୍ସ ୧୯ (୬୫-୪୬) ପଏଣ୍ଟରେ ରାଜସ୍ଥାନ ୱାରିୟର୍ସକୁ ପରାସ୍ତ କରିଛି। ଜଗରନଟ୍ସର ଆକ୍ରମଣ କ୍ଷେତ୍ରରେ ଶୁଭାଶିଷ ସାନ୍ତ୍ରାଙ୍କ ପ୍ରଦର୍ଶନ ଅତ୍ୟନ୍ତ ଆକର୍ଷଣୀୟ ରହିଥିଲା। ସାନ୍ତ୍ରା

**ଅଲ୍‌ଟିମେଟ ଖୋ ଖୋ**

ରାଜସ୍ଥାନ ଦଳର ୫ ଡିଫେଣ୍ଡରଙ୍କୁ ଆଉଟ କରିବା ସହ ଏକାକୀ ୧୪ ପଏଣ୍ଟ ହାସଲ କରିଥିଲେ। ନିଲେଶ ଯାଦବ ଓ ଆଦିତ୍ୟ କୁଡାଲେଙ୍କ ପ୍ରଦର୍ଶନ ମଧ୍ୟ ପ୍ରଭାବୀ ରହିଥିଲା। ରାଜସ୍ଥାନ ଅଧିନାୟକ ମାଜାହର ଜମାଦାର ୨୩ ପଏଣ୍ଟ ହାସଲ କରିଥିଲେ ହେଁ ଦଳକୁ ପରାଜୟରୁ ରକ୍ଷାକରି ପାରି ନ ଥିଲେ।

ଚଳିତ ଲିଗ୍‌ରେ ଓଡ଼ିଶା ଜଗରନଟ୍ସର ଏହା ହେଉଛି ୩ ମ୍ୟାଚରୁ ଦ୍ୱିତୀୟ ବିଜୟ। ଓଡ଼ିଶା ଭିତ୍ତିକ ଏହି ଫ୍ରାଞ୍ଚାଇଜ୍ ଦଳ ନିଜର ପ୍ରଥମ ମ୍ୟାଚରେ ଚେନ୍ନାଇ କୁଇକ୍ ଗନ୍ସକୁ ୮ (୫୧-୪୩) ପଏଣ୍ଟରେ ହରାଇଥିବାବେଳେ ପରବର୍ତ୍ତୀ ମ୍ୟାଚରେ ଲଚ୍ଚୁଆ ପ୍ରଦର୍ଶନ କରିଥିଲେ ହେଁ ଗୁଜରାଟ ଜିଆଣ୍ଟ୍ସଠାରୁ ମାତ୍ର ୫ (୪୯-୫୪) ପଏଣ୍ଟରେ ହାରି ଯାଇଥିଲା।


ପଏଣ୍ଟ ହାସଲରେ ଉଲ୍ଲସିତ ଓଡ଼ିଶା ଜଗରନଟ୍ସ ଖେଳାଳି।

ଓଡ଼ିଶା ଜଗରନଟ୍ସ ଓ ରାଜସ୍ଥାନ ୱାରିୟର୍ସ ମ୍ୟାଚ ବେଶ୍ ରୋମାଞ୍ଚକ ହୋଇଥିଲା। ଭିନ୍ନଭିନ୍ନ ସମୟରେ ଖେଳ ନାଟକୀୟ ମୋଡ଼ ନେବାପରେ ଶେଷରେ ବାଜି ମାରିଥିଲା ଜଗରନଟ୍ସ। ମୋଟ ଆକ୍ରମଣ, ଡାଇଭ୍ସ, ସ୍କାଏ ଡାଇଭ୍ସ, ପୋଲ୍ ଡାଇଭ୍ସ ସବୁଥିରେ ଆଗରେ ରହିଥିଲା ଜଗରନଟ୍ସ। ଫଳରେ ଦଳକୁ ମୋଟ ପଏଣ୍ଟ ଭଳି ଟଚ୍ ପଏଣ୍ଟ, ଡାଇଭ୍ ପଏଣ୍ଟ, ସ୍କାଏ ଡାଇଭ୍ ପଏଣ୍ଟ, ପୋଲ୍ ଡାଇଭ୍ ପଏଣ୍ଟ, ଡିଫେଣ୍ଡିଂ ପଏଣ୍ଟ ଏବଂ ବୋନସ ଆଦି ସବୁଥିରେ ଅଧିକ ପଏଣ୍ଟ ମିଳିଥିଲା। ଏହି ମ୍ୟାଚ ପରେ ଜଗରନଟ୍ସ ୩ ମ୍ୟାଚରୁ ୬ ପଏଣ୍ଟ ସହିତ ଟେବୁଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଗୁଜରାଟ ଜିଆଣ୍ଟ୍ସ ୯ ପଏଣ୍ଟ ସହିତ ଶୀର୍ଷରେ ଥିବାବେଳେ ତେଲୁଗୁ ଯୋଦ୍ଧାସ ୩ ମ୍ୟାଚରୁ ୬ ପଏଣ୍ଟରେ ଥିଲେ ହେଁ ସ୍କୋର ବ୍ୟବଧାନରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଅନ୍ୟପକ୍ଷରେ ରାଜସ୍ଥାନ ୱାରିୟର୍ସ ୩ଟି ଯାକ ମ୍ୟାଚ ହାରି ପରାଜୟରେ ହ୍ୟାଟ୍ରିକ କରିଛି।

# ଫାଇନାଲରେ ପ୍ରମୋଦ

**ଭୁବନେଶ୍ୱର, ୧୯।୮ (କ୍ରୀଡ଼ା ପ୍ରତିନିଧି)**

ଥାଇଲାଣ୍ଡର ପଟ୍ଟାୟାଠାରେ ଚାଲିଥିବା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ସିଙ୍ଗଲ୍ସ ଓ ଡବଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ। ଶୁକ୍ରବାର ସିଙ୍ଗଲ୍ସ ସେମିଫାଇନାଲରେ ସେ ଭାରତର ଅନ୍ୟତମ ଖେଳାଳି ନିତେଶ କୁମାରଙ୍କୁ ୨୧-୧୨ରେ ପରାସ୍ତ କରିଛନ୍ତି। ଫାଇନାଲରେ ଡାନିଏଲ ବେଥେଙ୍କ ସହ ଖେଳିବେ ପ୍ରମୋଦ। ସେହିପରି ଡବଲ୍ସ ସେମିଫାଇନାଲରେ ପ୍ରମୋଦ ଓ ସୁକାନ୍ତ କଦମ ଯୋଡ଼ି ନିଜ ଦେଶର ମହମ୍ମଦ ନୱାଜ ଅରବାଜ ଅନସାରି ଓ ଦୀପ ରଞ୍ଜନ ବିଷୋୟୀଙ୍କୁ ୨୧-୧୦, ୨୧-୧୪, ୨୧-୧୪ରେ ହରାଇ ଫାଇନାଲରେ ପହଞ୍ଚିଛନ୍ତି। ଏଥିରୁ ଦୀପରଞ୍ଜନଙ୍କୁ ବ୍ରୋଞ୍ଜ ପଦକ ମିଳିଛି। ମିକ୍ସଡ ଡବଲ୍ସ ସେମିଫାଇନାଲରେ ପ୍ରମୋଦ ଓ ମନୀଷା ରାମଦାସ ଯୋଡ଼ି ହାରିଯିବାରୁ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛନ୍ତି।

# ସିରିଜ ବିଜୟ ଲକ୍ଷ୍ୟରେ ଭାରତ

**ହରାରେ, ୧୯।୮ (ପି.ଟି.)**

ଭାରତ ଓ ଜିମ୍ବାୱେ ମଧ୍ୟରେ ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚ ଶନିବାର ଅନୁଷ୍ଠିତ ହେବ। ୩ ମ୍ୟାଚ ବିଶିଷ୍ଟ ସିରିଜର ପ୍ରଥମ ଦିନିକିଆରେ ଭାରତ ସହଜରେ ୧୦ ଉଇକେଟରେ ବିଜୟୀ ହୋଇଥିବାରୁ ଆଗାମୀ ମ୍ୟାଚ ଜିତି ସିରିଜ ବିଜୟ ଲକ୍ଷ୍ୟରେ ରହିଛି। ଏହାଛଡ଼ା ଅଧିନାୟକ ଲୋକେଶ ରାହୁଲଙ୍କ ବ୍ୟାଟିଂ ସୁଯୋଗ ପାଇବା ମଧ୍ୟ ଦଳର ଅନ୍ୟତମ ଲକ୍ଷ୍ୟ ରହିବ। କାରଣ ପ୍ରଥମ ଦିନିକିଆରେ ଶିଖର ଧାୱନ ଓ ଶୁବମନ ଗିଲ୍ ଅପରାଜିତ ରହି ଦଳକୁ ଜିତାଇଥିବାରୁ ଆହତ ସମସ୍ୟାରୁ ଫେରିଥିବା ରାହୁଲ ବ୍ୟାଟିଂ ସୁଯୋଗ ପାଇ ନ ଥିଲେ। ତେଣୁ ଟସ୍

**ଜିମ୍ବାୱେ ବିପକ୍ଷ ଦ୍ୱିତୀୟ ଦିନିକିଆ ଆଜି**
**ମ୍ୟାଚ୍ ଆରମ୍ଭ: ଅପରାହ୍ନ ୧୨.୪୫**

ଜିତିଲେ 'ମେନ୍ ଇନ୍ ବ୍ଲୁ' ପ୍ରଥମେ ବ୍ୟାଟିଂ କରିବାକୁ ପସନ୍ଦ କରିବ।

ପ୍ରଥମ ଦିନିକିଆକୁ ଭାରତ ସହଜରେ ଜିତିଥିଲେ ହେଁ ଆଗାମୀ ମ୍ୟାଚରେ ଜିମ୍ବାୱେ ଚ୍ୟାଲେଞ୍ଜ ଦେବ ବୋଲି ଆଶା କରାଯାଉଛି। ବାଉନ୍ସି ଟ୍ରାକ୍ ଏବଂ ଦ୍ରୁତ ବୋଲରଙ୍କୁ ସୁହାଉଥିବା ପିଚ୍‌ରେ ରାହୁଲ ଏବଂ ଅନ୍ୟ ଭାରତୀୟ ବ୍ୟାଟରମାନେ ପରୀକ୍ଷାର ସମ୍ମୁଖୀନ ହେବେ। ପୂର୍ବ ମ୍ୟାଚରେ ଭାରତର ଦୀପକ ଚହର ନିଜ ବୋଲିଂ ଅବସରରେ ଏହା ପ୍ରମାଣିତ କରିଛନ୍ତି। ଆଗାମୀ ଏସିଆ କପ୍‌ରେ ପାକିସ୍ତାନର ଶାହିନ ଶାହ ଆଫ୍ରିଦୀଙ୍କୁ ଭେଟିବା ପୂର୍ବରୁ ଭାରତୀୟ ଦଳ ଏଠାରେ ଭଲ ଅଭ୍ୟାସ ସୁଯୋଗ ପାଇବ। ଜିମ୍ବାୱେର ବୋଲିଂ ଆକ୍ରମଣ ଦୁର୍ବଳ ଥିବାରୁ ରାହୁଲ ନିଜ ବ୍ୟାଟିଂରେ ପରୀକ୍ଷାନିରୀକ୍ଷା କରିବାକୁ ଚାହିଁବେ ନିଶ୍ଚିତ। ସୀମିତ ଓଭର କ୍ରିକେଟରେ ଭାରତ ଆରମ୍ଭରୁ ଆକ୍ରମଣାତ୍ମକ ଖେଳୁଥିବାରୁ ଏହା ଜରୁରୀ। ଦୀପକ ହୁଡା ଏବଂ ସଞ୍ଜୁ ସାମସନ ଟପ୍ ଅର୍ଡରରେ ସୁଯୋଗ ପାଇଲେ ଆତ୍ମବିଶ୍ୱାସ ବଢ଼ାଇବା ପାଇଁ ଉଦ୍ୟମ କରିବେ। ମୁଖ୍ୟ କୋଚ୍ ଦାୟିତ୍ୱ ତୁଲାଉଥିବା ଭିଭିଏସ୍ ଲକ୍ଷ୍ମଣଙ୍କ ପାଇଁ ସିରିଜ ଜିତିବା ସହ ପରୀକ୍ଷା ନିରୀକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ। ତେଣୁ ଭାରତ ସିରିଜ ଜିତିଲେ ସେ ରିଜର୍ଭ ଖେଳାଳିଙ୍କୁ ସୁଯୋଗ ଦେବେ। ଏ କ୍ଷେତ୍ରରେ ଇଶାନ କିଷନ ଓ ଲୋକେଶ ରାହୁଲଙ୍କ ବାମ-ଡାହାଣ କମ୍ବିଶେନକୁ ପରୀକ୍ଷା କରାଯାଇ ପାରିବ। ଦୀପକ ଚହର ଗୋଟିଏ ସ୍ପେଲ୍‌ରେ ୭ ଓଭର ବୋଲିଂ କରି ନିଜର କାର୍ଯ୍ୟଭାର ଶକ୍ତିକୁ ବଢ଼ାଇ ପାରିଥିବା ସୂଚନା ଦେଇଛନ୍ତି।


ଲୋକେଶ ରାହୁଲ

# ଫିଫା, ଏଏଫ୍‌ସିକୁ ଅନୁରୋଧ କଲା କ୍ରୀଡ଼ା ମନ୍ତ୍ରଣାଳୟ

**ନୂଆଦିଲ୍ଲୀ, ୧୯।୮ (ପି.ଟି.)**

**ଏଆଇଏଫ୍‌ଏଫ୍ ବାସନ୍ଦ**

ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ବାସନ୍ଦ ହେବା ସତ୍ତ୍ୱେ କାର୍ଯ୍ୟସୂଚୀ ଅନୁସାରେ ଭାରତୀୟ କ୍ଲବ ଶ୍ରୀ ଗୋକୁଲମ କେରଳ ଏଫ୍‌ସି ଓ ଏଟିକେ ମୋହନ ବାଗାନକୁ ଟୁର୍ନାମେଣ୍ଟରେ ଭାଗ ନେବା ଲାଗି ଅନୁମତି ଦେବା ଲାଗି କ୍ରୀଡ଼ା ମନ୍ତ୍ରଣାଳୟ ଇ-ମେଲ ଜରିଆରେ ବିଶ୍ୱ ଫୁଟ୍‌ବଲ ଗଭର୍ନିଂ ବଡି ଫିଫା ଓ ଏସିଆନ ଫୁଟ୍‌ବଲ କନ୍‌ଫେଡେରେଶନ (ଏଏଫ୍‌ସି)କୁ ଅନୁରୋଧ କରିଛି। ଫିଫା ସୋମବାର ଏଆଇଏଫ୍‌ଏଫ୍‌କୁ ସସ୍‌ପେଣ୍ଡ କରିଥିଲା। ସେତେବେଳକୁ ଗୋକୁଲମ କେରଳ ମହିଳା ଦଳ ଏଏଫ୍‌ସି ମହିଳା ଚାମ୍ପିୟନଶିପ୍ ମ୍ୟାଚ ଖେଳିବା ଲାଗି ଉଜ୍‌ବେକିସ୍ତାନରେ ପହଞ୍ଚି ସାରିଥିଲା। ମହିଳା ଦଳ ଅଗଷ୍ଟ ୨୩ରେ ଇରାନର ଏକ ଟିମ୍ ସହିତ ଖେଳିବା କାର୍ଯ୍ୟକ୍ରମ ରହିଛି। ପରେ ଅଗଷ୍ଟ ୨୬ରେ କ୍ୱାର୍ସିଠାରେ ଆୟୋଜକ ଦେଶ ସହ ଏକ ମ୍ୟାଚ ଖେଳିବାର କାର୍ଯ୍ୟକ୍ରମ ରହିଛି। ଅନ୍ୟପକ୍ଷରେ ଏଟିକେ ମୋହନ ବାଗାନ ସେପ୍ଟେମ୍ବର ୭ରେ ବାହାରିନ୍‌ରେ ଏଏଫ୍‌ସି କପ୍ ୨୦୨୨ (ଇଣ୍ଟର-ଜୋନ୍ ସେମିଫାଇନାଲ) ମ୍ୟାଚ ଖେଳିବାର କାର୍ଯ୍ୟକ୍ରମ ରହିଛି।

# ଫାଓ ଲିଗ୍: ୟଙ୍ଗ୍ ଉତ୍କଳ କ୍ଲବ ବିଜୟୀ

**ଭୁବନେଶ୍ୱର, ୧୯।୮ (କ୍ରୀଡ଼ା ପ୍ରତିନିଧି):** ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କଟକରେ ଚାଲିଥିବା ଫୁଟବଲ ଲିଗ୍‌ରେ ଶୁକ୍ରବାର ୟଙ୍ଗ ଉତ୍କଳ କ୍ଲବ ଏବଂ ଇଲେଭେନ ଗନ୍ କ୍ଲବ ବିଜୟୀ ହୋଇଛି। ୟଙ୍ଗ ଉତ୍କଳ କ୍ଲବ ୪-୦ ଗୋଲରେ ରୋଭର୍ସକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଦୀନବନ୍ଧୁ ମାଝୀ ୪ ଓ ୨୯ତମ ମିନିଟରେ ୨ଟି ଏବଂ ବାପୁନି ବିନ୍ଧାଣୀ ୭ମ ଓ ବିଜୟ କୁମାର ବାରିକ ୧୬ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଦ୍ୱିତୀୟ ଡିଭିଜନ୍ ଲିଗ୍‌ର ଏକ ମ୍ୟାଚରେ ଇଲେଭେନ ଗନ୍ କ୍ଲବ ୩-୦ ଗୋଲରେ ଆଞ୍ଚଳିକ ଆଥଲେଟିକ୍ ଆସୋସିଏଶନକୁ ହରାଇ ଦେଇଛି। ତପନ ବେହେରା ୨୫, ଲଳିତ ପ୍ରସାଦ ନାୟକ ୩୦ ଓ ନବୀନ ବେହେରୁଆ ୫୯ତମ ମିନିଟରେ ଗୋଲ ଦେଇଥିଲେ।







E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: soupayan.kar@maruti.co.in

TUSHI MOTORS
CUTTACK: 9078076450. PANIKOILI: 9078076450.

JYOTE MOTORS
BHUBANESWAR: LEWIS ROAD: 9798190190.
NAYAPALLI: 9798190190. KEONJHAR: 9798190190. NAYAGARH: 9798190190.
BALUGAON: 9798190190. ANANDPUR: 9798190190. KENDRAPARA: 9798190190.
BALASORE: 9798190190. BHADRAK: 9798190190. BARIPADA: 9798190190.
UDALA: 7064499950. RAIRANGPUR: 9853446906.
JALESWAR: 7064499950. BASUDEVPUR: 9798190190.

NARAYANI MOTORS
BHUBANESHWAR: RASULGARH: 9583022019, 7440019592, 9583022013.
JAGATSINGHPUR: 9583022090. PURI: 9583022035.
NIMPARA: 7381094851. PARADEEP: 9583022034/ 48.

SKY AUTOMOBILES
BHUBANESWAR: PATIA: 7381045356.
CUTTACK: 9776677771, 7381873818,
DHENKANAL: 8093027882. NARSINGHPUR: 8093027882.
KAMAKHYANAGAR: 8093027882. JAJPUR: 9776900777.
SALEPUR: 9583544555. CHANDIKHOL : 9583544555.
TANGI: 7381045356.

ODYSSEY MOTORS
ANGUL: 7752076136, 9776901481.
PALLAHARA: 7873565435, 9437831123.

*Offer includes consumer offer, exchange bonus and institutional offer (wherever applicable) on selected models/ variants. Above mentioned savings amount is the value of maximum savings on selected models. *^Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. Low down payment is provided by select financiers only. ##Gold voucher is applicable on select models/variants only.#Test Result of Rule 115 of CMVR, 1989. (CMVR is an acronym for Central Motor Vehicles Rules, 1989). Mileage mentioned is for Vxi(O) AGS & Vxi+ (O) AGS. **For details on functioning of safety features including Air Bag, kindly refer to the Owner' s Manual. Creative Visualization. Terms and conditions are subject to change without any prior notice. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 31st August, 2022.

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୦ ଅଗଷ୍ଟ, ୨୦୨୨



## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ୨ ଗିରଫ



ବେଗୁନିଆ,୧୯।୮(ଡି.ଏନ୍.ଏ.): ଖୋର୍ଦ୍ଧା ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ବେଗୁନିଆ ଥାନା ଅଞ୍ଚଳର କେତେକ ରନ୍ଧା ମଦ ଭାଟିରେ ଚଢ଼ାଉ କରାଯାଇ ୨ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଦ୍ୱୟ ହେଲେ ବୋଲଗଡ଼ ଥାନା ଅନ୍ତର୍ଗତ ଚୁଡ଼ା ଗ୍ରାମର ସୁଧୀର ଦତ୍ତ (୪୦) ଏବଂ ବାଙ୍କୋଇ ଗ୍ରାମର ପ୍ରଭାତ କୁମାର ବରାଡ(୪୦)। ଏମାନଙ୍କଠାରୁ ୨୨୫୦ ଲିଟର ପୋଚ ଏବଂ ୧୫୦ ଲିଟର ଦେଶୀ ରନ୍ଧା ମଦ ସହିତ ଲକ୍ଷାଧିକ ଟଙ୍କାର ବିଭିନ୍ନ ଉପକରଣ ଜବତ ହୋଇଛି। ଏନେଇ ବେଗୁନିଆ ଅବକାରୀ ଥାନାରେ ଦୁଇଟି ମାମଲା (ନଂ.୫୧,୫୨/୨୦୨୨-୨୩) ରୁଜୁ ହୋଇଛି। ଅବକାରୀ ଇନ୍‌ସ୍ପେକ୍ଟର ଭୈରବ ସାହୁଙ୍କ ନେତୃତ୍ୱରେ ବେଗୁନିଆ ଓଆଇସି ରାଜେନ୍ଦ୍ର ସେସ୍, ଖୋର୍ଦ୍ଧା ଓଆଇସି ରଞ୍ଜନ ଦାସଙ୍କ ସହିତ ଜଟଣୀ, ଖୋର୍ଦ୍ଧା ଓ ବେଗୁନିଆ ଅବକାରୀ କର୍ମଚାରୀମାନେ ଏହି ଚଢ଼ାଉରେ ସାମିଲ ଥିଲେ।

### ନୂତନ କର୍ମକର୍ତ୍ତା ଚୟନ

ଜଟଣୀ,୧୯।୮(ଡି.ଏନ୍.ଏ.): ଜଟଣୀ ପ୍ରଗତି ପରିଷଦର ନୂତନ କର୍ମକର୍ତ୍ତା ଚୟନ ଓ ସାଧାରଣ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବେଣାପାଞ୍ଜରୀର ରାଣୀପୁର ଗ୍ରାମସ୍ଥିତ ସମେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ବୈଠକରେ ରମେଶ ପ୍ରଧାନ ସଭାପତିତ୍ୱ କରିଥିଲେ। ସର୍ବସମ୍ମତିକ୍ରମେ ନୂତନ ସଭାପତି ଭାବେ ପ୍ରଶାନ୍ତ କୁମାର ମହାପାତ୍ର, ସମ୍ପାଦକ ସନ୍ତୋଷ କୁମାର ହୋତା, କାର୍ଯ୍ୟକାରୀ ସଭାପତି ବଂଶୀଧର ମଙ୍ଗରାଜ, ଆଇନ ପରାମର୍ଶଦାତା ଉମାକାନ୍ତ ମହାପାତ୍ର ଏବଂ ମୁଖ୍ୟ ଉପଦେଷ୍ଟା ଭାବେ ଖବରଦାତା ରବି ସ୍ୱାଇଁ, ଶ୍ରୀକାନ୍ତ ପରିଜା, ସୁଶାନ୍ତ ରାଉତ ଏବଂ ସାକିରା ଅବରାରଙ୍କ ସମେତ ବହୁ ପଦାଧିକାରୀ ମନୋନୀତ ହୋଇଛନ୍ତି। ବୈଠକରେ ବିଭିନ୍ନ ଜନମଙ୍ଗଳ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା।

### ଗୋଦାବରୀଶ ପାଠାଗାରର ଭିତ୍ତିପ୍ରସ୍ତର ସ୍ଥାପନ

ଟାଙ୍ଗୀ(ଖୋର୍ଦ୍ଧା),୧୯।୮(ଡି.ଏନ୍.ଏ.): ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଜୟ ମଙ୍ଗଳପୁର ଗ୍ରାମର ଗୋଦାବରୀଶ ପାଠାଗାରର ଭିତ୍ତି ପ୍ରସ୍ତର ସ୍ଥାପନ ଓ କୁଞ୍ଜୁରୀ ପଞ୍ଚାୟତ ଅଧୀନ ଜରିପୁଟରେ ଗ୍ରାମ ସଡ଼କ ଉଦ୍‌ଘାଟନ କରିଥିବା ଜଣାପଡ଼ିଛି। ବିଭିନ୍ନ ପଞ୍ଚାୟତରେ ଏମ୍‌ପିଙ୍କ ପାଣ୍ଠିରୁ ନିର୍ମିତ ବିଭିନ୍ନ କାର୍ଯ୍ୟର ତଦାରଖ କରିବା ସହ ପଦଯାତ୍ରା କରିଥିଲେ। ଖୋର୍ଦ୍ଧା ଜିଲା ଭାଜପା ସଭାପତି ରଶ୍ମି ରଞ୍ଜନ ମହାପାତ୍ର, ଜିଲା ସମ୍ପାଦକ ହେମନ୍ତ କୁମାର ବେହେରା, କୁହୁଡି ମଣ୍ଡଳ ସଭାପତି ପବିତ୍ର ହରିଚନ୍ଦନ, ରମେଶ ମହାପାତ୍ର, ପ୍ରଦୀପ ମହାରଥୀ, ସର୍ବେଶ୍ୱର ରାଉତରାୟ, ଶେଖର ବାବୁଲା ପ୍ରମୁଖ ପରିଚାଳନା କରିଥିଲେ।

### ମଦ ଜବତ, ଜଣେ ଗିରଫ

ଟାଙ୍ଗୀ(ଖୋର୍ଦ୍ଧା),୧୯।୮(ଡି.ଏନ୍.ଏ.): ଟାଙ୍ଗୀ ଥାନା ଅଧୀନ ଦଧିବାମନପୁର ଗ୍ରାମରେ ଶୁକ୍ରବାର ପୋଲିସ ଚଢ଼ାଉ କରି ୪୦ ଲିଟର ଦେଶୀ ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ସେ ହେଲେ ସୁରେନ୍ଦ୍ର ବେହେରା। ଗ୍ରାମରେ ସୁରେନ୍ଦ୍ର ଏକ ଦୋକାନ କରି ବ୍ୟବସାୟ କରୁଥିଲେ। ଏଠାରେ ବେଆଇନ ଭାବେ ମଦ ବିକ୍ରି ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଖବରପାଇ ପୋଲିସ ଚଢ଼ାଉ କରି ସୁରେନ୍ଦ୍ରଙ୍କୁ ଗିରଫ କରିବା ସହ ମଦ ଜବତ କରିଥିଲା। ଥାନାରେ ମାମଲା (ନଂ.୪୩୫/୨୨) ରୁଜୁ ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଯୁକ୍ତ ୩ ରେ ପାସ୍ ହାର ୯୦%

ଖୋର୍ଦ୍ଧା ଅଫିସ,୧୯।୮

ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ତୃତୀୟ ବର୍ଷର ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ପାସ୍ ହାର ୯୦ ପ୍ରତିଶତ ରହିଛି। ୨୦୨୧ରେ ପାସ୍ ହାର ୮୬ ପ୍ରତିଶତ ରହିଥିବା ବେଳେ ଚଳିତବର୍ଷ ପାସ୍ ହାରରେ ୪ ପ୍ରତିଶତ ବୃଦ୍ଧି ପାଇଛି। ଚଳିତବର୍ଷ ବିଜ୍ଞାନ ଓ ବାଣିଜ୍ୟରେ ଛାତ୍ରଙ୍କ ତୁଳନାରେ ଛାତ୍ରୀମାନେ ଆଗରେ ରହିଛନ୍ତି। ଛାତ୍ରୀମାନଙ୍କ ପାସ୍ ହାର ୯୨.୮% ରହିଥିବା ବେଳେ ଛାତ୍ରଙ୍କ ପାସ୍ ହାର ୮୭.୧ ପ୍ରତିଶତ ରହିଛି। ବାଣିଜ୍ୟରେ ୩୮୨ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ସେଥିରୁ ୩୧୮ଜଣ ପାସ୍ କରିଛନ୍ତି। ପାସ୍ ହାର ୮୩.୨ ପ୍ରତିଶତ ରହିଛି। କଳାରେ ୩୬୭ଜଣ ପରୀକ୍ଷା ଦେଇଥିବା ବେଳେ ୩୩୭ଜଣ ପାସ୍ କରିଛନ୍ତି। ପାସ୍ ହାର ୯୧.୮ପ୍ରତିଶତ ରହିଛି। ବିଜ୍ଞାନରେ ୩୪୪ଜଣ ପରୀକ୍ଷା ଦେଇଥିଲେ। ସେଥିରୁ ୩୨୯ଜଣ ପାସ୍ କରିଛନ୍ତି। ପାସ୍ ହାର୯୫.୬ ପ୍ରତିଶତ ରହିଛି। ବାଣିଜ୍ୟ ସମ୍ମାନରେ ବର୍ଣ୍ଣବାସ ପ୍ରଧାନ, କଳାରେ(ଶିକ୍ଷା ସମ୍ମାନ)ପୂଜା ବାରିକ ଏବଂ ବିଜ୍ଞାନ ବିଭାଗରେ(ଭୂତତ୍ତ୍ୱ ବିଜ୍ଞାନ ସମ୍ମାନ)ରେ ଲିଜୁ ସାମଲ ଶ୍ରେଷ୍ଠ ସ୍ନାତକ ହୋଇଛନ୍ତି। ଏହି ଛାତ୍ରୀଛାତ୍ର ଆସନ୍ତା ସାମ୍ୱତ୍ସରିକ ଉତ୍ସବ-୨୦୨୩ରେ ସ୍ୱର୍ଣ୍ଣପଦକରେ ସମ୍ମାନିତ ହେବେ। ଏତଦ୍ ବ୍ୟତୀତ ଭୂତତ୍ତ୍ୱ ବିଜ୍ଞାନ ସମ୍ମାନ ଛାତ୍ରୀ ଲିଜୁ ସାମଲ ସର୍ବାଧିକ ନମ୍ବର ରଖି ମହାବିଦ୍ୟାଳୟର ଶ୍ରେଷ୍ଠ ସ୍ନାତକ ହେବାର ଗୌରବ ଅର୍ଜନ କରିଛନ୍ତି। ଅନ୍ତିମ ପରୀକ୍ଷାର ୬ଟି ସେମିଷ୍ଟର ପରୀକ୍ଷାର ମୋଟ୍ ଫଳାଫଳକୁ ନେଇ ପ୍ରସ୍ତୁତ କରାଯାଇଥିବା କଲେଜ ପକ୍ଷରୁ ସୂଚନା ଦିଆଯାଇଛି। ଶୁକ୍ରବାର ମୈତ୍ରୀଭବନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ କଲେଜ ପରିଚାଳନା କମିଟି ଅଧ୍ୟକ୍ଷ ତଥା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥି, ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ଅତିଥିଭାବେ ଯୋଗଦେଇଥିଲେ। କଲେଜ ଅଧ୍ୟକ୍ଷା ଡ. ଅଜନ୍ତା ଶତପଥୀ ଏବଂ ପରୀକ୍ଷା ନିୟନ୍ତ୍ରକ ପ୍ରାଧ୍ୟାପକ ଦେବୀ ପ୍ରସାଦ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଡେପୁଟି ପରୀକ୍ଷା ନିୟନ୍ତ୍ରକ ଡ. ନନ୍ଦିତା ଛୋଟରାୟ, ଡ. ଲଡୁକିଶୋର ପ୍ରସାଦ ମିଶ୍ର, କମିଟିର ସଦସ୍ୟ ପ୍ରଫେସର ଉପେନ୍ଦ୍ର କୁମାର ବାରିକ, ଡ. ମଧୁସ୍ମିତା ତ୍ରିପାଠୀ, ପ୍ରଫେସର ସୁକୁମାର ପଟ୍ଟନାୟକ, ଅକ୍ଷୟ କୁମାର ମିଶ୍ରଙ୍କ ସମେତ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ଏବଂ ଅଭିଭାବକମାନେ ଯୋଗଦେଇଥିଲେ। ଏହି ଅବସରରେ ବିଧାୟକ ମିତ୍ର ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରି କହିଥିଲେ, କଠିନ ଅଧ୍ୟବସାୟ ଓ ଏକାଗ୍ରତା ସଫଳତା ଆଣେ। ଭଲ ପାଠ ପଢ। କଲେଜ ଗୌରବ ବୃଦ୍ଧି ସହ ନିଜ ପ୍ରତିଭାର ବିକଶିତ ଲାଗି ପରାମର୍ଶ ଦେଇଥିଲେ।




ଅତିଥିମାନେ ପରୀକ୍ଷା ଫଳ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

**ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ**

- ଲିଜୁ ସାମଲ ବିଜ୍ଞାନ ସହ କଲେଜ ଟପ୍ପର
- ବାଣିଜ୍ୟରେ ବର୍ଣ୍ଣବାସ, କଳାରେ ପୂଜା ଶ୍ରେଷ୍ଠ ସ୍ନାତକ

**ବିଷୟଭିତ୍ତିକ ସମ୍ମାନରେ ଟପ୍ପର**

| ବିଷୟ | ନାମ |
|---|---|
| ଅର୍ଥନୀତି | ରାକ୍ଷୀ ସାହୁ |
| ଶିକ୍ଷା | ପୂଜା ବାରିକ |
| ଇଂଲିଶ | ସଙ୍ଗୀତା ଲେଙ୍କା |
| ଇତିହାସ | ଶୁଭସ୍ମିତା ସାହୁ |
| ଓଡ଼ିଆ | ବିଦ୍ୟୁସ୍ମିତା ଦାସ |
| ଦର୍ଶନ | ଜ୍ୟୋତିପ୍ରଜ୍ଞା ଜେନା |
| ରାଜନୀତି ବିଜ୍ଞାନ | ସରୋଜିନୀ ସ୍ୱାଇଁ |
| ମନସ୍ତତ୍ତ୍ୱ | ଜ୍ୟୋତିରଞ୍ଜନ ବରାଳ |
| ସଂସ୍କୃତ | ସୋନାଲି ମାର୍ଥା |
| ପ୍ରାଣୀ ବିଜ୍ଞାନ | ଅର୍ପିତା ନାୟକ |
| ରସାୟନ ବିଜ୍ଞାନ | ଦିନେଶ କୁମାର ପାଲ |
| ଜିଓଗ୍ରାଫୀ | ଲିପ୍ସା ମହାପାତ୍ର |
| କମ୍ପ୍ୟୁଟର ସାଇନ୍ସ | ଆଲୁରୀ ସୃଜନ |
| ଗଣିତ | ଶିବାଶିଷ ସାମନ୍ତରାୟ |
| ପଦାର୍ଥ ବିଜ୍ଞାନ | ଆଶିଷ ମହାପାତ୍ର |
| ଭୂତତ୍ତ୍ୱ ବିଜ୍ଞାନ | ଲିଜୁ ସାମଲ |
| ଇଲେକ୍ଟ୍ରୋନିକ୍ସ | ସିଦ୍ଧାର୍ଥ ମହାପାତ୍ର |
| ବାଣିଜ୍ୟ | ବର୍ଣ୍ଣବାସ ପ୍ରଧାନ |

## ୫୦ କେଜି ଗଞ୍ଜେଇ ଜବତ, ବେପାରୀ ଗିରଫ

### ଅନ୍ୟ ଜଣେ ଫେରାର

ଖୋର୍ଦ୍ଧା ଅଫିସ୧୯।୮

ଘର ଭିତରେ ବେଆଇନ ଭାବେ ଗଞ୍ଜେଇ ଗଚ୍ଛିତ ରଖି ବିଭିନ୍ନ ସ୍ଥାନକୁ ଚୋରାଚାଲାଣ କରୁଥିବା ଜଣେ ବେପାରୀଙ୍କୁ ଖୋର୍ଦ୍ଧା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଗୁରୁଜଙ୍ଗ ଅଞ୍ଚଳର ସଞ୍ଜୟ କୁମାର ଜେନା (୪୫)। ତାଙ୍କଠାରୁ ୫୦ କେଜି ୨୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତ ସୁରେଶ ଚନ୍ଦ୍ର ପ୍ରଧାନ ଫେରାର ଥିବା ଜଣାପଡୁଛି। ପୋଲିସ ତାଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଛି। ସୂଚନା ମୁତାବକ, ସଞ୍ଜୟ ଦୀର୍ଘ ଦିନ ଧରି ଗଞ୍ଜେଇ ବେପାର କରିଆସୁଥିଲେ। ପୋଲିସ ହାତରେ ଧରାନପଡିବା ଲାଗି ସଞ୍ଜୟ ଉକ୍ତ ଗଞ୍ଜେଇକୁ ସୁରେଶ ଚନ୍ଦ୍ରଙ୍କ ଘରେ ଲୁଚାଇ ରଖି ବେପାର କରୁଥିଲେ। ଫଳରେ ସୁରେଶ ଏଥିପାଇଁ ସଞ୍ଜୟଙ୍କଠାରୁ କିଛି ଟଙ୍କା ଆଣି ତାଙ୍କୁ ସହଯୋଗ କରୁଥିଲେ। ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଗୁରୁବାର ରାତିରେ ଉକ୍ତ ଘରେ ଚଢ଼ାଉ କରି ଗଞ୍ଜେଇ ଜବତ କରିଥିଲା।

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ବିଶ୍ୱ ଫଟୋଗ୍ରାଫି ଦିବସ



ବିଶ୍ୱ ଫଟୋଗ୍ରାଫି ଦିବସ ଅବସରରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର।

ଝାଁଳା,୧୯।୮(ଡି.ଏନ୍.ଏ.)

ଭୁବନେଶ୍ୱର ଉପକଣ୍ଠ ମଦନପୁର ସ୍ଥିତ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପରିସରରେ ବ୍ୟବହାରିକ କଳା ବିଭାଗ ପକ୍ଷରୁ ଶୁକ୍ରବାର ବିଶ୍ୱ ଫଟୋଗ୍ରାଫି (ଫଟୋଚିତ୍ର) ଦିବସ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ଫଟୋଗ୍ରାଫି ଇନଷ୍ଟଲେସନକୁ ଉଦ୍‌ଘାଟନ କରିଥିଲେ। ଉକ୍ତ ଇନଷ୍ଟଲେସନରେ ବିଶ୍ୱର ପ୍ରଥମ ଫଟୋଗ୍ରାଫର 'ଜୋସେଫ୍ ନିସ୍'ଙ୍କ ପ୍ରତିଛବି ସହିତ ବିଭାଗର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀଙ୍କ ଫଟୋକୁ ସ୍ଥାନିତ କରାଯାଇଥିଲା। ଏହି ଅବସରରେ ସମସ୍ତ ବିଭାଗର ମୁଖ୍ୟ ଡ.ଚକ୍ରଧର ବେହେରା, ସୋମୁରୁ ସୋଭରା, ସସ୍ମିତା କାମିଲା, ସି.ଭି.ଏଲ୍. ଶ୍ରୀନିବାସ, ପ୍ରବୀର ଦଳାଇ, ଏବଂ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି ଦିବସରେ ବ୍ୟବହାରିକ କଳା ବିଭାଗ ପକ୍ଷରୁ କରାଯାଇଥିବା ଫଟୋଗ୍ରାଫି 'କୋଲାଜ୍'ଇନଷ୍ଟଲେସନ୍‌କୁ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା।

## ଫାଣ୍ଡି ନିକଟରୁ ସିରିଜ୍ ଚୋରି

ବାଲକାଟୀ, ୧୯।୮(ଡି.ଏନ୍.ଏ.)

ବାଲକାଟୀ ଫାଣ୍ଡି ନିକଟରୁ ଗୁରୁବାର ରାତିରେ ସିରିଜ୍ ଚୋରି ହୋଇଛି। ଜଗନାଥ କଲୋନୀରେ ରହୁଥିବା ପିତାମ୍ବର ପଣ୍ଡା ଓ ଉର୍ମିଳା କୁଣ୍ଡୁଙ୍କ ଘର ପାଚେରୀ ଡେଇଁ ଦୁର୍ବୃତ୍ତମାନେ ସାଇକେଲ ଚୋରି କରି ନେଇଛନ୍ତି। ସେହିପରି ଏହି କଲୋନୀର ତପନ ମହାପାତ୍ରଙ୍କ ତାଲା ଭାଙ୍ଗି ଦୁର୍ବୃତ୍ତ ଗ୍ୟାସ ଚୁଲା. ସିଲିଣ୍ଡର. ମ୍ୟୁଜିକ୍ ବକ୍ସ ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଫାଣ୍ଡି ପାଖରୁ ବାରମ୍ବାର ଚୋରି ହେଉଥିଲେ ବି ପୋଲିସ ଦୁର୍ବୃତ୍ତଙ୍କ ପତ୍ତା ନ ପାଇବା ଚର୍ଚ୍ଚାର ବିଷୟ ପାଲଟିଛି। ଫାଣ୍ଡି ନିକଟରେ ଚୋରା ମଦ ଓ ବ୍ରାଉନସୁଗାର ଖୋଲାଖୋଲି ଚାଲିଥିବା ବେଳେ ପୋଲିସ ଚୁପ ରହିବା ସ୍ଥାନୀୟ ଅଞ୍ଚଳର ଯୁବକ ବ୍ରାଉନସୁଗାର ପାଇଁ ଚୋରି କରିବା ପନ୍ଥା ଆପଣେଇନେବା ଅଞ୍ଚଳ ପାଇଁ ଚିନ୍ତାର କାରଣ ସାଜିଛି। ଫାଣ୍ଡି ପାଖରେ ରହୁଥିବା ଲୋକଙ୍କ ଧନଜୀବନ ଯଦି ସୁରକ୍ଷିତ ନୁହେଁ ତବେ ଫାଣ୍ଡି ଠାରୁ ଦୂରରେ ରହୁଥିବା ଲୋକେ କିଭଳି ସୁରକ୍ଷିତ ରହୁଥିବେ ତାହା ସହଜେ ଅନୁମେୟ। ପୋଲିସ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଏହି ଅଞ୍ଚଳ ପ୍ରତି ଧ୍ୟାନ ଦେବା ଆବଶ୍ୟକ ବୋଲି ଦାବି ସାଧାରଣରେ ଦାବି ହେଉଛି।

## ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ




ବୋଲଗଡ଼/ବେଗୁନିଆ, ୧୯।୮(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ କବିତୀର୍ଥ ସାନପଦର ଗ୍ରାମରେ ଶାରଦୀୟ ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ କାର୍ଯ୍ୟ କମିଟି ସମ୍ପାଦକ ଶ୍ରୀକାନ୍ତ କୁମାର ନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବ୍ରାହ୍ମଣମାନେ ପୁଷ୍କରିଣୀରୁ ମାଟି ଆଣି ବିଲ୍ୱବୃକ୍ଷ ମୂଳେ ରଖି ପୂଜା କରିଥିଲେ। ପରେ ବିଲ୍ୱବରଣ ଓ ହୋମ କାର୍ଯ୍ୟ କରାଯାଇ ମାଟି ଅନୁକୂଳ କରାଯାଇଥିଲା। ସଭାପତି ବିଜୟ ଗୁମାନସିଂହ, କର୍ତ୍ତା ଗଗନ ସ୍ୱାଇଁ, ପୁରୋହିତ ଓ ଆଚାର୍ଯ୍ୟ ଭାବେ ବାସୁଦେବ ପାଟଯୋଶୀ, ଭାଲେଇ ମିଶ୍ର, ଗୁଲୁ ମିଶ୍ର, ଜଟିଆ ମହାରଣା, ସଞ୍ଜୟ ଦାସ, ଅଜୟ ମଙ୍ଗରାଜ, ସୁରେଶ ଚନ୍ଦ୍ର ମହାପାତ୍ର, ପ୍ରମୋଦ ମହାପାତ୍ର, ଅର୍ଜୁନ ପଟ୍ଟନାୟକ, ବିଦ୍ୟାଧର ନାୟକ, ପପୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବେଗୁନିଆ ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ମାଟି ଅନୁକୂଳ କରାଯାଇଛି। ପାରମ୍ପରିକ ରୀତିନୀତି ଅନୁଯାୟୀ ବାଜା, ବାଣ ଆଦି ରୋଷଣିରେ ସ୍ଥାନୀୟ ପଥରଚୁଆ କୂଳରୁ ମାଟି ଅନୁକୂଳ କରାଯାଇଥିଲା। ହୋମଯଜ୍ଞ, ଧୂପ ଦୀପ ନୈବେଦ୍ୟ ଅର୍ପଣ ସହିତ ଆଳତି ହୋଇଥିଲା। କମିଟି କର୍ତ୍ତାମାନେ ବ୍ରତ ପାଳନ କରି ଲାଲ ରଙ୍ଗର କପଡାରେ ମାଟିକୁ ବାନ୍ଧିବା ପରେ ନାମ ସଙ୍କୀର୍ତ୍ତନ ସହିତ ପୂଜା ମଣ୍ଡପ ଅଭିମୁଖେ ବାହାରିଥିଲେ। ମା' ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମା ନିର୍ମାଣର ଶୁଭାରମ୍ଭ କରାଯାଇଛି। କମିଟି ସଭାପତି ପ୍ରକାଶ ଚନ୍ଦ୍ର ବଳିୟାରସିଂହ, ସମ୍ପାଦକ ବିଶ୍ୱନାଥ ସୁନ୍ଦରାୟ, କୋଷାଧ୍ୟକ୍ଷ ବିଶ୍ୱନାଥ ସାହୁଙ୍କ ସମେତ ବିଭିନ୍ନ ସାହିର କର୍ମକର୍ତ୍ତା ଓ ବଣିକମାନେ ସାମିଲ ଥିଲେ।

## ବିଭିନ୍ନ ସ୍ଥାନରେ ନନ୍ଦୋତ୍ସବ

ଜଟଣୀ/ଝାଁଳା/ବୋଲଗଡ଼, ୧୯।୮(ଡି.ଏନ୍.ଏ.)

ଜଟଣୀର ବିଭିନ୍ନ ସ୍ଥାନରେ ଜନ୍ମାଷ୍ଟମୀ ଏବଂ ନନ୍ଦଉତ୍ସବ ପାଳିତ ହୋଇଯାଇଛି। ଜଟଣୀ ଜଗନ୍ନାଥପୁର ପାତ୍ରପଡାସ୍ଥିତ ମଦନମୋହନ ଦେବଙ୍କ ନିକଟରେ ଦୁଇ ଦିନଧରି ଚାଲିଥିବା ଜନ୍ମ ଏବଂ ନନ୍ଦ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ମଦନ ମୋହନ ନାଟ୍ୟକଳା ସାଂସଦ ଏବଂ ମନ୍ଦିର କମିଟି ପକ୍ଷରୁ କୃଷ୍ଣ କଥାମୃତ ପ୍ରବଚନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବାଲେଶ୍ୱରର ପ୍ରବଚକ ସୁଶ୍ରୀ ତପସ୍ୱିନୀ ପାଢ଼ୀ ଏବଂ ପୁରୀ ଜିଲା ଡେଲାଙ୍ଗର ଚନ୍ଦ୍ରଶେଖର ପଲାଇ ରାମାୟଣ ପ୍ରବଚନ ଦେଇଥିଲେ। ଉଦ୍‌ଯାପନୀ ଦିବସରେ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗ ଦେଇ ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ସେହିପରି ଗଙ୍ଗପଡ଼ା, ବେରୁଆଁ, କାଇମାଟିଆ,ବାଇରଙ୍ଗ ଗ୍ରାମରେ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ପାଳିତ ହୋଇଯାଇଛି। ବୋଲଗଡ ବ୍ଲକ ଅନ୍ତର୍ଗତ ବରହମପୁରା ଗ୍ରାମରେ ଶୁକ୍ରବାର ନନ୍ଦୋତ୍ସବ ପାଳିତ ହୋଇଯାଇଛି। ଏହି ଗ୍ରାମର ୬୦ ପରିବାରର ୩୦୦ରୁ ଊର୍ଦ୍ଧ୍ୱ ସଦସ୍ୟ କୃଷ୍ଣପ୍ରେମରେ ହଜି ଯାଇଥିବା ଦେଖିବାକୁ ମିଳିଥିଲା। ପିଲାମାନେ କୃଷ୍ଣ, ବଳରାମ, ରାଧା, ନନ୍ଦ ରାଜା, ସୁଦାମ, ସୁବଳ, କଂସରାଜା, ଗୋପାଳ ଓ ଗୋପାଳୁଣୀ ବେଶରେ ସଜ୍ଜିତ ହୋଇ ସଙ୍ଗୀତର ତାଳେତାଳେ ନୃତ୍ୟ କରି ଗ୍ରାମ ପରିକ୍ରମା କରିଥିଲେ। ଏହି ବେଶଧାରୀଙ୍କୁ ଗ୍ରାମର ମହିଳାମାନେ ସର ଲହୁଣି ଖୁଆଇ ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଥିଲା।

## ୩ ଦଫା ଦାବିରେ କଲେଜ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ଆଗରେ ଧାରଣା

ନିରାକାରପୁର,୧୯।୮(ଡି.ଏନ୍.ଏ.)

ନିରାକାରପୁର ପଞ୍ଚାୟତ ସ୍ଥିତ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ଆଗରେ ଶୁକ୍ରବାର ୩ ଦଫା ଦାବିରେ ପୁରାତନ ଛାତ୍ର ଓ ନବନିର୍ବାଚିତ ଜନପ୍ରତିନିଧିମାନେ ଧାରଣା ଦେଇଥିଲେ। ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିଥିବା ଜଣାପଡ଼ିଛି। ସୂଚନା ମୁତାବକ, ୩ ଦଫା ଦାବି ନେଇ ନିରାକାରପୁର ପଞ୍ଚାୟତ କାର୍ଯ୍ୟାଳୟରେ ୧୨ନମ୍ବର ଜୋନର ପୂର୍ବତନ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ରାଉତରାୟ, ସରପଞ୍ଚଙ୍କ ସ୍ୱାମୀ ପିଣ୍ଟୁ ବେହେରା, ଯୁବ ସଙ୍ଗଠକ ଶୁଭମ ଦାଶ ଓ ନିରାକାରପୁର କଲେଜର ପୂର୍ବତନ ଛାତ୍ର ସଭାପତି ଚିତ୍ତ ରଞ୍ଜନ ମହାରଣାଙ୍କ ସମେତ ବହୁ ନବନିର୍ବାଚିତ ଓାର୍ଡ ସଭ୍ୟ ଖବରଦାତା ସମ୍ମିଳନୀ କରିବା ପରେ କଲେଜ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। କଲେଜ ଅଧ୍ୟକ୍ଷଙ୍କୁ ଅନ୍ୟତ୍ର ବଦଳି, ଚାଲିଥିବା ଆଡମିଶନ ଫି ମୂଲ୍ୟ କମ୍ କରିବା ଏବଂ ତୁରନ୍ତ କଲେଜ ପଟ୍ଟା ହସ୍ତାନ୍ତର ଆଦି ଦାବି ରହିଛି। ତୁରନ୍ତ ଦାବି ପୂରଣ ନ ହେଲେ ଆତ୍ମହତ୍ୟା କରିବେ ବୋଲି ଧାରଣାରେ ବସିଥିବା ସୁଭମ ଦାଶ ଚେତାବନୀ ଦେଇଛନ୍ତି। ଏଥିପାଇଁ ପ୍ରଶାସନ ଦାୟୀ ରହିବେ ବୋଲି ସେ କହିଛନ୍ତି। ଖବରପାଇ ଟାଙ୍ଗୀ ଅତିରିକ୍ତ ତହସିଲଦାର ଶରତ କୁମାର ଦେହୁରି, ସ୍ଥାନୀୟ ଥାନା ଅଧିକାରୀ ଗୀତାଞ୍ଜଳି ନାୟକ, ବିଡିଓ ଐଶ୍ୱର୍ଯ୍ୟା ସାମନ୍ତରାୟ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଧାରଣାକାରୀ ସେମାନଙ୍କ ଜିଦ୍‌ରେ ଅଟଳ ରହିଛନ୍ତି। ଯେପର୍ଯ୍ୟନ୍ତ କଲେଜ ଜମି ପଟ୍ଟା ହସ୍ତାନ୍ତର ନ ହୋଇଛି ଧାରଣା ଚାଲୁରହିବ ବୋଲି ଧାରଣାକାରୀ ସୂଚନା ଦେଇଛନ୍ତି।



ପ୍ରଶାସନିକ ଅଧିକାରୀ ଧାରଣାକାରୀଙ୍କ ସହ ଆଲୋଚନା କରୁଛନ୍ତି।



ବୋଲଗଡ଼: ନନ୍ଦୋତ୍ସବ ଅବସରରେ ପିଲାମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇଛନ୍ତି।



ଝାଁଳା: ନନ୍ଦୋତ୍ସବ ଅବସରରେ ପିଲାମାନେ ଗ୍ରାମ ପରିକ୍ରମା କରୁଛନ୍ତି।



ଜଟଣୀ: ଜଗନ୍ନାଥପୁର ପାତ୍ରପଡାସ୍ଥିତ ମଦନମୋହନ ମନ୍ଦିରରେ ନନ୍ଦୋତ୍ସବ ପାଳନ କରାଯାଉଛି।

**ଗଡ଼ସାନପୁଟ ପଞ୍ଚାୟତ ବାହ୍ୟଜଗତରୁ ବିଚ୍ଛିନ୍ନ**

କଣାସ,(ସ୍ୱ.ପ୍ର): ମହାନଦୀର ବନ୍ୟା ଆସିବାରୁ ରାଜୁଆ ନଦୀର ଡାହାଣପଟ ନଦୀ ବନ୍ଧରେ ୩୦୦ ଫୁଟର ଘାଇ ହୋଇଛି। ଫଳରେ ଗଡସାନପୁଟ ପଞ୍ଚାୟତର ୧୪ଟି ଗ୍ରାମ ବାହ୍ୟ ଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡିଛି । ଲୋକପାଳ, ହଳଦିଆପଡା ଓ ଡୋଲପାଟଣା ଗ୍ରାମ ଅଧିକ ପ୍ରଭାବିତ ହୋଇଛି। ଅଧିକାଂଶ ଲୋକ ଲୋକପାଳ ଓ ହଳଦିଆପଡା ବିଦ୍ୟାଳୟରେ ଆଶ୍ରୟ ନେଇଛନ୍ତି। ପ୍ରଶାସନ ତରଫରୁ ଖାଦ୍ୟ ମିଳି ନ ଥିବାରୁ ନିଜସ୍ୱ ଅର୍ଥରେ ରୋଷେଇ କରି ଖାଉଛନ୍ତି। ମଦାରବସ୍ତ-ଅଣ୍ଡା, ମଦାରବସ୍ତ-ଷଢେଇଗଡ, ମଦାରବସ୍ତ-ଶରଧାପୁର ରାସ୍ତା ଉପରେ ବନ୍ୟାଜଳ ସ୍ରୋତ ଚାଲୁଥିବାରୁ ଗଡସାନପୁଟ ପଞ୍ଚାୟତର ଗଡସାନପୁଟ, ଲୋକପାଳ, ହଳଦିଆପଡା, ଡୋଲପାଟଣା, ଛୋଟିଯୋଡି, ଟିମେଇପୁର, କଣ୍ଟାବଣିଆ, ସାମନ୍ତରାପୁର, ଜୟପୁର, ଜଗନ୍ନାଥପୁର, ଖିଲେଇପାଟଣା, ବାହାବଜା, ଡିହପୁର, ମଦାରବସ୍ତ, ମୋଟରୀ ଓ ଝାଡକଟା ଗ୍ରାମବାସୀ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇରହିଛନ୍ତି।




୧୯।୮।୨୦୨୨

| ୨,୦୪,୮୫୧ ଟଙ୍କା | |
|---|---|
| ସୁନା | ୦୧ ଗ୍ରାମ |
| ରୁପା | ୧.୧.୪୦୦ଗ୍ରାମ |

## ସଂକ୍ଷେପରେ

### ବିପନ୍ନଙ୍କ ସମସ୍ୟା ପଚାରି ବୁଝିଲେ ମନ୍ତ୍ରୀ

ଗୋପ,୧୯।୮(ଡି.ଏନ୍.ଏ.)- ଗୋପ ବ୍ଲକ ଅଞ୍ଚଳର ବିଭିନ୍ନ ପଞ୍ଚାୟତ ଜଳାର୍ଣ୍ଣବ ହୋଇ ଲୋକେ ଦୁର୍ଦ୍ଦଶାରେ ରହିଥିବାବେଳେ ଶୁକ୍ରବାର ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ବୋଟ ଯୋଗେ ବିଭିନ୍ନ ଜାଗା ପରିଦର୍ଶନ କରିଛନ୍ତି। ଏଥିସହ ବିପନ୍ନମାନଙ୍କୁ ସମସ୍ୟା ପଚାରି ଖାଦ୍ୟ ଯୋଗାଇବା ସହ ସେମାନଙ୍କୁ ଆବଶ୍ୟକ ସାମଗ୍ରୀ ତୁରନ୍ତ ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ ବୋଟରେ ଗୋପ ବ୍ଲକର ନୂଆଖୋଲମରା, ରାହାଙ୍ଗଗୋରଡା, ଡଭାର ପଞ୍ଚାୟତରେ ଥିବା ସମସ୍ତ ଗାଁରେ ପହଞ୍ଚି ସରକାରୀ ରିଲିଫ ପହଞ୍ଚିଛି କି ନାହିଁ ପଚାରିଥିଲେ। ପରେ ବିପନ୍ନଙ୍କୁ ଚୁଡ଼ା, ଗୁଡ଼, କିରୋସିନ, ମହମବତି ରିଲିଫ ବାଣ୍ଟିଥିଲେ। ଏହି ଗସ୍ତବେଳେ ୧୧ ନମ୍ବର ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁ, ବ୍ଲକ ଅଧକ୍ଷା ଝୁନୁ ମଲ୍ଲିକ, ନୂଆଖୋଲମରା ସରପଞ୍ଚ ଉପେନ୍ଦ୍ର କାନୁନ୍‌ଗୋ, ରାହାଙ୍ଗଗୋରଡା ପଞ୍ଚାୟତର ସଭାପତି ହେମନ୍ତ ଛୋଟରାୟ, ଗୌତମ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପଟେ ବୋଟ ଯୋଗେ ଧର୍ମେନ୍ଦ୍ର ସାହୁ ଡଭାର ଗ୍ରାମକୁ ଯାଉଥିବାବେଳେ ବୋଟ୍ ଲିକ୍ ହୋଇଯାଇଥିଲା। ଅଧା ବାଟରେ ଏହା ହେବାରୁ ବୋଟରେ ଥିବା ଦମକଳ ବାହିନୀର ଏକ ଦଳ ତାଙ୍କୁ ଅନ୍ୟ ବୋଟକୁ ଉଦ୍ଧାର କରିଥିଲେ।

### ବନ୍ୟାଞ୍ଚଳ ପରିଦର୍ଶନ କଲେ ପୂର୍ବତନ ବିଧାୟକ

ଅସ୍ତରଙ୍ଗ, ୧୯।୮ (ଡି.ଏନ୍.ଏ): କାକଟପୁର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ତଥା ମିଳିତ ମଞ୍ଚ ଆବାହକ ସୁରେନ୍ଦ୍ର ନାଥ ସେଠୀ ନିଜ ସମର୍ଥକଙ୍କ ସହିତ ଶୁକ୍ରବାର ଅସ୍ତରଙ୍ଗ ତାଳଦାର ୪ଟି ୱାର୍ଡ ବୁଲି ବନ୍ୟା ବିପନ୍ନଙ୍କୁ ଚୁଡ଼ା, ଗୁଡ଼, ଦିଆସିଲି, ମହମବତି ବାଣ୍ଟିବା ସହ ସମସ୍ୟା ସମ୍ପର୍କରେ ପଚାରି ବୁଝିଛନ୍ତି। ବିପନ୍ନଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସେ ଦାବି କରିଛନ୍ତି। ସେ ଅସ୍ତରଙ୍ଗର ୪ଟି ୱାର୍ଡ, କାକଟପୁରର ବାଉରିଆକଣ, ପଥରପକ୍କା, ପାଟ ସୁନ୍ଦରପୁର, ମହାଦେବବସ୍ତ ବନ୍ୟାଞ୍ଚଳ ବୁଲିଥିଲେ। ସେଠୀଙ୍କ ଗସ୍ତରେ କାକଟପୁର ପଞ୍ଚାୟତ ସମିତି ଅଧକ୍ଷ ଶ୍ରୀଧର ନାୟକ, ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧକ୍ଷଙ୍କ ପ୍ରତିନିଧି ଦିବାକର ଛାଟୋଇ,



ପୂର୍ବତନ ଜିଲା ପରିଷଦ ସଭ୍ୟ ଗଦାଧର ବିଶ୍ୱାଳ, ଅଧିକାରୀ ବେହେରା, ସାଇରଞ୍ଜନ ପ୍ରଧାନ, ପବିତ୍ର ବିଶ୍ୱାଳ ଏବଂ ମିଳିତ ମଞ୍ଚର ସଦସ୍ୟମାନେ ସାମିଲ ଥିଲେ।

# ୬ ବ୍ଲକ୍‌ର ୧, ୪୩, ୪୨୯ ଲୋକ ପ୍ରଭାବିତ

**ବନ୍ୟା ସ୍ଥିତିର ସମୀକ୍ଷା କଲେ ରାଜସ୍ୱ ମନ୍ତ୍ରୀ**

- ୨୩,୬୩୫ ହେକ୍ଟର ଚାଷଜମି ଜଳମଗ୍ନ, ୩ ସ୍ଥାନରେ ବଡ଼ ଘାଇ
- ଖାଦ୍ୟ, ପଲିଥିନ୍ ଯୋଗାଣ ସହ ନଦୀବନ୍ଧ ଦୃଢ଼ୀକରଣକୁ ଗୁରୁତ୍ୱ

ପୁରୀ ଅଫିସ,୧୯।୮:

ପୁରୀ ଜିଲାରେ ବନ୍ୟା ସ୍ଥିତି ଓ ଏହାର ପରିଚାଳନା ସମ୍ପର୍କିତ ସମୀକ୍ଷା ବୈଠକ ଶୁକ୍ରବାର ସ୍ୱତନ୍ତ୍ର ସର୍କିଟ ହାଉସରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଅଧ୍ୟକ୍ଷତା କରିଥିଲେ। ବନ୍ୟା ସମୟରେ ଉଦ୍ଧାର, ରିଲିଫ ବଣ୍ଟନ, ଡାକ୍ତରୀ ଟିମ୍‌ଙ୍କ ବନ୍ୟାଞ୍ଚଳ ଗସ୍ତ ଓ ଧନଜୀବନ ହାନି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଜିଲା ପ୍ରଶାସନର ପ୍ରସ୍ତୁତି ଓ ପରିଚାଳନା ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା ଅବଗତ କରାଇଥିଲେ। ବନ୍ୟା କମିବା ପରେ ଚାଷୀଙ୍କୁ କିପରି କମ୍‌ଦିନରେ ଅଧିକ ଅମଳକ୍ଷମ ବିହନ ଯୋଗାଇଦିଆଯାଇପାରିବ ସେନେଇ ଆଲୋଚନା ହୋଇଥିଲା।

କଣାସ ବ୍ଲକ୍‌ର ମକରା ନଦୀରେ ଚୁପୁରିଙ୍ଗ ପଞ୍ଚାୟତ ପହିଲୁଣ୍ଡି ଗ୍ରାମ, ଗୋପ ବ୍ଲକ କୁଶଭଦ୍ରା ନଦୀର ବେଦପୁର ପଞ୍ଚାୟତର ଖଣ୍ଡିଆକୁଦ ଏବଂ ଜଟଣୀ ବ୍ଲକ ରାଜୁଆ ନଦୀର ହଳଦୀପଡ଼ାଠାରେ ଘାଇ ହେବା ଯୋଗୁ ବନ୍ୟା ସ୍ଥିତି ଅଣାୟତ୍ତ ହୋଇଥିବା ମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା। ବନ୍ୟାରେ ୬ଟି ବ୍ଲକ୍ ଅଧୀନ ୪୫ ପଞ୍ଚାୟତର ୧୮୯ ଗ୍ରାମର ୧ ଲକ୍ଷ ୪୩ ହଜାର ୪୨୯ ଲୋକ ପ୍ରଭାବିତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ କଣାସ ବ୍ଲକ୍‌ର ୨୩ ହଜାର ୨୦୦, ଗୋପର ୨୭ ହଜାର ୯୧୫, ଡେଲାଙ୍ଗର ୪୩ ହଜାର ୨୧୭, ପିପିଲି ବ୍ଲକ୍‌ର ୪ହଜାର ୨୪୦, ନିମାପଡ଼ାର ୪୪ହଜାର ୬୫୯ ଏବଂ ଅସ୍ତରଙ୍ଗ ବ୍ଲକର ୧୯୮ ଜଣ ଲୋକ ରହିଛନ୍ତି। ୧୨ ହଜାର ୩୧୯ ଜଣଙ୍କୁ



ବୈଠକରେ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ଲୋକପ୍ରତିନିଧି ଏବଂ ଅନ୍ୟମାନେ।

ଜଳଘେରରୁ ଉଦ୍ଧାର କରାଯାଇଛି। ୩୯ଟି ଆଶ୍ରୟସ୍ଥଳ ଖୋଲାଯାଇଛି। ୨୧ ଜଣ ପ୍ରସୂତିଙ୍କୁ ଚିକିତ୍ସା ପାଇଁ ପଠାଯାଇଛି। ପ୍ରଭାବିତଙ୍କୁ ୧୧୭୪.୨୩ କୁଇଣ୍ଟାଲ ଚୁଡ଼ା, ୧୧୧.୮୬ କୁଇଣ୍ଟାଲ ଗୁଡ଼, ୧ ଲକ୍ଷ ୪୭ ହଜାର ୭୪୪ ପାଣିବୋତଲ, ୮୭.୫୫ ମେଟ୍ରିକ୍ ଟନ୍ ଗୋଖାଦ୍ୟ ଓ ୧୪୧୫ ଖଣ୍ଡ ପଲିଥିନ୍ ବଣ୍ଟାଯାଇଛି। ୯୦ଟି ପଞ୍ଚାୟତର ୨୩ ହଜାର ୬୩୫ ହେକ୍ଟର ଚାଷଜମି ଜଳମଗ୍ନ ହୋଇଛି। ବିପର୍ଯ୍ୟୟ ମୁକାବିଲା ପାଇଁ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ, ୩୨ଟି ଦେଶୀଡଙ୍ଗା, ୨୬ଟି ଏସ୍ଆର୍‌ସି ବୋଟ୍ ନିୟୋଜିତ ହୋଇଛି। ବାଲିବସ୍ତା ଗଚ୍ଛିତ ସହ ନଦୀବନ୍ଧରେ ରାତ୍ରିକାଳୀନ ପଇଁତରା, ୧୨ ମେଡିକାଲ୍ ଟିମ୍, ୫ ପଶୁଚିକିତ୍ସା ଟିମ୍, ୨ ଓଡ୍ରାଫ, ୩ ଏନ୍‌ଡିଆର୍‌ଏଫ୍ ଟିମ୍ ଏବଂ ୭ଟି ଅଗ୍ନିଶମ ଟିମ୍ ମୁତୟନ ଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଓ ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ ପଞ୍ଚାୟତ ସ୍ତରରେ ଆଶ୍ରୟସ୍ଥଳୀ କମ୍ ପଡୁଥିବା ପ୍ରସଙ୍ଗ ଉଠାଇଥିଲେ। ନିମାପଡ଼ା ବିଧାୟକ ତଥା ମନ୍ତ୍ରୀ ସମୀର ରଞ୍ଜନ ଦାଶ ନଦୀବନ୍ଧୀ ଦୃଢ଼ୀକରଣ, ନଦୀବନ୍ଧକୁ ରାସ୍ତା, ଠିକ ଭାବେ ଶୁଖିଲା ଖାଦ୍ୟ ବଣ୍ଟନ ଓ ପର୍ଯ୍ୟାପ୍ତ ପରିମାଣର ପଲିଥିନ ଯୋଗାଇଦେବାକୁ କହିଥିଲେ। ପଶୁଙ୍କ ପାଇଁ ପଲିଥିନ ଓ ଖାଦ୍ୟ ଯୋଗାଣ ଉପରେ ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ ଗୁରୁତ୍ୱାରୋପ କରିଥିଲେ। ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ କହିଥିଲେ, ବନ୍ୟା ପ୍ରଭାବିତ ତାଲିକାରେ ପୁରୀ ସଦର ସାମିଲ ନ ହେଲେ ମଧ୍ୟ ବର୍ଷା ପାଣି ଜମି ରହିବାରୁ ସୁଜାତା ନଗର ଭଳି ଅନେକ ଅଞ୍ଚଳ ଜଳବନ୍ଦୀ ହୋଇଛି। ସେମାନଙ୍କ ପାଖରେ ପ୍ରଶାସନ ରିଲିଫ୍ ପହଞ୍ଚାଇ ପାରିନାହିଁ। ତେଣୁ ଏଥିପ୍ରତି ଦୃଷ୍ଟି ଦିଆଯିବାକୁ ସେ ଦାବି କରିଥିଲେ। ବୈଠକ ପରେ ରାଜସ୍ୱ ମନ୍ତ୍ରୀ ମଲ୍ଲିକ କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବନ୍ୟା ପରିଚାଳନା ବ୍ୟବସ୍ଥାର ସମୀକ୍ଷା କରାଯାଇଛି। ପ୍ରଶାସନ ସଫଳ ଭାବେ ପରିଚାଳନା କରୁଛି। ଜିଲା ପ୍ରଶାସନକୁ ଅନେକ ପରାମର୍ଶ ଓ ପ୍ରସ୍ତାବ ଦିଆଯାଇଛି। ଏହାକୁ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରାଯିବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି, ଜିଲା ପରିଷଦ ଅଧକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ ଏବଂ ଉପାଧକ୍ଷ ସ୍ୱାଧୀନ ନାୟକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।



ପୁରୀ ସହରସ୍ଥିତ ସୁଜାତା ନଗର ଅଞ୍ଚଳରେ ବର୍ଷା ପାଣି ଜମି ରହିଥିବାରୁ ଲୋକେ ଡଙ୍ଗା ଯୋଗେ ଯାତାୟାତ କରୁଛନ୍ତି ।

# ପାଣିଘେରରେ ୬ ପଞ୍ଚାୟତର ୨୫ ଗାଁ

ପିପିଲି,୧୯।୮(ଡି.ଏନ୍.ଏ.):

ବନ୍ୟାଜଳର ସ୍ତର କିଛି ମାତ୍ରାରେ କମିଥିବା ବେଳେ ଏବେ ବି କେତେକ ପଞ୍ଚାୟତ, ଗ୍ରାମ ଜଳମଗ୍ନରେ ରହିଛି। ଏହି ପରିପ୍ରେକ୍ଷୀରେ ପିପିଲି ବ୍ଲକର ୬ ପଞ୍ଚାୟତ ଯଥା- କଣ୍ଟି, ଭାରତୀପୁର, ପାଣିଦୋଳ, ହାଟସାହି, ପୋପରଙ୍ଗା, ପୁବାର ୨୫ଟି ଗ୍ରାମରେ ଆଣ୍ଠୁଏରୁ ଉପରେ ପାଣି ରହିଛି। ଫଳରେ ଲୋକେ ନାନା ଅସୁବିଧାରେ ସମ୍ମୁଖୀନ ହେଉଥିବାବେଳେ ଗୃହପାଳିତ ଗୋରୁ ମଧ୍ୟ ବିଭିନ୍ନ ରୋଗର ଆକ୍ରାନ୍ତ ହେଉଛନ୍ତି। ତେବେ ବ୍ଲକରେ ହୋଇଥିବା ୮ ରିଲିଫ କ୍ୟାମ୍ପ ମଧ୍ୟରୁ ୪ଟିରେ ୬୫୯ଜଣ ଆଶ୍ରୟ ନେଇଛନ୍ତି। ସେମାନଙ୍କୁ ରନ୍ଧାଖାଦ୍ୟ ଦିଆଯାଉଥିବା ବେଳେ ଅନ୍ୟ ବିପନ୍ନଙ୍କୁ ଚୁଡ଼ା, ଗୁଡ଼ ସମେତ ଶୁଖିଲା ସାମଗ୍ରୀ ଯୋଗାଇ ଦିଆଯାଉଛି। ଅନ୍ୟପକ୍ଷେ ୬ ପଞ୍ଚାୟତ ସମେତ ଅନ୍ୟ ପଞ୍ଚାୟତର ମଧ୍ୟ ହଜାର ହଜାର ହେକ୍ଟର ଧାନ ଫସଲ ନଷ୍ଟ ହେବା ସହିତ ପନିପରିବା, ପାନ ଚାଷୀ କ୍ଷତିଗ୍ରସ୍ତ ସହିଛନ୍ତି। ତେବେ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ବିଡିଓ ରଶ୍ମିତା ନାତ, ତହସିଲଦାର ପୁନମ ମହାପାତ୍ର, ଯୋଗାଣ ନିରୀକ୍ଷକ ଇନ୍ଦ୍ର ସିଂ, ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ସବୁ ବିଭିନ୍ନ ଅଞ୍ଚଳ ବୁଲି ତଦାରଖ କରୁଛନ୍ତି। ଲଘୁଚାପ ବର୍ଷା ଓ ବନ୍ୟାପାଣି କମିବା ପରେ ସରକାରଙ୍କ ଅନ୍ୟାନ୍ୟ ସାହାଯ୍ୟ ତଦନ୍ତ କରି ବିପନ୍ନଙ୍କୁ ଦିଆଯିବ ବୋଲି ବିଡିଓ ନାଥ କହିଛନ୍ତି। ଅନ୍ୟପଟେ ଦୁଇଦିନ ବନ୍ୟାଜଳ କମିଥିବାରୁ ପିପିଲି-ନିମାପଡ଼ା-କୋଣାର୍କ ରାସ୍ତା ଏବଂ ପିପିଲି-ଜଟଣୀ ରାସ୍ତାରେ ଲୋକେ ସ୍ୱାଭାବିକ ଭାବେ ଯାତାୟାତ କରୁଛନ୍ତି।

# ରାଜସ୍ୱ ମନ୍ତ୍ରୀଙ୍କ ବନ୍ୟାଞ୍ଚଳ ପରିଦର୍ଶନ



ବନ୍ୟା ବିପନ୍ନଙ୍କ ସହ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଆଲୋଚନା କରୁଛନ୍ତି ।

**ସ୍ଥିତି ପରଖିବା ସହ ଆଶ୍ରୟସ୍ଥଳରେ ବିପନ୍ନଙ୍କୁ ଭେଟିଲେ**

କଣାସ/ଡେଲାଙ୍ଗ, ୧୯।୮(ସ୍ୱ.ପ୍ର./ଡି.ଏନ୍.ଏ.)

ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଶୁକ୍ରବାର କଣାସ ଓ ଡେଲାଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତକୁ ପାୱାର ବୋଟ ଯୋଗେ ଯାଇ ପରିଦର୍ଶନ କରିଛନ୍ତି। ପ୍ରଥମେ କଣାସ ଦେଇଯାଇଥିବା ମକରା ନଦୀରେ ହୋଇଥିବା ଘାଇ ସ୍ଥଳକୁ ଯାଇ ଦେଖିବା ସହ ଦୁର୍ଦ୍ଦଶାରେ ଥିବା ଦୋକନ୍ଦା, ବାଲିପାଟଣା, ତରପଡା, ବଡାସ ଗ୍ରାମକୁ ଯାଇ ବିପନ୍ନଙ୍କ ସମସ୍ୟା ବୁଝିଥିଲେ। ପରେ ଡେଲାଙ୍ଗ ବ୍ଲକର କଲ୍ୟାଣପୁର ପଞ୍ଚାୟତରେ ପହଞ୍ଚି ବନ୍ୟା ସ୍ଥିତି ସମୀକ୍ଷା କରିଥିଲେ। କଲ୍ୟାଣପୁର ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ବାତ୍ୟା ଆଶ୍ରୟସ୍ଥଳୀରେ ଆଶ୍ରୟ ନେଇଥିବା ବିପନ୍ନଙ୍କୁ ଭେଟିବା ସହିତ ଖାଦ୍ୟ ଓ ପାନୀୟ ସମ୍ପର୍କରେ ପଚାରି ବୁଝିଥିଲେ। ସେଠାରୁ ରାହୁଅ, ନୂଆହାଟ, ଶିଶୁଆପଡା, ବାଲିହୁଙ୍କା, କରିମୂଳ, ସେବତୀପୁର, ଘନିପୁର, ସାଉରିଆ, ଗଡମୋଟରୀ, ସୁଜନପୁର, ଡେଲାଙ୍ଗ -କୋଠବାଡ ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇଥିଲେ। ମନ୍ତ୍ରୀଙ୍କ ସହିତ ବିଧାୟକ ଉମାକାନ୍ତ ସାମନ୍ତରାୟ, ଉନ୍ନୟନ ଅଧିକାରୀ ଦିଲୀପ କୁମାର ଷଡଙ୍ଗୀ, ପଞ୍ଚାୟତ ସମିତି ଅଧକ୍ଷା ବାସନ୍ତୀ ସାହୁ, ବିଧାୟକ ରୁଦ୍ରପ୍ରତାପ ମହାରଥୀ, ଉପାଧକ୍ଷ ଦୁର୍ବାଶା ନିଶଙ୍କ, ଜିଲା ପରିଷଦ ସଭ୍ୟ ପ୍ରସନ୍ନ ସାହୁ, କଣାସ ତହସିଲଦାର ସ୍ମୃତିରଞ୍ଜନ ଶତପଥୀ, କଣାସ ବିଡିଓ ଲୋଚନ ଦାସ, ଡେଲାଙ୍ଗ ଥାନା ଅଧିକାରୀ ଅନିଲ ମହାନ୍ତି, କଲ୍ୟାଣପୁର ସରପଞ୍ଚ ଗୋବର୍ଦ୍ଧନ ସେଠୀ ପ୍ରମୁଖ ସାମିଲ ଥିଲେ। ସେହିଭଳି ଡେଲାଙ୍ଗ -ପିପିଲି ଜନକଲ୍ୟାଣ ମଞ୍ଚର ଆବାହକ ରାଧାମୋହନ ଓ ଜନ୍ମେଜୟ ଜେନା ଡେଲାଙ୍ଗ ବ୍ଲକର କଲ୍ୟାଣପୁର ପଞ୍ଚାୟତର ରାହୁଅ, ମୁନିନ୍ଦାର ଶଙ୍ଖପାଟ ଓ ଡାକପଡା, ଡେଲାଙ୍ଗ -କୋଠବାଡ ପଞ୍ଚାୟତର ସାନଆଙ୍କୁଲା ଗ୍ରାମକୁ ଯାଇ ବିପନ୍ନଙ୍କୁ ଭେଟିଛନ୍ତି । ପରେ ବ୍ଲକ ପ୍ରଶାସନ ପକ୍ଷରୁ କଲ୍ୟାଣପୁର, ସୁଜନପୁର, ଗଡମୋଟରୀ, ଡେଲାଙ୍ଗ -କୋଠବାଡ, ମୁନିନ୍ଦା ପଞ୍ଚାୟତର ୧୦ଟି ସେଣ୍ଟରରେ ଆଶ୍ରୟ ନେଇଥିବା ବିପନ୍ନଙ୍କୁ ରନ୍ଧାଖାଦ୍ୟ ବଣ୍ଟନ କରାଯାଇଛି।

## କଣାସ-ଡେଲାଙ୍ଗର ଅଧିକାଂଶ ପଞ୍ଚାୟତ ଜଳାର୍ଣ୍ଣବ

କଣାସ,୧୯।୮(ସ୍ୱ.ପ୍ର.):

କଣାସ ବ୍ଲକରେ ପ୍ରବାହିତ ହେଉଥିବା ଦୟା ନଦୀରେ ବିଗତ ବର୍ଷଠାରୁ ଚଳିତବର୍ଷ ଅଧିକ ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ କଣ୍ଟି ଓ ମାଧିପୁର କାଜରୁ ଚାରି ଦିନ ହେଲା ତିନି ଫୁଟରୁ ଊର୍ଦ୍ଧ୍ୱ ବନ୍ୟାଜଳ ନିର୍ଗତ ହେଉଥିବା ବେଳେ କଣାସ ଓ ଡେଲାଙ୍ଗ ବ୍ଲକର ଅଧିକାଂଶ ପଞ୍ଚାୟତ ଜଳାର୍ଣ୍ଣବ ହୋଇରହିଛି। ଡେଲାଙ୍ଗ ବ୍ଲକର ସୁଜନପୁର, ଡେଲାଙ୍ଗ କୋଠବାଡ, ମୁନିନ୍ଦା, ସାଉରିଆ, କଲ୍ୟାଣପୁର ପଞ୍ଚାୟତର ସମସ୍ତ ଗ୍ରାମ୍ୟ ରାସ୍ତା ଓ ଧାନ ଜମି ତିନିଦିନ ହେଲା ବୁଡି ରହିବାରୁ ଯାତାୟାତ ହୋଇପାରୁନି। ବନ୍ୟାଜଳ ତଳ ମୁହାଁ ହେବାରୁ ତ୍ରିଲୋଚନପୁର ପଞ୍ଚାୟତର ଚାନ୍ଦପଡା, ବଳାଜିତପୁର, ନୂଆଗାଁ, ରାଣୀପଡା, ଚଞ୍ଚଟଇପଡା, ବେଲପଡା, ଗାଉପଡା, ମାନପୁର, ନୂଆପଡା ସିରେଇ ପଞ୍ଚାୟତର ଟିପୁରୀ, ସୁଧାଗର, ଦେଠିଆପଡା, ସିରେଇ, ରାହାନ୍ଦିଆ, ସହନା, ଚାନ୍ଦପଡା ଗ୍ରାମର ଚାଷ ଜମି ବୁଡିଯାଇଛି ।

## ଜଳଘେରରେ ୪ ଗାଁ

ବଳଙ୍ଗା,୧୯।୮(ଡି.ଏନ୍.ଏ.)- ବଳଙ୍ଗାରେ ଭାର୍ଗବୀ ନଦୀର ବନ୍ୟା ଜଳ ହ୍ରାସ ପାଉଛି। ଅନ୍ୟପଟେ ଧନୁଆ ନଦୀର ବନ୍ୟା ଜଳ ତିନିମୁହାଣିଠାରେ ନିଷ୍କାସିତ ହେବାରେ ସମୟ ଲାଗୁଥିବାରୁ ଏଠାରେ ବନ୍ୟା ଜଳ ବୃଦ୍ଧି ପାଇବାରେ ଲାଗିଛି। ଗୁରୁବାର ବନ୍ୟାଜଳ ପ୍ରବେଶ ଯୋଗୁ ବଳଙ୍ଗା ଥାନା ଅନ୍ତର୍ଗତ ସାଇଁଶ ଶାସନ, କୋଠକୁସାଙ୍ଗ, ନୂଆସନ୍ଥ, ବାମନାଳ, ଉଚ୍ଛୁପୁର ଗ୍ରାମର ବାସିନ୍ଦା ଜଳବନ୍ଦୀ ରହିଛନ୍ତି। ସମସ୍ତ ଚାଷଜମିରେ ୪ ଫୁଟର ବନ୍ୟାଜଳ ପ୍ରବାହିତ ହେଉଛି। ଏଥିସହ ବଳଙ୍ଗା-ନିମାପଡ଼ା ରାସ୍ତାରେ ୪ଫୁଟ ଏବଂ ବଳଙ୍ଗା -ଖେଲାର ରୋଡ୍‌ରେ ୩ ଫୁଟ ଉଚ୍ଚର ବନ୍ୟାଜଳ ପ୍ରବାହିତ ଯୋଗୁ ଯାତାୟାତ ଠପ୍ ହୋଇପଡ଼ିଛି।



ନିମାପଡ଼ା ରେଞ୍ଚ ପଞ୍ଚାୟତର ଏକ ଗ୍ରାମର ବନ୍ୟାପାଣି ଜମିରହିଛି ।

# ନଦୀବନ୍ଧରୁ ୨୫ ପରିବାର ସ୍ଥାନାନ୍ତର

ପିପିଲି,୧୯।୮(ଡି.ଏନ୍.ଏ.):

ଦୟା ଓ ଭାର୍ଗବୀ ନଦୀରେ ବନ୍ୟାଜଳର ଜଳସ୍ତର କିଛିମାତ୍ରାରେ କମିଛି, ହେଲେ ଲୋକଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ଏବେ ବନ୍ୟାଜଳ ନଦୀରେ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବା ବେଳେ ଲଘୁଚାପଜନିତ ଲଗାଣ ବର୍ଷା ବଡ଼ ବିପତ୍ତି ଆଣିବ ବୋଲି ପ୍ରଶାସନ ପକ୍ଷରୁ ସର୍ତକ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ପିପିଲି ବ୍ଲକ ଅନ୍ତର୍ଗତ ପୁବା ପଞ୍ଚାୟତର ଭାର୍ଗବୀ ନଦୀ ବନ୍ଧରେ ବିପଦ ସଙ୍କୁଳ ଅବସ୍ଥାରେ ରହୁଥିବା ଶବର ସାହିର ୨୫ ପରିବାରର ୧୫୦ ଜଣ ଲୋକଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ଗୁରୁବାର ରାତିରେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି। ପ୍ରଥମେ ବ୍ଲକ ପ୍ରଶାସନ ଓ ସ୍ଥାନୀୟ ସରପଞ୍ଚ ରଶ୍ମିତା ଦାଶ, ସମିତିସଭ୍ୟ ଚନ୍ଦ୍ରମଣି ବେହେରା ଓ ଜିଲା ପରିଷଦଙ୍କ ପ୍ରତିନିଧି ମାନସ ରଞ୍ଜନ ବେହେରା ଓ ନେତା କାର୍ତ୍ତିକ ବେହେରା, ମୁରବି ଭାଗୀରଥି ସାହୁ ପ୍ରମୁଖ ଏହି ୨୫ ପରିବାରଙ୍କୁ ନିରାପଦ ସ୍ଥାନକୁ ନେବା ପାଇଁ ବହୁତ ଚେଷ୍ଟା କରିଥିଲେ ସୁଦ୍ଧା ସେମାନେ ରୋକଠୋକ ସେହି ସ୍ଥାନ ଛାଡି ଯିବାକୁ ମନା କରିଥିଲେ। ପରେ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ବିଡିଓ ରଶ୍ମିତା ନାଥ, ପିପିଲି ଥାନାଧିକାରୀ ଅଭିମନ୍ୟୁ ନାୟକ, ଅତିରିକ୍ତ ତହସିଲଦାର ଜିତେନ୍ଦ୍ର ପଣ୍ଡା, ଉତ୍ତରା ଫାଣ୍ଡି ଅଧିକାରୀ ସୋମ୍ୟରଞ୍ଜନ ଜେନା, ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ ପ୍ରମୁଖ ରାତିରେ ସେମାନଙ୍କ ନିକଟରେ ପହଞ୍ଚି ବହୁତ ବୁଝାଶୁଝା କରି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିଥିଲେ। ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଉତ୍ତରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ରଖାଯାଇଛି। ଏଥିସହ କିଛି ଶୁଖିଲା ଓ ରନ୍ଧାଖାଦ୍ୟ ଦିଆଯାଇଛି। ଖବରପାଇ ବ୍ଲକ ଅଧକ୍ଷା ଦେବସ୍ୱିନୀ ନନ୍ଦ, ଜିଲା ପରିଷଦ ସଭ୍ୟା ସୁଶ୍ରୀସଙ୍ଗିତା ବେହେରା ସ୍ଥାନାନ୍ତରିତ ହୋଇଥିବା ଲୋକମାନଙ୍କ ନିକଟରେ ପହଞ୍ଚି ତାଙ୍କର ଭଲମନ୍ଦ ବୁଝିବା ସହ ଠିକ୍ ଭାବେ ଖାଦ୍ୟ ଦିଆଯାଉଛି କି ନାହିଁ ପଚାରି ବୁଝିଥିଲେ।

# ୪ହଜାର ବିପନ୍ନଙ୍କୁ ଏସ୍‌ବିଆଇ ପକ୍ଷରୁ ରିଲିଫ୍ ବଣ୍ଟନ

ନିମାପଡ଼ା,୧୯।୮(ଡି.ଏନ୍.ଏ.):

ନିମାପଡ଼ା ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ଶାଖା ପକ୍ଷରୁ ସ୍ଥାନୀୟ ବ୍ଲକ ଅନ୍ତର୍ଗତ ଶଗଡ଼ା ପଞ୍ଚାୟତର ଆଙ୍କୁଶପୁର, କନପୁର, ଶଗଡ଼ାଦେଉଳ, ଘୋଡ଼ାଶାଳିଆ, ସାନଶ୍ରୀମୁଖ ଆଦି ୬ଟି ଗ୍ରାମର ବନ୍ୟାପାଣି ଘେରରେ ଜଳବନ୍ଦୀ ହୋଇ ରହିଥିବା ୮ଶହ ପରିବାରର ୪ହଜାର ଲୋକଙ୍କୁ ରିଲିଫ ପ୍ରଦାନ କରାଯାଇଛି। ଚୁଡ଼ା, ଚିନି, ବିସ୍କୁଟ, ଛତୁଆ, ଚା'ପତି, କ୍ୟାଲେଣ୍ଡ, ଦିଆସିଲ ଆଦି ରିଲିଫ ପ୍ୟାକେଟ, ପାଣି ବୋତଲ ଆଦି ବଣ୍ଟନ କରାଯାଇଛି। ଷ୍ଟେଟ ବ୍ୟାଙ୍କ ନିମାପଡ଼ା ଶାଖାର ପରିଚାଳକ ଟାୟାରସ୍ ଟପୋ, ରିଜିଓନାଲ ମ୍ୟାନେଜର ପତିତପାବନ ପରିଡ଼ା ଓ ବ୍ୟାଙ୍କର କର୍ମଚାରୀମାନେ ବନ୍ୟାଞ୍ଚଳରେ ପହଞ୍ଚି ବିପନ୍ନମାନଙ୍କୁ ରିଲିଫ ବଣ୍ଟନ କରିଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ବନ୍ୟାର ୪ଦିନ ମଧ୍ୟରେ ପାଣିଘେରରେ ଜଳବନ୍ଦୀ ହୋଇଥିବା ବିପନ୍ନଙ୍କୁ ସରକାରୀ ସହାୟତା ମିଳି ନ ଥିବାବେଳେ ଏବେ ବ୍ୟାଙ୍କ ପକ୍ଷରୁ ମିଳିଥିବା ସାମଗ୍ରୀକୁ ନେଇ ଖୁସିବ୍ୟକ୍ତ କରିଛନ୍ତି।




# ବିପନ୍ନଙ୍କୁ ପର୍ଯ୍ୟାୟକ୍ରମେ ମିଳୁଛି ସହାୟତା

- ୧୨୫୮ ଜଣଙ୍କୁ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର
- ୨୦.୫୫ ମେଟ୍ରିକ ଟନ ଗୋଖାଦ୍ୟ ବଣ୍ଟନ

ନିମାପଡ଼ା,୧୯।୮(ଡି.ଏନ୍.ଏ.):

କୁଶଭଦ୍ରା, ଧନୁଆ ନଦୀରେ ବନ୍ୟା ଯୋଗୁ ନିମାପଡ଼ା ବ୍ଲକର ୧୪ ପଞ୍ଚାୟତର ୧୫୦ ଗ୍ରାମ ଜଳମଗ୍ନ ହୋଇପଡ଼ିଛି। ୧୪ ପଞ୍ଚାୟତର ୫୮ହଜାର ଲୋକ ଜଳବନ୍ଦୀରେ ଥିବାବେଳେ ପ୍ରଶାସନ ପକ୍ଷରୁ ପର୍ଯ୍ୟାୟକ୍ରମେ ସହାୟତା ଦିଆଯାଉଛି। ନିମାପଡ଼ା କୁଶଭଦ୍ରା ନଦୀର ବିପଦ ସଙ୍କେତ ୧୦.୮୨ ମିଟର ଥିବାବେଳେ ଏବେ ୧୦ମିଟରରେ ଜଳ ପ୍ରବାହିତ ହେଉଛି। ହେଲେ ତିନିମୁହାଣରେ ଧନୁଆଁ ନଦୀର ବିପଦ ସଙ୍କେତ ୬.୬୫ ମିଟର ଥିବାବେଳେ ଶୁକ୍ରବାର ଅପରାହ୍ନ ସୁଦ୍ଧା ୬ମିଟର ରହିଛି। ଧନୁଆଁ ନଦୀରେ ଜଳ ବଢ଼ିଯାଇଥିବାରୁ ନିମାପଡ଼ାର ଅଧିକାଂଶ ପଞ୍ଚାୟତର ଚାଷଜମି ନଷ୍ଟ ହୋଇଯାଇଥିବା ଚାଷୀ ସୁବାସ ପ୍ରଧାନ, ରଘୁନାଥ ସ୍ୱାଇଁ, ରମେଶ ପରିଡ଼ା ପ୍ରମୁଖ କହିଛନ୍ତି। ତେବେ ବ୍ଲକରେ ୬ହଜାର ଶହେ ହେକ୍ଟର ଚାଷଜମିରେ ବନ୍ୟାଜଳ ପଶି ଫସଲ ନଷ୍ଟ ହୋଇଥିବା କୃଷି ଜିଲା ଅଧିକାରୀ ଶରତ ପରିଡ଼ା, ବ୍ଲକ କୃଷି ଅଧିକାରୀ ପ୍ରଦୀପ ଦାଶ, ସହକାରୀ କୃଷି ଅଧିକାରୀ ସୁବାସ ଚନ୍ଦ୍ର ବାରିକ କହିଛନ୍ତି। ହେଲେ ବେସରକାରୀ ଭାବେ ପ୍ରାୟ ୧୯ହଜାର ୫ଶହ ହେକ୍ଟର ଚାଷଜମି ନଷ୍ଟ ହୋଇଥିବା ଚାଷୀମାନେ କହିଛନ୍ତି।

ବ୍ଲକର ୫୮ହଜାର ଲୋକ ୪ଦିନ ହେବ ପାଣିଘେରରେ ଥିବାବେଳେ ସରକାରୀ ରିଲିଫ ଅଳ୍ପ କିଛି ଜାଗାରେ ପହଞ୍ଚିଛି। ପ୍ରାୟ ୬ ପଞ୍ଚାୟତର ୧୨୫୮ ଜଣ ବିପନ୍ନଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଥିବା ବେଳେ ରନ୍ଧାଖାଦ୍ୟ ଦିଆଯାଇଥିବା ବିଡିଓ ବସନ୍ତ କୁମାର ମଲ୍ଲିକ କହିଛନ୍ତି। ବିପନ୍ନଙ୍କୁ ରିଲିଫ ଆକାରରେ ୧ଶହ କୁଇଣ୍ଟାଲ ଚୁଡ଼ା ଓ ୧୦କୁଇଣ୍ଟାଲ ଗୁଡ଼ ଯୋଗାଇ ଦିଆଯାଇଛି। ସେହିଭଳି ଗତ ୨ଦିନ ଭିତରେ ବିପନ୍ନଙ୍କୁ ୩ଶହ ଖଣ୍ଡ ପଲିଥିନ ଦିଆଯାଇଥିବାବେଳେ ଆଗକୁ ଆହୁରି ଦିଆଯିବ ବୋଲି ତହସିଲଦାର ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀ କହିଛନ୍ତି। ଅନ୍ୟପଟେ ଗ୍ରାମ୍ୟଯୋଗାଣ ବିଭାଗ ପକ୍ଷରୁ ବନ୍ୟାକ୍ଲିଷ୍ଟ ପଞ୍ଚାୟତକୁ ୪୦ହଜାର ପାନୀୟ ଜଳ ବୋତଲ ଦିଆଯାଇଥିବା ବେଳେ ପାଣିଘେରରେ ଥିବା ୭ ପଞ୍ଚାୟତକୁ ୭ଟି ପାଣି ଟ୍ୟାଙ୍କର ଯୋଗେ ଜଳଯୋଗାଣ ବ୍ୟବସ୍ଥା କରାଯାଇଥିବା ସହକାରୀ ଯନ୍ତ୍ରୀ ପ୍ରବୀର କୁମାର ବଳ କହିଛନ୍ତି। ସେହିପରି ଗୃହପାଳିତ ପଶୁଙ୍କ ପାଇଁ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଶୁକ୍ରବାର ବନ୍ୟାକ୍ଲିଷ୍ଟ ଅଞ୍ଚଳକୁ ୨୦.୫୫ ମେଟ୍ରିକ ଟନ ଗୋଖାଦ୍ୟ ଦିଆଯାଇଛି। ବ୍ଲକରେ ମୋଟ ୫୬.୯୯ ମେଟ୍ରିକ ଟନ ଗୋଖାଦ୍ୟ ଆବଶ୍ୟକ ରହିଛି। ବିଭାଗ ପକ୍ଷରୁ ଭ୍ରାମ୍ୟମାଣ ପଶୁ ଚିକିତ୍ସକ କେନ୍ଦ୍ର ବ୍ୟବସ୍ଥା କରାଯାଇ ରୋଗାକ୍ରାନ୍ତ ପଶୁଙ୍କୁ ଚିକିତ୍ସା କରାଯାଉଛି। ଡ. ଆକାଶ ମିଶ୍ରଙ୍କ ନେତୃତ୍ୱରେ ରାପିଡ୍ ରେସପନ୍ସ ଟିମ୍ ଓ ମୋବାଇଲ ଭେଟେରିନାରୀ ୟୁନିଟ ଜରିଆରେ ଚିକିତ୍ସା ଓ ଟିକାକରଣ କରାଯାଉଥିବା ବ୍ଲକ ଭେଟେରିନାରୀ ଅଫିସର ଡ. ସନ୍ଦୀପ୍ତା ସେନାପତି କହିଛନ୍ତି। ବ୍ଲକରେ ୨୩ହଜାର ଗୃହପାଳିତ ପଶୁ ପାଣିଘେରରେ ରହି ବିପନ୍ନ ହୋଇଥିବା ସେନାପତି କହିଛନ୍ତି।

## ବନ୍ୟାବିପନ୍ନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ

**ଖୁଣ୍ଟୁଣୀ,(ଡି.ଏନ୍.ଏ.):** ବନ୍ୟା ପ୍ରଭାବରେ ଖୁଣ୍ଟୁଣୀ ଥାନା ଅଧୀନ କଖଡ଼ି, ମଞ୍ଚେଶ୍ୱର, ଧୁରୁଷିଆ ଓ ଅନନ୍ତପୁର ପଞ୍ଚାୟତର ଅନେକ ଗାଁ ପ୍ରଭାବିତ ହୋଇଛି। ଖୁଣ୍ଟୁଣୀ ଟ୍ରକ ମାଲିକ ସଂଘ ପକ୍ଷରୁ ବୁଧବାର ଓ ଗୁରୁବାର ଦୁଇଦିନ ଧରି ବିପନ୍ନମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ସଂଘ ସଭାପତି ମନୋଜ କୁମାର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟକାରୀ ସଭାପତି ବିଜୟ ସାମଲଙ୍କ ନେତୃତ୍ୱରେ ଆକାଉଣ୍ଟାଣ୍ଟ ବନମାଳି ବେହେରା, ଶୁଭେନ୍ଦୁ ସାହୁ, ପ୍ରୀତିରଞ୍ଜନ ମାଝି, ସୁଧାକର ବେହେରା, ଟୁକୁନା ଦାସ, ରଞ୍ଜନ ମୁଦୁଲି, ଗଣେଶ ମୁଦୁଲି ଓ ରାଜେଶ ଦାସ ପ୍ରମୁଖ ଉପରୋକ୍ତ ପଞ୍ଚାୟତର ବିପନ୍ନମାନଙ୍କୁ ରିଲିଫ ବଣ୍ଟନ କରିଥିଲେ।

## ସଂକ୍ଷେପରେ

### ବାଇକ୍ ଚୋରି ଅଭିଯୋଗରେ ଯୁବକ ଗିରଫ

**ମଙ୍ଗୁଳି,୧୯।୮(ଡି.ଏନ୍.ଏ.):** ବାଇକ ଚୋରି ଅଭିଯୋଗରେ ଜଗତ୍ପୁର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ଆଠମଣିଆ ଗ୍ରାମର ନନ୍ଦକିଶୋର ଭୋଇ। ତାଙ୍କଠାରୁ ଏକ ବାଇକ ଜବତ କରାଯାଇଛି। ମଙ୍ଗଳବାର ରାତିରେ ଆଠମଣିଆ ଗ୍ରାମର ସଂଗ୍ରାମ ବେହେରା ନିଜ ଘର ଆଗରେ ବାଇକ୍ ରଖି ଭିତରକୁ ଯାଇଥିଲେ। କିଛି ସମୟ ପରେ ଘର ବାହାରକୁ ଆସି ବାଇକ୍ ନ ଥିବା ଦେଖିବାକୁ ପାଇଥିଲେ। ଏ ନେଇ ସଂଗ୍ରାମଙ୍କ ବାପା ଅନନ୍ତ କିଶୋର ବେହେରା ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୩୪୧/୨୨) ରୁଜୁ କରିଥିଲା।

### ଶିବିରରୁ ୭୦ ୟୁନିଟ୍ ରକ୍ତ ସଂଗ୍ରହ

**ଫୁଲନଖରା, ୧୯।୮(ଡି.ଏନ୍.ଏ.):** କଟକ ସଦର ଥାନା ଅନ୍ତର୍ଗତ ପୀରବଜାରଠାରେ ଥିବା କଳିଙ୍ଗ ଭାରତୀ ଆବାସିକ ମହାବିଦ୍ୟାଳୟରେ ଶୁକ୍ରବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ଜାନକୀ ବଲ୍ଲଭ ପାଢ଼ୀଙ୍କ ଜନ୍ମଦିନ ଉପଲକ୍ଷେ ଏହି ଶିବିର ଆୟୋଜିତ ହୋଇଥିଲା। ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ଓ କଳିଙ୍ଗ ଭାରତୀ ଆବାସିକ ମହାବିଦ୍ୟାଳୟର ମିଳିତ ସହଯୋଗରେ ଅନୁଷ୍ଠିତ ଶିବିରକୁ ମୁଖ୍ୟ ଅତିଥି ରୋଟାରୀ ହେରିଟେଜ୍‌ର ସଭାପତି ରାଜେନ୍ଦ୍ର କୁମାର ଦାସ ଉଦ୍‌ଘାଟନ କରିଥିଲେ। ଏଥିରେ ୭୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ରୋଟାରିୟାନ ରାଜ ନାରାୟଣ ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ଦାସ, ବି.ଏନ୍. ମହାନ୍ତି, ଦେବବ୍ରତ ପାଣିଗ୍ରାହୀ ଯୋଗଦେଇଥିଲେ। ମହାବିଦ୍ୟାଳୟର ଅଧକ୍ଷ ଅଜୟ ମହାନ୍ତି, ଯୁକ୍ତ ୩ ବିଭାଗର ଅଧକ୍ଷ ଡ. ସନ୍ତୋଷ କୁମାର ପଣ୍ଡା ଶିବିର ପରିଚାଳନା କରିଥିବାବେଳେ ଅରବିନ୍ଦ ମହାପାତ୍ର, ବିକାଶ ଆଚାର୍ଯ୍ୟ ଓ ସଞ୍ଜୟ ଦାସ ସହଯୋଗ କରିଥିଲେ। ଲୁସି ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ଗୋଦ୍‌ରେଜ୍ କମ୍ପାନୀ ପକ୍ଷରୁ ରକ୍ତଦାନ ଶିବିର

**ଫୁଲନଖରା, ୧୯।୮(ଡି.ଏନ୍.ଏ.):** ଗୋଦ୍‌ରେଜ୍ କମ୍ପାନୀର ପ୍ରତିଷ୍ଠାତା ଏନ୍.ପି. ଗୋଦ୍‌ରେଜ୍ ଓ ଏସ୍.ପି ଗୋଦରେଜଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ କମ୍ପାନୀର ପାହାଳ ନିକଟ ରୁଦ୍ରପୁରଠାରେ ଥିବା ଆଉଟ୍‌ଲେଟ୍ ପରିସରରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଭୁବନେଶର-କଟକ କମିଶନରେଟ୍ ପୋଲିସ ଓ ଗୋଦ୍‌ରେଜ୍ କମ୍ପାନୀର ମିଳିତ ସହଯୋଗରେ ଆୟୋଜିତ ଶିବିରକୁ ମୁଖ୍ୟ ଅତିଥି ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଉଦ୍‌ଘାଟନ କରିଥିଲେ। ଏଥିରେ ମୋଟ୍ ୬୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ପୋଲିସ କମିଶନର ଲଳିତେନ୍ଦୁ ମହାନ୍ତି, ପାହାଳ ଥାନା ଅଧିକାରୀ ସୁଚିତ୍ରା ପରିଡ଼ା, ଗୋଦ୍‌ରେଜ୍ ଭୁବନେଶର ଶାଖାର ପ୍ରଶାସନିକ ଅଧିକାରିଣୀ ସାଗରିକା ରାଉତରାୟ, ବ୍ୟବସାୟିକ ମ୍ୟାନେଜର ହେମନ୍ତ କୁମାର ପାଣ୍ଡେ, ଓୟାର ହାଉସ ମ୍ୟାନେଜର ଦିଲ୍ଲୀପ କୁମାର ପ୍ରତିହାରୀ, ଆକାଉଣ୍ଟ ମ୍ୟାନେଜର ସୁରଜିତ୍ ସିହ୍ନା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଭୁଆସୁଣୀ ଡମ୍ପିଂୟାର୍ଡକୁ ନେଇ ପୁଣି ବିବାଦ

**ବାରଙ୍ଗ,୧୯।୮(ଡି.ଏନ୍.ଏ.)**

■ବିଏମ୍‌ସି, ଜିଲା ପ୍ରଶାସନ ସହ ଗ୍ରାମବାସୀଙ୍କ ବୈଠକ ବିଫଳ
■ବାୟୋପ୍ଲାଣ୍ଟ ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ

ବାରଙ୍ଗ ନିକଟସ୍ଥ ଦାରୁଠେଙ୍ଗରେ ଥିବା ଭୁଆସୁଣୀ ଡମ୍ପିଂୟାର୍ଡକୁ ନେଇ ପୁଣି ବିବାଦ ଘନେଇଛି। ଏ ନେଇ ଗ୍ରାମବାସୀଙ୍କ ସହ ବିଏମ୍‌ସି ଅଧିକାରୀଙ୍କ ମଧ୍ୟରେ ଶୁକ୍ରବାର ଆଲୋଚନା ହୋଇଥିବାବେଳେ ତାହା ବିଫଳ ହୋଇଛି। ଗତ କିଛିଦିନ ତଳେ ବିଏମ୍‌ସିର ଏକ ଅଳିଆ ବୋଝେଇ ଗାଡି ଧକ୍କାରେ ଦାରୁଠେଙ୍ଗ ଗ୍ରାମର ରେଶମ ରାଉତରାୟଙ୍କ ମୃତ୍ୟୁ ଘଟିଥିଲା। ଉତ୍ତ୍ୟକ୍ତ ଗ୍ରାମବାସୀ ଗାଁର ଦୁଇଟି ସ୍ଥାନରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି ଓ ଡମ୍ପିଂୟାର୍ଡରେ ଅଳିଆ ନ ପଡିବା ଦାବି ନେଇ ରାସ୍ତା ଅବରୋଧ କରିଥିଲେ। ପରେ ଉପଜିଲାପାଳ ଓ ତହସିଲଦାର ଆସି ଆଲୋଚନା ମାଧ୍ୟମରେ ନିଷ୍ପତ୍ତି ନିଆଯିବାର ପ୍ରତିଶ୍ରୁତି ମିଳିବା ପରେ ରାସ୍ତା ଅବରୋଧ ଉଠିଥିଲା।

ପ୍ରଶାସନର ନିଷ୍ପତ୍ତି ମୁତାବକ, ଶୁକ୍ରବାର ଦାରୁଠେଙ୍ଗ ଗ୍ରାମରେ ଥିବା ଜାଗୃତି ମହିଳା ସମିତି ଗୃହରେ ବିଏମ୍‌ସି, ଜିଲା ପ୍ରଶାସନ ଓ ଗ୍ରାମବାସୀଙ୍କର ଏକ ବୈଠକ ହୋଇଥିଲା। ଏହି ବୈଠକରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ବିଏମସି ମେୟର ସୁଲୋଚନା ଦାସ, ଡିସିପିଙ୍କ ସମେତ ବିଏମ୍‌ସିର ପଦାଧିକାରୀ ଓ ଖୋର୍ଦ୍ଧା ଜିଲା ପ୍ରଶାସନର ଅଧିକାରୀ ଉପସ୍ଥିତ ଥିଲେ। ପ୍ରଥମେ ଗ୍ରାମବାସୀ ପକ୍ଷ ରଖିବା ସହ ଅଳିଆପକାକୁ ବନ୍ଦ କରିବାସହ ଭୁଆସୁଣିକୁ ତା'ର ପୂର୍ବାବସ୍ଥାକୁ ଫେରାଇ ଆଣିବା ପାଇଁ ବିଏମ୍‌ସି ପକ୍ଷରୁ କ'ଣ ବ୍ୟବସ୍ଥା କରାଯାଇଛି ତାହା ଲିଖିତ ଭାବେ ଉପସ୍ଥାପନ କରିବାକୁ ଦାବି କରିଥିଲେ। ଏଥିସହ ବିଏମ୍‌ସି ପକ୍ଷରୁ ଅଦାଲତରେ ଦିଆଯାଇଥିବା ସତ୍ୟପାଠକୁ ଆଧାରକରି କି ପ୍ରକାର କାର୍ଯ୍ୟ କରାଯାଇଛି ତାହାର ବିବରଣୀ ପ୍ରକାଶ କରିବାକୁ କହିଥିଲେ। ବିଏମ୍‌ସି ଗାଡି ଧକ୍କାରେ ମୃତ୍ୟୁବରଣ କରିଥିବା ରେଶମଙ୍କ ପରିବାରକୁ କ୍ଷତିପୂରଣ ବାବଦକୁ ୫୦ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଦାବି କରିଥିଲେ। ଏପରିକି ବର୍ଜ୍ୟବସ୍ତୁ ନ ପକାଇବାକୁ ବିରୋଧ କରି ଗ୍ରାମର ୩୨ଜଣ ମହିଳା ଓ ପୁରୁଷ ଜେଲ ମଧ୍ୟ ଯାଇଥିଲେ। ଏଥିପାଇଁ ଗ୍ରାମବାସୀ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିଥିଲେ ମଧ୍ୟ ଏବେ ବି ଅଦାଲତରେ ମାମଲା ଚାଲୁଛି। ସେହିଭଳି ଗତ ୧୪ବର୍ଷ ଧରି ଗ୍ରାମବାସୀ ଚାଷ କାର୍ଯ୍ୟ କରିପାରୁ ନ ଥିବାବେଳେ ପଲିଥିନ ଖାଇ ଗୃହପାଳିତ ପ୍ରାଣୀଙ୍କ ମୃତ୍ୟୁ ଘଟୁଛି ବୋଲି ସରପଞ୍ଚ ତପନ କୁମାର ଚକ୍ରବର୍ତ୍ତୀ ଦାବି ଉପସ୍ଥାପନ କରିଥିଲେ।

ତେବେ ବିଏମ୍‌ସି ଓ ଜିଲା ପ୍ରଶାସନ ପକ୍ଷରୁ ବର୍ଷେ ପର୍ଯ୍ୟନ୍ତ ଡମ୍ପିଂୟାର୍ଡ ବ୍ୟବହାର ସହ ସେଠାରେ ଏକ ପ୍ଲାଣ୍ଟ ନିର୍ମିତ ପାଇଁ ଦିଆଯାଇଥିବା ପ୍ରସ୍ତାବକୁ ଗ୍ରାମବାସୀ ଗ୍ରହଣ କରି ନ ଥିଲେ। ଆଗକୁ ଗ୍ରାମରେ ଏକ ସଭା କରାଯାଇ ବାୟୋପ୍ଲାଣ୍ଟ ହେବ ନା ଡମ୍ପିଂୟାର୍ଡ ଉଠିବ ତାହା ଗ୍ରାମବାସୀ ନିଷ୍ପତ୍ତି ନେଇ ପ୍ରଶାସନକୁ ଜଣାଇବେ ବୋଲି ସରପଞ୍ଚ କହିଥିଲେ। ଫଳରେ ବୈଠକ ସଫଳ ହୋଇ ନ ଥିବାରୁ ଅଳିଆଗାଡି ଭୁଆସୁଣିକୁ ଆସିବା ଅନିଶ୍ଚିତତାରେ ରହିଛି। ଅନ୍ୟପଟେ ବିଏମ୍‌ସି ସମୟ ମାଗୁଛି କିନ୍ତୁ ଗ୍ରାମବାସୀ ଜିଦ୍‌ରେ ରହିଛନ୍ତି। କାରଣ ସେମାନେ ଦୀର୍ଘ ୧୪ବର୍ଷ ହେବ ଦୁର୍ଦ୍ଦଶା ଭୋଗୁଛନ୍ତି। ଗ୍ରାମବାସୀ ପରେ ଯାହା ନିଷ୍ପତ୍ତି ନେବେ ସେମାନଙ୍କୁ ମୋର ସମର୍ଥନ ରହିବ। ଏପରିକି ପ୍ରଶାସନିକ ସ୍ତରରେ ଆଲୋଚନା କରାଯାଇ ଖୁବ୍‌ଶୀଘ୍ର ଏହାର ସମାଧାନ କରାଯିବ ବୋଲି ମେୟର ସୁଲୋଚନା ଦାସ କହଛନ୍ତି।

# ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ


ମା' ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମା ନିର୍ମାଣ ପାଇଁ ଶୁକ୍ରବାର ଗଙ୍ଗା ମନ୍ଦିର ପୂଜା କମିଟି ପକ୍ଷରୁ କାଠଯୋଡ଼ି ନଦୀକୂଳରେ ମାଟି ଅନୁକୂଳ କରାଯାଉଛି।

**କଟକ ଅଫିସ,୧୯।୮**

କଟକ ସହରରେ ଶାରଦୀୟ ଦୁର୍ଗାପୂଜା ପାଇଁ ଶୁକ୍ରବାର ନନ୍ଦ ଉତ୍ସବଠାରୁ ପ୍ରାରମ୍ଭିକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ଅବସରରେ ସହରର ବିଭିନ୍ନ ପୂଜା କମିଟି ପକ୍ଷରୁ ମା'ଙ୍କ ମୂର୍ତ୍ତି ନିର୍ମାଣ ପାଇଁ କାଠଯୋଡି ନଦୀକୂଳରୁ ମାଟି ଅନୁକୂଳ କରାଯାଇଛି। ଚାନ୍ଦିନଚୌକ ପୂଜା କମିଟି ପକ୍ଷରୁ କାଠଯୋଡି କୂଳରେ ପୂଜାର୍ଚ୍ଚନା ପରେ ମାଟି ଅନୁକୂଳ କରାଯାଇ ସାହି ପରିକ୍ରମା କରାଯାଇଥିଲା। ସେହିପରି ଖାନ୍‌ନଗର ଖପୁରିଆ ଶିଳ୍ପାଞ୍ଚଳ ପୂଜା କମିଟି, ହରିପୁର-ଦୋଳମୁଣ୍ଡାଇ ପୂଜା କମିଟି, କାଠଗଡା ସାହି ପୂଜା କମିଟି, ଚାଉଳିଆଗଞ୍ଜ ପୂଜା କମିଟି, ଗଙ୍ଗାମନ୍ଦିର ପୂଜା କମିଟି, ଛତ୍ରବଜାର ପୂଜା କମିଟି ପକ୍ଷରୁ ମାଟି ଅନୁକୂଳ କରାଯାଇଥିଲା।


ଆଠଗଡ ଗଡ଼ଜାତ ରାଜବଂଶର ଇଷ୍ଟ ଦେବତା ଶ୍ରୀ ରାଧା ଗୋବିନ୍ଦ ଜୀଉଙ୍କର ସୁନାବେଶ।

## ସୁନାବେଶରେ ରାଧାଗୋବିନ୍ଦ ଜୀଉ

**ଆଠଗଡ,୧୯।୮(ସ୍ୱ.ପ୍ର.)**

ନନ୍ଦ ଉତ୍ସବ ଅବସରରେ ଆଠଗଡ ଗଡ଼ଜାତ ରାଜବଂଶର ଇଷ୍ଟ ଦେବତା ଶ୍ରୀ ରାଧା ଗୋବିନ୍ଦ ଜୀଉଙ୍କର ସୁନାବେଶ ଗଡଜାତୀୟ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଠଗଡ ସହର ପୁରୁଣା ରାଜବାଟିସ୍ଥିତ ମନ୍ଦିରରେ ବିଜେ ରଧା, କୃଷ୍ଣ, ବଳରାମଙ୍କୁ ସୁନା ଅଳଙ୍କାରରେ ସୁସଜ୍ଜିତ କରାଯାଇଥିଲା। ଏହି ବିଗ୍ରହମାନଙ୍କୁ ମୋଟରେ ୧ କିଲୋ ୮୪୮ଗ୍ରାମ ଓ ୭୦୦ମିଲି ଗ୍ରାମ ସୁନା ଲାଗି ହୋଇଥିଲା। ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଉପଜିଲ୍ଲାପାଳ ହେମନ୍ତ କୁମାର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ବେଶ କରାଯାଇଥିଲା। ତହସିଲଦାର ପ୍ରିୟବ୍ରତ ଦାସ ମାର୍ଜିଷ୍ଟ୍ରେଟଭାବେ ନିଯୁକ୍ତି ହୋଇଥିଲେ। ଭିଡକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡାଙ୍କ ଦ୍ୱାରା ଏହା ପରିଚାଳନା କରାଯାଇଥିଲା।

# ଯୁବତୀଙ୍କୁ ଆକ୍ରମଣ, ଯୁବକ ଗିରଫ

**ଭୁବନେଶ୍ୱର,(ବ୍ୟୁରୋ)୧୯।୮**

ବାଇକ୍‌ରେ ବସିବାକୁ ମନା କରିବାରୁ ଯୁବତୀଙ୍କୁ ପଥରରେ ଛେଚି ମରଣାନ୍ତକ ଆକ୍ରମଣ ଅଭିଯୋଗରେ ମଞ୍ଚେଶ୍ୱର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲେ ସ୍ଥାନୀୟ ଥାନା ମୁଣ୍ଡାସାହି ବସ୍ତିରେ ରହୁଥିବା ଯାଜପୁର ଜିଲା ଧର୍ମଶାଳା ଥାନା ପତାପୁରର ସୁନାକର ସାହୁ(୨୩)। ତାଙ୍କଠାରୁ ଗୋଟିଏ ବାଇକ ଜବତ ହୋଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରିଛି। ସୁନାକର ଓ ଯୁବତୀ ମୁଣ୍ଡାସାହି ବସ୍ତିରେ ରୁହନ୍ତି । ଗୁରୁବାର ପଳାଶୁଣି ପୋଲ ପାଖରେ ଯୁବତୀ ଜଣକ ଠିଆ ହୋଇଥିବା ସମୟରେ ସୁନାକର ସେଠାରେ ପହଞ୍ଚି ତାଙ୍କୁ ବାଇକରେ ବସିବାକୁ ବାଧ କରିଥିଲେ। ଯୁବତୀ ଜଣକ ମନା କରିବାରୁ ଅଭିଯୁକ୍ତ ହଠାତ୍ ଉତ୍ତ୍ୟକ୍ତ ହୋଇ ଏକ ପଥରରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଯୁବତୀଜଣଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ହସ୍ପିଟାଲରେ ଭର୍ତ୍ତି କରିଥିଲେ।

# ଚିକିତ୍ସା ପରେ ସୁସ୍ଥ ହୋଇ ବୁଲୁଛି ଦନ୍ତା

**ନରସିଂହପୁର,୧୯।୮(ସ୍ୱ.ପ୍ର.)**

ନରସିଂହପୁର ପୂର୍ବାଞ୍ଚଳ ବନ ବିଭାଗ ଅଧୀନ ଦେବଭୂଇଁ ଜଙ୍ଗଲର କମ୍ପାର୍ଟମେଣ୍ଟ-୨ ଚତରାପଡା ଅଞ୍ଚଳରୁ ଗୁରୁବାର ଆହତ ଅବସ୍ଥାରେ ଏକ ଦନ୍ତା ହାତୀ ଠାବ ହୋଇଥିଲା। ବନ ବିଭାଗ ପକ୍ଷରୁ ଉକ୍ତ ଦନ୍ତାକୁ ଟ୍ରାଙ୍କୁଲାଇଜ୍ କରି ଚିକିତ୍ସା କରାଯାଇଥିଲା। ଶୁକ୍ରବାର ସେ ସୁସ୍ଥ ହୋଇ ବୁଲାବୁଲି କରୁଥିବା ଜଣାପଡ଼ିଛି। ହାତୀଟି କମ୍ପାର୍ଟମେଣ୍ଟ ୧ ଓ ୨ ମଧ୍ୟରେ ବୁଲାବୁଲି କରୁଥିବା ବେଳେ ତା'ର ଗତିବିଧି ଉପରେ ବନ କର୍ମଚାରୀ ନଜର ରଖିଛନ୍ତି। ଆବଶ୍ୟକ ହେଲେ ପୁନର୍ବାର ତାକୁ ଟ୍ରାଙ୍କୁଲାଇଜ କରାଯାଇ ଚିକିତ୍ସା କରାଯିବ ବୋଲି ରେଞ୍ଜର ପ୍ରଫୁଲ୍ଲ ଦେହୁରୀ କହିଛନ୍ତି।

ଏହି ଦନ୍ତାର ପଛପାଖ ପିଚା ଓ ଲାଞ୍ଜର ଏକାଧିକ ସ୍ଥାନରେ କ୍ଷତ ହୋଇଥିଲା। ବାମ ପାର୍ଶ୍ୱରେ ୩ ଏବଂ ଦକ୍ଷିଣ ପାର୍ଶ୍ୱରେ ଗୋଟିଏ କ୍ଷତ ଚିହ୍ନଟ କରାଯାଇଛି। ତାର ବାମ ପାର୍ଶ୍ୱ ଗୋଟିଏ ଦାନ୍ତ ଭାଙ୍ଗିଯାଇଛି। ହାତୀ-ହାତୀ ମଧ୍ୟରେ ସଂଘର୍ଷ କାରଣରୁ ଏଭଳି କ୍ଷତ ସୃଷ୍ଟି ହୋଇଥିବା ଅନୁମାନ କରାଯାଉଛି ବୋଲି ରେଞ୍ଜର କହିଛନ୍ତି। ବୁଧବାର ମଧ୍ୟରାତିରେ ଏହି ହାତୀକୁ ଆହତ ଅବସ୍ଥାରେ ବୁଲୁଥିବା ଦେଖି ବନବିଭାଗ କର୍ମଚାରୀ ବିଭାଗୀୟ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ଏହାପରେ ଆଠଗଡ଼ ଉପଖଣ୍ଡ ବନ ଅଧିକାରୀ ଗୋପୀନାଥ ସୁଦର୍ଶନ ଯାଦବ ଗୁରୁବାର ସକାଳୁ ନରସିଂହପୁର ଆସି ଚିକିତ୍ସକ ଟିମ୍ ଓ ବନ କର୍ମଚାରୀଙ୍କ ସହ ଜଙ୍ଗଲରେ ହାତୀକୁ ଟ୍ରାଙ୍କୁଲାଇଜ୍ କରିଥିଲେ। ଏବେ ହାତୀଟି ସୁସ୍ଥ ହୋଇ ଚତରାପଡା ଗ୍ରାମ ନିକଟ ଜଙ୍ଗଲରେ ରହୁଥିବାରୁ ସ୍ଥାନୀୟ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହୁଥିବା ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ ସୁରକ୍ଷା ପାଇଁ ବନ କର୍ମଚାରୀଙ୍କ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଛି। ସେଥିପାଇଁ ଭୟ ନ କରି ରାତିରେ ସାବଧାନ ହୋଇ ରହିବାକୁ ଗ୍ରାମବାସୀଙ୍କୁ ବିଭାଗ ପକ୍ଷରୁ ସଚେତନ କରାଯାଇଛି।

## ବନ୍ୟାବିପନ୍ନଙ୍କୁ ରିଲିଫ ପ୍ରଦାନ

**ତିଗିରିଆ,୧୯।୮(ଡି.ଏନ.ଏ)**

ମହାନଦୀରେ ବନ୍ୟା ଆସିବାରୁ ତିଗିରିଆ ବ୍ଲକ ଅନ୍ତର୍ଗତ ଗଦାଧରପୁର ପଞ୍ଚାୟତ ସମ୍ପୂର୍ଣ୍ଣ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ଏନେଇ ସାମାଜିକ କର୍ମୀ ସୁକାନ୍ତ ବାରିକଙ୍କ ତରଫରୁ ଶୁକ୍ରବାର ପଞ୍ଚାୟତ ଅନ୍ତର୍ଗତ ହରିଶରଣପୁର ଓ ରଘୁରାମପୁର ଗ୍ରାମର ବନ୍ୟା ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ଚୁଡା, ବିସ୍କୁଟ ଓ ଚିନି ଆଦି ବଣ୍ଟନ କରାଯାଇଛି। ଏହି ରିଲିଫ ପ୍ରଦାନ ବେଳେ ଗଦାଧରପୁର ସରପଞ୍ଚ ପୁଷ୍ପିତା ସ୍ୱାଇଁ, ତିଗିରିଆ ବ୍ଲକ ଉପାଧକ୍ଷ ମାନସ କୁମାର ସାହୁ, ଜିଲା ପରିଷଦ ସଭ୍ୟ ସଞ୍ଜୟ ମଲ୍ଲିକ, କୃଷି ମନ୍ତ୍ରୀଙ୍କ ପ୍ରତିନିଧି ତାପସ ପ୍ରଧାନ, ଶାନ୍ତନୁ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ନରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ, ତିଗିରିଆ ବ୍ଲକ ଅଧକ୍ଷା ସନ୍ଧ୍ୟାରାଣୀ ନାୟକ, ପ୍ରମୁଖ ଚଷାଆଁରା ଗ୍ରାମକୁ ଯାଇ ବନ୍ୟାସ୍ଥିତି ଅନୁଧ୍ୟାନ କରିଥିଲେ।

# ବେଙ୍ଗାଲୁରୁରେ ଓଡ଼ିଆ ଯୁବ ଜ୍ୟୋତିର୍ବିଦ ସମ୍ମାନିତ



ଅଖିଳ ଭାରତୀୟ ଜ୍ୟୋତିଷ ସମ୍ମିଳନୀରେ ଜ୍ୟୋତିର୍ବିଦ କ୍ଷିତୀଶ ପାଢ଼ୀଙ୍କୁ ସମ୍ମାନିତ କରାଯାଉଛି।

**କଣ୍ଟାପଡା,୧୯।୮(ଡି.ଏନ୍.ଏ.)**

ବେଙ୍ଗାଲୁରୁସ୍ଥିତ ରାମନାଶ୍ରୀ ରିସୋର୍ଟଠାରେ ଶ୍ରୀ ଡିଭାଇନ ସୋଲ୍‌ସ ଓ ଜ୍ୟୋତିଷ ପ୍ରାଙ୍ଗଣ ଦ୍ୱାରା ଗତ ୧୪ ଓ ୧୫ ତାରିଖ ୨ଦିନ ବ୍ୟାପୀ ଅଖିଳ ଭାରତୀୟ ଜ୍ୟୋତିଷ ମହାସମ୍ମେଳନ 'ଶକ୍ତି-୨୦୨୨' ଆୟୋଜିତ ହୋଇଯାଇଛି। ଏଥିରେ ଦେଶ ଓ ଦେଶ ବାହାରୁ ୨୦୦ରୁ ଅଧିକ ଜ୍ୟୋତିଷ ଭାଗନେଇ ଭାଗବତ ଗୀତା ଓ ଜ୍ୟୋତିଷ ଶାସ୍ତ୍ର ମଧ୍ୟରେ ସମ୍ପର୍କ ବିଷୟରେ ସନ୍ଦର୍ଭ ପାଠ କରିଥିଲେ। ଏଥିରେ ଓଡ଼ିଶାର ଯୁବ ଜ୍ୟୋତିଷ କ୍ଷିତୀଶ ଚନ୍ଦ୍ର ପାଢ଼ୀ ନିଜ ଲିଖିତ ସନ୍ଦର୍ଭ ପାଠ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଜ୍ୟୋତିର୍ବିଦ୍ ଡ. ପୁନମ ଶର୍ମା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଚ୍ଚକୋଟୀର ସନ୍ଦର୍ଭ ପାଠ ପାଇଁ କ୍ଷିତୀଶଙ୍କୁ ସମ୍ମାନିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜ୍ୟୋତିର୍ବିଦ ଡ. ଦିବାକରନ, ଡ. ଦୀପିକା ଜେନା, ୧୦୦୮ ମହାମଣ୍ଡଳେଶ୍ୱର ଡ. ଜୟେନ୍ଦ୍ର କିର୍ତ୍ତୀ ଚଡିୱାଲେ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଜ୍ୟୋତିର୍ବିଦ କ୍ଷୀତିଶ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରୁ ଇଂଲିଶରେ ସ୍ନାତକୋତ୍ତର ସାରିବା ପରେ ଜ୍ୟୋତିର୍ବିଦ ଡ. ଅରୁଣ କୁମାର ବଂଶଲଙ୍କଠାରୁ ବୈଦିକ ଜ୍ୟୋତିଷ ଶିକ୍ଷା ଗ୍ରହଣ କରିଥିଲେ। ପରେ ଜ୍ୟୋତିଷରେ ଜ୍ୟୋତିଷ ରତ୍ନ, ଜ୍ୟୋତିଷ ଭାସ୍କର, ଜ୍ୟୋତିଷ ପ୍ରଭାକର, ଜ୍ୟୋତିଷ ସହଶାଚାର୍ଯ୍ୟ ବିଦ୍ୟା ଗ୍ରହଣ କରିଥିଲେ। ଏଥିସହିତ ସେ ଅଙ୍କ ଜ୍ୟୋତିଷ ଓ ଭୃଗୁନନ୍ଦୀ ନାଡୀ ଉପରେ ଶିକ୍ଷା ନେଇଥିଲେ। କଣ୍ଟାପଡା ବ୍ଲକ ଅନ୍ତର୍ଗତ ବ୍ରାହ୍ମଣସାଇଲୋ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ କ୍ଷୀରୋଦ ଚନ୍ଦ୍ର ପାଢ଼ୀଙ୍କ ବଡପୁଅ ହେଉଛନ୍ତି କ୍ଷିତୀଶ।

# ସିଏମ୍‌ସିକୁ ସଫେଇ ମିତ୍ର ସୁରକ୍ଷିତ ସହର ଘୋଷଣା

**କଟକ ଅଫିସ,୧୯।୮**

ସ୍ୱରାଷ୍ଟ୍ର ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କଟକ ମହାନଗର ନିଗମ(ସିଏମ୍‌ସି)କୁ ସଫେଇ ମିତ୍ର ସୁରକ୍ଷିତ ସହର ଭାବେ ଘୋଷଣା କରାଯାଇଛି। ଏ ନେଇ ନଗର ଉନ୍ନୟନ ବିଭାଗ ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି। ଖୁବ୍‌ଶୀଘ୍ର ନଗର ଉନ୍ନୟନ ବିଭାଗର ଏକ ଟିମ୍ କଟକ ସହରକୁ ଯାଞ୍ଚ ପାଇଁ ଆସିବ ବୋଲି ଜଣାପଡିଛି। ସଫେଇ ମିତ୍ରଙ୍କ ସୁରକ୍ଷା ନିମନ୍ତେ ସିଏମ୍‌ସି ପକ୍ଷରୁ କିଭଳି ବ୍ୟବସ୍ଥା କରାଯାଇଛି ତାହାର ଯାଞ୍ଚ କରାଯିବ। ରାଜ୍ୟର ଅନ୍ୟ ୬ଟିସହରାଞ୍ଚଳ ଭଳିସିଏମ୍‌ସି ମଧ୍ୟ ସଫେଇ ମିତ୍ର ସୁରକ୍ଷା ଚ୍ୟାଲେଞ୍ଜ ପ୍ରତିଯୋଗିତାରେ ଭାଗ ନେଇଥିବା ଡେପୁଟି କମିଶନର ସଞ୍ଜୀବିତା ରାୟ ସୂଚନା ଦେଇଛନ୍ତି। ସହରାଞ୍ଚଳରେ ସ୍ୱେରେଜ ନାଳ ଓ ପାଇଖାନା ଟାଙ୍କି ସଫେଇ କାର୍ଯ୍ୟରେ ନିୟୋଜିତ ହୋଇଥିବା କର୍ମଚାରୀଙ୍କ ସୁରକ୍ଷାକୁ ସ୍ୱରାଷ୍ଟ୍ର ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ୭ଟି ଗାଇଡ୍‌ଲାଇନ୍ ଜାରି କରାଯାଇଥିଲା। ସଫେଇ ମିତ୍ର ସୁରକ୍ଷା ଚ୍ୟାଲେଞ୍ଜ ଭାବେ ବିଭିନ୍ନ ସହରାଞ୍ଚଳରେ ପ୍ରତିଯୋଗିତା କରାଯାଉଛି। ଯେଉଁ ସହର ଉକ୍ତ ଗାଇଡ୍‌ଲାଇନ୍ ମାନିବା ସହ ନୂତନ ଯନ୍ତ୍ରପାତି ଓ ମେଶିନ ଦ୍ୱାରା ପରିମଳ ବ୍ୟବସ୍ଥାରେ ଉନ୍ନତି ଆଣିପାରୁଛି ତାହାକୁ ମନ୍ତ୍ରଣାଳୟ ପକ୍ଷରୁ ପୁରସ୍କୃତ କରାଯିବ। ଏହି ଦୃଷ୍ଟିରୁ ସିଏମ୍‌ସି ପକ୍ଷରୁ ଏହି ଗାଇଡ୍‌ଲାଇନ୍‌କୁ ପୂରଣ କରାଯାଇଥିବା ଜଣାପଡିଛି। ସିଏମ୍‌ସି ନିକଟରେ ୫୯ଟି ୱାର୍ଡରେ ସ୍ୱେରେଜ ନାଳ ଓ ପାଇଖାନା ଟାଙ୍କି ସଫା କରିବାକୁ ଯଥେଷ୍ଟ ଦକ୍ଷତାସମ୍ପନ୍ନ ସଫେଇ କର୍ମଚାରୀ ଥିବା ମନ୍ତ୍ରଣାଳୟକୁ ତଥ୍ୟ ଦିଆଯାଇଛି।

# ପ୍ରତିଭା ସମ୍ମାନ ଉତ୍ସବରେ ୧୭ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ

**ତିଗିରିଆ/ବଡ଼ମ୍ବା,୧୯।୮(ଡି.ଏନ୍.ଏ.)**


ପ୍ରତିଭା ସମ୍ମାନ ଉତ୍ସବରେ ମଞ୍ଚାସିନ ଅତିଥିବୃନ୍ଦ।

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ସରକାରୀ ଗୋପମଥୁରା ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ପ୍ରତିଭା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ଅଧକ୍ଷ ରବିନାରାୟଣ ସ୍ୱାଇଁ ଏଥିରେ ଅଧକ୍ଷତା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର, ବିଶିଷ୍ଟ ଅତିଥିଭାବେ ପଞ୍ଚାୟତ ସମିତି ଅଧକ୍ଷ ରଘୁପତି ମହାନ୍ତି, ସମ୍ମାନିତ ଅତିଥିଭାବେ ୩୦ ନଂ.ଜୋନ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ରନାଥ ପ୍ରଧାନ, ଗୋପମଥୁରା ପଞ୍ଚାୟତ ସରପଞ୍ଚ ଅଶୋକ କୁମାର ଜଗଦେବ, ସଦାନନ୍ଦ ସ୍ୱାଇଁ, ସୁଶାନ୍ତ କୁମାର ଜେନା ଓ ସମିତି ସଭ୍ୟ ନାରାୟଣ ଜେନା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଚଳିତବର୍ଷ ବିଦ୍ୟାଳୟରେ ମାଟ୍ରିକ ପାସ କରିଥିବା ୨୦ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୭ ଜଣଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ରାଉତ, ସରିତା ରାଣୀ ଜେନା ଓ ଶିକ୍ଷକ ନୀଳମଣି ପାଣି, ପ୍ରଶାନ୍ତ କୁମାର ଲେଙ୍କା, ବିରଞ୍ଚି ନାୟକ ଓ ଶଙ୍କର ସେଠୀ ପ୍ରମୁଖ ଉପସ୍ଥିତ ରହି ଏଥିରେ ସହଯୋଗ କରିଥିଲେ।

# ଜମି ହଡ଼ପ ଘଟଣାର ତଦନ୍ତ ଦାବିରେ ଧାରଣା

**ମଙ୍ଗୁଳି,୧୯।୮(ଡି.ଏନ୍.ଏ.)**

ଚଞ୍ଚକତା କରି ଜମି ହଡ଼ପ ଘଟଣାର ତଦନ୍ତ ଦାବିରେ ଟାଙ୍ଗୀ ଥାନା ଅଧୀନ ଭଟିମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ସ୍ଥାନୀୟ ସାରଙ୍ଗା ଗ୍ରାମର ହରି ବେହେରା ଓ ସୁଲୋଚନା ବେହେରା ଶୁକ୍ରବାର ଧାରଣାରେ ବସିଛନ୍ତି। ଏଥିରେ ତାଙ୍କୁ ଭଟିମୁଣ୍ଡା ସଚେତନ ନାଗରିକ ମଞ୍ଚର କର୍ମକର୍ତ୍ତା ସମର୍ଥନ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, କିଛିଦିନ ତଳେ ହରିହର ବେହେରାଙ୍କ ଝିଅ ଦେହ ଖରାପ ଥିଲା। ଫଳରେ ତାଙ୍କ ଚିକିତ୍ସା ପାଇଁ ହରିହର ନଳେଇଭଉଁରା ଠାକୁରାଣୀ କମିଟି ସମ୍ପାଦକ ପର୍ଶୁରାମ ମଙ୍ଗରାଜଙ୍କୁ ଆର୍ଥିକ ସାହାଯ୍ୟ ମାଗିଥିଲେ। ପର୍ଶୁରାମ ହରିହରଙ୍କ ଘରଡିହ ପଟ୍ଟା ବନ୍ଧକ ରଖି ଠାକୁରାଣୀ ଫଣ୍ଡରୁ ୩୦ ହଜାର ଟଙ୍କା ଦେଇଥିଲେ। କିଛି ମାସ ପରେ ପର୍ଶୁରାମ ହରିହରଙ୍କୁ ଉକ୍ତ ଜାଗା ତାଙ୍କ ବାପା ବାବାଜୀ ବେହେରାଙ୍କ ନାମରେ ଥିବାରୁ ସଂଶୋଧନ କରିବାକୁ ପ୍ରସ୍ତାବ ଦେଇଥିଲେ। ୨୦୨୧ ଜୁଲାଇ ୧୩ରେ ପର୍ଶୁରାମ ହରିହରଙ୍କୁ ସାଥିରେ ନେଇ ଜଗତ୍‌ପୁର ତହସିଲ କାର୍ଯ୍ୟାଳୟରେ ବନ୍ଧା ରହିଥିବା ଦୁଇ ଡିସିମିଲ ଜାଗାକୁ ଠାକୁରାଣୀଙ୍କ ନାଁରେ ରେଜିଷ୍ଟ୍ରେଶନ କରିଥିଲେ। ଏହି କାର୍ଯ୍ୟ ହରିହରଙ୍କ ଅଜାଣତରେ ହୋଇଥିଲା। ପରବର୍ତ୍ତୀ ସମୟରେ ଏ ସମ୍ପର୍କରେ ହରିହର ଜାଣିବା ପରେ ଭଟିମୁଣ୍ଡା ସଚେତନ ନାଗରିକ ମଞ୍ଚର ସଦସ୍ୟମାନଙ୍କ ସହାୟତାରେ ଗତ ଅଗଷ୍ଟ ୧ରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲାପାଳ ଏହାର ତଦନ୍ତ ପାଇଁ କଟକ ଗ୍ରାମାଞ୍ଚଳ ଏସ୍‌ପି ଓ ଜଗତ୍‌ପୁର ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ। ଏହାର ପ୍ରତିବାଦରେ ହରିହର ଧାରଣାରେ ବସିଛନ୍ତି। ହେଲେ ସେଠାରେ କୌଣସି ପ୍ରଶାସନିକ ଅଧିକାରୀ ପହଞ୍ଚି ନାହାନ୍ତି। ପର୍ଶୁରାମ ଏହି ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି, ଏକ ଲକ୍ଷ ଚାଳିଶ ହଜାର ଟଙ୍କା ନେଇ ହରିହର ଉକ୍ତ ଜାଗାକୁ ଠାକୁରାଣୀଙ୍କ ନାଁରେ ରେଜିଷ୍ଟ୍ରେଶନ କରିଦେଇଛନ୍ତି। ସେଠାରେ ଥିବା ଉକ୍ତ ଘର ଦେଢବର୍ଷ ମଧ୍ୟରେ ଛାଡିବା ପାଇଁ ହରିହରଙ୍କୁ କୁହାଯାଇଛି। ଏ ନେଇ ବଣ୍ଡ୍ ପେପରରେ ଏଗ୍ରିମେଣ୍ଟ ହୋଇଛି ବୋଲି ସେ କହିଛନ୍ତି। ଅପରପକ୍ଷେ ଉକ୍ତ ଘଟଣାକୁ ନେଇ ଠାକୁରାଣୀଙ୍କ ମନ୍ଦିରରେ ମନ୍ଦିର କମିଟି ସଦସ୍ୟ ଓ ଗ୍ରାମର କେତେଜଣ ମୁରବିଙ୍କୁ ନେଇ ରାତିରେ ଏକ ଜରୁରୀ ବୈଠକ ବସିଛି। ରିପୋର୍ଟ ଲେଖାଯିବାବେଳକୁ ବୈଠକର ନିର୍ଯାସ ବାହାରିପାରିନାହିଁ।

## ନଭେମ୍ବର ୮ରୁ ବାଲିଯାତ୍ରା

**କଟକ ଅଫିସ:** ଆସନ୍ତା ନଭେମ୍ବର ୮ରୁ ୧୪ ତାରିଖ ପର୍ଯ୍ୟନ୍ତ କଟକରେ ବାଲିଯାତ୍ରା ଅନୁଷ୍ଠିତ ହେବ। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ଶନିବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ଏଥିରେ ବାଲିଯାତ୍ରା ସମ୍ପର୍କରେ ଆଲୋଚନା ହେବ ବୋଲି ଜଣାପଡିଛି। ସୂଚନାଯୋଗ୍ୟ, ପୂର୍ବରୁ ୧୦ରୁ ୧୧ ଦିନ ଧରି ବାଲିଯାତ୍ରା ହେଉଥିବାବେଳେ ଏଥର ୭ ଦିନ ଧରି ଅନୁଷ୍ଠିତ ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ ଜଣାପଡିଛି।

## ସଂକ୍ଷେପରେ

### ୬୦ କେଜି ଗଞ୍ଜେଇ ଜବତ, ୨ ଗିରଫ

କଟକ ଅଫିସ,୧୯।୮: ରାଜ୍ୟ ଅବକାରୀ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ କଟକ ସଦର ଥାନା ଅନ୍ତର୍ଗତ ଗୋପାଳପୁର ଛକରେ ଶୁକ୍ରବାର ଚଢ଼ାଉ କରାଯାଇ ୬୦ କେଜି ଗଞ୍ଜେଇ ଓ ଏକ କାର(ନଂ. ଓଡ଼ି୦୨ଏବି-୩୩୩୨) ଜବତ କରାଯାଇଛି। ଏହି ଘଟଣାରେ ଗଞ୍ଜାମ ଜିଲା କୋଦଳା ଥାନା ଅନ୍ତର୍ଗତ ଫାସି ଗ୍ରାମର ଶ୍ୟାମସୁନ୍ଦର ମହାପାତ୍ର ଓ ପୋଲସରା ଅଞ୍ଚଳର ଶ୍ରୀକାନ୍ତ କୁମାର ଡାଙ୍ଗୁଆଙ୍କୁ ଗିରଫ କରାଯାଇଛି। ଏହି ଗଞ୍ଜେଇ ଗଞ୍ଜାମ ଜିଲା କୋଦଳାରୁ ପଶ୍ଚିମବଙ୍ଗକୁ ଚାଲାଣ ହେଉଥିଲା। ଏ ନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା(ନଂ.୨୨୨/୨୨-୨୩) ରୁଜୁ ହୋଇଛି।

### ଏଟିଏମ୍ କାର୍ଡ ହାତେଇ ଦେଢ଼ଲକ୍ଷ ଲୁଟ୍, ଅଭିଯୁକ୍ତ ଗିରଫ

କଣ୍ଟାପଡା,୧୯।୮(ଡି.ଏନ୍.ଏ.)- ଚଞ୍ଚକତା କରି ଏଟିଏମ୍‌ରୁ ଟଙ୍କା ଉଠାଇବା ଅଭିଯୋଗରେ ଓଲଟପୁର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ ପୂର୍ବାଂଶ କୂଳଗାଁ ଇସାଳୋର ସଞ୍ଜୀବ କୁମାର ମଣ୍ଡଳ। ତାଙ୍କଠାରୁ ଏକ କାର(ନଂ. ଓଡ଼ି୦୫ବିଡି-୧୦୩୦) ଜବତ କରାଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଓଲଟପୁର ଥାନା ଅନ୍ତର୍ଗତ ବରାହିପୁର ଗ୍ରାମର ନାରାୟଣ ଭୂୟାଁ(୭୦) ଗତ ୫ ତାରିଖରେ ଅଡଶପୁରସ୍ଥିତ ଷ୍ଟେଟ୍‌ବ୍ୟାଙ୍କ ଏଟିଏମ୍‌କୁ ଟଙ୍କା ଉଠାଇବା ପାଇଁ ଆସିଥିଲେ। ସେଠାରେ ପୂର୍ବରୁ ସଞ୍ଜୀବ ଉପସ୍ଥିତ ଥିଲେ। ସେ ନାରାୟଣଙ୍କୁ ସାହାଯ୍ୟ କରିବା ଆଳରେ ତାଙ୍କଠାରୁ ଏଟିଏମ୍ କାର୍ଡ ସହ ପିନ୍ ନମ୍ବର ହାତେଇ ପଳାଇ ଯାଇଥିଲେ। ଏହାପରେ ସେ ଉକ୍ତ ଏଟିଏମ୍ କାର୍ଡ ସାହାଯ୍ୟରେ ୫ ଓ ୬ ତାରିଖ ମଧ୍ୟରେ ପ୍ରାୟ ଦେଢ଼ଲକ୍ଷ ଟଙ୍କା ଉଠାଇ ନେଇଥିଲେ। ଏ ସମ୍ପର୍କରେ ନାରାୟଣ ଜାଣିବା ପରେ ବ୍ୟାଙ୍କକୁ ଯାଇ ଏଟିଏମ୍ କାର୍ଡକୁ ବ୍ଲକ କରିଥିଲେ। ଏ ନେଇ ସେ ୧୦ ତାରିଖରେ ଓଲଟପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୮୨/୨୨) ରୁଜୁ କରିଥିଲା। ଅଭିଯୁକ୍ତଙ୍କ ସମ୍ପର୍କରେ ସମସ୍ତ ତଥ୍ୟ ପାଇବା ପରେ ଓଲଟପୁର ପୋଲିସ ଗୁରୁବାର ରାତିରେ ନିଶ୍ଚିନ୍ତକୋଇଲି ଥାନା ଆଇଆଇସି ଚିନ୍ମୟୀ ସାହୁଙ୍କ ସହଯୋଗରେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ଚୋରା ମଦ ଜବତ, ୨ ଗିରଫ

ଚୌଦ୍ୱାର,୧୯।୮(ଡି.ଏନ୍.ଏ.)- ଚୌଦ୍ୱାର ଥାନା ଅଧୀନ ଧୂମାବତୀ ଛକରୁ ଶୁକ୍ରବାର ରାତିରେ ପୋଲିସ ୧୨୬ ଲିଟର ଚୋରା ମଦ ଜବତ କରିଛି। ଏହି ଘଟଣାରେ ଆଠଗଡ଼ କରିକୋଲ ଗ୍ରାମର ଜଗବନ୍ଧୁ ମଲ୍ଲିକ ଓ ବେଣ୍ଟପଦା କୁଳଗଡ଼ ଗ୍ରାମର କାହ୍ନୁ ମଲ୍ଲିକଙ୍କୁ ଗିରଫ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ଆଠଗଡ଼ ଅଞ୍ଚଳରୁ କଟକ ଓ ଚୌଦ୍ୱାର ଅଞ୍ଚଳକୁ ଚୋରାମଦ ଚାଲାଣ ହେଉଥିଲା। ଖବରପାଇ ଚୌଦ୍ୱାର ପୋଲିସ ଧୂମାବତୀ ଛକରେ ଜଗି ରହିଥିଲା। ଅଭିଯୁକ୍ତ ଦ୍ୱୟ ବାଇକ୍‌ରେ ମଦ ନେଇ ପହଞ୍ଚିବାପରେ ପୋଲିସ ଯାଞ୍ଚ କରିଥିଲା। ପରେ ଜବତ ମଦ ଓ ବାଇକ୍‌କୁ ଥାନାକୁ ନେଇଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ.୩୮୪/୨୨) ରୁଜୁ ହୋଇଛି।

# ଘରୋଇ ଚିକିତ୍ସାଳୟକୁ କାରଣ ଦର୍ଶାଅ ନୋଟିସ୍

## କଟକରେ ଡେଙ୍ଗୁ ମୃତ୍ୟୁ ଘଟଣା



- ରାୟଗଡ଼ାରୁ ଫେରିଥିଲେ ଡେଙ୍ଗୁ ଆକ୍ରାନ୍ତ
- ୱାର୍ଡ ଅଞ୍ଚଳ ବିଶୋଧନ କରିବ ସିଏମ୍‌ସି

କଟକ ଅଫିସ,୧୯।୮

କଟକରେ ଡେଙ୍ଗୁ ମୃତ୍ୟୁକୁ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସମ୍ପୃକ୍ତ ଯୁବକଙ୍କର ଡେଙ୍ଗୁ ଚିହ୍ନଟ ହେବା ପରେ ସେ ଚିକିତ୍ସିତ ହେଉଥିବା ଘରୋଇ ଚିକିତ୍ସାଳୟକୁ ଶୁକ୍ରବାର କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, କଟକ ମହାନଗର ନିଗମ(ସିଏମ୍‌ସି) ୨୬ନଂ. ୱାର୍ଡ ଅଧୀନ ଭଗତପୁର ଅଞ୍ଚଳର ଦୀପକ ମୁଦୁଲି(୩୬) ଡେଙ୍ଗୁ ଆକ୍ରାନ୍ତ ହୋଇଥିବା ନେଇ ଗତ ୧୫ ତାରିଖରେ ରକ୍ତ ନମୁନା ପରୀକ୍ଷାରୁ ଜଣାପଡ଼ିଥିଲା। ଏସ୍‌ସିବି ମେଡିକାଲରେ ଡେଙ୍ଗୁ ୱାର୍ଡ ରହିଥିଲେ ମଧ୍ୟ ଯୁବକ ଜଣଙ୍କ ସେଠାରେ ଚିକିତ୍ସିତ ନ ହୋଇ ସ୍ଥାନୀୟ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଡେଙ୍ଗୁ ଆକ୍ରାନ୍ତଙ୍କ ପାଇଁ ପ୍ରଥମ ୪୮ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଘରୋଇ ଚିକିତ୍ସାଳୟ ଡେଙ୍ଗୁରୋଗୀଙ୍କୁ ତୁରନ୍ତ ଏସ୍‌ସିବି ମେଡିକାଲ ପଠାଇବା ପାଇଁ ସରକାରୀ ନିର୍ଦ୍ଦେଶନାମା ରହିଛି। ହେଲେ ଏଠାରେ ସରକାରୀ ନିର୍ଦ୍ଦେଶନାମାକୁ ବେଖାତିର କରି ଉକ୍ତ ଘରୋଇ ଚିକିତ୍ସାଳୟ ପକ୍ଷରୁ ଡେଙ୍ଗୁ ଆକ୍ରାନ୍ତ ଯୁବକଙ୍କ ଚିକିତ୍ସା କରାଯାଇଥିଲା। ମାତ୍ର ଅବସ୍ଥା ଗୁରୁତର ହେବାରୁ ଦୀପକଙ୍କୁ ପରିବାର ଲୋକେ ସେଠାରୁ ଏସ୍‌ସିବି ମେଡିକାଲ ନେଇଥିଲେ। ସେଠାରେ ପହଞ୍ଚିବାର କିଛି ଘଣ୍ଟା ମଧ୍ୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୀପକ ପ୍ରାଥମିକ ଅବସ୍ଥାରେ ଏସ୍‌ସିବି ମେଡିକାଲ ଯାଇଥିଲେ ମଧ୍ୟ ସେଠାରେ ଭିଡ଼ ଦେଖି ଘରୋଇ ଚିକିତ୍ସାଳୟକୁ ପଳାଇ ଆସିଥିଲେ। ତେବେ ସେ ରାୟଗଡ଼ାରୁ କଟକ ଫେରିବା ପରେ ତାଙ୍କୁ ଜ୍ୱର ହୋଇଥିଲା। ତେଣୁ ରାୟଗଡ଼ାରୁ ଡେଙ୍ଗୁ ସଂକ୍ରମିତ ହୋଇ କଟକ ଆସିଛନ୍ତି ବୋଲି ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର ସୂଚନା ଦେଇଛନ୍ତି। ଏହି ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ ନିମନ୍ତେ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସତ୍ୟବ୍ରତ ଛୋଟରାୟ ଶୁକ୍ରବାର ନିର୍ଦ୍ଦେଶ ଦେଇଥିଲେ। ଫଳରେ ସ୍ୱାସ୍ଥ୍ୟ ଅଧିକାରୀ ମୃତକଙ୍କ ଘରକୁ ଯାଇ ତଦନ୍ତ କରିବା ପରେ ଛୋଟରାୟଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ସରକାରୀ ନିୟମ ପାଳନ କରି ନ ଥିବାରୁ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ମହାପାତ୍ର ଉକ୍ତ ଘରୋଇ ଚିକିତ୍ସାଳୟକୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଏଥିସହ ଉକ୍ତ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ସୁପାରିସ କରିଛନ୍ତି। ଅପରପକ୍ଷରେ ସିଏମ୍‌ସି ପକ୍ଷରୁ ଭଗତପୁର ଅଞ୍ଚଳକୁ ବିଶୋଧନ କରାଯିବା ପାଇଁ ସ୍ଥିର ହୋଇଥିବା ଜଣାଯାଇଛି।

### ୨୬ ନଂ. ୱାର୍ଡରେ ଡେଙ୍ଗୁ ସଚେତନତା

ଡେଙ୍ଗୁରେ ସିଏମ୍‌ସି ୨୬ ନମ୍ବର ୱାର୍ଡର ଦୀପକ ମୁଦୁଲିଙ୍କ ମୃତ୍ୟୁ ଘଟିଛି। ଏନେଇ ଉକ୍ତ ୱାର୍ଡର କର୍ପୋରେଟର ଗଗନ ଓଝାଙ୍କ ପକ୍ଷରୁ ଅଭିନବ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଜଗତ୍‌ସିଂହପୁର କୁଜଙ୍ଗ ଅଞ୍ଚଳର ପାଇକ ଗୁରୁ ଗୋଲେଖ ଜୟ୍ ସିଂ ଲୋକକଳା ମାଧ୍ୟମରେ ଉକ୍ତ ୱାର୍ଡ ଅଞ୍ଚଳର ଘର ଘର ବୁଲି ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ଶୁକ୍ରବାର ଚକୁଳିଆ ପଣ୍ଡା ସାହାଯ୍ୟରେ ଉକ୍ତ ୱାର୍ଡରେ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଟକ ଶିଳ୍ପୀ କୁମ୍ଭାର ସାହି ସମ୍ପାଦକ ପ୍ରଦୀପ ସେନାପତି, ଅମୂଲ୍ୟ ବେହେରା, ନରେନ୍ଦ୍ର ମୁଦୁଲି, ଅବିନାଶ ଓଝା, ଅଜୟ୍ ଓଝା ପ୍ରମୁଖ ଉପସ୍ଥିତ ଥିଲେ।

# ଆଇଟିଆଇରେ ୪ ଇଣ୍ଡଷ୍ଟ୍ରିଆଲ୍ ଲାବ୍ ଉଦ୍‌ଘାଟିତ



ମୁଖ୍ୟ ଅତିଥି ସୁବ୍ରତୋ ବାଗ୍‌ଚୀ ଲାବ୍ ଉଦ୍‌ଘାଟନ କରୁଛନ୍ତି।

କଟକ ଅଫିସ, ୧୯।୮

କଟକ ଖପୁରିଆସ୍ଥିତ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ (ଆଇଟିଆଇ)ରେ ୪ଟି ଆଡ୍‌ଭାନ୍ସ ଇଣ୍ଡଷ୍ଟ୍ରିଆଲ୍ ଲାବ୍ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିସହ ଛାତ୍ରମାନଙ୍କ ଦ୍ୱାରା କାଠରେ ନିର୍ମିତ ଦୁଇ ଚକିଆ ଯାନ ଉଦ୍‌ଘାଟିତ ହୋଇଥିଲା। ଏଥିରେ ଡିଟିଇଟି ନିର୍ଦ୍ଦେଶକ ରେଗୁ ଜି, ପ୍ରକାଶ ସୁଲାକେ, ବିବେକ ଠୋମ୍ବ୍ରେ, ଆଇଟିଆଇ ଅଧ୍ୟକ୍ଷ ହୃଷୀକେଶ ମହାନ୍ତି, ହରିଶ ବଜାଜ, ଦୀପକ ବିଶ୍ୱକର୍ମା, ସୁବ୍ରତ ଘଟ ପ୍ରମୁଖ ଉନ୍ନତ ଲାବ୍ ସେଟଅପ୍ ପରିଦର୍ଶନ କରିଥିଲେ। ସେମାନେ କହିଛନ୍ତି, ଶିଳ୍ପ ୪.୦ ପାଇଁ ଆବଶ୍ୟକ କୁଶଳୀ ମାନବଶକ୍ତି ଯୋଗାଇବା ଓ ଟେକ୍ନୋଲୋଜି ବୃଦ୍ଧିରେ ଉକ୍ତ ଆଇଟିଆଇ ସକ୍ଷମ ହୋଇପାରିଛି।

# ବନ୍ୟା ବିପନ୍ନଙ୍କୁ ଥଇଥାନ ଦାବିରେ ବିକ୍ଷୋଭ

କଟକ ଅଫିସ, ୧୯।୮

ବନ୍ୟା ଦ୍ୱାରା ପ୍ରଭାବିତ ବସ୍ତିବାସିନ୍ଦାଙ୍କୁ ରିଲିଫ ଓ ଥଇଥାନ ଦାବିରେ ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାପରେ ମଞ୍ଚ ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଡେପୁଟି କଲେକ୍ଟର ଅନିତା ପାତ୍ରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ମଞ୍ଚର ଆବାହକ ଖଗେଶ୍ୱର ସେଠୀ କହିଛନ୍ତି, କରୋନା ସମୟରେ ଜିଲା ପ୍ରଶାସନ ପକ୍ଷରୁ ବସ୍ତିବାସିନ୍ଦାଙ୍କୁ ଉଚ୍ଛେଦ କରାଯାଇ ନଦୀଶଯ୍ୟା ନିକଟରେ ରଖାଯାଇଥିଲା। ଚଳିତ ବନ୍ୟାରେ ଲୋକମାନଙ୍କ ଘରେ ପାଣି ପଶିଥିଲା। ଫଳରେ ଜୀବନ ବଞ୍ଚାଇବା ପାଇଁ ବସ୍ତିବାସିନ୍ଦା ନଦୀବନ୍ଧ ଓ ଅନ୍ୟତ୍ର ଆଶ୍ରୟ ନେଇଥିଲେ। ଏବେ ସେମାନେ ଦୟନୀୟ ଅବସ୍ଥାରେ ଅଛନ୍ତି ବୋଲି ସେଠୀ କହିଛନ୍ତି। ଏଣୁ ପାଣି ଘେରରେ ଥିବା ନୂଆପଡା ବାଲିସାହି ଅଞ୍ଚଳରେ ଅନ୍ୟୂନ ୭ ଦିନ ପର୍ଯ୍ୟନ୍ତ ରିଲିଫ ଓ ଅନ୍ୟାନ୍ୟ ସହାୟତା ଯୋଗାଇ ଦେବା, ବିସ୍ଥାପିତ ବସ୍ତିଗୁଡିକରେ ପର୍ଯ୍ୟାପ୍ତ ପାଇଖାନା ନିର୍ମାଣ କରିବାକୁ ଦାବି କରାଯାଇଛି। ମଞ୍ଚର ଆବାହକ ସେଠୀଙ୍କ ନେତୃତ୍ୱରେ ଶ୍ରମିକ ନେତା ରାଜକିଶୋର ମଲ୍ଲିକ, ବସ୍ତି ନେତା ଦୀପକ ଦାସ, ମୁନା ଦାସ, ସିପ୍ରା ମହାନ୍ତି ପ୍ରମୁଖ ଉକ୍ତ ସ୍ମାରକପତ୍ର ପ୍ରଦାନ କରିଥିଲେ।




ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

# 'ନାରୀ ଆନ୍ଦୋଳନର କର୍ଣ୍ଣଧାର ଥିଲେ ସରଳା ଦେବୀ'



ଉତ୍ସବରେ ସିଏମ୍‌ସି ଡେପୁଟି ମେୟର ଦମୟନ୍ତୀ ମାଝୀ ଓ ପ୍ରାଣୀପ୍ରେମୀ ସାଇନି ମିଶ୍ରଙ୍କୁ ସରଳା ଦେବୀ ସେବା ସମ୍ମାନରେ ସମ୍ମାନିତ କରାଯାଉଛି।

କଟକ ଅଫିସ,୧୯।୮

ଓଡ଼ିଶାରେ ନାରୀ ଆନ୍ଦୋଳନର ମୁଖ୍ୟ କର୍ଣ୍ଣଧାର ଥିଲେ ସରଳା ଦେବୀ। ଭାରତୀୟ ମୁକ୍ତି ସଂଗ୍ରାମକୁ ତାଙ୍କର ଅବଦାନ ଅବିସ୍ମରଣୀୟ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢୀ କହିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସରଳା ଦେବୀ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ କଟକ ସାରଳା ଭବନରେ ଶୁକ୍ରବାର ଅନୁଷ୍ଠିତ ଲୌହମାନବୀ ସରଳା ଦେବୀଙ୍କ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାଢୀ ଯୋଗଦେଇ ଉପରୋକ୍ତ ବିଷୟରେ କହିଥିଲେ। ସେହିପରି ସମ୍ମାନିତ ଅତିଥି ସାହିତ୍ୟିକ ଡ. ପ୍ରଭାକର ସ୍ୱାଇଁ କହିଥିଲେ, ଅନେକ କ୍ଷେତ୍ରରେ ସରଳା ଦେବୀ ଥିଲେ ପ୍ରଥମ ଓଡ଼ିଆ ନାରୀ। ମୁଖ୍ୟବକ୍ତା ଡ. ଚିନ୍ମୟୀ ମହାପାତ୍ର କହିଥିଲେ, ଅସହଯୋଗ ଆନ୍ଦୋଳନରେ ଯୋଗଦେବାରେ ସରଳା ଦେବୀ ଥିଲେ ପ୍ରଥମ ମହିଳା। ସମ୍ମାନିତ ବକ୍ତା ରେଭେନ୍ସା ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡ. ଜ୍ଞାନୀ ଦେବାଶିଷ ମିଶ୍ର କହିଥିଲେ, ସରଳାଙ୍କ ରଚିତ ଭାରତୀୟ ମହିଳା ପ୍ରସଙ୍ଗ, ବିଶ୍ୱ ବିପ୍ଲବିନୀ, ବୀର ରମଣୀ ଆଦି ଗ୍ରନ୍ଥ ସାରସ୍ୱତ ଜଗତର ଅମୂଲ୍ୟ ସମ୍ପଦ। ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ମନୋଜ କୁମାର ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସିଏମ୍‌ସି ଡେପୁଟି ମେୟର ଦମୟନ୍ତୀ ମାଝି ଓ ପ୍ରାଣୀପ୍ରେମୀ ସାଇନି ମିଶ୍ରଙ୍କୁ ସରଳା ଦେବୀ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ପ୍ରବୋଧ ରାଉତ ସ୍ୱାଗତ ଭାଷଣ, ସରଳା ଦେବୀ ସ୍ମୃତି ସଂସଦ ସମ୍ପାଦକ ଲକ୍ଷ୍ମୀପ୍ରକାଶ ମହାପାତ୍ର ବିବରଣୀ ପାଠ, ନୁପୁର ଦତ୍ତ ମାନପତ୍ର ପାଠ ଓ ନିରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

# ଶିଶୁଭବନ ନିର୍ମାଣ କାର୍ଯ୍ୟ ତଦାରଖ କଲେ ମେୟର, କମିଶନର

କଟକ ଅଫିସ,୧୯।୮

କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ଓ କମିଶନର ନିଖିଲ ପଓ୍ୱନ କଲ୍ୟାଣ ଶୁକ୍ରବାର ଶିଶୁଭବନ ନିର୍ମାଣ କାର୍ଯ୍ୟର ତଦାରଖ କରିଛନ୍ତି। ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ୧୧୬ କୋଟି ଟଙ୍କା ବ୍ୟୟରେ ବ୍ରିଜ ଏବଂ ରୁଫ କମ୍ପାନୀ ଜରିଆରେ ଶିଶୁ ଭବନରେ ଡାକ୍ତରଖାନା, ୧୨୪ ବେଡ୍ ବିଶିଷ୍ଟ ପୋଷ୍ଟ ଗ୍ରାଜୁଏଟ ଛାତ୍ରଙ୍କ ପାଇଁ ହଷ୍ଟେଲ, ପୋଖରୀର ନବୀକରଣ, ପାରିପାର୍ଶ୍ୱିକ ବିକାଶ, ରିଂରୋଡ୍‌କୁ ସଂଯୋଗ କରି ମୁଖ୍ୟ ଫାଟକ ନିର୍ମାଣ କରାଯାଉଛି। ଶିଶୁ ଭବନ ଅଧ୍ୟକ୍ଷ ପ୍ରଫେସର ଜ୍ଞାନ ରଞ୍ଜନ ବେହେରା, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ବବଲିନା ମହାନ୍ତି, ପ୍ରଶାସନିକ ଅଧିକାରୀ ସୁନିତା ସିଂ, ପୂର୍ତ୍ତ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ପ୍ରଭାସ ମାଝି, ଦେବବ୍ରତ ମହାନ୍ତି, ଡେପୁଟି କମିଶନର ଅଜୟ ମହାନ୍ତି , ଡା. ସତ୍ୟବ୍ରତ ମହାପାତ୍ରଙ୍କ ଉପସ୍ଥିତିରେ ମେୟର ଓ କମିଶନର ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଡାକ୍ତର ଓ ନର୍ସିଂ ଛାତ୍ରୀମାନଙ୍କ ପାଇଁ ସ୍ୱତନ୍ତ୍ର ବାସଗୃହର ସୁବିଧା ଏବଂ ରୋଗୀ ସମ୍ପର୍କୀୟମାନଙ୍କ ରହିବା ଲାଗି ସ୍ୱତନ୍ତ୍ର ଘର ନିର୍ମାଣ ପାଇଁ ମେୟର ଓ କମିଶନର ପ୍ରସ୍ତାବ ଦେବା ସହିତ ଖୁବ୍‌ଶୀଘ୍ର ଏହାର ନକ୍ସା ପ୍ରସ୍ତୁତ ପାଇଁ କହିଥିଲେ। ହସ୍ପିଟାଲ ଭିତରେ ସ୍ୱତନ୍ତ୍ର ଡ୍ରେନ ନିର୍ମାଣ, ଜଳ ଯୋଗାଣ ଉପରେ ଅଗ୍ରାଧିକାର ଦିଆଯିବ। ସେହିପରି ବର୍ଜ୍ୟ ବସ୍ତୁ ପରିଚାଳନା ପାଇଁ ତୁରନ୍ତ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବାକୁ କୁହାଯାଇଛି। ଏହି ପରିଦର୍ଶନବେଳେ କର୍ପୋରେଟର ଆରତି ସାହୁ, ବିଜୟ ବେହେରା, ରାଜୀବ ମହାନ୍ତି, ଜଗନ୍ନାଥ ସ୍ୱାଇଁ, ଦେବେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

# 'ସାହିତ୍ୟ, ସଂସ୍କୃତି ଓ ସମାଜ ଭାରତୀୟ ପରମ୍ପରାର ପ୍ରତୀକ'

କଟକ ଅଫିସ, ୧୯।୮

କଳ୍ପନା ସାହିତ୍ୟ, ସାଂସ୍କୃତିକ ଓ ସାମାଜିକ ପରିଷଦର ୧୭ତମ ବାର୍ଷିକ ମହୋତ୍ସବ କଟକ ଶହୀଦ ଭବନରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ କହିଥିଲେ, ସାହିତ୍ୟ, ସଂସ୍କୃତି ଓ ସମାଜ ଭାରତୀୟ ପରମ୍ପରାର ପ୍ରତୀକ। ଏହି କାର୍ଯ୍ୟକ୍ରମରେ

### ଡା. ରବି ନାରାୟଣ ପଣ୍ଡା ପାଇଲେ କଳ୍ପନା ସମ୍ମାନ

ମୁଖ୍ୟବକ୍ତା ଭାବେ ଡିଏଭି ଓଡ଼ିଶା ଜୋନ୍‌ର ରିଜିଓନାଲ ଡାଇରେକ୍ଟର ଡ. କେଶବ ଚନ୍ଦ୍ର ଶତପଥୀ, ଶିଳ୍ପପତି ସୁରେନ୍ଦ୍ର ନାଥ ପଣ୍ଡା, ସମ୍ମାନିତ ଅତିଥି ପଦ୍ମଶ୍ରୀ ଶ୍ୟାମାମଣି ଦେବୀ, ପରିଷଦର ସଭାପତି ଡା. ରବିନାରାୟଣ ପଣ୍ଡା ଓ ସାଧାରଣ ସମ୍ପାଦକ ଗୋପାଳ ଚନ୍ଦ୍ର ଜେନା ଯୋଗଦେଇଥିଲେ। ଏହି ଅବସରରେ ପଦ୍ମଶ୍ରୀ ଶ୍ୟାମାମଣି ଦେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଡା. ରବି ନାରାୟଣ ପଣ୍ଡାଙ୍କୁ କଳ୍ପନା ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସଂସ୍କୃତି ଏବଂ ଆଙ୍କରିଂ କମିଟି ଚେୟାରପର୍ସନ ସୌଦାମିନୀ ତ୍ରିପାଠୀ ଓ କୋଷାଧକ୍ଷା ସୌଭାଗିନୀ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜଣେ ଛାତ୍ରଙ୍କୁ ୨ ସେମିଷ୍ଟରରୁ ନିଲମ୍ବିତ

### ରେଭେନ୍ସା ଇଷ୍ଟ ହଷ୍ଟେଲ କର୍ମଚାରୀଙ୍କୁ ଆକ୍ରମଣ ଘଟଣା

କଟକ ଅଫିସ,୧୯।୮

ରେଭେନ୍ସା ବିଶ୍ୱବିଦ୍ୟାଳୟର ହଷ୍ଟେଲ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ସମ୍ପୃକ୍ତ ଥିବା ଜଣେ ଛାତ୍ରଙ୍କୁ ୨ଟି ସେମିଷ୍ଟରରୁ ନିଲମ୍ବିତ କରାଯାଇଛି। ସେ ହେଲେ ଉକ୍ତ ବିଶ୍ୱବିଦ୍ୟାଳୟ ଆଇଟିଏମ୍ ବିଭାଗର ଛାତ୍ର ଶକ୍ତିକାନ୍ତ ସେଠୀ। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଜଣେ ଅଣଛାତ୍ରଙ୍କୁ ଧରିବା ପାଇଁ ପୋଲିସର ସହାୟତା ନେବାକୁ ଶୁକ୍ରବାର ଅନୁଷ୍ଠିତ ଶୃଙ୍ଖଳାଗତ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଥିବା କୁଳସଚିବ ଭକ୍ତଚରଣ ପ୍ରଧାନ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ବିଶ୍ୱବିଦ୍ୟାଳୟ ଇଷ୍ଟ ହଷ୍ଟେଲରେ କେତେଜଣ ଅଣଛାତ୍ର ପ୍ରବେଶକୁ ବିରୋଧ କରିବାରୁ କର୍ମଚାରୀ ରଘୁନାଥ ବସନ୍ତରାୟଙ୍କୁ ଆକ୍ରମଣ କରାଯାଇଥିଲା। ଏହି ଘଟଣାକୁ ନେଇ ଗତ ୧୭ ତାରିଖରେ କୁଳପତି ପ୍ରଫେସର ସଞ୍ଜୟ ନାୟକଙ୍କ ଅଧ୍ୟକ୍ଷତାରେ ରେସିଡେଣ୍ଟ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଘଟଣାରେ ଶକ୍ତିକାନ୍ତଙ୍କ ସମ୍ପୃକ୍ତି ଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଥିଲା।



କଟକ ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟରେ ଶୁକ୍ରବାର ଯୁକ୍ତ ୨ ନାମଲେଖା ଚାଲିଛି।

# ଘେରି ଭିତରେ ୫୦ ପରିବାର: ମିଳୁନି ସହାୟତା

କଣ୍ଟାପଡା, ୧୯।୮(ଡି.ଏନ୍.ଏ.)

କନ୍ଦଳ ନଦୀରେ ବନ୍ୟାଜଳ ପ୍ରବାହିତ ହେବା ଫଳରେ କଣ୍ଟାପଡା ବ୍ଲକ ଅନ୍ତର୍ଗତ ଧାନମଣ୍ଡଳ ଭୋଇସାହି ଘେରି ଭିତରେ ୫୦ରୁ ଊର୍ଦ୍ଧ୍ୱ ପରିବାର ଜଳବନ୍ଦୀ ହୋଇ ରହିଛନ୍ତି। ହେଲେ ଉକ୍ତ ପରିବାରଗୁଡିକୁ ଏପର୍ଯ୍ୟନ୍ତ ସରକାରୀ ସହାୟତା ଦିଆଯାଇ ନ ଥିବା ବନ୍ୟା ବିପନ୍ନମାନେ ଶୁକ୍ରବାର କଣ୍ଟାପଡା ବିଡିଓଙ୍କୁ ଲିଖିତଭାବେ ଜଣାଇଛନ୍ତି। ଗତ ସୋମବାର କନ୍ଦଳ ନଦୀର ଜଳସ୍ତର ବୃଦ୍ଧି ପାଇବାରୁ ଉକ୍ତ ଘେରିରେ ବନ୍ୟାଜଳ ପ୍ରବେଶ କରିଥିଲା। ଘେରି ଭିତରେ ରହୁଥିବା ଅଧିକାଂଶ ପରିବାର ଦିନମଜୁରିଆ ହୋଇଥିବାରୁ ସରକାରୀ ସହାୟତା ବିନା ଚଳିବା କଷ୍ଟକର ହୋଇପଡିଥିଲା। ଏହାସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ସହାୟତା ନ ମିଳିବା ଦୁଃଖର ବିଷୟ ବୋଲି ଯୁବନେତା ସୁଦର୍ଶନ ଜେନା ଅଭିଯୋଗ କରିଛନ୍ତି। ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ବିଡିଓ ସନ୍ତୋଷ କୁମାର ପତି ପ୍ରତିଶ୍ରୁତି ଦେଇଛନ୍ତି।

# 'କର୍ମ, ଜ୍ଞାନଯଜ୍ଞ ଦ୍ୱାରା ଶାନ୍ତି ମିଳିବ'

### ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ

କଟକ ଅଫିସ, ୧୯।୮

ସେଲିବ୍ରେସନ୍ ଏକ ଆତ୍ମିକ ଉତ୍ସବ। ଏହାକୁ ସ୍ଥାୟୀ ଏବଂ ଅବିନାଶୀ ଅନୁଭବ କରିହେବ। ଆତ୍ମାର ଶାନ୍ତି ପ୍ରାପ୍ତ କରିବାକୁ ହେଲେ କର୍ମଯଜ୍ଞ, ଜ୍ଞାନଯଜ୍ଞ ଏବଂ ଭକ୍ତିଯଜ୍ଞ କରିବା ଦରକାର। ଏହା ମାଧ୍ୟମରେ ମନ, ଶରୀରକୁ ଶାନ୍ତି ମିଳିପାରିବ। ସେଥିପାଇଁ ଜୀବନରେ ତ୍ୟାଗ, ତପସ୍ୟା, ସେବା ନିତାନ୍ତ ଆବଶ୍ୟକ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ କଟକ ଝାଞ୍ଜିରୀମଙ୍ଗଳାସ୍ଥିତ ପ୍ରଭୁ ସମର୍ପଣ ଭବନରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ରାଜ୍ୟପାଳ ଉଦ୍‌ଘାଟନ କରି ଉପରୋକ୍ତ ବିଷୟରେ କହିଥିଲେ।




ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉଦ୍‌ଘାଟନ କରୁଛନ୍ତି।

ସେହିପରି କଟକ ସବ୍‌ଜୋନ୍‌ର ମୁଖ୍ୟ ନିର୍ଦ୍ଦେଶିକା ବ୍ରହ୍ମାକୁମାରୀ କମଲେଶ ଜୀ ଯୋଗଦେଇ ଗତ ୫୦ ବର୍ଷ ସେବାର ଅନୁଭୂତି ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ଶଶିଭୂଷଣ ବେହେରା ଯୋଗଦେଇ ବ୍ରହ୍ମାକୁମାରୀ ଏକ ଶୃଙ୍ଖଳିତ ଅନୁଷ୍ଠାନ ବୋଲି କହିଥିଲେ। ସିଏମ୍‌ସି ମେୟର ସୁବାସ ସିଂ ଯୋଗଦେଇ ଅନୁଷ୍ଠାନର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବିଧାୟକ ଅରବିନ୍ଦ ଢାଲି ଯୋଗଦେଇଥିଲେ। କଟକ ସବ୍‌ଜୋନ୍ ସହ ନିର୍ଦ୍ଦେଶିକା ବ୍ରହ୍ମାକୁମାରୀ ସୁଲୋଚନା ସ୍ୱାଗତ ଭାଷଣ, ବ୍ରହ୍ମାକୁମାର ନଥମଲ ଓ ବ୍ରହ୍ମାକୁମାରୀ ପ୍ରତିଭା ମଞ୍ଚ ପରିଚାଳନା କରିଥିଲେ। ଏଥିରେ ବ୍ରହ୍ମାକୁମାର ମୋହନ, ବ୍ରହ୍ମାକୁମାର ସୁଧାଂଶୁ, ବ୍ରହ୍ମାକୁମାର ଜ୍ଞାନ, ବ୍ରହ୍ମାକୁମାର ପ୍ରତାପ, ବ୍ରହ୍ମାକୁମାର ଆନନ୍ଦ, ବ୍ରହ୍ମାକୁମାର ଗୋପାଳ ଓ ଡା. ଜୟନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଏବେ ବି ପାଣି ଘେରରେ ୭୦ ଗାଁ


ଖୋର୍ଦ୍ଧା ବ୍ଲକର ଏକ ଗ୍ରାମରେ ଜମି ରହିଥିବା ବନ୍ୟାଜଳ।


ପ୍ରଶାସନ ପକ୍ଷରୁ ବନ୍ୟା ପୀଡିତଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଉଛି।

**ଖୋର୍ଦ୍ଧା ଅଫିସ,୧୯।୮:**

- ୯୮୫୫ଜଣଙ୍କୁ ସ୍ଥାନାନ୍ତର କରାଯାଇଛି
- ୨୦,୨୪୦ ଗ୍ରାମବାସୀ ପ୍ରଭାବିତ

ମହାନଦୀର ଶାଖା ଓ ଉପନଦୀରେ ଜଳସ୍ତର ବୃଦ୍ଧି ପାଇବାରୁ ଖୋର୍ଦ୍ଧା ଜିଲାରେ ବନ୍ୟା ସ୍ଥିତି ଗମ୍ଭୀର ରହିଛି। ଜିଲାର ୫ଟି ବ୍ଲକ ବାଲିଅନ୍ତା, ବାଲିପାଟଣା, ଜଟଣୀ, ବେଗୁନିଆ ଓ ଖୋର୍ଦ୍ଧା ବ୍ଲକର ମୋଟ୍ ୭୦ ଗାଁ ବନ୍ୟା ପାଣି ଘେରରେ ରହିଛି। ଜିଲାର ପ୍ରାୟ ୨୦,୨୪୦ ଗ୍ରାମବାସୀ ପ୍ରଭାବିତ ହୋଇଛନ୍ତି। ୧୯ଟି କେନ୍ଦ୍ରରେ କ୍ଷତିଗ୍ରସ୍ତ ଅଞ୍ଚଳର ୯୮୫୫ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ୧୧,୧୭୧ ଗୋରୁ ପ୍ରଭାବିତ ହୋଇଛନ୍ତି।

ଶୁକ୍ରବାର ଲଗାଣ ବର୍ଷାରେ ପୁଣି ଜଳସ୍ତର ବୃଦ୍ଧି ପାଇଛି। ଖୋର୍ଦ୍ଧା ବ୍ଲକର ୩ ପଞ୍ଚାୟତର ପୂର୍ବରୁ ୧୦ଟି ଗାଁ ପାଣିଘେରରେ ରହିଥିବା ବେଳେ ଏବେ ଆଉ ୫ଟି ଗାଁରେ ବନ୍ୟାଜଳ ଲହଡି ମାରୁଛି। ହିରିମୂଳ, ଡିହଖଳା ଓ ଦୁର୍ଗାପୁର ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଥିବା ବେଳେ ଶରଧାପୁର ଗ୍ରାମରେ ୪ ଫୁଟ ଉଚ୍ଚର ପାଣି ଲହଡି ମାରୁଛି। ଗ୍ରାମବାସୀ ଘର ଛାତ ଉପରେ ଆଶ୍ରୟ ନେଇଥିବା ବେଳେ କୁଡିଆ ଘରେ ରହୁଥିବା ପରିବାର ରାସ୍ତାକଡରେ ଆଶ୍ରୟ ନେଉଥିବା ଦେଖିବାକୁ ମିଳିଛି। ପ୍ରଶାସନ ପକ୍ଷରୁ ରନ୍ଧା ଖାଦ୍ୟ ଘରେ ଘରେ ବଣ୍ଟନ କରାଯାଉଛି। ଏଥିସହ ମେଡିକାଲ ଟିମ୍ ମଧ୍ୟ ଡଙ୍ଗାରେ ଯାଇ ଲୋକଙ୍କ ଚିକିତ୍ସା କରୁଛନ୍ତି। ଗୁରୁବାରଠାରୁ ପ୍ରଶାସନ ପକ୍ଷରୁ ଗୋରୁଙ୍କ ଲାଗି ଗୋଖାଦ୍ୟ ପର୍ଯ୍ୟାପ୍ତ ମାତ୍ରାରେ ପଠାଯାଇଛି। ଏନେଇ ବିଡିଓ କେ. ତନୟା ସାହୁ କୁହନ୍ତି, ଖୋର୍ଦ୍ଧା ବ୍ଲକର ବନ୍ୟାଜଳ ଘେରରେ ରହିଥିବା ଗାଁଗୁଡିକର ସ୍ଥିତି ଅନୁଧ୍ୟାନ କରାଯାଉଛି। ଲୋକଙ୍କ ଯାତାୟାତ ଲାଗି ଡଙ୍ଗା ବ୍ୟବସ୍ଥା କରାଯାଇଛି। ପରିସ୍ଥିତି ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଆର୍ତ୍ତବନ୍ଧୁ ନାୟକ କୁହନ୍ତି, ଖୋର୍ଦ୍ଧା ବ୍ଲକର ସମସ୍ତ ବନ୍ୟାଞ୍ଚଳରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ମେଡିକାଲ ସୁବିଧା କରାଯାଇଛି। ମାନପୁର ବାତ୍ୟା ଆଶ୍ରୟସ୍ଥଳୀରେ ଅସ୍ଥାୟୀ କ୍ୟାମ୍ପ କରାଯାଇଛି। ଜଣେ ଡାକ୍ତର, ଫାର୍ମାସିଷ୍ଟ ସମେତ ସ୍ୱାସ୍ଥ୍ୟକର୍ମୀ, ଆଶା, ଅଙ୍ଗନୱାଡି କର୍ମୀ ପ୍ରମୁଖ ରହୁଛନ୍ତି। ଗର୍ଭବତୀ ଓ ଶିଶୁଙ୍କ ଯତ୍ନ ଉପରେ ଗୁରୁତ୍ୱ ଦିଆଯାଉଛି। ଆସନ୍ନ ପ୍ରସବାଙ୍କୁ ତୁରନ୍ତ ମେଡିକାଲ ସ୍ଥାନାନ୍ତର କରାଯିବା ବ୍ୟବସ୍ଥା କରାଯାଇଛି। ଅତିରିକ୍ତ ଜିଲାପାଳ ମନୋଜ ପାତ୍ରୀ କୁହନ୍ତି, ଜିଲା ପ୍ରଶାସନ ପକ୍ଷରୁ ବନ୍ୟା ନିୟନ୍ତ୍ରଣ ଲାଗି ସମସ୍ତ ବ୍ୟବସ୍ଥା କରାଯାଇଛି। ଏସ୍ଆରସିଙ୍କ ଗାଇଡଲାଇନ ଅନୁସାରେ ସମସ୍ତ କାର୍ଯ୍ୟ ତଦାରଖ କରାଯାଉଛି। ବାଲିଅନ୍ତା ଓ ବାଲିପାଟଣା ବ୍ଲକରେ ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁଙ୍କ ସମେତ ସ୍ଥାନୀୟ ବିଡିଓ, ତହସିଲଦାର ଏବଂ ପୋଲିସ ଘଟଣା ସ୍ଥଳରେ ସ୍ଥିତି ଅନୁଧ୍ୟାନ କରୁଛନ୍ତି। ସେହିପରି ବେଗୁନିଆ ଏବଂ ଖୋର୍ଦ୍ଧା ବ୍ଲକରେ ସ୍ଥାନୀୟ ବିଡିଓ, ତହସିଲଦାର ମାନେ ୨୪ ଘଣ୍ଟିଆ ଉପଲବ୍ଧ ରହୁଛନ୍ତି। ଜରୁରୀ ସେବା ଲାଗି ଜରୁରିକାଳୀନ ବିଭାଗ ସଜାଗ ରହିଛି। କଣ୍ଟ୍ରୋଲରୁମ ଖୋଲାଯାଇଛି। ଜଟଣୀ ବ୍ଲକର ତିରିମଲଠାରୁ ହଳଦୀପଡା, ତିରିମଲଠାରୁ ତୁଳାସାହି ପର୍ଯ୍ୟନ୍ତ ଏକ କିମି ରାସ୍ତା, ପାଣ୍ଡିଆବିଲିଠାରୁ ବୁଢାଙ୍ଗରା ରାସ୍ତା ନଷ୍ଟ ହୋଇଛି। ୯ଟି ମେଡିକାଲ ଟିମ୍ ଏବଂ ୫ଟି ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଟିମ୍ ମୁତୟନ ରହିଛନ୍ତି। ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ୨୦ଟି କ୍ୟାମ୍ପରେ ୬୩୧ ଗୋରୁଙ୍କ ଚିକିତ୍ସା କରାଯାଇଥିବା ବେଳେ ୧୪୫୦ଙ୍କୁ ଟିକା ଦିଆଯାଇଛି। ବାଲିପାଟଣା ବ୍ଲକରେ ଗୋଟିଏ ଏନ୍ଡିଆରଏଫ ଓ ୪ଟି ବୋଟ୍ ଏବଂ ୨ଟି ଏସଆରସି ପାୱାର ବୋଟ ରହିଛି। ବାଲିଅନ୍ତାରେ ୨ଟି ଏସଆରସି ପାୱାର ବୋଟ, ଗୋଟିଏ ଓଡ୍ରାଫ ଟିମ୍ ଖୋର୍ଦ୍ଧା ବ୍ଲକରେ ନିୟୋଜିତ ରହିଥିବା ବେଳେ ସିଡିଏ ପକ୍ଷରୁ ଅଧିକ ୨ଟି ବୋଟ ଶୁକ୍ରବାର ସୁଦ୍ଧା ଖୋର୍ଦ୍ଧା ବ୍ଲକକୁ ଯୋଗାଇ ଦିଆଯାଇଛି।

## ଶିକ୍ଷାନବୀସ ଓଏଏସ୍ ଅଧିକାରୀଙ୍କୁ ଜମି ଅଧିଗ୍ରହଣ ତାଲିମ

**ପୁରୀ ଅଫିସ, ୧୯।୮:**

୨୦୧୮ ବ୍ୟାଚର ୫୮ଜଣ ଶିକ୍ଷାନବୀସ ଓଡ଼ିଶା ପ୍ରଶାସନିକ ଅଧିକାରୀ (ଓଏଏସ୍)ଙ୍କୁ ଜମି ଅଧିଗ୍ରହଣର ବିଭିନ୍ନ କାର୍ଯ୍ୟଧାରା ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଇବା ପାଇଁ ଏକ ପ୍ରଶିକ୍ଷଣ ଶିବିର ଶୁକ୍ରବାର ପୁରୀ ସର୍କିଟହାଉସରେ ଅନୁଷ୍ଠିତ ହୋଇଯାଇଛି। ଗୋପବନ୍ଧୁ ଏକାଡେମୀ ଅଫ୍ ଆଡ୍‌ମିନିଷ୍ଟ୍ରେଶନର ଅତିରିକ୍ତ ନିର୍ଦ୍ଦେଶକ ବିଭୂତି ଭୂଷଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ ଶିକ୍ଷାନବୀସଙ୍କୁ ନୋଡାଲ ଅଫିସର ନିଜାରତ ଅଧିକାରୀ ପର୍ଶୁରାମ ମଲ୍ଲିକ ଏବଂ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ସ୍ୱାଗତ କରିଥିଲେ। ପରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏହି ଶିକ୍ଷାନବୀସମାନଙ୍କୁ ଜମି ଅଧିଗ୍ରହଣ ଓ ଥଇଥାନ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲାପାଳ (ଜମି ଅଧିଗ୍ରହଣ) କୈଳାସ ଚନ୍ଦ୍ର ନାୟକ ପ୍ରଶିକ୍ଷଣ ପ୍ରଦାନ ସହ ସେମାନଙ୍କ ବିଭିନ୍ନ ଜିଜ୍ଞାସାର ସମାଧାନ କରିଥିଲେ। ଜିଲା ଜମି ଅଧିଗ୍ରହଣ ଅଧିକାରୀ ପ୍ରଶାନ୍ତ କୁମାର ଜେନା ମଧ୍ୟ ବିବିଧ ସୂଚନା ଦେଇଥିଲେ। ପରେ ଶିକ୍ଷାନବୀସମାନେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପସ୍ଥଳୀ ପରିଦର୍ଶନ ସହ ଦାରୁଦିଅଁଙ୍କୁ ଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରୋଟୋକଲ ଅଧିକାରୀ ଗୋପୀନାଥ ମିଶ୍ର ସହଯୋଗ କରିଥିଲେ।

## ସଂକ୍ଷେପରେ

### ରାଜ୍ୟସ୍ତରୀୟ ଜନ୍ମାଷ୍ଟମୀ ପ୍ରତିଯୋଗିତା

ଭୁବନେଶ୍ୱର,୧୯।୮(ବ୍ୟୁରୋ): ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ଉପଲକ୍ଷେ ଖୋର୍ଦ୍ଧା ଉପକଣ୍ଠସ୍ଥିତ ବାଜପୁର ଗ୍ରାମର ଶ୍ରୀ ଗୋପୀନାଥ ଜୀଉ ମନ୍ଦିର ପରିସରରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାମାନ ଆୟୋଜନ ହୋଇଯାଇଛି। ଆଲୋଚନାଚକ୍ର, କବିତା ପାଠ ଉତ୍ସବ ସହିତ ଛାତ୍ରାଛାତ୍ରୀଙ୍କୁ ନେଇ ଚିତ୍ରାଙ୍କନ, ଗଳ୍ପ, ପ୍ରବନ୍ଧ ସମ୍ବନ୍ଧିତ ବିଭିନ୍ନ ପ୍ରତିଯୋଗିତା ଗତ ୨ଦିନ ଧରି କରାଯାଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ହରିହର କାନୁନ୍‌ଗୋ, ମୁଖ୍ୟବକ୍ତା ନିଶିଗନ୍ଧା ଫାଉଣ୍ଡେଶନର ପ୍ରତିଷ୍ଠାତା ବଳରାମ ତରାଇ, ସମ୍ମାନିତ ଅତିଥି ଭାବେ ବିନୋଦିନୀ କାନୁନ୍‌ଗୋ, ସଂଘମିତ୍ରା ମହାନ୍ତି, ଜଗଦୀଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଡ. ବୃନ୍ଦାବନ ପଣ୍ଡା ଏହି କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିବା ବେଳେ ସଭାପତି ଡ. ନିଳାଦ୍ରୀ ଜଗଦେବ ମଞ୍ଚ ପରିଚାଳନା କରିଥିଲେ। ପିଲା ଓ କବି କବୟିତ୍ରୀମାନଙ୍କୁ ନେଇ କବିତା ପାଠ ଆବୃତି କରାଯାଇଥିଲା। ଡ. ଚପଳା ପଣ୍ଡା, ପଣ୍ଡିତ ବାସୁଦେବ ସାହୁ, ସସ୍ମିତା ମୁଦୁଲି, ପଦ୍ମଲୋଚନ ସାହୁ, ବେଣୁଧର ସେଠୀ, ଦୀନବନ୍ଧୁ ସାହୁ, ଝୁମୁରି ସାହୁ, ବଂଶୀଧର ସାହୁଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଛାତ୍ରାଛାତ୍ର ଏହି ଉତ୍ସବରେ ଭାଗନେଇଥିଲେ। ସତ୍ୟଜିତ୍ କାନୁନଗୋ ଧନ୍ୟବାଦ ଦେଇଥିଲେ।

### ଆଇଟିଆଇରେ ୪ ଇଣ୍ଡଷ୍ଟ୍ରିଆଲ୍ ଲାବ୍ ଉଦ୍‌ଘାଟିତ

କଟକ ଅଫିସ, ୧୯।୮: କଟକ ଖପୁରିଆସ୍ଥିତ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ (ଆଇଟିଆଇ)ରେ ୪ଟି ଆଡ୍‌ଭାନ୍ସ ଇଣ୍ଡଷ୍ଟ୍ରିଆଲ୍ ଲାବ୍ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିସହ ଛାତ୍ରମାନଙ୍କ ଦ୍ୱାରା କାଠରେ ନିର୍ମିତ ଦୁଇ ଚକିଆ ଯାନ ଉଦ୍‌ଘାଟିତ ହୋଇଥିଲା। ଏଥିରେ ଡିଟିଇଟି ନିର୍ଦ୍ଦେଶକ ରେଗୁ ଜି, ପ୍ରକାଶ ସୁଲାକେ, ବିବେକ ଠୋମ୍ବ୍ରେ, ଆଇଟିଆଇ ଅଧ୍ୟକ୍ଷ ହୃଷୀକେଶ ମହାନ୍ତି, ହରିଶ ବଜାଜ, ଦୀପକ ବିଶ୍ୱକର୍ମା, ସୁବ୍ରତ ଘଟ ପ୍ରମୁଖ ଉନ୍ନତ ଲାବ୍ ସେଟଅପ୍ ପରିଦର୍ଶନ କରିଥିଲେ। ସେମାନେ କହିଛନ୍ତି, ଶିଳ୍ପ ୪.୦ ପାଇଁ ଆବଶ୍ୟକ କୁଶଳୀ ମାନବଶକ୍ତି ଯୋଗାଇବା ଓ ଟେକ୍ନୋଲୋଜି ବୃଦ୍ଧିରେ ଉକ୍ତ ଆଇଟିଆଇ ସକ୍ଷମ ହୋଇପାରିଛି।

### ୨୦ ଗ୍ରାମ ବ୍ରାଉନସୁଗାର ଜବତ: ୨ ଗିରଫ

ପୁରୀ ଅଫିସ, ୧୯।୮: ପୁରୀ ପୋଲିସ ଗୁରୁବାର ବ୍ରାଉନସୁଗାର କାରବାର ଅଭିଯୋଗରେ ୫ଜଣଙ୍କୁ ଗିରଫ କରିଥିବାବେଳେ ଶୁକ୍ରବାର ୨ଜଣ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ନୃସିଂହ ବଲ୍ଲଭପାଟଣା ଅଞ୍ଚଳର ମୁନା ବେହେରା ଏବଂ ଲୋକନାଥ ରୋଡ ଅଞ୍ଚଳର ଧନଞ୍ଜୟ ବସ୍ତିଆ ଓରଫ ବୁଲୁ। ମୁନାଙ୍କଠାରୁ ୧୦ ଗ୍ରାମ ବ୍ରାଉନସୁଗାର ସହ ୫ଶହ ଟଙ୍କା ଜବତ ହୋଇଛି। ଏ ନେଇ ଏକ କେସ୍ (ନଂ. ୧୧୧/୨୨) ରୁଜୁ କରାଯାଇଛି। ଶୁକ୍ରବାର ସକାଳ ପ୍ରାୟ ୭ଟାରେ ମୁନା ବ୍ରାଉନ ସୁଗାର ଧରି ଆଖଣ୍ଡଳ ମନ୍ଦିର ରୋଡ ହୁଲୁହୁଲିଆ ବ୍ରିଜ୍ ନିକଟରେ ଛିଡ଼ା ହୋଇଥିବା ପୋଲିସ ଖବର ପାଇଥିଲା। ବାସେଳିସାହି ଥାନା ଏସ୍ଆଇ ବି.କେ. ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ଚଢ଼ାଉ କରି ମୁନାଙ୍କୁ କାବୁ କରିଥିଲେ। ସେହିପରି ବାସେଳିସାହି ଥାନା ପୋଲିସ ଛପନଛକରେ ଧନଞ୍ଜୟଙ୍କଠାରୁ ୧୦ ଗ୍ରାମ ବ୍ରାଉନସୁଗାର, ୫ଶହ ଟଙ୍କା ଓ ଗୋଟିଏ ମୋବାଇଲ ଫୋନ ଜବତ କରିଛି। ଏ ନେଇ ଏକ କେସ୍ (ନଂ. ୧୮୭/୨୨) ରୁଜୁ ହୋଇଛି।

### ୨ ପକେଟ ମାର୍ ଗିରଫ

ଭୁବନେଶ୍ୱର,(ବ୍ୟୁରୋ)୧୯।୮: ଅଜାଣତରେ ଆଖି ପିଛୁଳାକେ ପକେଟରୁ ପର୍ସ, ଟଙ୍କା ଆଦି ଚୋରି କରି ଚମ୍ପଟ ମାରୁଥିବା ୨ ଅଭିଯୁକ୍ତଙ୍କୁ ନୟାପଲ୍ଲୀ ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ଜଗତସିଂହପୁର ଜିଲା ରାହାମା ଗ୍ରାମର ନିରଞ୍ଜନ ଦାସ ଓ କଟକ କନ୍ଦରପୁର ଅଞ୍ଚଳର ନିରଞ୍ଜନ ସୁକଲା। ସେମାନଙ୍କଠାରୁ ମୋଟ ୩ ହଜାର ୭୬୦ ଟଙ୍କା, ପ୍ୟାନ କାର୍ଡ, ଆଧାର କାର୍ଡ, ଭୋଟର କାର୍ଡ ଓ ୨ଟି ଆର୍‌ସି କାର୍ଡ ଜବତ କରାଯାଇଛି। ଏନେଇ ପୋଲିସ ପୃଥକ ମାମଲା ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ନିରଞ୍ଜନ ଦାସଙ୍କ ନାମରେ ପୂର୍ବରୁ ମଧ୍ୟ ୨ଟି ମାମଲା ରହି ସାରିଥିବା ତଦନ୍ତ ବେଳେ ଜଣାପଡିଛି।


ସଦ୍‌ଭାବନା ଦିବସ ଅବସରରେ ଖୋର୍ଦ୍ଧା ରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ ରିଙ୍କେଶ ରୟ କର୍ମଚାରୀଙ୍କୁ ଶପଥପାଠ କରାଉଛନ୍ତି।

## ସଦ୍‌ଭାବନା ଦିବସ ପାଳିତ

**ଜଟଣୀ,୧୯।୮(ଡି.ଏନ୍.ଏ.):**

ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ ରେଳମଣ୍ଡଳ ପକ୍ଷରୁ ସଦ୍‌ଭାବନା ଦିବସ ପାଳିତ ହୋଇଯାଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଜନ୍ମ ବାର୍ଷିକୀ ସ୍ମୃତିରେ ଉକ୍ତ ଦିବସ ପାଳନ କରାଯାଇଛି। ଏହି ଅବସରରେ ଖୋର୍ଦ୍ଧା ରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ ରିଙ୍କେଶ ରୟ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସଦ୍‌ଭାବନା ଦିବସରେ ଶପଥ ଗ୍ରହଣ କରାଇଥିଲେ। ସମସ୍ତ ଲୋକଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ଏବଂ ସାମ୍ବିଧାନିକ ଉପାୟ ମାଧ୍ୟମରେ ବାର୍ତ୍ତାଳାପ କରି ମତଭେଦ ସମାଧାନ କରିବାକୁ ଶପଥ ନେଇଥିଲେ। ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳର ବିଭିନ୍ନ ରେଳ ଷ୍ଟେଶନରେ କର୍ମଚାରୀମାନେ ମଧ୍ୟ ସଦ୍‌ଭାବନା ଦିବସରେ ଶପଥ ଗ୍ରହଣ କରିଥିଲେ। ଖୋର୍ଦ୍ଧା ରୋଡ୍ ମଣ୍ଡଳର ବରିଷ୍ଠ କାର୍ମିକ ଅଧିକାରୀ ରଞ୍ଜନ କୁମାର ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଚଞ୍ଚକତା କରି ଜମି ହଡ଼ପ ଅଭିଯୋଗ


ତହସିଲ କାର୍ଯ୍ୟାଳୟ ଆଗରେ ସର୍ବେଶ୍ୱରଙ୍କ ପରିବାର ଧାରଣା ଦେଇଛନ୍ତି।

**ବୋଲଗଡ,୧୯।୮(ଡି.ଏନ୍.ଏ.):**

### ତହସିଲ କାର୍ଯ୍ୟାଳୟ ଆଗରେ ଧାରଣା

ଚଞ୍ଚକତା କରି ଜମି ହଡ଼ପ କରିନେଇଥିବା ଅଭିଯୋଗରେ ଶୁକ୍ରବାର ଫାସିଓଦା ମୌଜାର ସର୍ବେଶ୍ୱର ବରାଡ ଏବଂ ତାଙ୍କ ପରିବାର ଧାରଣା ଦେଇଥିଲେ। ଏହାକୁ ଖାରଜ କରିବା ପାଇଁ ଦାବି କରିଛନ୍ତି। ସୂଚନା ଅନୁଯାୟୀ ବୋଲଗଡ଼ ତହସିଲ ଫାସିଓଦା ମୌଜାରେ ଥିବା ଖାତା ନଂ. ୬୪୮ର ପ୍ଲଟ ନଂ .୧୫୦୨ ଓ ୧୫୦୩ ଦୁଇଟି ପ୍ଲଟରୁ ୫୭୭ ଡିସିମିଲ ସର୍ବେଶ୍ୱରଙ୍କ ଭଉଣୀଙ୍କ ପୁଅ ଚଞ୍ଚକତା କରି ହଡପ କରିନେଇଛନ୍ତି। ଏପରିକି ସେହି ଜାଗା ନେଇ ହୋଇଥିବା ଏକ ବିବାଦ ୨୦୧୬ ମସିହାରୁ କୋର୍ଟରେ ବିଚାରାଧୀନ ଥିବା ବେଳେ କିଭଳି ରେଜିଷ୍ଟ୍ରେଶନ କରାଗଲା ତାହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି ସର୍ବେଶ୍ୱର ଏବଂ ତାଙ୍କ ପୁଅ ସନ୍ତୋଷ ବରାଡ଼। ଘଟଣା ସମ୍ପର୍କରେ ତହସିଲଦାର ଦାୟିତ୍ୱରେ ଥିବା ବୋଲଗଡ ବିଡିଓ ଧୋବେଇ ନାୟକ ଏ ନେଇ ପ୍ରତିକ୍ରିୟା ଦେବାକୁ ମନା କରିଦେଇଥିଲେ। ଶନିବାର ତାଙ୍କର ଅଭିଯୋଗ ଉପରେ ନଥିପତ୍ର ଦେଖି ତଦନ୍ତ କରିବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ଇଣ୍ଟରନେଟ୍ ସହ ତାଳ ଦେଇ ଚାଲିବ ପୁସ୍ତକ

**ଭୁବନେଶ୍ୱର,୧୯।୮(ବ୍ୟୁରୋ)**

### ବିଶ୍ୱକୋଷ ଜ୍ଞାନବୃତ୍ତ ପୁସ୍ତକ ଉନ୍ମୋଚିତ

ବିନୋଦ କାନୁନଗୋ ଓଡ଼ିଆ ଭାଷା ଉତ୍କର୍ଷ କେନ୍ଦ୍ର ନ୍ୟାସ ପକ୍ଷରୁ ଶୁକ୍ରବାର ଗୀତଗୋବିନ୍ଦ ସଦନଠାରେ ୧୦ ଭାଗ ବିଶିଷ୍ଟ ବିଶ୍ୱକୋଷ ଜ୍ଞାନବୃତ୍ତ ସେଟ୍(ପୁସ୍ତକ)ର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିଥି ଭାବେ ସମ୍ବାଦର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ, ରାଜ୍ୟସଭା ସଦସ୍ୟ ସୁଲତା ଦେଓ, ଆଲୋକ କାନୁନ୍‌ଗୋ, ଦୀପକ୍ କାନୁନଗୋ, ଅଧ୍ୟାପକ ବିଶ୍ୱରଞ୍ଜନ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଆ ଭାଷାର ପ୍ରୟୋଗଶାଳା ଓ ସାମର୍ଥ୍ୟର ପ୍ରତୀକ ହେଉଛି ଜ୍ଞାନବୃତ୍ତ। ଯଦି କୌଣସି ଉନ୍ନତ ଭାଷାରେ ଗୋଟିଏ ସମକାଳୀନ, ସାର୍ବଜନୀନ ବିଶ୍ୱକୋଷ ପ୍ରଣୀତ ନ ହେଉଛି, ତେବେ ତାହାର ବିକାଶର ଧାରା ବାଧାପ୍ରାପ୍ତ ହୋଇଥାଏ। ଜ୍ଞାନବୃତ୍ତର ପ୍ରକାଶନ ହେଉଛି ଆମ ଭାଷା କ୍ଷେତ୍ରରେ ଏକ ବିପ୍ଳବାତ୍ମକ ପଦକ୍ଷେପ। ଆଜିର ଯୁଗରେ ଆମ ଭାଷାରେ ଯଦି ଏଭଳି ଏକ ପୁସ୍ତକ ସେଟ୍ ପ୍ରକାଶ ପାଇ ନ ଥାନ୍ତା, ତେବେ ବିଶ୍ୱ ଭାଷା ଦରବାରରେ ଓଡ଼ିଆ ଭାଷା ମୁଣ୍ଡ ଟେକି ଛିଡ଼ା ହେବାରେ ନିଶ୍ଚୟ କିଛି ଅସୁବିଧା ହୁଅନ୍ତା ବୋଲି ଅତିଥିମାନେ ମତପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ସମଗ୍ର ଭାରତୀୟ ଭାଷା ଜଗତରେ ଜ୍ଞାନବୃତ୍ତ ସମକକ୍ଷ ଅନ୍ୟ କୌଣସି ସମକାଳୀନ ମୁଦ୍ରିତ ବିଶ୍ୱକୋଷ ସେଟ୍ ଉପଲବ୍ଧ ନୁହେଁ। ଏହା ମଧ୍ୟ ହେଉଛି ଏକମାତ୍ର ବୃହତ୍ ତଥ୍ୟ ସମ୍ଭାର। ଇଣ୍ଟରନେଟ୍‌ର ସତେଜତା ସହ ତାଳ ଦେଇ ଚାଲିବା ପାଇଁ ଏହାର ସମ୍ପାଦନା କରାଯାଇଛି। ଏହି ପୁସ୍ତକରେ ମାନବ ଜ୍ଞାନର ସମସ୍ତ ବିଭାଗର ପ୍ରାମାଣିକ ପରିଚୟ ରହିଛି ବୋଲି ଏହାର ପ୍ରଣୟନ ତଥା ସମ୍ପାଦନା ଦାୟିତ୍ୱ ନେଇଥିବା ଅନୁଭବୀ ବିଶ୍ୱକୋଷବିତ୍ ଦୀପକ କାନୁନଗୋ କହିଛନ୍ତି। ଏଥିରେ ବର୍ଣ୍ଣମାଳା ଅନୁକ୍ରମରେ ରହୁଛି ୪୦୦୦ରୁ ଅଧିକ ବିଷୟ ଏବଂ ସେସବୁ ବିଷୟକୁ ବୁଝାଉଥିବା ଅସଂଖ୍ୟ ଚିତ୍ର ବୋଲି ସେ ଉଲ୍ଲେଖ କରିଥିଲେ। ଆରମ୍ଭରେ 'ଭାଷାକେନ୍ଦ୍ର ବିଶ୍ୱକୋଷ ଅଭିଯାନ'ର ଆବାହକ ଡ. ଆଲୋକ କାନୁନ୍‌ଗୋ ଜ୍ଞାନବୃତ୍ତର ବ୍ୟାପକ ପ୍ରଚାର ଓ ପ୍ରସାର ଦିଗରେ ସୂଚନା ପ୍ରଦାନ କରିଥିଲେ। ଦୃଷ୍ଟିହୀନଙ୍କ ନିମନ୍ତେ ଏହାର ଏକ ବ୍ରେଲୀ ସଂସ୍କରଣ ମଧ୍ୟ ଭବିଷ୍ୟତରେ ପ୍ରକାଶ ପାଇବ ବୋଲି ସେ କହିଥିଲେ।

## ପ୍ରତିଷ୍ଠାତାଙ୍କ ଶ୍ରାଦ୍ଧୋତ୍ସବ

**ନିରାକାରପୁର,୧୯।୮(ଡି.ଏନ୍.ଏ.):**

ଅଚ୍ୟୁତପୁର ପଞ୍ଚାୟତସ୍ଥିତ ଦାସରଥି ମହାପାତ୍ର ହାଇସ୍କୁଲର ପ୍ରତିଷ୍ଠାତା ଦାସରଥି ମହାପାତ୍ରଙ୍କ ଶ୍ରାଦ୍ଧ ଉତ୍ସବ ପାଳିତ ହୋଇଯାଇଛି। ପରିଚାଳନା କମିଟି ସଭାପତି କଳ୍ପନା ମହାପାତ୍ର ପୌରୋହିତ୍ୟ କରିଥିବା ବେଳେ ଖୋର୍ଦ୍ଧା ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ମାଉଣ୍ଟଲିଟ ସ୍କୁଲର ନିର୍ଦ୍ଦେଶକ ଭୀଷ୍ମନାରାୟଣ ମହାପାତ୍ର, ପଦ୍ମନାଭ ମହାପାତ୍ର, ବାବୁ ରଥ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷାବିତ୍ ବ୍ରଜବନ୍ଧୁ କର ମଞ୍ଚ ସଂଯୋଜନା କରିଥିଲେ।

## ସରସ୍ୱତୀ ନଗରରେ ଶୁଖିଲା ଖାଦ୍ୟ ବଣ୍ଟନ

**ଟାଙ୍ଗୀ(ଖୋର୍ଦ୍ଧା),୧୯।୮(ଡି.ଏନ୍.ଏ.):**

ଟାଙ୍ଗୀ ବ୍ଲକ ବାଲିପାଟପୁର ପଞ୍ଚାୟତର ସରସ୍ୱତୀ ନଗର ଗ୍ରାମବାସୀ ଗତ ୫ଦିନ ହେବ ପାଣି ଘେରରେ ରହିଛନ୍ତି। ଶୁକ୍ରବାର ଜୀବିକା ଫାଉଣ୍ଡେଶନ ପକ୍ଷରୁ ଏଠାରେ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ବାଲିପାଟପୁର ପଞ୍ଚାୟତ ବିଜେଡିର କର୍ମକର୍ତ୍ତାଙ୍କ ସହଯୋଗରେ ଫାଉଣ୍ଡେଶନ ସମ୍ପାଦକ ପ୍ରଦୀପ ପଟ୍ଟନାୟକ ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ପଞ୍ଚାୟତ ବିଜେଡି ସଭାପତି ରବୀନ୍ଦ୍ର କୁମାର ସାମନ୍ତରାୟ, ଖୋର୍ଦ୍ଧା ଜିଲା ଉପସଭାପତି ବିରଞ୍ଚି ନାରାୟଣ ପ୍ରଧାନ, ଦେବୀ ପ୍ରସାଦ ପଲାଇ, ବିକାଶ ପ୍ରଧାନ, ମିଥୁନ ବେହେରା ପ୍ରମୁଖ ସହଯୋଗ କରିଥିଲେ। ସ୍ଥାୟୀ ନଦୀ ବନ୍ଧନିର୍ମାଣ ପାଇଁଗ୍ରାମବାସୀ ଦାବିକରିଥିଲେ।

## ବିଭିନ୍ନ ସ୍ଥାନରେ ଅହିଂସା ରଥକୁ ସ୍ୱାଗତ



**କୃଷ୍ଣପ୍ରସାଦ,୧୯।୮(ଡି.ଏନ୍.ଏ.):**

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତିକୁ ସ୍ମରଣୀୟ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲାସ୍ତରରେ ପରିକ୍ରମା କରୁଛି ଅହିଂସା ରଥ। ଶୁକ୍ରବାର କୃଷ୍ଣପ୍ରସାଦ ପଞ୍ଚାୟତ ସମିତିର ସାତପଡ଼ା ନୌଘାଟଠାରେ ଏହି ରଥ ପହଞ୍ଚିବା ପରେ ବିଡିଓ ମନୋଜ କୁମାର ନାୟକଙ୍କ ନେତୃତ୍ୱରେ ସ୍ୱାଗତ କରାଯାଇଥିଲା। ବ୍ରହ୍ମଗିରି ଆଇଆଇସି ମନୋଜ କୁମାର ଶତପଥୀ, ବ୍ରହ୍ମଗିରି ତହସିଲଦାର କାହ୍ନୁ ଚରଣ ଘଡ଼େଇ, ବ୍ରହ୍ମଗିରି ସିଡିପିଓ ଉଷାରାଣୀ ମିଶ୍ର, ମନୋରଞ୍ଜନ ସାହୁ, ଲୋକପ୍ରତିନିଧି ଓ ମିଶନ ଶକ୍ତିର ମହିଳା ସଦସ୍ୟା ଉପସ୍ଥିତ ଥିଲେ। ରଥ ସାତପଡ଼ା ନୂଆଗାଁ, ପିରିଜିପୁର ପରିକ୍ରମା କରି ପଣସପଦା ହରିହର ବିଦ୍ୟାପୀଠଠାରେ ପହଞ୍ଚିଥିଲା। ଶିକ୍ଷୟିତ୍ରୀ ଶିକ୍ଷକ ଓ ସ୍ୱୟଂ ସହାୟିକା ଗୋଷ୍ଠୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

## ଶତାଧିକ ଏକର ଧାନ, ପରିବା ଫସଲ ନଷ୍ଟ

**ଖୋର୍ଦ୍ଧା ଅଫିସ,୧୯।୮:**

- ଦୁଃଖ ଦେଉଛି ରାଜୁଆ
- ଶରଧାପୁର-ଲେଖନପୁରରେ ବନ୍ଧ ନିର୍ମାଣ ଦାବି

ମହାନଦୀର ଉପର ଓ ତଳ ମୁଣ୍ଡରେ ବର୍ଷା ଯୋଗୁ ରାଜ୍ୟରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏହାର ଶାଖା ନଦୀ ରାଜୁଆ, ଦୟାରେ ଜଳସ୍ତର ବଢିବାରୁ ଖୋର୍ଦ୍ଧା ଜିଲାରେ ପରିସ୍ଥିତି ସଙ୍ଗିନ ହୋଇଛି। ପ୍ରତିବର୍ଷ ହୀରାକୁଦ ଗେଟ୍ ଖୋଲିଲେ ଖୋର୍ଦ୍ଧା ବ୍ଲକର ଓବରସିଂ, ନରଣଗଡ ଏବଂ ବ୍ରଜମୋହନପୁର ପଞ୍ଚାୟତର ୧୦ ଗ୍ରାମ ବନ୍ୟାଜଳରେ ପ୍ରଭାବିତ ହୋଇଥାଏ। ଗ୍ରାମବାସୀ ଜଳବନ୍ଦୀ ହୋଇ ରହିବା ସହ ଏକର ଏକର ଚାଷ ଜମି ପାଣିରେ ବୁଡି ରହିଥାଏ। ଫଳରେ ଗ୍ରାମବାସୀ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥାନ୍ତି। ସ୍ୱଳ୍ପ ବୃଷ୍ଟି ଦାଉ ସାଧୁଥିବା ବେଳେ ଫସଲର ଶେଷ ପର୍ଯ୍ୟାୟରେ ଜମିରେ ବନ୍ୟା ପାଣି ମାଡି ସବୁ ଛାରଖାର କରି ଦେଉଛି ବୋଲି କେତେଜଣ ଚାଷୀ କହିଛନ୍ତି।

ପ୍ରକାଶ ଯେ, ଏହି ୩ ପଞ୍ଚାୟତର ହିରିମୂଳ, ଡିହଖଳା, ଦୁର୍ଗାପୁର, ରାୟପୁର, କୃଷ୍ଣପୁର, ଲେଖନପୁର, ତେନ୍ତୁଳମୁହଁ, ମଣାଣିଆ, ଧବଳପୁର, ବଳପୁର ଓରମୀ, ହାଡପଦା, ଶରଧାପୁର ଆଦି ଗ୍ରାମ ଗତ ୫ଦିନ ହେବ ଜଳବନ୍ଦୀ ହୋଇ ରହିଛି। ଗାଁ ଦାଣ୍ଡ, ସ୍କୁଲ, ମନ୍ଦିର, କୋଠାଘରଠାରୁ ଆରମ୍ଭ କରି ସମସ୍ତଙ୍କ ଘରେ ପାଣି ପଶିଛି। ଏକର ଏକର ଚାଷଜମି ବୁଡ଼ି ରହିଛି। ଧାନଗଛ ପଚି ଶଢି ନଷ୍ଟ ହୋଇଯାଇଥିବା କେତେଜଣ ଚାଷୀ ଅଭିଯୋଗ କରିଛନ୍ତି। ଧବଳପୁର ଗ୍ରାମର ପ୍ରମୋଦ ମହାନ୍ତି କୁହନ୍ତି, ପ୍ରତିବର୍ଷ ହୀରାକୁଦ ଗେଟ ଖୋଲିଲେ, ରାଜୁଆ ନଦୀର ପଛୁଆ ପାଣି ଏହି ଗ୍ରାମଗୁଡ଼ିକରେ ପ୍ରବେଶ କରିଥାଏ। ଗତ ବର୍ଷ ଦୁଇ ସପ୍ତାହ ୧୦ ଗାଁ ପାଣି ଘେରରେ ରହିବା ସହ ବ୍ୟାପକ ଫସଲ ନଷ୍ଟ ହୋଇଥିଲା। ହିରିମୂଳର ସର୍ବେଶ୍ୱର ମାର୍ଥା କୁହନ୍ତି, କ୍ଷତିପୂରଣ ଲାଗି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳୁଛି। କ୍ଷତିପୂରଣ ସମୁଦ୍ରକୁ ଶଙ୍ଖେ ପାଣି ସଦୃଶ। କେବେ ମିଳିବ, ତାହାର କୌଣସି ସମୟ ନାହିଁ। ହିରିମୂଳ ଗ୍ରାମର ବଲ୍ଲଭ ବଳିୟାରସିଂ, ଅମୂଲ୍ୟ ମଙ୍ଗରାଜ କୁହନ୍ତି, ବନ୍ୟା ପରିସ୍ଥିତି ଦୀର୍ଘ ବର୍ଷ ଧରି ଲାଗି ରହିଛି। ବାରମ୍ବାର ଦାବି ସତ୍ତ୍ୱେ ରାସ୍ତା ନିର୍ମାଣ କରାଯାଉନାହିଁ। ଶରଧାପୁରଠାରୁ ଲେଖନପୁର ୨କିମି ପର୍ଯ୍ୟନ୍ତ ରାଜୁଆ ନଦୀର ପଶ୍ଚିମ ପାଖରେ ବନ୍ଧ ନାହିଁ। ଏହି ବନ୍ଧ ନିର୍ମାଣ କରାଗଲେ ଏହି ୩ ପଞ୍ଚାୟତରେ ବନ୍ୟା ସମସ୍ୟା ଦୂର ହେବ ବୋଲି କେତେଜଣ ଚାଷୀ କହିଛନ୍ତି। ନିକଟରେ ଏକ ବ୍ୟାରେଜ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ଏହାର କାର୍ଯ୍ୟ ଅଧାରେ ଅଟକି ରହିଛି। ଏହି ବ୍ୟାରେଜ ନିର୍ମାଣ ହେଲେ ଖୋର୍ଦ୍ଧା ବ୍ଲକର ବନ୍ୟା ପ୍ଲାବିତ ଗ୍ରାମଗୁଡିକ ଉପକୃତ ହୋଇପାରିବେ। ଏ ସମ୍ପର୍କରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କହିଛନ୍ତି, ବନ୍ୟାପ୍ଲାବିତ ଗ୍ରାମାଞ୍ଚଳ ବୁଲି ଦେଖିଛି। ଦୀର୍ଘଦିନ ଧରି ଏହି ସମସ୍ୟା ରହିଛି। ଏହାର ସ୍ଥାୟୀ ପ୍ରତିକାର ଲାଗି ଜଳସମ୍ପଦ ବିଭାଗ ଏବଂ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବି ବୋଲି ସେ କହିଛନ୍ତି।

**୨୧ରେ ଏଏପିର ରାଜ୍ୟ କର୍ମୀ ସମ୍ମିଳନୀ**

ପୁରୀ ଅଫିସ :ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ ଆସନ୍ତା ୨୧ ତାରିଖରେ ଭୁବନେଶ୍ୱରଠାରେ ରାଜ୍ୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହେବ। ଏ ନେଇ ଶୁକ୍ରବାର ଏଏପି ପୁରୀ ଶାଖା ପକ୍ଷରୁ ସୂଚନା ଦିଆଯାଇଛି। ସମ୍ମିଳନୀରେ ଓଡ଼ିଶାରେ ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ, ପାଣି, ରୋଜଗାର, କୃଷି, ପରିବେଶ, ମହିଳା ସଶକ୍ତୀକରଣ ଏବଂ ଆଦିବାସୀ ସମାଜର ଉନ୍ନତି ପାଇଁ ରାଜନୈତିକ କାର୍ଯ୍ୟକ୍ରମ ଗ୍ରହଣ କରାଯିବ। ଉକ୍ତ ସମ୍ମିଳନୀକୁ ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର ଏବଂ ରାଜ୍ୟ ପ୍ରଭାରୀ ତଥା ଦିଲ୍ଲୀ କ୍ୟାଣ୍ଟର ବିଧାୟକ ବିରେନ୍ଦର ସିଂହ କାଦିଆନ ସମ୍ବୋଧିତ କରିବେ ବୋଲି ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ପାର୍ଟିର ଜିଲା ସଭାପତି ସଞ୍ଜୀବ ମହାନ୍ତି, ସମ୍ପାଦକ ସତ୍ୟଜିତ ମହାନ୍ତି, ଜିଲା ସୋସିଆଲ ମିଡିଆ ଅଧକ୍ଷ ସମୀର ସମାନ୍ତରାୟ ଏବଂ ଅନିଲ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଭୂଗୋଳରେ ବିଶ୍ୱବିଦ୍ୟାଳୟ ଟପ୍ପର ପ୍ରଗତି



କଣାସ,୧୯।୮ (ସ୍ୱ.ପ୍ର): କଣାସ ବ୍ଲକ ଦୟାବିହାରସ୍ଥିତ ଦୟାବିହାର ସ୍ନାତକ ମହାବିଦ୍ୟାଳୟର ଛାତ୍ରୀ ପ୍ରଗତି ଶ୍ରୀଚନ୍ଦନ ଯୁକ୍ତ୩ ଶେଷବର୍ଷ ପରୀକ୍ଷାରେ ୯୦.୫୪ ପ୍ରତିଶତ ରଖି କଳା ଭୂଗୋଳ ଅନର୍ସରେ ବେଷ୍ଟ ଗ୍ରାଜୁଏଟ୍ ଓ ବିଶ୍ୱବିଦ୍ୟାଳୟ ଟପ୍ପର୍ ହୋଇପାରିଛନ୍ତି। ଏଥିପାଇଁ କଲେଜ କର୍ତ୍ତୃପକ୍ଷ ଓ ସମସ୍ତ ଅଧାପିକା ଅଧାପକ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରଗତି କଣାସ ବ୍ଲକ ଗଡ଼ିଶାଗୋଦା ପଞ୍ଚାୟତ ନୂଆଗାଁ ଗ୍ରାମର ପ୍ରସନ୍ନ ଶ୍ରୀଚନ୍ଦନ ଓ ପ୍ରମିଳା ଦେବୀଙ୍କ କନ୍ୟା। ବାଲ୍ୟକାଳରୁ ସେ ମେଧାବୀ ଛାତ୍ରୀ ଭାବେ ଅଞ୍ଚଳରେ ବେଶ୍ ଜଣାଶୁଣା।

### ଯୁବ ବିଜେଡିର ରାଜ୍ୟ ସମ୍ପାଦକ ଭାବେ ପିପିଲିରୁ ୨ ମନୋନୀତ

ପିପିଲି,୧୯।୮(ଡି.ଏନ୍.ଏ./ସ୍ୱ.ପ୍ର.)- ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାଶ ଜିଲା ସାଙ୍ଗଠନିକ କର୍ମକର୍ତ୍ତା ନିଯୁକ୍ତି କରିଛନ୍ତି। ପୁରୀ ଜିଲା ଯୁବ ବିଜେଡି ସଭାପତି ଭାବେ ପୁନର୍ବାର ନାରାୟଣ ସ୍ୱାଇଁ ମନୋନୀତ ହୋଇଛନ୍ତି। ସେହିଭଳି ଯୁବ ବିଜେଡିର ରାଜ୍ୟ ସମ୍ପାଦକ ଭାବେ ପିପିଲି ଦୁର୍ଗାଦାସପୁର ପଞ୍ଚାୟତର ବିଶ୍ୱଜିତ୍ ଦାଶ ଏବଂ ଅମରଜ୍ୟୋତି ପଟ୍ଟନାୟକ ମନୋନୀତ ହୋଇଛନ୍ତି। ଦଳ ତରଫରୁ ନୂତନ ଦାୟିତ୍ୱ ପାଇଥିବା ଏହି ଯୁବ ସମ୍ପାଦକମାନଙ୍କୁ ପିପିଲି-ଡେଲାଙ୍ଗ ନିର୍ବାଚନମଣ୍ଡଳୀର ଜନପ୍ରତିନିଧି, ବରିଷ୍ଠ ଓ ଯୁବକର୍ମୀମାନେ ଶୁଭେଚ୍ଛା ଜଣାଇଛନ୍ତି।

### ଜିଲାର ୭୭ ଗ୍ରାମରେ ପାଣି ସର୍ଭେ

ପୁରୀ ଅଫିସ,୧୯।୮: ପୁରୀ ଯୁଥ ହଷ୍ଟେଲରେ ଶୁକ୍ରବାର ଜିଲାସ୍ତରୀୟ ପାଣି କାର୍ଯ୍ୟକ୍ରମ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲାର ୯ଟି ଗ୍ରାମପଞ୍ଚାୟତର ୭୭ଟି ଗ୍ରାମରେ ପାଣି ସର୍ଭେ କାର୍ଯ୍ୟ ଚାଲିଛି। ୭୭ଟି ଗ୍ରାମର ପାଣି ଇତିହାସ, ପାଣିର ଗୁଣବତ୍ତା, ପାଣି ସମସ୍ୟା, ଦୂଷିତ ପାଣି ଯୋଗୁ ହେଉଥିବା ଜଳଜନିତ ରୋଗ, ସ୍କୁଲ ଅଙ୍ଗନୱାଡିରେ ପାଣିର ସମସ୍ୟା, ଜଳାଶୟର ଇତିହାସ ଓ ପୁନରୁଦ୍ଧାର ଭଳି ବିଭିନ୍ନ ସୂଚକାଙ୍କ ଉପରେ ସର୍ଭେ କରାଯାଇଛି। ପାନୀୟ ଜଳର ସମସ୍ୟାକୁ ସମାଧାନ କରିବା ପାଇଁ ଏହି ସର୍ଭେ କରାଯାଉଥିବା ଆବାହକ ଉମାକାନ୍ତ ମହାନ୍ତି କହିଛନ୍ତି। ପରିବେଶବିତ୍ ଜଗନ୍ନାଥ ବସ୍ତିଆ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପାଣି ଆନ୍ଦୋଳନକୁ ସୁଦୃଢ଼ କରିବା ସପକ୍ଷରେ ମତପୋଷଣ କରିଛନ୍ତି। ଚାରାରୋପଣ, ବନ୍ଧ ଦୃଢ଼ୀକରଣ ଓ ବେଆଇନ ବୋରୱେଲକୁ ରୋକିବା ଦିଗରେ କେଉଁ କେଉଁ ପଦକ୍ଷେପ ନେବା ଦ୍ୱାରା ପାନୀୟଜଳ ଯୋଗାଣର ସୁବଣ୍ଟନ ହୋଇପାରିବ ସେସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି।

### ୨୦ ଗ୍ରାମ୍ ବ୍ରାଉନ ସୁଗାର ଜବତ: ୨ ଗିରଫ

ପୁରୀ ଅଫିସ, ୧୯।୮: ପୁରୀ ପୋଲିସ ଗୁରୁବାର ବ୍ରାଉନସୁଗାର କାରବାର ଅଭିଯୋଗରେ ୫ଜଣଙ୍କୁ ଗିରଫ କରିଥିବାବେଳେ ଶୁକ୍ରବାର ଆଉ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନୃସିଂହ ବଲ୍ଲଭପାଟଣା ଅଞ୍ଚଳର ମୁନା ବେହେରା ଏବଂ ଲୋକନାଥ ରୋଡ ଅଞ୍ଚଳର ଧନଞ୍ଜୟ ବସ୍ତିଆ ଓରଫ ବୁଲୁ। ମୁନାଙ୍କଠାରୁ ୧୦ ଗ୍ରାମ ବ୍ରାଉନସୁଗାର ସହ ୫ଶହ ଟଙ୍କା ଜବତ ହୋଇଛି। ଏ ନେଇ ଏକ କେସ୍ (ନଂ. ୧୧୧/୨୨) ରୁଜୁ କରାଯାଇଛି। ଶୁକ୍ରବାର ସକାଳ ପ୍ରାୟ ୭ଟାରେ ମୁନା ବ୍ରାଉନ ସୁଗାର ଧରି ଆଖଣ୍ଡଳ ମନ୍ଦିର ରୋଡ ହୁଲୁହୁଲିଆ ବ୍ରିଜ୍ ନିକଟରେ ଛିଡ଼ା ହୋଇଥିବା ପୋଲିସ ଖବର ପାଇଥିଲା। ବାସେଲିସାହି ଥାନା ଏସ୍ଆଇ ବି.କେ. ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ଚଢ଼ାଉ କରି ମୁନାଙ୍କୁ କାବୁ କରିଥିଲେ। ସେହିପରି ବାସେଲିସାହି ଥାନା ପୋଲିସ ଛପନଛକରେ ଧନଞ୍ଜୟଙ୍କଠାରୁ ୧୦ ଗ୍ରାମ ବ୍ରାଉନସୁଗାର, ୫ଶହ ଟଙ୍କା ଓ ଗୋଟିଏ ମୋବାଇଲ ଫୋନ ଜବତ କରିଛି। ଏ ନେଇ ଏକ କେସ୍ (ନଂ. ୧୮୭/୨୨) ରୁଜୁ ହୋଇଛି।

# ଚିନ୍ତା ବଢ଼ାଇଛି ଛୋଟ ଧାନ ସଙ୍କଟ

**ଦତ୍ତାତ୍ରେୟ ନାୟକ**
**ପୁରୀ ଅଫିସ,୧୯।୮:**

- **ବନ୍ୟା ଉଜାଡ଼ିଛି ଫସଲ, ଚାଷୀଙ୍କ ମୁଣ୍ଡରେ ଚଡ଼କ**
- **ସ୍ୱଳ୍ପ ସମୟରେ ଅଧିକ ଅମଳକ୍ଷମ ବିହନକୁ ଭରସା**

ପୁରୀ ଜିଲାର କଣାସ ଓ ଗୋପ ସମେତ ୬ଟି ବ୍ଲକ୍ ବନ୍ୟା ପ୍ରଭାବରେ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ଅସ୍ତରଙ୍ଗ ବ୍ଲକ୍‌ର ୪୭୨, ଡେଲାଙ୍ଗର ୫୧୦୨, ଗୋପର ୩୪୫୯, କଣାସର ୪୬୦୫, ନିମାପଡ଼ାର ୬୨୨୭, ପିପିଲିର ୨୬୨୦ ଓ ପୁରୀ ସଦର ବ୍ଲକର ୧୧୫୦ ହେକ୍ଟର ଚାଷଜମିକୁ ମିଶାଇ ସମୁଦାୟ ୩୨୬୩୫ ହେକ୍ଟର ଚାଷଜମି ବନ୍ୟାରେ ବୁଡ଼ି ରହିଥିବା ସରକାରୀ ରିପୋର୍ଟରୁ ସୂଚନା ମିଳିଛି। ବନ୍ୟାରେ ଧାନଫସଲ ନଷ୍ଟ ଯୋଗୁ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ଏହି କ୍ଷତିର କିଛି ଭରଣା କରିବା ପାଇଁ ସେମାନେ ବିଭିନ୍ନ କିସମର ଛୋଟ ଧାନ (ସ୍ୱଳ୍ପ ସମୟରେ ଅଧିକ ଅମଳକ୍ଷମ)ର ବିହନକୁ ଭରସା କରିଛନ୍ତି। ତେବେ ଏହି ବିହନ ମିଳୁନାହିଁ। ତେଣୁ ଚାଷୀଙ୍କ ସମେତ ଜିଲା ପ୍ରଶାସନକୁ ବି ଛୋଟଧାନର ବିହନ ଚିନ୍ତା ଘାରିଛି।

ଜିଲାରେ ନଦୀଗୁଡ଼ିକର ଜଳସ୍ତର କମିଲେ ବନ୍ୟାଜଳ ନିଷ୍କାସିତ ହୋଇଯିବ। ଏହାପରେ ପୁଣି ଚାଷ କାମ ପାଇଁ ଚାଷୀ ଅଣ୍ଟା ଭିଡ଼ିବେ। ସେତେବେଳକୁ ସାନି ବିହନ ବୁଣିବାର ସମୟ ନ ଥିବ। ଏଭଳି ସ୍ଥିତିରେ ସେମାନେ ସ୍ୱଳ୍ପ ସମୟରେ ଅଧିକ ଅମଳକ୍ଷମର ଧାନ ବିହନ ଆବଶ୍ୟକ କରିବେ। ଯଦି ଆବଶ୍ୟକ ପରିମାଣର ଏହି ବିହନ ନ ମିଳେ ତା’ହେଲେ ଚାଷ କାର୍ଯ୍ୟ ସହ ଫସଲ ଅମଳ ପ୍ରଭାବିତ ହେବା ଆଶଙ୍କା କରାଯାଉଛି। ବିହନ ଅଭାବ ସ୍ଥିତି ଜିଲାର ଚାଷକୁ ସଙ୍କଟ ଆଡ଼କୁ ଟାଣି ନେଉଛି। ଏ ନେଇ ଜିଲା କୃଷି ଅଧିକାରୀ ରମେଶ ଚନ୍ଦ୍ର ରାୟ କହିଛନ୍ତି, ବନ୍ୟାଞ୍ଚଳ ପରିଦର୍ଶନ କରି ଚାଷୀଙ୍କ ସହ କଥା ହେବା ପରେ ଜାଣିପାରିଛୁ ଯେ, ସେମାନଙ୍କର ଛୋଟ ଧାନର ଆବଶ୍ୟକତା ରହିଛି। ଅଧିକ ଲୋକେ ୯୦ରୁ ଶହେ ଦିନର ଛୋଟ ଧାନ ଏବଂ ଅଳ୍ପସଂଖ୍ୟକ ଚାଷୀ ୧୨୦ ଦିନର ଛୋଟ ଧାନ ଚାହୁଁଛନ୍ତି। ରାଜ୍ୟ ସରକାରଙ୍କ ସହ ଏ ନେଇ ଆଲୋଚନା କରାଯାଇଛି। ଖଣ୍ଡଗିରି ଓ ସହଭାଗୀର ପ୍ରକାର ଛୋଟ ଧାନ ପାଇଁ ନିବେଦନ କରାଯାଇଛି। ଖଣ୍ଡଗିରି ଧାନ ମିଳିପାରୁ ନାହିଁ। ସହଭାଗୀ ପ୍ରକାରର ଛୋଟ ଧାନ ୯୦ କୁଇଣ୍ଟାଲ ଜିଲାକୁ ଆସିବ। ବନ୍ୟା ପ୍ରଭାବିତମାନେ ଏହାକୁ ଚାଷ ଲାଗି ବ୍ୟବହାର କରିପାରିବେ। କେତେଜଣଙ୍କୁ ଛୋଟ ଧାନ ମିଳିବ ଓ କେତେଜଣ ବଞ୍ଚିତ ହେବେ ତାହା ଏବେଠାରୁ କହିବା ସମ୍ଭବପର ନୁହେଁ ବୋଲି ରାୟ କହିଛନ୍ତି। ସେହିପରି ନିମାପଡ଼ା ବିଧାୟକ ତଥା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି, ବନ୍ୟାଞ୍ଚଳ ବୁଲିବାବେଳେ ଲୋକେ ଛୋଟ ଧାନ କଥା କହୁଛନ୍ତି। ତେବେ କୃଷି ବିଭାଗ ଯଥେଷ୍ଟ ପରିମାଣର ଛୋଟ ଧାନ ଯୋଗାଇବା ନେଇ ଆଶଙ୍କା ରହିଛି। ଏଣୁ ଚାଷୀମାନେ ଉଦ୍ୟାନ କୃଷି ଆଡ଼କୁ ମୁହାଁଇବା ନେଇ ମତ ପୋଷଣ କରୁଛନ୍ତି। ବନ୍ୟା ପରେ ଉଦ୍ୟାନ କୃଷି ମଧ୍ୟ ଚାଷୀଙ୍କ ପାଇଁ ଏକ ବିକଳ୍ପ ହେବ। ଜିଲା ପ୍ରଶାସନ ପନିପରିବା ଓ ଅନ୍ୟ ଉଦ୍ୟାନଜାତୀୟ କୃଷି ଲାଗି ପ୍ରସ୍ତୁତ ରହିବା ଦରକାର। ସେହିଭଳି ଧାନ ଚାଷୀଙ୍କୁ ଛୋଟ ଧାନ ଯୋଗାଇବା ନେଇ ବ୍ୟବସ୍ଥା କରାଯିବା ଆବଶ୍ୟକ।

ଅନ୍ୟପକ୍ଷରେ ଚାଷୀ ପ୍ରକାଶ ବରାଳ କହିଛନ୍ତି, ୨୦୧୧, ୨୦୧୪, ୨୦୨୦ ମସିହାର ବନ୍ୟା ଦାଉ ସାଧିଥିଲା। ସେତେବେଳେ ବି ଚାଷୀମାନେ ପର୍ଯ୍ୟାପ୍ତ ପରିମାଣର ଛୋଟ ଧାନ ବିହନ ପାଇପାରି ନ ଥିଲେ। ଏଥିପ୍ରତି ସରକାର ଗୁରୁତ୍ୱ ଦେଉନାହାନ୍ତି। ଫଳରେ ବନ୍ୟା ପରେ ଚାଷୀକୁଳର ଅର୍ଥନୀତି ଅଧିକ ଦୁର୍ଦ୍ଦଶା ଭିତରକୁ ଚାଲିଯାଉଛି। ୧୨୦ ଦିନର ଛୋଟ ଧାନ କୌଣସି କାର୍ଯ୍ୟରେ ଲାଗିବ ନାହିଁ। ପ୍ରଶାସନ ୯୦ ଦିନର ଛୋଟ ଧାନ ଯୋଗାଇପାରିଲେ ଆଶ୍ୱସ୍ତ ହେବୁ। ସେହିପରି ଉଦ୍ୟାନ କୃଷିକୁ ବିକଳ୍ପ ଭାବେ ଦେଖାଯାଉଥିବା ପ୍ରସଙ୍ଗରେ ସେ କହିଛନ୍ତି, ଜିଲାରେ ଧାନ ଉତ୍ପାଦନ କମିଲେ କେବଳ ଚାଷୀ ପ୍ରଭାବିତ ହେବେ ବୋଲି ଭାବିବା ଭୁଲ୍। ଜିଲାବାସୀ ଓ ପ୍ରଶାସନ ମଧ୍ୟ ଧାନ ପାଇଁ ଡହଳବିକଳ ହେବେ। ଏଣୁ ଧାନଚାଷରୁ ଚାଷୀମାନେ ଯେଭଳି ଦୂରେଇ ନ ଯିବେ ସେନେଇ ପ୍ରଶାସନ ସଚେତନ ହେବା ଦରକାର ବୋଲି ସେ ମତ ଦେଇଛନ୍ତି। ଶୁକ୍ରବାର ପୁରୀ ଜିଲା ବନ୍ୟା ସ୍ଥିତି ସମୀକ୍ଷା ବୈଠକରେ ଯୋଗଦେଇଥିବା ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି, ଚାଷୀଙ୍କୁ ଛୋଟ ଧାନ ଯୋଗାଇବା ପାଇଁ ରାଜ୍ୟସ୍ତରରେ ବ୍ୟବସ୍ଥା କରାଯିବ। ପ୍ରଭାବିତ ଚାଷୀଙ୍କୁ ଯେଉଁଭଳି ଭାବେ ଯଥେଷ୍ଟ ପରିମାଣର ଛୋଟ ଧାନ ଯୋଗାଇ ହେବ ସେନେଇ କାର୍ଯ୍ୟକ୍ରମ ହାତକୁ ନିଆଯିବ।



ପୁରୀ ନରେନ୍ଦ୍ର କୋଣଠାରେ ଶୁକ୍ରବାର ପ୍ରଶାସନ ପକ୍ଷରୁ ବସ୍ତି ଉଚ୍ଛେଦ କରାଯାଉଛି ।

# ୩୫ ଜାଗାଘରକୁ ୫୦ ହଜାର ଲେଖାଏ ସହାୟତା

**ପୁରୀ ଅଫିସ, ୧୯।୮:**

ପୁରୀ ସହରର ୩୫ଟି ଜାଗାଘରକୁ ରାଜ୍ୟ କ୍ରୀଡ଼ା ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ୫୦ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯାଇଛି। ଶୁକ୍ରବାର ପୁରୀ ଜିଲା ସଂସ୍କୃତି ଭବନରେ ଜିଲାପାଳ ସମର୍ଥ ବର୍ମା ଏହି ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ପୁରୀର ଜାଗାଘର ଓ ଆଖଡ଼ା ସଂସ୍କୃତି ବହୁ ପ୍ରାଚୀନ ଏବଂ ଏହା ଶୃଙ୍ଖଳା ଓ ସାହସର ପ୍ରତୀକ ବୋଲି ସେ କହିଥିଲେ। ପ୍ରଦତ୍ତ ଅର୍ଥରେ ସମ୍ପୃକ୍ତ ଜାଗା ଘରର ଉନ୍ନତି ସହ ଜିମ୍ ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ କହିଥିଲେ। କାର୍ଯ୍ୟକ୍ରମରେ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ ଅଧକ୍ଷତା କରିଥିଲେ। ପୁରୀ ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଯୋଗଦେଇ ଜାଗାଘର ଆମ ଗୌରବର ପରିଚୟ ଏବଂ ମୁକ୍ତା ଯୋଜନାରେ ଏହାର ବିକାଶକୁ ତ୍ୱରାନ୍ୱିତ କରାଯାଉଛି ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ଜାଗା ଘରର ସଭାପତି ଓ ସମ୍ପାଦକ ଉପସ୍ଥିତ ଥିଲେ।

# ସରକାରୀ କାର୍ଯ୍ୟକ୍ରମରେ ମହେଶ୍ୱରଙ୍କୁ ବିରୋଧ

**ପୁରୀ ଅଫିସ,୧୯।୮:**

ପୁରୀ ଜିଲାସ୍ତରୀୟ ବନ୍ୟା ସମୀକ୍ଷା ବୈଠକରେ ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କ ଯୋଗଦାନକୁ ନେଇ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ପ୍ରଶ୍ନ ଉଠାଇଛନ୍ତି। ସରକାରୀ କାର୍ଯ୍ୟକ୍ରମରେ ମହେଶ୍ୱର କାହିଁକି ଯୋଗଦେଲେ ଓ ତାଙ୍କୁ କିପରି ନିମନ୍ତ୍ରଣ କରାଗଲା ବୋଲି ଜୟନ୍ତ ବୈଠକରେ ଅଧକ୍ଷତା କରୁଥିବା ମନ୍ତ୍ରୀ ପ୍ରମିଳା ମଲ୍ଲିକଙ୍କୁ ପ୍ରଶ୍ନ କରିଥିଲେ। ଯଦି ଏଭଳି କରାଯାଉଛି ତେବେ ଅନ୍ୟ ପୂର୍ବତନ ବିଧାୟକଙ୍କୁ ମଧ ଡକାଯିବା ଦରକାର ବୋଲି ଜୟନ୍ତ କହିଥିଲେ। ତେବେ ବୈଠକରେ ଉପସ୍ଥିତ ଥିବା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଜୟନ୍ତଙ୍କୁ ବୁଝାଇଥିଲେ। ସେହିପରି ମନ୍ତ୍ରୀ ମଲ୍ଲିକ କହିଥିଲେ, ପୂର୍ବରୁ ମହେଶ୍ୱର ବାବୁ ଦୀର୍ଘ ସମୟ ଧରି ରାଜସ୍ୱ ମନ୍ତ୍ରୀ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ତାଙ୍କ ଦକ୍ଷତା ଓ ଅଭିଜ୍ଞତାକୁ ଧ୍ୟାନ ଦେଇ ବୈଠକକୁ ନିମନ୍ତ୍ରଣ କରାଯାଇଛି। ଏଣୁ ଏହି ପ୍ରସଙ୍ଗ ଉପରୁ ଦୃଷ୍ଟି ହଟାଇ ବନ୍ୟା ମୁକାବିଲା ନେଇ ଆଲୋଚନା କରାଯାଉ। ବୈଠକ ପରେ ଜୟନ୍ତ କହିଛନ୍ତି, ଏହା କୌଣସି ଦଳୀୟ କାର୍ଯ୍ୟକ୍ରମ ନ ଥିଲା। ଏକ ସରକାରୀ କାର୍ଯ୍ୟକ୍ରମରେ ଯଦି କେହି ଜୋରଜବରଦସ୍ତ ଲଜ୍ୟାହୀନ ଭାବେ ବସିବେ ତେବେ ତାଙ୍କୁ କିଛି କହିହେବ ନାହିଁ। ଅନ୍ୟପକ୍ଷରେ ଏ ନେଇ ପୂର୍ବତନ ମନ୍ତ୍ରୀ ମହାନ୍ତି କହିଛନ୍ତି, ମୁଁ ବିନା ନିମନ୍ତ୍ରଣରେ କେଉଁଠାକୁ ଯାଏ ନାହିଁ। ମୋତେ ରାଜସ୍ୱ ମନ୍ତ୍ରୀ ନିମନ୍ତ୍ରଣ କରିଥିବାରୁ ବୈଠକରେ ଯୋଗଦେଇଥିଲି। ତେଣୁ ଏଭଳି ବିରୋଧ ପୁରୀ ବିଧାୟକଙ୍କ ହୀନମନ୍ୟତା ବ୍ୟତୀତ ଆଉ କିଛି ନୁହେଁ ବୋଲି ମହାନ୍ତି ପ୍ରକାଶ କରିଛନ୍ତି। ତେବେ ଏହି ପ୍ରସଙ୍ଗକୁ ନେଇ ଉଭୟ ନେତାଙ୍କ ସମର୍ଥକମାନେ ସୋସିଆଲ ମିଡିଆରେ ପରସ୍ପର ବିରୋଧରେ ମନ୍ତବ୍ୟ ପୋଷ୍ଟ କରୁଥିବା ଦେଖିବାକୁ ମିଳିଥିଲା।



ସାକ୍ଷୀଗୋପାଳ ମନ୍ଦିର ସେବାୟତ ସଂଘ ପକ୍ଷରୁ ଆୟୋଜିତ ଶ୍ରୀକୃଷ୍ଣ ଜନ୍ମ ମହୋତ୍ସବ ଉଦ୍‌ଯାପନ କାର୍ଯ୍ୟକ୍ରମରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ମନ ମୋହିଲା ଓଡ଼ିଶୀ, ଗୋଟିପୁଅ ନୃତ୍ୟ

**ସାକ୍ଷୀଗୋପାଳ, ୧୯।୮(ଡି.ଏନ୍.ଏ./ସ୍ୱ.ପ୍ର.)**

**ଶ୍ରୀକୃଷ୍ଣ ଜନ୍ମ ମହୋତ୍ସବ ଉଦ୍‌ଯାପିତ**

ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ସେବାୟତ ସଂଘ ପକ୍ଷରୁ ତିନିଦିନ ବ୍ୟାପୀ ଚାଲିଥିବା ଶ୍ରୀକୃଷ୍ଣ ଜନ୍ମ ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ମନ୍ଦିରରେ ଠାକୁରଙ୍କ ନୀତିକାନ୍ତି ଅନୁଯାୟୀ ନନ୍ଦ ଉତ୍ସବ ପାଳନ ହେବା ପରେ ମହୋତ୍ସବର ଶେଷ ସନ୍ଧ୍ୟା କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଥିଲା। ବିଭିନ୍ନ କଲେଜର ଛାତ୍ରୀଛାତ୍ର ଓ କଳାକାରମାନଙ୍କ ଦ୍ୱାରା ଅନୁଷ୍ଠିତ ନୃତ୍ୟ ମଧ୍ୟରେ ଓଡ଼ିଶୀ ଓ ଗୋଟିପୁଅ ନୃତ୍ୟ ଦର୍ଶକଙ୍କ ମନକୁ ମୋହିତ କରିଦେଇଥିଲା।

ଆୟୋଜିତ ଶେଷ ଦିନର ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏମ୍ସ ଭୁବନେଶ୍ୱର ଅନୋଟୋମି ବିଭାଗର ମୁଖ୍ୟ ଡା. ପ୍ରଭାସ ତ୍ରିପାଠୀ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡା. ରାହୁଲ ଗୁପ୍ତା, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ସୁନୀଲ କୁମାର ତରାଇ, କାର୍ଯ୍ୟନିର୍ବାହୀ ଅଧିକାରୀ ସାକ୍ଷୀଗୋପାଳ ମନ୍ଦିରର ବସନ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସଂଘର କାର୍ଯ୍ୟକୁ ପ୍ରଶଂସା କରିବା ସହ ଉନ୍ନତି କାମନା କରିଥିଲେ। ଏହାପରେ ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରଥମେ ଠାକୁରଙ୍କ ପଦବନ୍ଦନରୁ ଆରମ୍ଭ ହୋଇ ପରେ ପରେ ଶ୍ରୀତକମାଳ କୁଞ୍ଜ ମଣ୍ଡଲ, ମନ ହୁଏ ରାଧା ସାଜି, କିଏଲୋ ସଜନୀ, ରାଧାକୃଷ୍ଣ ବନ୍ଦନା, ରାଧାଜୀଙ୍କ ସଙ୍ଗେ ନାଚୁଛି ମୁରଲୀ, ଓଡ଼ିଶୀ ଓ ଶେଷରେ ଗୋଟିପୁଅ ନୃତ୍ୟ ପରିବେଷଣ କରିଥିଲେ। କଳାକାରମାନଙ୍କ ପ୍ରତି ନୃତ୍ୟ ଚିତ୍ତାକର୍ଷକ ଥିବାରୁ ଦର୍ଶକ ଏହାକୁ ମନଭରି ଉପଭୋଗ କରିଥିଲେ। ଚିରସ୍ରୋତା, ମୀର, ପଲ୍ଲବୀ, ସୁକନ୍ୟା, ଅନୁଶ୍ରୀ, ସ୍ୱତୀସ୍ୱାଗତିକା, ଗୀତାଞ୍ଜଳି, ସୋନାଲି, ନଗେନ୍ଦ୍ର, ମାନସୀ, ସ୍ୱାତି, ସୁଚିତ୍ରା, ରାଜଲକ୍ଷ୍ମୀ, ଶ୍ରେୟଶ୍ରୀ, ପ୍ରିୟଙ୍କା, ରଶ୍ମିରଞ୍ଜନ ପ୍ରମୁଖ ଛାତ୍ରୀଛାତ୍ର ଉଚ୍ଚକୋଟୀର ନୃତ୍ୟ ପରିବେଷଣ କରିଥିଲେ। ପରେ ଏମ୍. ସାଇଂଶ୍ରୀ ସତ୍ୟପ୍ରଜ୍ଞା ‘ବିଶ୍ୱ ଜଗନ୍ନାଥ’ ଭଜନ ପରିବେଷଣ କରିଥିଲେ। ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟର ସମ୍ପାଦକ ବଦ୍ରିନାରାୟଣ ଖୁଣ୍ଟିଆ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ଅଞ୍ଜନ ହୋତା। ଅନ୍ୟପଟେ ନନ୍ଦ ଉତ୍ସବ ଅବସରରେ ପ୍ରଭୁ ଶିଶୁ କୃଷ୍ଣ ଏକ ଦୋଳିରେ ଝୁଲୁଥିଲେ। ଦିନତମାମ ମନ୍ଦିରରେ କୋରା ଭୋଗ ଓ ପ୍ରିୟ ଠାକୁରଙ୍କୁ ଦର୍ଶନ ପାଇଁ ଭକ୍ତଙ୍କ ଗହଳି ଲାଗିରହିଥିଲା। ଶେଷରେ ସେବାୟତ ସଂଘର ସଭାପତି ଶ୍ରୀବତ୍ସ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଶିକ୍ଷାନବୀସ ଓଏଏସ୍ ଅଧିକାରୀଙ୍କୁ ଜମି ଅଧିଗ୍ରହଣ ତାଲିମ

**ପୁରୀ ଅଫିସ, ୧୯।୮:**

୨୦୧୮ ବ୍ୟାଚର ୫୮ଜଣ ଶିକ୍ଷାନବୀସ ଓଡ଼ିଶା ପ୍ରଶାସନିକ ଅଧିକାରୀ (ଓଏଏସ୍)ଙ୍କୁ ଜମି ଅଧିଗ୍ରହଣର ବିଭିନ୍ନ କାର୍ଯ୍ୟଧାରା ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଇବା ପାଇଁ ଏକ ପ୍ରଶିକ୍ଷଣ ଶିବିର ଶୁକ୍ରବାର ପୁରୀ ସର୍କିଟହାଉସରେ ଅନୁଷ୍ଠିତ ହୋଇଯାଇଛି। ଗୋପବନ୍ଧୁ ଏକାଡେମୀ ଅଫ୍ ଆଡ୍‌ମିନିଷ୍ଟ୍ରେଶନର ଅତିରିକ୍ତ ନିର୍ଦ୍ଦେଶକ ବିଭୂତି ଭୂଷଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ ଶିକ୍ଷାନବୀସଙ୍କୁ ନୋଡାଲ ଅଫିସର ନିଜାରତ ଅଧିକାରୀ ପର୍ଶୁରାମ ମଲ୍ଲିକ ଏବଂ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ସ୍ୱାଗତ କରିଥିଲେ। ପରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କ ଅଧକ୍ଷତାରେ ଏହି ଶିକ୍ଷାନବୀସମାନଙ୍କୁ ଜମି ଅଧିଗ୍ରହଣ ଓ ଥଇଥାନ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲାପାଳ (ଜମି ଅଧିଗ୍ରହଣ) କୈଳାସ ଚନ୍ଦ୍ର ନାୟକ ପ୍ରଶିକ୍ଷଣ ପ୍ରଦାନ ସହ ସେମାନଙ୍କ ବିଭିନ୍ନ ଜିଜ୍ଞାସାର ସମାଧାନ କରିଥିଲେ। ଜିଲା ଜମି ଅଧିଗ୍ରହଣ ଅଧିକାରୀ ପ୍ରଶାନ୍ତ କୁମାର ଜେନା ମଧ ବିବିଧ ସୂଚନା ଦେଇଥିଲେ। ପରେ ଶିକ୍ଷାନବୀସମାନେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପସ୍ଥଳୀ ପରିଦର୍ଶନ ସହ ଦାରୁଦିଅଁଙ୍କୁ ଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରୋଟୋକଲ ଅଧିକାରୀ ଗୋପୀନାଥ ମିଶ୍ର ସହଯୋଗ କରିଥିଲେ।

# ଅଲାରନାଥ ପୀଠର ବିକାଶ ପାଇଁ ସମୀକ୍ଷା

**ବ୍ରହ୍ମଗିରି,୧୯।୮(ଡି.ଏନ୍.ଏ.):**

ବ୍ରହ୍ମଗିରିର ପ୍ରସିଦ୍ଧ ଅଲାରନାଥ ମନ୍ଦିର ଝଲସିବ, ଏହାର ରୂପରେଖ ବଦଳିବ। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଗତ ୧୧ ତାରିଖରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ବ୍ରହ୍ମଗିରି ଗସ୍ତ କରି ଫେରିବା ପରେ ମନ୍ଦିରର ବିକାଶ ପାଇଁ ଶୁକ୍ରବାର ଅଲାରନାଥ ମନ୍ଦିର ପରିସରରେ ସମସ୍ତ ବିଭାଗୀୟ ଅଧିକାରୀ, ସେବାୟତ ଓ ବୁଦ୍ଧିଜୀବୀମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଲାରନାଥ ମନ୍ଦିର ବେଢ଼ାର ବିକାଶ, ମନ୍ଦିରରୁ ଜଳ ନିଷ୍କାସନ, ସୌନ୍ଦର୍ଯ୍ୟକରଣ ଏବଂ ଅତିରିକ୍ତ ତିନୋଟି ନୂତନ ମନ୍ଦିର ଯଥା ବିମଳା ମନ୍ଦିର, ହନୁମାନ ମନ୍ଦିର, ଗଣେଶ ମନ୍ଦିର ନିର୍ମାଣ ହେବା ସହିତ ଆଗାମୀ ୧୦୦ବର୍ଷକୁ ଲକ୍ଷ୍ୟ ରଖି ପର୍ଯ୍ୟଟକଙ୍କ ଯାତାୟାତ ପାଇଁ ଜାତୀୟ ରାଜପଥଠାରୁ ମନ୍ଦିର ପର୍ଯ୍ୟନ୍ତ ଥିବା ଦୁଇଟି ରାସ୍ତାକୁ ୪୦ ଫୁଟ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବ। ଏହାସହ ମନ୍ଦିର ଚତୁଃପାର୍ଶ୍ୱରୁ ଜମି ଅଧିକରଣ କରାଯିବାର ପ୍ରସ୍ତାବ ରହିଛି। ବୈଠକରେ ତହସିଲଦାର କାହ୍ନୁଚରଣ ଘଡାଇ, ବ୍ରହ୍ମଗିରି ଥାନାଧିକାରୀ ମନୋଜ ଶତପଥୀ, ସରପଞ୍ଚ ପ୍ରତିନିଧି ନିନ୍ଦକିଶୋର ବିଶ୍ୱାଳ, ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ଅଶ୍ୱିନୀ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।



ପୁରୀ ଜିଲାରେ ବାଲ୍ୟ ବିବାହ ଓ ମହିଳା ହିଂସା ରୋକିବାକୁ ସଚେତନତା ସୃଷ୍ଟି ପାଇଁ ସଚେତନତା ରଥକୁ ଉଦ୍‌ଘାଟନ କରାଯାଉଛି

# ପୁରୀ ସମୁଦ୍ରକୂଳ ଫଟୋଗ୍ରାଫର ମହାସଂଘର ବାର୍ଷିକ ଉତ୍ସବ

**ପୁରୀ ଅଫିସ ୧୯।୮:**

ପୁରୀ ସମୁଦ୍ରକୂଳ ଫଟୋଗ୍ରାଫର ମହାସଂଘ ପକ୍ଷରୁ ଶୁକ୍ରବାର ବିଶ୍ୱ ଫଟୋଗ୍ରାଫର ଦିବସ ପାଳିତ ହୋଇଯାଇଛି। ମହାସଂଘର ସଦସ୍ୟମାନେ ଦିଗବାରେଣୀ ଘାଟ ଠାରୁ ବିରଳା ଗେଷ୍ଟ ହାଉସ ପର୍ଯ୍ୟନ୍ତ ବେଳାଭୂମି ସଫେଇ କରିଥିଲେ। କାର୍ଯ୍ୟକ୍ରମକୁ ମହାସଂଘର ଉପଦେଷ୍ଟା ଶ୍ରୀକାନ୍ତ ପରିଜା ଉଦ୍‌ଘାଟନ କରିଥିଲେ। ସଭାପତି ଏନ୍.ରମେଶ ରାଓ, ସମ୍ପାଦକ ବାଲୁଙ୍କେଶ୍ୱର ଦାସ, ଉପସଭାପତି ସୌମ୍ୟରଞ୍ଜନ ପାଣିଗ୍ରାହୀ, ସହସମ୍ପାଦକ ଜି. ମହେଶ ନାଇଡୁ, ରାମଚନ୍ଦ୍ର ସାହୁ, କାର୍ଯ୍ୟ ନିରୀକ୍ଷକ ଯୁଧିଷ୍ଠିର ନାୟକ, କୋଷାଧ୍ୟକ୍ଷ ଶ୍ରୀବଲ୍ଲଭ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଚକ୍ରତୀର୍ଥଠାରୁ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ବେଳାଭୂମିକୁ ସ୍ୱଚ୍ଛ ରଖିବା ପାଇଁ ସଚେତନତା ସୃଷ୍ଟି କରାଯାଇଥିଲା। ଅପରାହ୍ନରେ ପୌରସଦନରେ ମହାସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା।



ପୁରୀ ସହରରେ ଶୁକ୍ରବାର ପହଞ୍ଚିଥିବା ଅହିଂସା ରଥକୁ ସ୍ୱାଗତ କରାଯାଉଛି।

# ଜବରଦଖଲରେ ବାବା ବାଲିକପିଳେଶ୍ୱର ଦେବ ମନ୍ଦିର ଜାଗା

**ପୁରୀ ଅଫିସ ୧୯।୮**

**ଜିଲାପାଳଙ୍କୁ ଦାବିପତ୍ର ଦେଲା ଟ୍ରଷ୍ଟ ବୋର୍ଡ**

ନରେନ୍ଦ୍ରକୋଣସ୍ଥିତ ଶ୍ରୀ ଶ୍ରୀ ବାବା ବାଲିକପିଳେଶ୍ୱର ଦେବ ମନ୍ଦିର ଦାନସୂତ୍ରରେ ପାଇଥିବା ନିଜସ୍ୱ ପଛପଟ ଜାଗାକୁ ମନ୍ଦିର ପାର୍ଶ୍ୱରେ ଥିବା ପଡ଼ୋଶୀ ବଳପୂର୍ବକ ମାଡ଼ି ବସିଥିବା ବେଳେ ଏହି ଜାଗାରୁ ପଡ଼ୋଶୀଙ୍କୁ ବେଦଖଲ କରିବା ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରି ମନ୍ଦିର ଟ୍ରଷ୍ଟ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଟ୍ରଷ୍ଟ ପକ୍ଷରୁ ପ୍ରଦତ୍ତ ଅଭିଯୋଗପତ୍ରରେ ଦର୍ଶାଯାଇଛି, ବାବା ବାଲିକପିଳେଶ୍ୱର ଦେବ ମନ୍ଦିର ଟ୍ରଷ୍ଟ ବୋର୍ଡ ଏକ ଧାର୍ମିକ ଅନୁଷ୍ଠାନ। ଏଠାରେ ବାବା ବାଲିକପିଳେଶ୍ୱର ପୂଜା ପାଉଛନ୍ତି। ଠାକୁରଙ୍କ ପଛ ପାର୍ଶ୍ୱରେ ଥିବା ବସନ୍ତକୁଟୀର କମିଟିରେ ଜାଗା ପ୍ଲଟ ନମ୍ବର ୧୩୫, ଖାତା ନମ୍ବର ୬୯, କିସମ ଘରବାରି ଏରିଆ-୦.୦୮୦ ଡିସିମିଲ ସମ୍ବନ୍ଧରୁ ଏରିଆ୦.୦୦୫.୩୫ ଡିସିମିଲକୁ ରାଜେଶ କୁମାର ମହାନ୍ତି ଗତ ୨୦୧୯ ମସିହା ଡିସେମ୍ବର ମାସ ୩୧ତାରିଖରେ ସବରେଜିଷ୍ଟ୍ରାର ପୁରୀଙ୍କ ଦଲିଲ ନମ୍ବର ୧୧୪୮୨୦୦୩୩ ମାଧ୍ୟମରେ କ୍ରୟ କରି ପୁନଶ୍ଚ ଉକ୍ତ ଜମିକୁ ମନ୍ଦିର ଟ୍ରଷ୍ଟ ବୋର୍ଡକୁ ୨୦୨୦ ମସିହା ମେ’ ୧୨ ତାରିଖରେ ଦତ୍ତପତ୍ର ଦଲିଲ ମାଧ୍ୟମରେ ଦାନ କରିଥିଲେ। ତେବେ ମନ୍ଦିର ନିକଟସ୍ଥ ଜଣେ ବ୍ୟକ୍ତି ଏହି ସ୍ଥିତିବାନ ସମ୍ପତ୍ତିକୁ ମାଡ଼ି ବସିଛନ୍ତି। ମନ୍ଦିର ଟ୍ରଷ୍ଟ ବୋର୍ଡ ନାମରେ ଆର୍‌ଓଆର୍ ନ କରିବା ପାଇଁ ଜାଗା ମାଡ଼ିବସିଥିବା ବ୍ୟକ୍ତିଜଣଙ୍କ ରାଜସ୍ୱ ନୀରିକ୍ଷକଙ୍କ ପାଖରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତି କରି ପୁରୀ ତହସିଲଦାର ଉଭୟ ପକ୍ଷଙ୍କୁ ନୋଟିସ କରିଥିଲେ। ତେବେ ଉକ୍ତ ବ୍ୟକ୍ତିଙ୍କ ଅଭିଯୋଗରେ କୌଣସି ସତ୍ୟତା ନ ଥିଲେ ମଧ ଟ୍ରଷ୍ଟ ପକ୍ଷରୁ କରାଯାଇଥିବା ମ୍ୟୁଟେସନ କେସ୍ ନଂ. ୨୧୯୯/୨୦୨୦କୁ ୨୦୨୦ ମସିହାଠାରୁ ୨୦୨୨ ପର୍ଯ୍ୟନ୍ତ ଠାକୁରଙ୍କ ନାମରେ ଆର୍‌ଓଆର ନ କରିଦେବାକୁ ପ୍ରୟାସ କରୁଛନ୍ତି। ଶେଷରେ ତହସିଲଦାର ଠାକୁରଙ୍କ ନାମରେ ଆର୍‌ଓଆର ନିର୍ଦ୍ଦେଶ ଦେଇଥିଲେ। ଠାକୁରଙ୍କ ନାମରେ ପ୍ରକୃତ ପଟ୍ଟା ପାଇବା ପରେ ମନ୍ଦିର ଜାଗା ମାଡ଼ି ବସିଥିବା ବ୍ୟକ୍ତି ଥିବା ଠାକୁରଙ୍କ ଜାଗାରେ ଜୋର ଜବରଦସ୍ତି ଟିଣଘର ନିର୍ମାଣ କରିଛନ୍ତି, ଯାହା ବେଆଇନ । ତେଣୁ ଘଟଣାର ତଦନ୍ତ କରି ଠାକୁରଙ୍କ ଜାଗା ମାଡ଼ିବସିଥିବା ବ୍ୟକ୍ତିଙ୍କୁ ଉକ୍ତ ସ୍ଥାନରୁ ଉଚ୍ଛେଦ କରି ପୁନର୍ବାର ଠାକୁରଙ୍କୁ ପ୍ରଦାନ କରାଯାଉ ବୋଲି ମନ୍ଦିର ଟ୍ରଷ୍ଟ ବୋର୍ଡ ଦାବି କରିଛି।